# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଡିସେମ୍ବର ୩/୨୦୧୮ (୨୦ ପୃଷ୍ଠା) Balasore, Monday, December 3/ 2018 ★★★★

୪୫ଶ ଭାଗ ୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






KP GROUP
Quality Since 1965
MADHUBAN
Safal
PAN MASALA
NO TOBACCO, NO NICOTINE ADDED
4.5g.
₹5/- ରେ ଡବଲ ଡୋଜ୍‌ର ମଜା
Safal
Pan Masala
କରିନିଅ ମଜାରେ ବନ୍ଧୁତା
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

# ଧରିତ୍ରୀ DHARITRI

ବାଲେଶ୍ୱର, ସୋମବାର, ଡିସେମ୍ବର ୩/୨୦୧୮ | Balasore, Monday, December 3/ 2018 | ପୃଷ୍ଠା-୧




### ଗୋଥାମଙ୍କୁ ୬ ଉଇକେଟ

କ୍ରିଷ୍ଣାପ୍ପା ଗୋଥାମଙ୍କ ୬ ଉଇକେଟ ସଫଳତା ବଳରେ ଭାରତ ଏ' ୩୯୮ ରନରେ ନ୍ୟୁଜିଲାଣ୍ଡ ଏ'କୁ ଅଲଆଉଟ କରିଛି।

୧୭ ୦୮

### ମୁମ୍ବାଇ ଫେରିବେ ସୋନାଲି ବେନ୍ଦ୍ରେ

ମେଟାଷ୍ଟାଟିକ୍ କ୍ୟାନ୍ସରରେ ପୀଡିତ ଥାଇ ନ୍ୟୁୟର୍କରେ ଚିକିତ୍ସାଧୀନ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇ ଫେରୁଥିବା ସୂଚନା ମିଳିଛି।








# ବେଲଜିୟମକୁ ରୋକି ଶୀର୍ଷରେ ଭାରତ

## ହକି ବିଶ୍ୱକପ

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ଥିଲା ଡ୍ର'ର ଦିନ। ପୁଲ୍'ସି'ର କାନାଡ଼ା-ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚ ଡ୍ର ରହିଥିବାବେଳେ ଭାରତ-ବେଲଜିୟମ ଦ୍ୱିତୀୟ ମ୍ୟାଚ ମଧ୍ୟ ଅମୀମାଂସିତ ଭାବେ ଶେଷ ହୋଇଛି। ଷ୍ଟାଡିୟମ ଭରା ଦର୍ଶକଙ୍କ ଉପସ୍ଥିତିରେ ଉତ୍ସାହୀ ପ୍ରଦର୍ଶନ କରି ବିଶ୍ୱର ୫ ନମ୍ବର ଦଳ ଭାରତ ୩ ନମ୍ବର ବେଲଜିୟମକୁ କଡ଼ା ଟକ୍କର ଦେବାରେ ସକ୍ଷମ ହୋଇଛି। ଶେଷ ପର୍ଯ୍ୟାୟରେ ଗୋଲ ବରଣ ଯୋଗୁ ଭାରତ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଥିଲେ ହେଁ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିବାରେ ସକ୍ଷମ ହୋଇଛି। ଭାରତ ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ହରାଇଥିବାବେଳେ ବେଲଜିୟମ ୨-୧ଗୋଲରେ କାନାଡ଼ାକୁ ହରାଇଥିଲା। ଡିସେମ୍ବର ୮ରେ ଭାରତ ଏହାର ଶେଷ ଲିଗ୍ ମ୍ୟାଚରେ କାନାଡ଼ାକୁ ଭେଟିବ। ସେହିଦିନ ଅନ୍ୟ ଏକ ମ୍ୟାଚରେ ବେଲଜିୟମ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ। ଶେଷ ମ୍ୟାଚରେ ଭାରତ ଭଲ ପ୍ରଦର୍ଶନ ଦେଇପାରିଲେ ଗ୍ରୁପ୍ ଟପ୍ପର ଭାବେ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବ। ରାଜ୍ୟପାଳ ଗଣେଶୀଲାଲ ଖେଳାଳିଙ୍କ ସହିତ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ଉପସ୍ଥିତ ଥିଲେ। ବେଲଜିୟମ ମ୍ୟାଚକୁ ଡ୍ର ରଖିବାରେ ସକ୍ଷମ ହୋଇଥିଲେ ହେଁ ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ବରୁଣ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ଆକାରରେ ତାଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସ୍କିଲ୍ ଗେମ୍‌ର ଚମତ୍କାର ନମୁନା ଦେଖାଇଥିଲା ବିଶ୍ୱର ୩ ନମ୍ବର ଦଳ ବେଲଜିୟମ। ମ୍ୟାଚ ଆରମ୍ଭ ହ୍ୱିସିଲ ବାଜିବାମାତ୍ରେ ଆକ୍ରମଣ ଆରମ୍ଭ କରିଥିଲା। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ଦ୍ୱିତୀୟ ମିନିଟ୍‌ରେ ଭାରତୀୟ ଗୋଲପୋଷ୍ଟ ଏରିଆ ମଧ୍ୟରେ ଅଧିନାୟକ ମନପ୍ରୀତ ସିଂଙ୍କ ଗୋଡ଼ରେ ବଲ୍ ବାଜିଥିବା ଅଭିଯୋଗ କରିଥିଲା ବେଲଜିୟମ। ଭିଡିଓ ରେଫରାଲ୍‌ରେ ତାହା ☞ପୃଷ୍ଠା-୨



ବେଲଜିୟମ ବିପକ୍ଷରେ ସିମରନଜିତ୍ ସିଂଙ୍କ ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ଦଳ।

### ଗୋଲ ସ୍କୋରର

**ଭାରତ-୨**
- ହରମନପ୍ରୀତ ସିଂ : ୩୯ତମ ମିନିଟ୍
- ସିମରନଜିତ ସିଂ: ୪୭ତମ ମିନିଟ୍

**ବେଲଜିୟମ-୨**
- ଆଲେକଜାଣ୍ଡର ହେଣ୍ଡ୍ରିକ୍ସ : ୮ମ ମିନିଟ୍
- ସିମନ ଗୁଗ୍‌ନାର୍ଡ: ୫୬ତମ ମିନିଟ

## ପୋଲାଭରମ୍ ମାମଲା ଆଜି ଶୁଣାଣି ଉପରେ ନଜର

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ସୁପ୍ରିମ୍‌କୋର୍ଟର ୩ ଜଣିଆ ଖଣ୍ଡପୀଠ ସୋମବାର ପୋଲାଭରମ୍ ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଏହା ଉପରେ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ ଏବଂ ତେଲେଙ୍ଗାନା ସରକାରଙ୍କ ନଜର ରହିବ। ଶନିବାର ଘଟଣାକ୍ରମରେ କେନ୍ଦ୍ର ଜନଶୁଣାଣି କରିବା ପାଇଁ ଅକ୍ଷମତା ପ୍ରକାଶ କରିବା ପରେ ଏହା ମାମଲାକୁ ନୂଆ ମୋଡ଼ ଦେଇଛି। ଏମିତି କି ଭୁଲବଶତଃ ସତ୍ୟପାଠରେ ଏକ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଜନଶୁଣାଣି କରାଯିବ ବୋଲି କେନ୍ଦ୍ର ପୂର୍ବ ସତ୍ୟପାଠରେ ଉଲ୍ଲେଖ କରିଥିବା ସ୍ୱୀକାର କରିଛି। ପ୍ରକାଶ ଯେ, ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ବିଜ୍ଞପ୍ତି ୨୦୦୬ ଅନୁଯାୟୀ ରାଜ୍ୟ ସରକାର ଜନଶୁଣାଣି କରିବା ଉଚିତ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜିଲାପାଳଙ୍କ ସହ ଆଲୋଚନା କରି ଜନଶୁଣାଣି କାର୍ଯ୍ୟକ୍ରମ ଶେଷ କରିବା କଥା। ହେଲେ କେନ୍ଦ୍ର ସରକାରଙ୍କ ଓକିଲ ଓଡ଼ିଶା ଓ ଛତିଶଗଡରେ ଜନଶୁଣାଣି କରିବାକୁ ନଭେମ୍ବର ୨୯ ତାରିଖରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଏହାକୁ ଆଧାର କରି ଜନଶୁଣାଣି ନେଇ ଏକ ସ୍ୱାଧୀନ ଏଜେନ୍ସିକୁ ☞ପୃଷ୍ଠା-୨

### ହକି ବିଶ୍ୱକପ୍ ଫଳାଫଳ



**ରବିବାର**

ପ୍ରଥମ ମ୍ୟାଚ
କାନାଡ଼ା-୧
ଦକ୍ଷିଣ ଆଫ୍ରିକା-୧

ଦ୍ୱିତୀୟ ମ୍ୟାଚ
ଭାରତ-୨
ବେଲଜିୟମ-୨

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ଇସ୍ପାତ ଚାହିଦା ୮% ବୃଦ୍ଧି ଘଟି ୯୧ ନିୟୁତ ଟନ୍ ଛୁଇଁଛି। – କ୍ରିସିଲ ରିସର୍ଚ୍ଚ

■ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ଯୌନଶୋଷଣ ମାମଲା

# ଶେଲ୍‌ଟର ହୋମ୍ ସିଲ୍

ଢେଙ୍କାନାଳ ଅଫିସ, ୨।୧୨



- ଫୟାଜଙ୍କ ସମେତ ୩ ଗିରଫ
- ଆମେରିକା ନାଗରିକତ୍ୱ ସନ୍ଦେହ
- ସ୍ଥାନାନ୍ତର ହେଲେ ଅନ୍ତେବାସୀ
- ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ

ନାବାଳିକା ଅନ୍ତେବାସୀଙ୍କୁ ଯୌନଶୋଷଣ ଅଭିଯୋଗ ପରେ ଢେଙ୍କାନାଳ ସଦର ବ୍ଲକ ବେଲଟିକିରିସ୍ଥିତି 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'କୁ ରବିବାର ସିଲ୍ କରିଛି ପ୍ରଶାସନ। ବନ୍ଦୀ ହୋଇଛନ୍ତି ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ ରେହମାନ (୬୩), ସହଯୋଗୀ ଅଧିକାରୀ ଉଦିତ କୁମାର ଲିମ ।(୪୬) ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ (୩୯)। ଫୟାଜ୍ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଆମେରିକା ନାଗରିକତ୍ୱକୁ ସନ୍ଦେହ କରି ପୋଲିସ ଛାନ୍‌ଭିନ ଆରମ୍ଭ କରିଛି। ଅନ୍ୟପଟେ ଅସୁରକ୍ଷିତ ଅନ୍ତେବାସୀଙ୍କୁ ସକାଳ ୬ଟାରେ ଢେଙ୍କାନାଳ ସହରସ୍ଥିତ କାଠଗଡ଼ା ଏବଂ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶିଶୁଗୃହକୁ ସ୍ଥାନାନ୍ତର କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀଙ୍କ ଅଭିଯୋଗକ୍ରମେ ଚେୟାରମ୍ୟାନ ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ନଂ. ୫୩୭/୧୮, ଦଫା ୩୫୪ (ଏ) ଓ ୧୦ ପୋକ୍‌ସୋ ଆକ୍ଟରେ ଯୌନ ନିର୍ଯାତନା ମାମଲା ରୁଜୁ କରାଯାଇଛି। ସେହିପରି ୩ ଅଭିଯୁକ୍ତଙ୍କ ବିରୋଧରେ ନଂ. ୫୩୯/୧୮ ଓ ୫୪୦/୧୮ରେ ସମାନ ଦଫାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ଶେଖ୍ ଅବଦୁଲ୍ କରିମ୍ ସୂଚନା ଦେଇଛନ୍ତି।

ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ଶାଖାରେ ନାବାଳିକାଙ୍କୁ ଯୌନଶୋଷଣ ଅଭିଯୋଗ ପରେ ନିଘୋଡ଼ ☞ପୃଷ୍ଠା-୨

# ହିନ୍ଦୁ ରୀତିରେ ପ୍ରିୟଙ୍କା-ନିକ୍‌ଙ୍କ ବିବାହ ସମ୍ପନ୍ନ

ମୁମ୍ବାଇ:

ପାରମ୍ପରିକ ହିନ୍ଦୁ ରୀତିନୀତି ଅନୁସାରେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ମଧ୍ୟରେ ରବିବାର ବିବାହ ସମ୍ପନ୍ନ ହୋଇଛି। ଉକ୍ତ ଦମ୍ପତି ଶନିବାର ଖ୍ରୀଷ୍ଟିଆନ୍ ପ୍ରଥା ଅନୁସାରେ ଶପଥ ପାଠ କରିଥିଲେ। ସେମାନେ ଡିଜାଇନର ରାଲ୍‌ଫ ଲରେନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ମେହେନ୍ଦି ଉତ୍ସବର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ।

ରବିବାର ଆୟୋଜିତ ବାହାଘର ପାଇଁ ସବୁଠୁ ଖୁସି ହୋଇଛନ୍ତି ପ୍ରିୟଙ୍କାଙ୍କ ସମ୍ପର୍କୀୟ ଭଉଣୀ ତଥା ଅଭିନେତ୍ରୀ ପରିଣୀତି ଚୋପ୍ରା। ଏଥିପାଇଁ ସେ ଏକ ଭାବପ୍ରବଣ ଲେଖା ଲେଖି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଭିନ୍ନ ସଂସ୍କୃତିର ବର ଓ କନ୍ୟା ମଧ୍ୟରେ ଏଭଳି ବିରଳ ସମନ୍ୱୟକୁ ସେ ଖୁବ୍ ପ୍ରଶଂସା କରିଛନ୍ତି। ପ୍ରିୟଙ୍କାଙ୍କ ମେହେନ୍ଦି ଉତ୍ସବର ଦୃଶ୍ୟକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ପରିଣୀତି ଭିଶୋଇ (ଜିଜୁ) ଭାଇଙ୍କୁ ନିଜ ପରିବାରକୁ ସ୍ୱାଗତ କରିଥିଲେ।

ଉଭୟଙ୍କ ପରିବାର ପରସ୍ପରର ଧର୍ମୀୟ ବିଶ୍ୱାସ ଓ ସଂସ୍କୃତିକୁ ସମ୍ମାନ ଦେଇଥିବାରୁ ଏହା ଦୁହିଁଙ୍କ ସମ୍ପର୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ପ୍ରିୟଙ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେମାନେ ନିଜ ପରିବାର ସଦସ୍ୟଙ୍କ ଗହଣରେ ମନଖୋଲା ହସୁଥିବାର ଫଟୋ ଶେୟାର ହୋଇଛି। ଏଥିପାଇଁ ଦୁଇ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ କ୍ରିକେଟ୍ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଫଟୋ ତଳେ ଲେଖାଯାଇଛି 'ଟିମ୍‌ବ୍ରାଇଡ୍‌ଭର୍ସେସ୍‌ଟିମ୍‌ଗ୍ରୁମ୍ #କ୍ରିକେଟ୍'। ମଙ୍ଗଳବାର ନୂଆଦିଲ୍ଲୀରେ ବିବାହ ଭୋଜି ଉତ୍ସବର କାର୍ଯ୍ୟକ୍ରମ ରହିଛି।



■ ଫ୍ରାନ୍ସରେ ଉଗ୍ର ହେଲା ସରକାର ବିରୋଧୀ ଦଙ୍ଗା।

# ପ୍ୟାରିସ୍‌ରେ ଅରାଜକତା

ପ୍ୟାରିସ୍,୨।୧୨(ଏ.ଏଫ୍.ପି.)

### ଜନ ଅସନ୍ତୋଷର ନିଆଁ

- ଟିକସ, ଦରଦାମ ବୃଦ୍ଧିକୁ ବିରୋଧ
- ବ୍ୟାପକ ଜଳାପୋଡ଼ା, ଭଙ୍ଗାରୁଜା
- ୨୬୩ ଆହତ, ୪୧୨ ଗିରଫ
- ଜୋର୍ ଧରିଲା ରାଷ୍ଟ୍ରପତିଙ୍କ ଇସ୍ତଫା ଦାବି
- ମାକ୍ରଁ ଡାକିଲେ ଜରୁରୀ ବୈଠକ

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ରାଜରାସ୍ତା ପାଲଟିଛି ରଣକ୍ଷେତ୍ର। ଯେଉଁଆଡ଼େ ଦେଖିଲେ ନଜରକୁ ଆସୁଛି ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ଜଳାପୋଡ଼ା, ପିଟାମରା ଓ ଲୁଟତରାଜ। ରାଷ୍ଟ୍ରପତି ଇମାନ୍ୟେଲ ମାକ୍‌ରଁଙ୍କ ଜନବିରୋଧୀ ନୀତିକୁ ନେଇ ଅସନ୍ତୁଷ୍ଟ ଦେଶବାସୀ ଏଭଳି ଢଙ୍ଗରେ କରୁଛନ୍ତି ବିକ୍ଷୋଭ। ଦେଶର ୪୦ ବର୍ଷ ପୁରୁଣା ଆର୍ଥିକ ସଂସ୍କାର ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିଳ୍ପପତିଙ୍କୁ ସୁହାଉଥିବାବେଳେ ତୈଳ ଓ ଅନ୍ୟ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ହୋଇଛି। ଟିକସ ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। କର ବୋଝରେ ପେଷିହେଉଛନ୍ତି ସାଧାରଣ ଜନତା। ତେଣୁ ମାକ୍‌ରଁ ତୁରନ୍ତ ଇସ୍ତଫା ଦିଅନ୍ତୁ, ନଚେତ ପରିଣାମ ଭୋଗିବେ ବୋଲି 'ୟେଲୋ ଜ୍ୟାକେଟ୍' ପରିହିତ ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଗଣହିଂସାରେ ଏକାଧିକ ଲୋକ ମୃତ ଓ ୨୬୩ ଆହତ ହୋଇଥିବାବେଳେ ପୋଲିସ ୪୧୨ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ବିଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଫ୍ରାନ୍ସରେ ଏପରି ଜରୁରୀ ଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଏସବୁକୁ ଦୃଷ୍ଟିରେ ରଖି ମାକ୍‌ରଁ ପ୍ୟାରିସ୍‌ର ପ୍ରେସିଡେନ୍ସିଆଲ ପ୍ୟାଲେସ୍‌ରେ ☞ପୃଷ୍ଠା-୨




ପ୍ୟାରିସ୍ ରାଜରାସ୍ତାରେ 'ୟେଲୋ ଜ୍ୟାକେଟ୍' ପରିହିତ ଆନ୍ଦୋଳନକାରୀ।

### ଆଜିର ସମ୍ପାଦକୀୟ

ସିଏସ୍‌ଓ ପାଳି

### ଆଜିର ମନ୍ତବ୍ୟ

"ଆତଙ୍କବାଦୀ ନିରୋଧୀ ଅଭିଯାନ ପାଇଁ ଭାରତର ସହାୟତା ଲୋଡ଼ିପାରେ ପାକିସ୍ତାନ।"
–ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 02.12.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 76 | 127 | 137 |

*Conditions Apply


Eggs Retail Price- 47/-Dozen
Issued in the Interest of Consumers



ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ୍‌ୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ:** ଆଲୋକ କାନୁନ୍‌ଗୋ (୯୯୩୭୨୭୪୩୭୬/୮୨୪୯୫୮୪୦୧୦)
**ଭଦ୍ରକ:** ଦେବରାଜ ସାମଲ (୯୯୩୮୧୩୭୭୪୬)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଜନ୍ମଦିନର ଶୁଭେଚ୍ଛା

ନାମ: .....................................

ବୟସ:.....................................

ଜନ୍ମ ତାରିଖ: ..............................


ଆସିଫା
ପରିବାରବର୍ଗ


ଆରବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

**SALE**

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

Three storied Old building in Mishra Sahi, Puri Town for sale. Contact: 9438671066. D-58015

business

Business & Hospital low cost operations and medico legal services & training. Set up low cost new Hospital projects. Contact: 9830076448, cbidhan21@gmail.com. D-63878

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



(ଲାଡ୍‌ଲୀ)

**ସାଗରିକା ମହାପାତ୍ର**

ଟାଙ୍ଗିବନ୍ତ, ନିୟୁଭୁବନେଶ୍ୱର

ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗ୍ରାମ୍ୟଦେବୀ ମା' ମଙ୍ଗଳାଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ମମି– ସୌଦାମିନି, ବାବା–ସୁବ୍ରତ, ଜେଜେ, ଜେଜେମା, ଅଜା, ଆଈ, ମାମୁ, ମାଇଁ, ଦାଦା, ଖୁଡୀ, ଅପା, ପିଇସା, ମୁନା, ମାମାଲୀ, ଗୁଡ୍ଡୁଲୀ, ଶୁଭମ୍, ସୁଧାଂଶୁ, ରାଜା, ଲିଜା, ଫିଜା, ଛୋଟୁ, ବନ୍ଧୁ ଓ ପରିବାରବର୍ଗ।

ଧ–୯୭୯୧

### Birthday Wish



May God bless you with all of the wonderful desires of your heart and bless you to keep the many blessings that you already have.

***Happy Birthday Mamuni***

Best wishes Bapuni & Relatives.

D-9798

# ଏଲ୍‌ଆଇସି ସଭାପତିଙ୍କୁ ପିଟି ହତ୍ୟା

**ଜଟଣୀ,୨।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ମୁଖ୍ୟ ରାସ୍ତାର ସେଲ୍‌ଟ୍ୟାକ୍ସ ଅଫିସ ନିକଟରେ ଖୋର୍ଦ୍ଧା ଏଲଆଇସି ଶାଖା ସଭାପତି ରବୀନ୍ଦ୍ର କୁମାର ନାୟକ (୪୮)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଶନିବାର ମଧ୍ୟରାତ୍ରୀରେ କାରରେ ଆସି ୫ ଜଣ ଦୁର୍ବୃତ୍ତ ଲୁହା ରଡରେ ରବୀନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ, କାନମୁଣ୍ଡା ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରବୀନ୍ଦ୍ରଙ୍କ ନିଜ ଘର ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ନିମବସନ୍ତ ଗାଁରେ। ତେବେ ସେ ଜଟଣୀ ଶ୍ରୀହରିବିହାର ଅଞ୍ଚଳରେ କିଛିବର୍ଷ ହେବ ଭଡା ଘରେ ପରିବାର ସହ ରହୁଥିଲେ। ଡେଲାଙ୍ଗ ବ୍ଲକ ହରିରାଜପୁର ପଞ୍ଚାୟତର ସେ ଜଣେ ପୂର୍ବତନ ସମିତି ସଭ୍ୟ। ଏହାସହ ସେ ଏଲ୍‌ଆଇସି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରବୀନ୍ଦ୍ରଙ୍କୁ ଡାକ୍ତରଖାନାକୁ ପଠାଇଥିଲା। ହତ୍ୟା ଘଟଣା ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପୋଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ଚଳାଇଛି। ରବିବାର ମଧ୍ୟାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ହତ୍ୟା କରାଯିବା ସମୟରେ ଘଟଣାସ୍ଥଳରେ ପହଞ୍ଚି ରବୀନ୍ଦ୍ରଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିବା ନେଇ କହୁଥିବା ଅନ୍ୟ ଦୁଇ ଏଜେଣ୍ଟ ଲକ୍ଷ୍ମୀଧର ପାଣିଗ୍ରାହୀ ଓ ଆର୍ତ୍ତତ୍ରାଣ ସାହୁଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରି ଛାଡି ଦେଇଛି। ରବୀନ୍ଦ୍ରଙ୍କୁ ଆକ୍ରମଣ ସମ୍ପର୍କରେ ଲକ୍ଷ୍ମୀଧର କୁହନ୍ତି, ସର୍ବଭାରତୀୟ ସ୍ତରରେ ହେବାକୁ ଥିବା ଏଲ୍‌ଆଇସି ଏଜେଣ୍ଟ ସମ୍ମିଳନୀରେ ଯୋଗ ଦେବାକୁ ଖୋର୍ଦ୍ଧାରେ ଶନିବାର ସନ୍ଧ୍ୟାରେ ବୈଠକ ହୋଇଥିଲା। ଏଲ୍‌ଆଇସି ଖୋର୍ଦ୍ଧା ଶାଖା ଏଜେଣ୍ଟ ୟୁନିୟନର ରବୀନ୍ଦ୍ର ସଭାପତି ଥିବାରୁ ସେ ମଧ୍ୟ ଉପସ୍ଥିତ ରହିଥିଲେ। ସନ୍ଧ୍ୟାରେ ବୈଠକ ସରିବା ପରେ ସେ ଜଟଣୀ ବାହାରିଥିଲେ। ସେ ଅସୁସ୍ଥ ଥିବାରୁ ଖୋର୍ଦ୍ଧା ବାଇପାସ୍ ପର୍ଯ୍ୟନ୍ତ ଲକ୍ଷ୍ମୀଧର ଛାଡିବାକୁ ଆସିଥିଲେ। ବାଇପାସ୍‌ରେ ଥିବା ଏକ ଢାବାରେ ରବୀନ୍ଦ୍ର ଗାଡି ରଖି ପାନ ଖାଇବାକୁ କହିଥିଲେ। ଦୋକାନ ବନ୍ଦ ଥିବାରୁ ରବୀନ୍ଦ୍ର ବାଇକ୍‌ରେ ଜଟଣୀ ଅଭିମୁଖେ ଯାଇଥିଲେ। ଢାବା ନିକଟରେ ଛିଡା ହୋଇଥିବା ଏକ କାର ତାଙ୍କ ପିଛା କରିଥିଲା। କାରଟି କାହିଁକି ତାଙ୍କ ବାଇକ୍‌କୁ ପିଛା କରୁଛି ସନ୍ଦେହ ହେବାରୁ ପରେ ଲକ୍ଷ୍ମୀଧର ମଧ୍ୟ ଜଟଣୀ ଆଡକୁ ଆସିଥିଲେ। ପିଛା କରୁଥିବା କାରଟି ସେଲ୍‌ଟ୍ୟାକ୍ସ ଅଫିସ୍ ନିକଟରେ ରବୀନ୍ଦ୍ରଙ୍କ ବାଇକ୍ ସମ୍ମୁଖରେ ରଖି ଅଟକାଇଥିଲେ। ସେଥିରୁ ୫ ଜଣ ଯୁବକ ବାହାରି ଲୁହା ରଡରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ଏହା ଦେଖି ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ଛାଡି ନ ଥିଲେ। ସେମାନଙ୍କ ଆକ୍ରମଣରେ ତାଙ୍କ ହାତ ଓ ଗୋଡରେ ଆଘାତ ଲାଗିଥିବା ଲକ୍ଷ୍ମୀଧର କହିଛନ୍ତି। ଅପରପକ୍ଷରେ ରବୀନ୍ଦ୍ରଙ୍କ ବଡଭାଇ ରାଜକିଶୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀଧରଙ୍କ ବୟାନରେ କେତେ ସତ୍ୟତା ରହିଛି ତାକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଉଛି। ତେବେ ଏଲ୍‌ଆଇସି ଏଜେଣ୍ଟ ୟୁନିୟନକୁ ନେଇ, ରାଜନୈତିକ ପୂର୍ବ ଶତ୍ରୁତା ନା ଏହା ପଛରେ ଅନ୍ୟ କାରଣ ରହିଛି ସେନେଇ ପୋଲିସ ମଧ୍ୟ ତନାଘନା କରୁଛି। ଏ ନେଇ ନଂ. ୪୧୨/୧୮ରେ ମାମଲା ରୁଜୁ ହୋଇଛି।

## ଶେଲ୍‌ଟର...

ନିଦରେ ଶୋଇଥିବା ପ୍ରଶାସନର ଚେତା ପଶିଛି। ପୋଲିସ ପକ୍ଷରୁ ମଧ୍ୟ ଜୋର୍‌ଦାର ଚାଲିଛି ଛାନଭିନ୍। ପ୍ରାଥମିକ ପର୍ଯ୍ୟାୟରେ ହୋଇଥିବା ତଦନ୍ତରୁ ଅଭିଯୁକ୍ତ ଡ. ଫୟାଜ ରେହମାନ୍‌ଙ୍କ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି। ଓଡ଼ିଶାରେ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରର ୨୦ ଶାଖା ବ୍ୟତୀତ ପଶ୍ଚିମବଙ୍ଗରେ ୭ ଏବଂ ଝାଡ଼ଖଣ୍ଡରେ ଗୋଟିଏ ଶେଲ୍‌ଟର ହୋମ୍ କାର୍ଯ୍ୟ କରୁଛି। ଏ ନେଇ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ଫୟାଜ୍‌ଙ୍କ ଘର କଲିକତା ପାର୍କଷ୍ଟ୍ରିଟ୍ ଥାନା–୩୦ ମେନ୍‌ରୋଡ ଲେନ୍‌ରେ। ସେ କଟକ ସଦର ଥାନାର ଫୁଲନଖରା ଅନନ୍ତପୁରରେ ରହୁଛନ୍ତି । ତାଙ୍କ ପରିବାର ସଦସ୍ୟ ଆମେରିକାରେ ବାସ କରୁଛନ୍ତି। ତେଣୁ ଅଭିଯୁକ୍ତ ଆମେରିକାର ନାଗରିକତ୍ୱ ନେଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ଆଧାର କରି ତଦନ୍ତ ଜାରି ରହିଛି। ଅପରପକ୍ଷେ ଅନ୍ୟତମ ଅଭିଯୁକ୍ତ ସୀମାଞ୍ଚଳଙ୍କ ଘର କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଖଲିଆମୁଣ୍ଡା ଅଞ୍ଚଳରେ ଏବଂ ଉଦିତ୍‌ଙ୍କ ଘର ଗଜପତି ଜିଲା ରାମଗିରି ଥାନା ପାରିସୋଲ ଗ୍ରାମରେ ବୋଲି ଜଣାପଡ଼ିଛି । ଜିଲା ପୋଲିସର ଇଣ୍ଟିଗ୍ରେଟେଡ୍ ଇନଭେଷ୍ଟିଗେଶନ ୟୁନିଟ୍ ଫର୍ ଚାଇଲ୍ଡ ଆଣ୍ଡ ଓମେନ ବିଭାଗର ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ସୁବାସ ଚନ୍ଦ୍ର ସାହୁ, ଅତିରିକ୍ତ ଇନ୍ସପେକ୍ଟର ମହେନ୍ଦ୍ର ଦେହୁରୀ ଘଟଣାର ତଦନ୍ତ କରୁଛନ୍ତି। ସ୍ଥାନାନ୍ତର ହୋଇଥିବା ଶିଶୁଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କୁହନ୍ତି, ପରିସ୍ଥିତିକୁ ଦୃଷ୍ଟିରେ ରଖି ରବିବାର ସକାଳେ ସମସ୍ତ ୯୪ଜଣ ଅନ୍ତେବାସୀଙ୍କୁ ଗୋବିନ୍ଦପୁର ଏବଂ କାଠଗଡ଼ାସ୍ଥିତ ଶିଶୁଗୃହକୁ ସ୍ଥାନାନ୍ତର କରାଯାଇଛି। ବାଳିକାବାଳକଙ୍କୁ ପୃଥକ୍ ଭାବେ ରଖାଯାଇଛି। ୭ ପିଲାଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଥିବାରୁ ସେମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପିଲାଙ୍କ ଅଭିଭାବକମାନଙ୍କ ସହିତ ଯୋଗାଯୋଗ କରାଯାଇଛି। ଅନ୍ତେବାସୀଙ୍କ ସୁରକ୍ଷା ଏବଂ ପାଠପଢ଼ା ପ୍ରଶାସନର ପ୍ରଥମ ପ୍ରାଥମିକତା ହେବ। ଘଟଣାର ତଦନ୍ତ ଚାଲିଛି। ଶିଶୁ ଅନ୍ତେବାସୀଙ୍କ ଲାଗି ସବୁପ୍ରକାର ପଦକ୍ଷେପ ନିଆଯାଉଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ବେଲଜିୟମକୁ...

ଜଣାପଡ଼ିବାରୁ ବେଲଜିୟମକୁ ପେନାଲ୍ଟି କର୍ନର ମିଳିଥିଲା। ଲୁଇପ୍ରିଟ୍ ଲୁଇକ୍ ମାରିଥିବା ଶଟ୍‌କୁ ଭାରତୀୟ ଡିଫେଣ୍ଡର ହାର୍ଦ୍ଦିକ ସିଂ କ୍ଲିୟର କରିଦେବାରେ ସକ୍ଷମ ହୋଇଥିଲେ। ୮ମ ମିନିଟରେ ଡି ଏରିଆ ମଧ୍ୟରେ ଭାରତୀୟ ଖେଳାଳିଙ୍କ ଗୋଡ଼ରେ ବଲ ବାଜିଥିବା ପୁଣି ଅଭିଯୋଗ କରିଥିଲା ବେଲଜିୟମ। ଏଥର କିନ୍ତୁ ଭୁଲ ନ କରି ୧୬ ନମ୍ବର ଜର୍ସି ପରିହିତ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଭାରତୀୟ ଡିଫେଣ୍ଡର ଓ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଚକ୍‌ମା ଦେଇ ଦଳ ପାଇଁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ୧୧ତମ ମିନିଟରେ ମନଦୀପ ସିଂ ସୁଯୋଗ ହାତଛଡ଼ା କରିବାରୁ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ସେହିପରି ୧୨ତମ ମିନିଟରେ ଡୋକେର ସେବାଷ୍ଟିଏନ ଭାରତୀୟ ଗୋଲପୋଷ୍ଟ ନିକଟରେ ବଡ଼ ଗ୍ୟାପ୍ ପାଇଥିଲେ ହେଁ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରି ବସିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଲଜିୟମ ୧–୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ବେଶ୍ ଘଟଣାବହୁଳ ରହିଥିଲା। ଷ୍ଟାଡିୟମଭରା ଦର୍ଶକରେ ଭାରତ ଉତ୍ସାହୀ ପ୍ରଦର୍ଶନ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ମନପ୍ରୀତ ସିଂଙ୍କ ଦଳ ଆକ୍ରମଣକୁ ଜୋରଦାର କରିଥିଲା। ୩୭ତମ ମିନିଟରେ ବେଲଜିୟମ ଏକ ପେନାଲ୍ଟି କର୍ନର ଦାବି କରିଥିଲେ ହେଁ ରେଫରାଲରେ ତାହା ନାକଚ ହୋଇଯାଇଥିଲା। ୩୮ତମ ମିନିଟରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଅଧିନାୟକ ମନପ୍ରୀତ ସିଂ ବଲ୍‌କୁ ପୁଶ୍ କରିଥିଲେ। ବରୁଣ କୁମାର ଏହାକୁ ଗୋଲରେ ପରିଣତ କରିବାକୁ ଉଦ୍ୟମ କରିଥିଲେ। ବଲ୍ ଗୋଲପୋଷ୍ଟ ଆଡ଼କୁ ଯାଉଥିବାବେଳେ ବେଲଜିୟମ ଖେଳାଳି ଜାଣିଶୁଣି ବଲ୍‌କୁ ଗୋଡ଼ରେ ଅଟକାଇ ଦେଇଥିଲେ। ଫଳରେ ବେଲଜିୟମକୁ ଦଣ୍ଡସ୍ୱରୂପ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ୩୯ତମ ମିନିଟରେ ହରମନପ୍ରୀତ ସିଂ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ମ୍ୟାଚ ୧–୧ ସ୍ଥିତିରେ ରହିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ରୋମାଞ୍ଚକ ହୋଇଥିଲା। ଗ୍ରୁପରେ ଶୀର୍ଷ ସ୍ଥାନ ପାଇଁ ଉଭୟ ଦଳ ବିଜୟ ଆଶାରେ ରହିଥିଲେ। ୪୭ତମ ମିନିଟରେ ସିମରନଜିତ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ସିମରନଜିତ ସିଂଙ୍କ ଗୋଲରେ ପୂରା ଷ୍ଟାଡିୟମ ଗର୍ଜି ଉଠିଥିଲା। ଇଣ୍ଡିଆ ଇଣ୍ଡିଆ ଧ୍ୱନିରେ ଦର୍ଶକମାନେ କମ୍ପନ ସୃଷ୍ଟି କରିଥିଲେ। ୫୩ତମ ମିନିଟରେ ହାର୍ଦ୍ଦିକ ସିଂ ଆହତ ହୋଇ ପଡ଼ିଆ ଛାଡ଼ିଥିଲେ। ଶେଷ ୪.୫ ମିନିଟ ବେଲଜିୟମ ବିନା ଗୋଲକିପରରେ ଖେଳିଥିଲା। ତେବେ ଏହି ଦଳ ରକ୍ଷଣଭାଗକୁ ଦୃଢ଼ କରିଥିବାରୁ ଭାରତ ଏହାର ଫାଇଦା ନେଇପାରି ନ ଥିଲା। ଏପରିକି ଭାରତ ବେଲଜିୟମର ଡି' ଏରିଆ ମଧ୍ୟକୁ ପଶିବା କଷ୍ଟକର ହୋଇଯାଇଥିଲା। ଭାରତୀୟ ଦର୍ଶକ ଉଲ୍ଲସିତ ଥିବାବେଳେ ୫୬ତମ ମିନିଟରେ ବେଲଜିୟମର ସିମନ ଗୁଗ୍‌ନାର୍ଡ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇଆସିଥିଲେ। ଏହାପରେ ଉଭୟ ଦଳ ବିଜୟ ହାସଲ ପାଇଁ ଚେଷ୍ଟା କରିଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ଫଳରେ ମ୍ୟାଚ ୨–୨ ଗୋଲରେ ଡ୍ର ରହିଥିଲା।

**ପ୍ରଥମ ପୃଷ୍ଠାରୁ...**

## ପ୍ୟାରିସ୍‌ରେ...

ଜରୁରୀ ବୈଠକ ଡକାଇ ସ୍ଥିତି ସମୀକ୍ଷା କରିଛନ୍ତି।

ଫ୍ରାନ୍ସରେ ସଦ୍ୟ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା ନଭେମ୍ବର ୧୭ରେ। ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଉପରେ ଟିକସ ବୃଦ୍ଧି ଏବଂ ଅନ୍ୟ ସାମଗ୍ରୀର ଦରଦାମ ଉପରେ ସରକାରୀ ନିୟନ୍ତ୍ରଣ ନ ରହିବା ପ୍ରତିବାଦରେ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପ୍ରଥମେ ଏହାର ମାଧ୍ୟମ ପାଲଟିଥିଲା ସୋସିଆଲ ମିଡିଆ। ସାମାଜିକ ଗଣମାଧ୍ୟମରେ ଲୋକେ ମାକ୍ରଁ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଡିସେମ୍ବର ୧ ଶନିବାର ଏହା ଉଗ୍ରରୂପ ନେଇଥିଲା। ଉତ୍ୟକ୍ତ ଲୋକେ ନିଜ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ରାସ୍ତାରୋକୋ ଓ ଦୋକାନ ବଜାର ବନ୍ଦ କରିଥିଲେ। ଅନେକ ସ୍ଥାନରେ ଶପିଙ୍ଗ୍ ମଲ, ବ୍ୟବସାୟିକ ପ୍ରତିଷ୍ଠାନ ଓ କାରଖାନାଗୁଡ଼ିକରେ ନିଆଁ ଲଗାଇବା ସହ ସରକାରୀ ଅଫିସଗୁଡ଼ିକରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। 'ମାକ୍ରଁ ଇସ୍ତଫା ଦିଅ' ଓ 'ୟେଲୋ ଜ୍ୟାକେଟ୍‌ର ବିଜୟ ହେବ' ସ୍ଲୋଗାନ ଦେଇ ହଜାର ହଜାର ଆନ୍ଦୋଳନକାରୀ ସର୍ବସାଧାରଣ ସ୍ଥାନଗୁଡ଼ିକୁ କବ୍‌ଜା କରିନେଇଥିଲେ। ପ୍ୟାରିସ୍‌ରୁ ଉଠିଥିବା ଆନ୍ଦୋଳନର ନିଆଁ ରବିବାର କ୍ରମଶଃ ଅନ୍ୟ ସହରଗୁଡ଼ିକୁ ବ୍ୟାପିଛି। ଉତ୍ତର–ପୂର୍ବର ଚାର୍ଲଭିଲେ ମେଜିଏରେସ୍‌ରୁ ନେଇ ଦକ୍ଷିଣର ମାର୍ସେଇଲେ ପର୍ଯ୍ୟନ୍ତ ଅରାଜକତା ଲାଗିରହିଛି। ନାଇସ୍ ସହରର ବିମାନବନ୍ଦରକୁ ଲୋକେ ଜବରଦସ୍ତ ବନ୍ଦ କରିଦେଇଥିବାବେଳେ କେନ୍ଦ୍ରୀୟ ସହର ପୁୟେନ୍–ଭେଲାୟର ପୋଲିସ ମୁଖ୍ୟାଳୟରେ ନିଆଁ ଲଗାଇ ଛାରଖାର କରିଦେଇଛନ୍ତି। ପୋଲିସ ଉପରେ ସବୁଠି ଆକ୍ରମଣ କରାଯାଇଛି। ଏସବୁ ଘଟଣାକ୍ରମ ଫ୍ରାନ୍ସରେ ଗୃହଯୁଦ୍ଧର ଭ୍ରମ ସୃଷ୍ଟି କରିଛି।

ରାଷ୍ଟ୍ରପତି ମାକ୍ରଁ ଆର୍ଜେଣ୍ଟିନା ଜି–୨୦ ସମ୍ମିଳନୀରୁ ଫେରିବା ପରେ ରବିବାର ଜରୁରୀ ବୈଠକ ଡାକିଛନ୍ତି। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ ସେ ଦେଶର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ବୁଏନୋସ୍ ଏୟାରେସ୍‌ରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମାକ୍ରଁ କହିଛନ୍ତି, ଏଭଳି ଲୁଟତରାଜ ଓ ହିଂସାର କୌଣସି ଯଥାର୍ଥତା ନାହିଁ। ହିଂସା ଭିଆଉଥିବା ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାର ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ଚାହାନ୍ତି। ଇତିମଧ୍ୟରେ ମାକ୍ରଁ ତୈଳ ଉପରେ ବର୍ଦ୍ଧିତ ଟିକସ ହ୍ରାସ କରିବାକୁ ମନାକରିଦେଇଛନ୍ତି। ବେକାରି ସମସ୍ୟା ଭଳି କେତେକ ସଙ୍କଟ ଦୂର କରିବାକୁ ହେଲେ ଏଭଳି ଅର୍ଥନୈତିକ ସଂସ୍କାର ଜରୁରୀ ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି। ଫଳରେ ଆଗକୁ ସ୍ଥିତି ଅଧିକ ସଙ୍ଗିନ ହେବା ଆଶଙ୍କା ସୃଷ୍ଟି ହୋଇଛି।

## ଆଜି ଶୁଣାଣି...

ନିଯୁକ୍ତି ଦେବା ସହ ଜନଶୁଣାଣି ପାଇଁ ଟର୍ମସ ଆଣ୍ଡ କଣ୍ଡିଶନ୍ସ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଅପରପକ୍ଷରେ ଏହାକୁ ନେଇ ଭାଜପା –ବିଜେଡି ମୁହାଁମୁହିଁ ହୋଇଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶାରେ କେଉଁ ଅଞ୍ଚଳ କେତେ ଜମି ପ୍ରଭାବିତ ହେବେ। କେତେ ଜନସାଧାରଣ ଏଥିରେ ପ୍ରଭାବିତ ହେବେ, ତାହାର ହିସାବ ନାହିଁ। ତେଣୁ ରାଜ୍ୟ ସରକାର ମଧ୍ୟ ଠିକ୍ ଭାବେ ଜନଶୁଣାଣି କରିପାରିବେ ନାହିଁ ବୋଲି ଗୋଲକ କହିଛନ୍ତି। ବିଜେଡି ପକ୍ଷରୁ ପ୍ରତିକ୍ରିୟା ରଖି ସସ୍ମିତ ପାତ୍ର କହିଛନ୍ତି ଯେ, ୨୦୧୪ ନିର୍ବାଚନ ପୂର୍ବ ପର୍ଯ୍ୟନ୍ତ ଭାଜପା ପୋଲାଭରମ୍ ପ୍ରକଳ୍ପକୁ ବିରୋଧ କରୁଥିଲା। ହେଲେ ଯେମିତି କ୍ଷମତାକୁ ଆସିଲା, ଏ ପ୍ରସଙ୍ଗରେ ଆଉ ପାଟି ଫିଟାଇଲା ନାହିଁ। ଓଡ଼ିଶାରେ ଏକ ଆଞ୍ଚଳିକ ଦଳ ଶାସନରେ ଥିବାରୁ କେନ୍ଦ୍ର ଦୋମୁହାଁ ନୀତି ଅବଲମ୍ବନ କରୁଛି। ଯାହାର ଫଳାଫଳ ଦକ୍ଷିଣ ଓଡ଼ିଶାବାସୀ ଭୋଗିବାକୁ ଯାଉଛନ୍ତି ବୋଲି ପାତ୍ର କହିଛନ୍ତି।

# ଏସ୍‌ସିବିରୁ ଅଚିହ୍ନା ମୃତଦେହ ଉଦ୍ଧାର

କଟକ ଅଫିସ,୨।୧୨– କଟକ ଏସ୍‌ସିବି ମେଡିକାଲ ପରିସରରୁ ରବିବାର ମଙ୍ଗଳାବାଗ ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ୩୫ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବକ ଜଣଙ୍କ କୌଣସି ସ୍ଥାନରେ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡ ସହିତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବାରୁ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଶନିବାର ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଲକ୍ଷ୍ମୀଧର ନାୟକ**

ଆବିର୍ଭାବ: ୨୯।୦୮।୧୯୪୦

ତିରୋଧାନ: ୧୪।୧୧।୨୦୧୭

ବର୍ଷଟେ ବିତିଗଲା ଗୋଟେ ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ନିହାତି ଅସହ୍ୟ। ଆପଣଙ୍କ ଅମଳିନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶ୍ରଦ୍ଧାଞ୍ଜଳି ସହ :

ତୁମର ଧର୍ମପତ୍ନୀ ଏବଂ ପରିବାରବର୍ଗ

ଧ–୯୭୯୫

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ଂ ପ୍ରେମଚାନ୍ଦ ରାୟ**

ରମାବଲ୍ଲଭ ରୋଡ୍, ପୁରୀ

ଆବିର୍ଭାବ: ୧୩.୧୦.୧୯୩୨

ତିରୋଧାନ–୨୪.୧୧.୨୦୧୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ, ଓ ପରିବାରବର୍ଗ**

ଧ–୬୫୦୯୧

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଶ୍ୱନାଥ ସାହୁ**

ରସୁଲଗଡ, ନୂଆସାହି, ଭୁବନେଶ୍ୱର

ଆବିର୍ଭାବ: ୧୯୩୬

ତିରୋଧାନ: ୨୩।୧୧।୧୮

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଶ୍ରୀଚରଣରେ ଆମର ବିନମ୍ର ନିବେଦନ। ଶୋକସନ୍ତପ୍ତ: ପୁତ୍ର–ସରୋଜ, ସତ୍ୟ, ପତ୍ନୀ–ସୁଭାସିନୀ, ପୁତ୍ରବଧୂ– ପ୍ରଶାନ୍ତି, ଶାନ୍ତି, ପୌତ୍ରୀ–ଗୀତା, ପୁଷ୍ପା, ଦୀପା, ବର୍ଷା, ନାତି–ସ୍ୱାତ୍ତିକ୍।

ଧ–୬୪୭୫୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ନିଦ୍ରାବତୀ ଖଟୁଆ**

ଆରୋଡ଼ଇ, ତିର୍ତ୍ତୋଲ, ଜଗତ୍‌ସିଂହପୁର

ତିରୋଧାନ: ୨୩।୧୧।୨୦୧୮ (ଶୁକ୍ରବାର–କାର୍ତ୍ତିକ ପୂର୍ଣ୍ଣିମା)

ତୁମର ଅମର ଆତ୍ମା ସଦ୍‌ଗତି ଲାଭ କରୁ ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥ ଓ ଜଗତ୍‌ମାତା ଶାରଳାଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ଭଣଜା, ଭାଣିଜୀଜ୍ୱାଇଁ ଓ ନାତିନାତୁଣୀମାନେ।

ଧ–୫୬୧୫୫

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସତ୍ୟ ରଞ୍ଜନ ମହାନ୍ତି**

ପ୍ଲଟ୍ ନଂ–୪୫, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର

ତିରୋଧାନ: ୨୩।୧୧।୨୦୧୮

ଆପଣ ଜଣେ ଦେବତୁଲ୍ୟ ମାନବ ଆମ ଗହଣରେ ଥିଲେ। ଆପଣ ଆମକୁ ଛାଡି ଏତେ ଶୀଘ୍ର ଯିବେ ବୋଲି ଭାବି ନଥିଲୁ। ଆପଣଙ୍କ ପରି ବ୍ୟକ୍ତିତ୍ୱ ବିରଳ। ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ ଏହା ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।। ଆପଣଙ୍କ ବନ୍ଧୁ ଓ ପରିବାରବର୍ଗ।

ଧ–୯୮୭

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜିର କର୍ମକ୍ଷେତ୍ରରେ ଆଶା ନିଶ୍ଚିତ ପୂରଣ ହୋଇପାରିବ ଏବଂ ଆର୍ଥିକ ଅଭିବୃଦ୍ଧି ସହ ସମ୍ମାନିତ ହେବେ । ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢ଼ିପାରେ। ସଭାସମିତି ଓ ବାଣିଜ୍ୟ,ବ୍ୟବସାୟ ଯଥାରୀତି ପୂର୍ବବତ୍ ଚାଲୁ ରହିବ। ଆର୍ଥିକ ଉନ୍ନତି, ବନ୍ଧୁମିଳନ ପାଇଁ ସୁଯୋଗର ସମ୍ଭାବନା ରହିଛି ।

**ବୃଷ** — କାମର ଚାପ ବଢ଼ିବାକୁ ନେଇ କଠୋର ପରିଶ୍ରମଜନିତ ପୀଡା ଅନୁଭବ କରିପାରନ୍ତି। ସକାଳୁ ସକାଳୁ ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ମନସ୍ତାପ କରିବେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଆନୁଷ୍ଠାନିକ କାମରେ ଯୋଗଦେଇ ପାରନ୍ତି।

**ମିଥୁନ** — ସ୍ଥଗିତ କାମକୁ ପଡୋଶୀଙ୍କ ସହାୟତାରେ ସମ୍ପନ୍ନ କରିବାର ମଉକା ଜୁଟିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ ବୁଝାମଣା ଭିତ୍ତିରେ କିମ୍ବା ସହମତିରେ କାମ କଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ।

**କର୍କଟ** — ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଦିନଟି ବହୁତ ଭଲରେ ଅତିବାହିତ ହେବ। ନୂତନ ସମ୍ପର୍କ, ଉଚ୍ଚ ସମ୍ମାନ ପ୍ରାପ୍ତି ମାଧ୍ୟମରେ ଦିନଟି ସ୍ମରଣୀୟ ରହିବ। ନିକଟ ଅତୀତର ସମସ୍ୟାଗୁଡିକର ସମୀକ୍ଷା କରି ତଦନୁଯାୟୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନସ୍ଥ କରିପାରନ୍ତି। ନିର୍ମାଣାଧୀନ ଗୃହକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

**ସିଂହ** — ଶନିଙ୍କ ପ୍ରଭାବରେ ସବୁ ଥାଇ ମଧ୍ୟ କିଛି ନ ଥିବା ପରି ନୈରାଶ୍ୟତା ମଧ୍ୟରେ ସମୟ କଟାଇବେ। ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେହିଭଳି କାମଗୁଡିକ ସମ୍ପନ୍ନ ହେବାରେ କୌଣସି ସୁବିଧା ଜୁଟି ନ ପାରେ। ସାମାନ୍ୟ ବଚସାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପାରିବାରିକ ସ୍ଥିତି , ଆର୍ଥିକ ଉନ୍ନତି ପୂର୍ବପରି ବଳବତ୍ତର ରହିବ।

**କନ୍ୟା** — ପରିବାରରେ ରହିଆସିଥିବା ସମସ୍ୟାଜନିତ ଅଶାନ୍ତି ସୁପ୍ତ ଅବସ୍ଥାରେ ରହିବ। ଚେଷ୍ଟା କରୁଥିବା କାମ ସକାଶେ ଆନୁଷଙ୍ଗିକ ସୁବିଧା ସୁଯୋଗ ସହକର୍ମୀଙ୍କ ଠାରୁ ପାଇପାରିବେ। ସାହିତ୍ୟ, କଳାରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଉଚ୍ଚ ପ୍ରଶଂସା ମଧ୍ୟ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ନିଜର ଅବହେଳା ହିଁ ମୁଖ୍ୟ କାରଣ ହେବାର ଆଶଙ୍କା ରହିଛି ।

**ତୁଳା** — ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତି, ସମସ୍ୟା ମୁକ୍ତ ପାରିବାରିକ ଜୀବନ ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ। ତଥାପି କୌଣସି ବ୍ୟକ୍ତିଙ୍କ ଅନୁପସ୍ଥିତି କିମ୍ବା ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ସାମୟିକ ବିଚଳିତ ଅନୁଭବ କରିବେ। ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ।

**ବିଛା** — ଏକାଦଶସ୍ଥ ଚନ୍ଦ୍ର ଆପଣଙ୍କ ପ୍ରତ୍ୟେକ କାମକୁ ନିର୍ବିଘ୍ନରେ ସମାପନ କରିବା ସହ ଆଶା ଓ ଅଭିଳାଷ ପୂରଣ କରିବାରେ ସାହାଯ୍ୟ କରିବ। ପୂର୍ବସ୍ଥିରୀକୃତ ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ଅବଶ୍ୟ ସଫଳ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସାମୂହିକ ସମସ୍ୟାର ସରଳ ସମାଧାନ କରି ପରୋକ୍ଷ ଭାବରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ** — ଶନିଓ ରାହୁଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ କୌଣସି ପାରିବାରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ । ସାଂସ୍କୃତିକ ଉତ୍ସବ ନିମନ୍ତେ ଅନୁରୋଧପତ୍ର ପାଇ ଆନନ୍ଦ ଅନୁଭବ କରିପାରନ୍ତି। ବ୍ୟବସାୟ ବହୁମୁଖୀ ଆକାର ଧାରଣ କରି ଲାଭବାନ ହେବେ। ଆରୋଗ୍ୟଲାଭ, ଶୁଭଖବର ପ୍ରାପ୍ତି ପ୍ରଭୃତି କେତେକ ଶୁଭଫଳ ମଧ୍ୟ ପାଇବେ।

**ମକର** — ପରିସ୍ଥିତିର ବିଷମତା କାରଣରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବାର ସୂଚନା ମିଳିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ଆଘାତ ଲାଗିବାର ସୂଚନା ରହିଛି। ବନ୍ଧୁମିଳନ ପରିସରରେ କୌଣସି ଅଜଣା ଲୋକଟି ଦ୍ୱାରା ତର୍କବିତର୍କ କିମ୍ବା ହଇରାଣ ହରକତ ହେବାକୁ ପଡିପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ କିମ୍ବା ନୂତନ କର୍ମାରମ୍ଭ ସକାଶେ ଦିନଟି ବହୁତ ଭଲ।

**କୁମ୍ଭ** — ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କିନ୍ତୁ ନୀଚ ମନୋଭାବାପନ୍ନ ବ୍ୟକ୍ତିବିଶେଷଙ୍କ ସହ ଯୁକ୍ତିତର୍କ କରି ପରିଶେଷରେ ଅପଦସ୍ଥ କିମ୍ବା ଅସମ୍ମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତା ଗୁଣରୁ ମନୋବଳ ବୃଦ୍ଧି ପାଇବ ।

**ମୀନ** — ଆତ୍ମୀୟସ୍ୱଜନ କିମ୍ବା ହିତୈଷୀଙ୍କ ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍‌ସନ ଲାଗି ରହିବ। ବନ୍ଧୁଙ୍କ ସହ ଆଲୋଚନା ପରିପ୍ରେକ୍ଷୀରେ ଛୋଟ କଥାକୁ ମୋଟ କରି କଳହକୁ ଆମନ୍ତ୍ରଣ କରିପାରନ୍ତି।

ଆଜି ମାର୍ଗଶିର କୃଷ୍ଣପକ୍ଷର ଉତ୍ପନ୍ନା ଏକାଦଶୀ ସୋମବାର, ଦିବା ଘ୧।୦୪ମି. ଗତେ ଦ୍ୱାଦଶୀ, ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ,ରାଶି ନକ୍ଷତ୍ର–ଚିତ୍ରା/କନ୍ୟା, ଦିବା ଘ୩।୩୪ମି. ଗତେ ତୁଳା ଚନ୍ଦ୍ର, ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଏକାଦଶୀର ବ୍ରତ ଓ ଉପବାସ, ଦିବା ଘ୭।୩୫ମି. ମଧ୍ୟେ ଘ୧।୦୦ମି. ଗତେ, ଘ୨।୨୦ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୦୨ମି. ମଧ୍ୟେ ଅମୃତ ବେଳା । ଦିବା ଘ୮।୫୫ମି. ଗତେ ଘ୧୦।୧୫ମି. ମଧ୍ୟେ ମାହେନ୍ଦ୍ରବେଳା।



ପାକିସ୍ତାନ ଆତଙ୍କବାଦ ବିରୋଧୀ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଅନ୍ତର୍ଗତ ସ୍ଥାନୀୟ ପଖ୍‌ତୁନ୍‌ଖ୍ୱା ପ୍ରଦେଶର ଡେରା ଇସ୍ମାଇଲ୍‌ଠାରେ ପାକିସ୍ତାନୀ ସୈନ୍ୟ ତାଲିବାନ କମାଣ୍ଡର ହାକିମ୍ ଖାଁଙ୍କୁ ଏନ୍‌କାଉଣ୍ଟର କରିଛନ୍ତି। ଏହି ଘଟଣାରେ ୪ ସୈନ୍ୟ ଗୁରୁତର ଆହତ ହୋଇଥିବା ପାକିସ୍ତାନ ସୈନ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆମେରିକା ପକ୍ଷରୁ ବାରମ୍ବାର କରାଯାଉଥିଲା। ଏହାର ଜବାବରେ ପାକିସ୍ତାନ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଉଛି।



## ସଂକ୍ଷେପରେ

### ୭.୫ ଡିଗ୍ରୀରେ ଫୁଲବାଣୀ

ଭୁବନେଶ୍ୱର, ୨।୧୨(ବ୍ୟୁରୋ): ବର୍ତ୍ତମାନ ସାରା ରାଜ୍ୟରେ ଘନ କୁହୁଡ଼ି ସହ ଶୀତ ଅନୁଭୂତ ହେଉଛି। ତେବେ ପୂର୍ବାପେକ୍ଷା ଶୀତ କମିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହିଭଳି ପାଗ ରହିବ। ୭ତାରିଖ ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ହେବ ବୋଲି ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରବିବାର ଫୁଲବାଣୀରେ ତାପମାତ୍ରା ସର୍ବନିମ୍ନ ୭.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ିର ତାପମାତ୍ରା ୧୦ ଡିଗ୍ରୀ ରହିଛି।

# ପାଲଲହଡ଼ାରୁ ଲଢ଼ିବାକୁ ଧର୍ମେନ୍ଦ୍ରଙ୍କ ସଙ୍କେତ

ପାଲଲହଡା,୨।୧୨(ଡି.ଏନ.ଏ.)

ଆଗାମୀ ସାଧାରଣ ନିର୍ବାଚନରେ ନିଜ ପୁରୁଣା ଆସନ ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ଲଢ଼ିବାକୁ ସଙ୍କେତ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପାଲଲହଡ଼ା ବ୍ଲକ ମୁଣ୍ଡୁରିବେଡ଼ା ପ୍ରାଥମିକ ସ୍କୁଲର ଶତବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ଗତଥର ନିଜ ଭୁଲ୍ ପାଇଁ ନିର୍ବାଚନ ହାରି ଯାଇଥିଲେ। କିନ୍ତୁ ଏଥର ଅଧିକ ସମର୍ଥନ ମିଳିବ ବୋଲି ସେ ଦୃଢ଼ ଆଶା କରୁଛନ୍ତି। ଧର୍ମେନ୍ଦ୍ରଙ୍କ ଏପରି ପରୋକ୍ଷ ଘୋଷଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।



ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ୨ ଦିନ ତଳେ ଓଡ଼ିଶା ଆସିବା ପୂର୍ବରୁ ମା'ଙ୍କୁ ମୁଣ୍ଡୁରିବେଡ଼ା ଯିବା ସମ୍ପର୍କରେ ସୂଚନା ଦେଇଥିଲେ। ମୁଣ୍ଡୁରିବେଡ଼ା ଲୋକଙ୍କ ସହ ତାଙ୍କ ଭାବାବେଗ ଜଡ଼ିତ ରହିଛି। ମୁଣ୍ଡୁରିବେଡ଼ା ତାଙ୍କ ମା'ଙ୍କ ମାମୁ ଘର ଗାଁ ବୋଲି ସେ କହିବା ସହ ତାଙ୍କ ପରିବାରକୁ ଏ ସ୍ଥାନରେ ପହଞ୍ଚାଇଥିବାରୁ ସ୍ଥାନୀୟ ଲୋକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ, ଜିଲା ପରିଷଦ ସଭ୍ୟ ସରୋଜ ସାହୁ, ମୁଖ୍ୟବକ୍ତା ଭାବେ ମାଲ୍ୟଗିରି କଲେଜର ଡ. ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଖମାର ପଞ୍ଚାୟତ ଓଡ଼ଶ ଗ୍ରାମରେ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଏନ୍‌ଜିସିର ସିଏସ୍‌ଆର୍ ପାଣ୍ଠିରୁ ୯୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ବ୍ଲକ ଅଧ୍ୟକ୍ଷ ପାଲ , ଜିଲା ପରିଷଦ ସଭ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ଧର୍ମେନ୍ଦ୍ର ୨୦୦୦ରେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ। ହେଲେ ୨୦୦୯ରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା।




## ସ୍ତନ୍ୟପାୟୀ ପ୍ରାଣୀ ଗଣନା ଶେଷ

# ଭିତରକନିକାରେ ବନ୍ୟଜନ୍ତୁ ସଂଖ୍ୟା ବୃଦ୍ଧି

ରାଜନଗର, ୨।୧୨ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ସ୍ତନ୍ୟପାୟୀ ବନ୍ୟଜନ୍ତୁଙ୍କ ଗଣନା ଶନିବାର ଶେଷ ହୋଇଛି। ପୂର୍ବ ବର୍ଷ ୭,୧୨୯ ବନ୍ୟଜନ୍ତୁ ଥିବା ବେଳେ ଚଳିତ ବର୍ଷ ଏହା ୭, ୭୨୮କୁ ବୃଦ୍ଧି ପାଇଛି। ବନ୍ୟଜନ୍ତୁଙ୍କ ସଂଖ୍ୟା ବଢ଼ିଥିବା ବେଳେ ହରିଣ, ହେଟା ବାଘ, ଚିତା ବିରାଡି ଓ ପାତି ମାଙ୍କଡ ସଂଖ୍ୟା ହ୍ରାସ ପାଇଥିବା ବନ ବିଭାଗ ରିପୋର୍ଟରୁ ଜଣାପଡିଛି। ଜଙ୍ଗଲୀ ବାର୍‌ହା, ଓଧ, ବିଲୁଆ, ମାଛରଙ୍କା ବିରାଡି, ନେଉଳ, ହନୁ ମାଙ୍କଡ, ବଣ ବିରାଡି, କୋକିଶିଆଳ, ଠେକୁଆ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଝିଙ୍କ ପକ୍ଷୀ ସଂଖ୍ୟା ସମାନ ରହିଛି। ମାତ୍ର ଚଳିତ ବର୍ଷ ଶମ୍ବରଙ୍କୁ ଦେଖିବାକୁ ମିଳିନାହିଁ। ଭିତରକନିକା ଜାତୀୟ ଉଦ୍ୟାନର କନିକା, ରାଜନଗର, ଗହୀରମଥା, ମହାକାଳପଡ଼ା ଓ କୁଜଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ଦେଖାଯାଉଥିବା ସ୍ତନ୍ୟପାୟୀ ବନ୍ୟଜନ୍ତୁଙ୍କ ଗଣନା ଗତ ୨୩ରୁ ଆରମ୍ଭ ହୋଇଥିଲା। କନିକା ରେଞ୍ଜ ଅଞ୍ଚଳରେ ୪,୪୦୪, ରାଜନଗରରେ ୧,୭୩୦, ଗହୀରମଥାରେ ୨୦୪, ମହାକାଳପଡ଼ାରେ ୧,୦୨୯ ଓ କୁଜଙ୍ଗ ରେଞ୍ଜ ଅଞ୍ଚଳରେ ୩୬୧ ବନ୍ୟଜନ୍ତୁ ରହିଥିବା ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ପୁଣି ଝୁଲିଲା ମହାପ୍ରସାଦ ଦର ତାଲିକା

# ସମନ୍ୱୟ ଅଭାବ, ହୋଇପାରିଲାନି ରୋଷେଇ

ପୁରୀ ଅଫିସ, ୨।୧୨

ମହାପ୍ରସାଦ ଦର ତାଲିକା ପ୍ରସ୍ତୁତି ପୁଣି ଝୁଲି ରହିଲା। ଦର ନିର୍ଦ୍ଧାରଣ ନେଇ ରବିବାର ପରୀକ୍ଷାମୂଳକ ଭାବେ ରୋଷେଇ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ସୁଆର ମହାସୁଆର ନିଯୋଗ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କୁ ଚିଠି ମଧ୍ୟ କରାଯାଇଥିଲା। କିନ୍ତୁ ଠିକଣା ବେଳକୁ ଏହା ଫେଲ୍ ମାରିଛି। ମହାସୁଆର ନିଯୋଗକୁ ସାମଗ୍ରୀର ତାଲିକା ଦେବାକୁ କୁହାଯାଇଥିଲେ ମଧ୍ୟ ତାହା ମିଳି ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଉପଯୁକ୍ତ ସମନ୍ୱୟ ଅଭାବରୁ ପରୀକ୍ଷାମୂଳକ ରୋଷେଇ ହୋଇପାରି ନ ଥିବା ଜଣାପଡ଼ିଛି।

ଆନନ୍ଦ ବଜାରରେ କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବାବେଳେ ଦରକୁ ନେଇ ଯେପରି କାହା ମନରେ କୌଣସି ଭାବନା ନ ଆସିବ ସେଥିପାଇଁ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ମହାପ୍ରସାଦ ଦର ତାଲିକା ଲଗାଯିବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ଅକ୍ଟୋବର ୧୬ରେ ଶ୍ରୀମନ୍ଦିର ପ୍ରଶାସନ ଓ ସୁଆର ମହାସୁଆର ନିଯୋଗ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମଧ୍ୟ ଏକାଧିକ ଥର ବୈଠକ ବସିଥିଲା। ଶେଷରେ କାର୍ତ୍ତିକ ମାସ ପରେ ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯିବ ବୋଲି ମନ୍ଦିର ପ୍ରଶାସନ ସୂଚନା ଦେଇଥିଲା। ଗତ ୨୯ ତାରିଖରେ ଜିଲାପାଳ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ଏ ନେଇ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଥିଲେ। ରବିବାର ପରୀକ୍ଷାମୂଳକ ଭାବେ ମହାପ୍ରସାଦ ରୋଷେଇ କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ଏହି ଅନୁସାରେ ଶ୍ରୀମନ୍ଦିର ପ୍ରଶାସନ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇଥାନ୍ତା ଓ କୋଠ ରୋଷରେ ରୋଷେଇ କରାଯାଇଥାନ୍ତା। ସାମଗ୍ରୀ କିଣା ବାବଦ ଖର୍ଚ୍ଚ, ସୁଆର ସେବକଙ୍କ ଲାଭାଂଶକୁ ଦେଖି ଦର ନିର୍ଦ୍ଧାରଣ ହେବା ପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଲଗାଯାଇଥାନ୍ତା। ହେଲେ କୋଠ ରୋଷରେ ଏହା ରୋଷେଇ ହେବାକୁ ଥିଲେ ମଧ୍ୟ ସମନ୍ୱୟ ଅଭାବରୁ ଏ ବିଷୟରେ ବଡୁ ସୁଆର ନିଯୋଗକୁ ଅବଗତ କରାଯାଇ ନ ଥିବାରୁ ଏପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ କହିଛନ୍ତି, ଅନିବାର୍ଯ୍ୟ କାରଣବଶତଃ ପରୀକ୍ଷା ମୂଳକ ରୋଷେଇ ହୋଇପାରି ନାହିଁ। ପରବର୍ତ୍ତୀ ସମୟରେ ଏ ନେଇ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ସୁଆର ମହାସୁଆର ନିଯୋଗର ବୈଠକ ବସି ଏ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହେବ। ସମସ୍ତଙ୍କ ସହମତି ମିଳିବା ପରେ ନିଯୋଗ ଏ ଦିଗରେ ଆଗକୁ ବଢିବ ବୋଲି ସୂଚନା ମିଳିଛି।

## ହାଜତ ମୃତ୍ୟୁ ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ମାମଲା

ପୁରୀ ଅଫିସ,୨।୧୨

ପୁରୀ ଜିଲା ଅସ୍ତରଙ୍ଗ ଥାନାରେ ପୋଲିସ ମାଡ଼ରେ ଆହତ ମାଳଦା ଗ୍ରାମର ଯୋଗେନ୍ଦ୍ର ଦାସ(୪୦) ନାମକ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ପୁରୀର ସୂଚନା ଅଧିକାରୀ କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏନ୍‌ଏଚ୍‌ଆର୍‌ସି ୨୯ ତାରିଖରେ ଏକ ମାମଲା ରୁଜୁ କରିଛନ୍ତି। ଜୟନ୍ତ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ପୋଲିସ ନିର୍ଯାତନାରୁ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବାରୁ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଇବାକୁ ଓଡିଶା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ସେହିଭଳି ମୃତକଙ୍କ ପରିବାରକୁ ତୁରନ୍ତ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ତାଙ୍କ ଚିକିତ୍ସା ସମୟର କାଗଜପତ୍ର ଓ ପୋଷ୍ଟମର୍ଟମ ରିପୋର୍ଟ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଗଜଲକ୍ଷ୍ମୀ ପୂଜା ଭସାଣିଭୋଜି ରନ୍ଧା ଚାଲିଥିବାବେଳେ ମାଳଦାରେ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଯୋଗେନ୍ଦ୍ର ଗୋଟିଏ ଗୋଷ୍ଠୀର ଥିଲେ। ଊର୍ମିଳା ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଯୋଗେନ୍ଦ୍ରଙ୍କ ସମେତ ୧୦ଜଣଙ୍କ ନାମରେ କେସ୍ (ନଂ.୯୧/୧୮) ରୁଜୁ କରିଥିଲା। ଯୋଗେନ୍ଦ୍ରଙ୍କ ସ୍ତ୍ରୀ ପ୍ରତିମା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଗତ ୧୪ ତାରିଖ ରାତିରେ ସ୍ୱାମୀ ଯୋଗେନ୍ଦ୍ର ସମ୍ପର୍କୀୟଙ୍କ ଘରେ ଥିବାବେଳେ ବିଳମ୍ବିତ ରାତିରେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ଥାନାରେ ନିସ୍ତୁକ ମାଡ଼ ମାରିବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଚିକିତ୍ସା ନ କରାଇ ୧୫ ତାରିଖରେ ନିମାପଡା ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରିଥିଲା। ୧୬ ତାରିଖରେ କୋର୍ଟରୁ ଜାମିନ ମିଳିବା ପରେ ତାଙ୍କୁ ପୋଲିସ ଘରକୁ ନ ଆଣି କଟକ ବଡ଼ ମେଡିକାଲ ନେଇଥିଲା। ୨୮ତାରିଖ ସକାଳ ୭ଟାରେ ସ୍ୱାମୀ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ଖବର ଦିଆଯାଇଥିଲା ବୋଲି ପ୍ରତିମା ଅଭିଯୋଗରେ ଦର୍ଶାଇଥିଲେ।



ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା

# ସିଏସ୍‌ଓ ପାଲି

କେନ୍ଦ୍ରର ଭାଜପା ସରକାର ଏବେ ଆଉ ଏକ ସ୍ୱାଧୀନ ସଂସ୍ଥା ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ୍ (ସିଏସ୍‌ଓ)କୁ ଦୁର୍ବଳ କରି ତାହାର କାର୍ଯ୍ୟ ପରିସରକୁ ସଙ୍କୁଚିତ କରିବାକୁ ଉଦ୍ୟମ କରିଛନ୍ତି। ସିଏସ୍‌ଓର ମୁଖ୍ୟ ଦାୟିତ୍ୱ ହେଉଛି ଦେଶର ଅର୍ଥନୈତିକ (ଶିଳ୍ପ ଉତ୍ପାଦନ ଓ ଖାଉଟି ମୂଲ୍ୟ ସୂଚକାଙ୍କ), କୃଷି, ମାନବ ସମ୍ବଳ ଭଳି ଅନେକ ବିଷୟର ତଥ୍ୟକୁ ସଂଗ୍ରହ କରିବା। ଏଥିସହିତ କେଉଁ ରାଜ୍ୟକୁ କେତେ ଅର୍ଥ ଦିଆଯିବ ସେ ନେଇ ଦରକାରି ତଥ୍ୟ ମଧ୍ୟ ଏହା ସ୍ଥିର କରିଥାଏ। ସେହିସବୁ ସଂଗୃହୀତ ତଥ୍ୟକୁ ନେଇ ସାରା ଦେଶର ଏକ ଚିତ୍ର ସୃଷ୍ଟି କରିବା, ଯାହାଦ୍ୱାରା କି ବିଭିନ୍ନ ଯୋଜନା ପ୍ରଣୟନ କ୍ଷେତ୍ରରେ ସ୍ୱଷ୍ଟତା ମିଳିବା ସହ ସରକାରୀ ଅର୍ଥ ଖର୍ଚ୍ଚ ଲାଗି ଦିଗ୍‌ଦର୍ଶନ ମିଳିପାରିବ।

ସିଏସ୍‌ଓ ପକ୍ଷରୁ ଏବେ ଜାରି କରାଯାଇଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ବ୍ୟାକ୍ ଡାଟା ବା ପଛୁଆ ତଥ୍ୟକୁ ନେଇ ବିବାଦ ଉଠିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ୟାକ୍ ଡାଟା ହେଉଛି ପୁରୁଣା ତଥ୍ୟର ବିଶ୍ଳେଷଣ। ଏଭଳି ପ୍ରଚ୍ଛଦପଟରେ ଦେଖିଲେ ଉପା ସରକାର ଅମଳରେ ଦିଆଯାଇଥିବା ଅଭିବୃଦ୍ଧି ହାରକୁ ଏବର ଭାଜପା ସରକାର ପୁନଃ ତର୍ଜମା କରିଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ, ୨୦୧୦-୧୧ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ୧୦.୦୩ ପ୍ରତିଶତ ଥିଲା ବୋଲି ଉପା ଯାହା କହିଥିଲା ତାହା ଭୁଲ୍। ବାସ୍ତବରେ ତାହା ୮.୫ ପ୍ରତିଶତ ଥିଲା ବୋଲି ଏବେ ସିଏସ୍‌ଓ ସଂଶୋଧିତ ତଥ୍ୟରେ ପ୍ରକାଶ କରିଛି। ଅର୍ଥାତ୍ ଜିଡିପି ଦୁଇ ଅଙ୍କରେ ପହଞ୍ଚିଥିଲା ବୋଲି ଉପାର ଦାବିକୁ ଏନ୍‌ଡିଏ ଭୁଲ୍ ଦର୍ଶାଇଛି। ବିଶେଷଜ୍ଞଙ୍କ ମତରେ ପୁରୁଣା ତଥ୍ୟ ରୋମନ୍ଥନ କରିବାର ଭିତିରି ଲକ୍ଷ୍ୟ ହେଉଛି ୨୦୧୯ ସାଧାରଣ ନିର୍ବାଚନ। ବ୍ୟାକ୍ ଡାଟା ବିଶ୍ଳେଷଣ କରିବା ପଛରେ ଉପା ସରକାରକୁ ଲୋକଙ୍କ ନଜରରେ ନ୍ୟୂନ କରିବା ମୋଦି ସରକାରଙ୍କ ମୂଳ ଉଦ୍ଦେଶ୍ୟ ରହିଛି। ଅବଶ୍ୟ ଉପା-୨ ସରକାର ୨୦୦୪-୦୫ ଆର୍ଥିକ ବର୍ଷକୁ ଆଧାର ବର୍ଷ ଭାବେ ଗ୍ରହଣ କରି ଜିଡିପି ଡାଟା ଆକଳନ ଆରମ୍ଭ କରିଥିଲା। ସେତେବେଳେ ଆଜିର ଭାଜପା ସରକାର ତାହାକୁ ବିରୋଧ କରିଥିଲା। ବର୍ତ୍ତମାନ ମୋଦି ସରକାର ନିଜ ଉଦ୍ଦେଶ୍ୟ ପୂରଣ ପାଇଁ ଉପାର ପଦାଙ୍କ ଅନୁସରଣ କରିଛି। ଏପରି କି ଉପାକୁ ଦବାଇବାକୁ ଯାଇ ଭାଜପା ସରକାର ସେହି ଅସ୍ତ୍ର ପ୍ରୟୋଗ କରିଛି। କିନ୍ତୁ ଏହା ମୋଦି ସରକାରଙ୍କ ପାଇଁ ବୁମେରାଂ ହୋଇଛି। କାରଣ ସିଏସ୍‌ଓ ସହ ନୀତି ଆୟୋଗ ଡାଟା ପ୍ରସ୍ତୁତ କରିଥିବା ସ୍ୱଷ୍ଟ ପ୍ରମାଣ ମିଳିଛି।

ନିକଟରେ ବ୍ୟାକ୍ ଡାଟା ଘୋଷଣା ବେଳେ ସିଏସ୍‌ଓର ମୁଖ୍ୟ ପରିସଂଖ୍ୟାନ୍‌ବିତ୍ ପ୍ରବୀଣ ଶ୍ରୀବାସ୍ତବଙ୍କ ସହିତ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଖବରଦାତା ସମ୍ମିଳନୀରେ ବସିବା ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ପରିସଂଖ୍ୟାନ ତଥ୍ୟ ବିଶ୍ଳେଷଣ ଓ ପ୍ରକାଶ ସିଏସ୍‌ଓର କାର୍ଯ୍ୟ ହୋଇଥିବା ବେଳେ ନୀତି ଆୟୋଗର ହସ୍ତକ୍ଷେପ ଯୋଗୁ ତଥ୍ୟ ହେରଫେର ହୋଇଥିବା ମନେକରାଯାଉଛି। ଉପା ସରକାରଙ୍କ ବେଳେ ଆଧାର ବର୍ଷ ୨୦୦୪-୨୦୦୫ ରହିଥିଲା। ତାହାକୁ ଭାଜପା ସରକାର ବଦଳାଇ ୨୦୧୧-୧୨ ଆର୍ଥିକ ବର୍ଷ କରିଛନ୍ତି। ଇତିମଧ୍ୟରେ ମୋଦି ସରକାର ତା'ର ଜିଡିପି ତଥ୍ୟ ଜାରି କରିଛନ୍ତି। ଦ୍ୱିତୀୟ ତ୍ରୈମାସରେ ଏହା ୭.୧ ପ୍ରତିଶତକୁ ହ୍ରାସ ପାଇଛି। ପ୍ରଥମ ତ୍ରୈମାସରେ ଏହା ୮.୧ ପ୍ରତିଶତ ଥିଲା। ଏଥିରୁ ଏହା ସ୍ୱଷ୍ଟ ହେଉଛି ଯେ, ଭାଜପା ସରକାରଙ୍କ ଅମଳରେ ଅଭିବୃଦ୍ଧି କମୁଛି। ମୂଳ ବର୍ଷ ଭାବେ କେଉଁ ଆର୍ଥିକ ବର୍ଷକୁ ନିଆଯାଇଛି ତାହା ଦର୍ଶାଯାଇ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ସାଧାରଣରେ ବୁଝିହେବ ଯେ, ଏକ ମୂଳବର୍ଷକୁ ସ୍ୱଷ୍ଟ କରାଗଲେ ତାହାର ତୁଳନାରେ ଆଜିର ପ୍ରତିଶତ ବାହାର କରାଯାଇପାରିବ। ଅର୍ଥାତ୍ ପୂର୍ବ ତୁଳନାରେ ଆଜି ପରିସ୍ଥିତି ସୁଧୁରିଛି କି ନାହିଁ, ତାହା ବୁଝିବା ସମ୍ଭବପର। ଯଦି ତୁଳନା କରିହେବ ନାହିଁ, ତେବେ କୌଣସି ପରିସଂଖ୍ୟାନ ବୁଝିହେବ ନାହିଁ ଏବଂ ତାହା ବ୍ୟବହାରଯୋଗ୍ୟ ତଥ୍ୟ ଦେଇପାରିବ ନାହିଁ। ଏଠାରେ କୁହାଯାଇପାରେ ଯେ, ଭାଜପା ସରକାର ଯାହା କହିବାକୁ ଚାହୁଁଛନ୍ତି, ସମସ୍ତେ ଯେପରି ମାନିବାକୁ ବାଧ୍ୟ। ଏଭଳିସ୍ଥଳେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ନୀତି ଆୟୋଗର ସମ୍ପୃକ୍ତିକୁ ନେଇ ପ୍ରଶ୍ନ କରିବା ସ୍ୱାଭାବିକ। ଦେଖିବାକୁ ଗଲେ ନୀତି ଆୟୋଗର କାର୍ଯ୍ୟ ପ୍ରକାଶିତ ତଥ୍ୟକୁ ନେଇ ନୀତି ପ୍ରଣୟନ କରିବା। ସରକାରକୁ ସୁହାଇଲା ଭଳି ତଥ୍ୟ ପ୍ରସ୍ତୁତିରେ ନିଜେ ସମ୍ପୃକ୍ତ ହେବା ଦର୍ଶାଉଛି ଯେ ସ୍ୱାଧୀନ ତଥା ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକର ମୌଳିକତା କ୍ଷୁଣ୍ଣ ହେଉଛି।

ଆଲୋଚନା ହେଲାଣି ଯେ ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ ଦେଶର ଅଭିବୃଦ୍ଧି କମିବାରେ ଲାଗିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭୋଟରଙ୍କ ନିକଟକୁ ଯିବା ଲକ୍ଷ୍ୟରେ ଭାଜପା ଉପା ସମୟର ଜିଡିପି ତଥ୍ୟକୁ ଭୁଲ୍ ଦେଖାଇବାକୁ ଫନ୍ଦି କରିଛି। ରାଜନୈତିକ ସ୍ୱାର୍ଥସାଧନ କରିବାକୁ ଯାଇ ମୋଦି ସରକାର ଆର୍‌ବିଆଇ, ସିବିଆଇ, ନିର୍ବାଚନ କମିଶନ, ଆୟକର ବିଭାଗ ପରେ ଏବେ ସିଏସ୍‌ଓର ସ୍ୱାତନ୍ତ୍ର୍ୟକୁ ଯେଭଳି ଭାବେ କ୍ଷୁଣ୍ଣ କରିବାକୁ ବସିଛନ୍ତି, ତାହା ଦ୍ୱାରା ଦେଶର କୌଣସି ମୌଳିକ ସଂସ୍ଥା ଉପରେ ବିଶ୍ୱାସ ରଖିବା ସମ୍ଭବପର ହେଉ ନାହିଁ। ଆଜିର ଏହି କୁକର୍ମ କେବଳ ମୋଦି ସରକାରଙ୍କ ପାଖରେ ଶେଷ ହେବ ନାହିଁ। ୨୦୧୯ ପରଠାରୁ ଭାରତରେ ଯେକୌଣସି ଦଳର ସରକାର ଆସିଲେ ଏହି ଅସାଧୁ ପଦ୍ଧତିକୁ ସହଜରେ ନୀତି କରିନେବେ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | | | | | | | 7 | D | | | | | |
| | 7 | 1 | 3 | | 6 | | | | | | 5 | | 4 | |
| 4 | | E | | | | | 2 | 3 | | | A | 6 | | |
| | | | 0 | | | | | 5 | 9 | B | | | D | 1 |
| | | | | 7 | | | 9 | 4 | | 2 | | | B | |
| | | | | | 9 | D | | 6 | | 7 | | C | | 3 |
| | | | | | | | 4 | | 3 | | | | | 7 |
| | D | | | | 5 | | B | | | | | | 0 | |
| | 6 | | | | | E | | | 0 | 8 | C | | | |
| A | B | | | | 0 | | | | | | 2 | | 6 | |
| | 0 | C | | | 4 | 2 | 6 | 8 | | D | | | | |
| 2 | | 6 | | | B | | | | | | 8 | E | A | |
| | 3 | | | | | 7 | | 1 | 2 | | E | | | |
| | E | 8 | | | | | | | | A | 4 | | | 5 |
| | | A | 5 | | | | | 0 | | | | | 7 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 9 | 8 | 2 | 7 | B | 6 | 0 | 5 | C | 4 | 3 | A | 1 |
| 8 | 2 | 7 | 4 | C | A | 1 | 9 | 3 | 0 | 6 | E | D | 5 | B |
| B | 4 | 5 | 9 | 0 | 1 | E | 7 | C | 3 | D | A | 2 | 6 | 8 |
| 0 | 1 | 3 | 5 | D | 6 | 8 | 4 | A | 2 | B | 9 | C | E | 7 |
| A | C | 6 | 3 | B | E | 2 | 5 | D | 7 | 1 | 8 | 0 | 9 | 4 |
| 3 | 0 | C | 6 | E | 8 | 4 | B | 9 | A | 7 | 5 | 1 | D | 2 |
| 2 | 8 | 4 | 0 | 1 | 3 | D | A | 6 | B | E | C | 5 | 7 | 9 |
| 9 | 6 | D | 7 | 5 | 4 | 0 | C | 8 | 1 | 3 | 2 | E | B | A |
| 1 | 5 | B | D | A | 2 | 3 | E | 7 | 9 | 4 | 6 | 8 | 0 | C |
| 7 | A | E | B | 9 | C | 5 | 2 | 1 | 8 | 0 | D | 4 | 3 | 6 |
| 4 | 7 | 1 | C | 6 | 0 | 9 | 3 | 5 | E | 8 | B | A | 2 | D |
| 6 | E | 2 | 1 | 3 | 5 | A | D | 4 | C | 9 | 7 | B | 8 | 0 |
| 5 | 9 | 8 | 2 | 7 | D | C | 0 | B | 4 | A | 3 | 6 | 1 | E |
| D | 3 | 0 | A | 4 | B | 7 | 8 | E | 6 | 2 | 1 | 9 | C | 5 |
| C | B | A | E | 8 | 9 | 6 | 1 | 2 | D | 5 | 0 | 7 | 4 | 3 |

ଗତକାଲିର ଉତ୍ତର

# ଆବେଗିକ ବୁଦ୍ଧି : କୈଶୋରର ଅକ୍ଷବିନ୍ଦୁ



ଚିନ୍ତାମଣି କର

ବାର ବର୍ଷର ପିଲାଟିଏ ଥରେ ସ୍କୁଲରୁ ଫେରି ମାଆଙ୍କ ପାଖରେ ଫେରାଦ ହେଲା ଯେ, ତା' ସାଙ୍ଗରେ ପଢୁଥିବା ଝିଅପୁଅମାନେ ତାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବେଶି ମିଶୁନାହାନ୍ତି। ନିଜକୁ ସେ ନ୍ୟୂନ ଭାବୁଛି। ବିଶେଷକରି କିଏ ଦୁଃଖରେ କିମ୍ବା ଖୁସିରେ ଅଛି ସେ ଜାଣିପାରୁନାହିଁ। ତେଣୁ କିଛି କଥା ସେ ଏପରି କହୁଛି, ଯାହା ଅନ୍ୟମାନଙ୍କ ମନରେ କଷ୍ଟ ଦେଉଛି।

ଏଥର ମାଆ ବୁଝିପାରିଲେ ପିଲାଟିର କ'ଣ ଅସୁବିଧା ହେଉଛି। ପ୍ରଥମତଃ ସେ ନିଜର ଆବେଗ ଓ ଅନୁଭବକୁ ଠିକ୍‌ଭାବେ ଜାଣିପାରୁନାହିଁ କିମ୍ବା ଚିହ୍ନିପାରୁନାହିଁ। ଦ୍ୱିତୀୟତଃ ଅନ୍ୟମାନଙ୍କ ଆବେଗକୁ ଚିହ୍ନିବା ଏବଂ ସେଥିପ୍ରତି ପ୍ରତିକ୍ରିୟା ଦେଖାଇବା ତା' ପାଇଁ କଷ୍ଟକର ହୋଇପଡୁଛି। ତୃତୀୟରେ ସେ ତା' ଆବେଗକୁ ଠିକ୍‌ଭାବେ ନିୟନ୍ତ୍ରଣ ଓ ପରିଚାଳନା କରିପାରୁନାହିଁ। ପୁନଶ୍ଚ ସେ ନିଜକୁ ଠିକ୍‌ଭାବରେ ଅଭିପ୍ରେରିତ କରିପାରିନାହିଁ। ଫଳରେ ଏକ ସକାରାତ୍ମକ ଦିଗରେ ତା'ର ଅଭିପ୍ରେରଣା ଗତି କରୁନାହିଁ। ଏସବୁର ପ୍ରଭାବ ପଡୁଛି ସାମାଜିକ ସମ୍ପର୍କ ରକ୍ଷା ଉପରେ। ତେଣୁ ସେ ସାଙ୍ଗସାଥୀଙ୍କ ସହ ଉତ୍ତମ ସାମାଜିକ ସମ୍ପର୍କ ରକ୍ଷା କରିପାରୁନାହିଁ। ଏଥିପାଇଁ ସେ ଅନେକ କ୍ଷେତ୍ରରେ ନିନ୍ଦିତ, ଅପମାନିତ ଓ ଅବହେଳିତ ହେଉଛି ବୋଲି ଭାବୁଛି। ଏପରି ପରିସ୍ଥିତି ଯେ ଏଇ ନିର୍ଦ୍ଦିଷ୍ଟ ପିଲାଟି କ୍ଷେତ୍ରରେ ଦେଖାଗଲା ତା' ନୁହେଁ। ପ୍ରାୟତଃ ଆଠବର୍ଷରୁ ସତରବର୍ଷ କିଶୋରୀକିଶୋରଙ୍କ କ୍ଷେତ୍ରରେ ଏପରି ପରିସ୍ଥିତି ଉପୁଜେ। କିଛି ସମସ୍ୟା ଦେଖାଦିଏ ଘରେ, ପରିବାର ଭିତରେ। ଆଉ କିଛି ଦେଖାଦିଏ ସ୍କୁଲରେ ବା ଶ୍ରେଣୀଗୃହରେ। ସାଧାରଣତଃ ମାଆବାପା କିମ୍ବା ଶିକ୍ଷକ ଏହାକୁ ପାଗଳାମି ବା ନିର୍ବୁଦ୍ଧିଆ ପିଲାଙ୍କ କାମ ବୋଲି ଧରିନିଅନ୍ତି। ଅନେକସ୍ଥଳେ ପିଲାମାନେ ଏଥିପାଇଁ ଦଣ୍ଡିତ ହୁଅନ୍ତି। କିନ୍ତୁ ସେମାନଙ୍କ ପକ୍ଷେ ଏସବୁ ଆଚରଣ ବଦଳେଇବା କଷ୍ଟକର ହୋଇପଡେ।

ଏହା ଅବଶ୍ୟ ସତ ଯେ, ବୁଦ୍ଧି ହେଉଛି ଏକ ଜ୍ଞାନାତ୍ମକ କ୍ରିୟା। ଯୁକ୍ତିଯୁକ୍ତ ଭାବରେ ଚିନ୍ତା କରିବାରେ, ଉଦ୍ଦେଶ୍ୟପ୍ରଣୋଦିତ ହୋଇ କାର୍ଯ୍ୟ କରିବାରେ ଏବଂ ପରିବେଷ୍ଟନୀ ସହ ସଫଳତାର ସହିତ ମୁକାବିଲା କରିବାରେ ବ୍ୟକ୍ତିର ସାର୍ବଜନୀନ ଓ ସାମୂହିକ ସାମର୍ଥ୍ୟକୁ ବୁଦ୍ଧି କୁହାଯିବ। କୌଣସି ଜଟିଳ ପରିସ୍ଥିତି ସହିତ ଉପଯୋଜନ କରିବାର କ୍ଷମତା ଓ ଜୈବିକ ଉପଯୋଜନ କରିବାର ଯୋଗ୍ୟତା ହିଁ ବୁଦ୍ଧି। ଏସବୁ ଦୃଷ୍ଟିରୁ ବିଚାର କଲେ ଶିକ୍ଷଣର ଚୂଡ଼ାନ୍ତ ଉତ୍କର୍ଷ ହେଉଛି ବୁଦ୍ଧି। ସ୍କୁଲର କୃତିତ୍ୱ ପରୀକ୍ଷାରେ ବୁଦ୍ଧିମାନ୍ ପିଲାମାନେ ଭଲ ଫଳ ଦେଖାଇଥାଆନ୍ତି। ବର୍ତ୍ତମାନର ସମାଜରେ ଆଗକୁ ଯିବା ପାଇଁ ପରୀକ୍ଷାରେ ରଖିଥିବା ନମ୍ବର ବା ସଂଖ୍ୟାକୁ ବେଶି ଗୁରୁତ୍ୱ ଦିଆଯାଉଛି। ଏହା ଆମ ଶିକ୍ଷା ବ୍ୟବସ୍ଥା ସହ ଓତପ୍ରୋତ ଭାବେ ଜଡିତ ଏବଂ ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ସହ ଏହା ମଧ୍ୟ ସଂଶ୍ଳିଷ୍ଟ। କିନ୍ତୁ ଜ୍ଞାନାତ୍ମକ ବିକାଶ ସହ ଯେ ଆବେଗିକ ବିକାଶର ସମ୍ବନ୍ଧ ଅଛି, ତାହା ଆମ ଭିତରୁ ଅଧିକାଂଶ ଭୁଲିଯାଉଛନ୍ତି।

ପିଲାମାନଙ୍କୁ ଯେଉଁ ଶିକ୍ଷା ଦିଆଯାଉଛି, ସେଥିରେ ପ୍ରାୟ ଦୈନନ୍ଦିନ ସମସ୍ୟା ସମାଧାନର କୌଶଳ ଅନ୍ତର୍ଭୁକ୍ତ ନୁହେଁ। ଏସବୁର ସମାଧାନ ସାଧାରଣ ବୁଦ୍ଧି ପ୍ରୟୋଗ ଦ୍ୱାରା ସମ୍ଭବ ନୁହେଁ, କେବଳ ଆବେଗିକ ବୁଦ୍ଧି ମାଧ୍ୟମରେ ସମ୍ଭବ। ୧୯୯୦ ମସିହା ପରେ କେତେକ ମନୋବିଜ୍ଞାନୀ ମନେକଲେ ଯେ, ଶିକ୍ଷାଗତ ଧୀଶକ୍ତି ଅପେକ୍ଷା ଆବେଗିକ ଧୀଶକ୍ତିର ଆବଶ୍ୟକତା ଅନେକ ବେଶି। ସାଫଲ୍ୟ ଅର୍ଜନ କରିବାକୁ ହେଲେ ବାସ୍ତବକ୍ଷେତ୍ରରେ ଅନ୍ୟମାନଙ୍କ ସହ ଉପଯୋଜନ କରି ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ପରିବେଷ୍ଟନୀରେ ସମସ୍ତଙ୍କ ସହ ସୁସମ୍ପର୍କ ରଖିବା ଆବଶ୍ୟକ। ଆବେଗିକ ବୁଦ୍ଧି ଏହି କ୍ରିୟା ସାଧନ କରିବାରେ ସହାୟତା କରିଥାଏ। ଅନେକ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଆମର ଆବେଗ ଆତ୍ମସଚେତନତାକୁ ପ୍ରଭାବିତ କରିଥାଏ। ସଫଳତା ଏହା ଉପରେ ହିଁ ନିର୍ଭର କରେ। ଅଧିକ ବୁଦ୍ଧିଥିବା ଲୋକେ ଯେ ସର୍ବଦା ସଫଳତା ହାସଲ କରିପାରିଛନ୍ତି, ଏକଥା ଭାବିବା ଭୁଲ୍। ପ୍ରଖ୍ୟାତ ମନୋବିଜ୍ଞାନୀ ଗୋଲ୍‌ମ୍ୟାନ୍‌ଙ୍କ ମତରେ ଜୀବନକାଳରେ ସଫଳତା ହାସଲ କରିବା ପାଇଁ ସୁସ୍ଥ ଆବେଗାତ୍ମକ ବିକାଶ ଏବଂ ଆବେଗିକ ବୁଦ୍ଧିର ପ୍ରୟୋଜନ ଅଛି। ବିଂଶ ଶତାବ୍ଦୀର ଶେଷ ଦଶକରେ ଗୋଲ୍‌ମ୍ୟାନ ଆବେଗିକ ବୁଦ୍ଧି ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନା କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ତାଙ୍କ ରଚିତ ପୁସ୍ତକ Emotional Intelligence ସମଗ୍ର ପୃଥିବୀରେ ଚହଳ ପକେଇଥିଲା।

ଆବେଗିକ ଧୀଶକ୍ତିର ପାଞ୍ଚୋଟି ଉପାଦାନ ରହିଛି। ଏଗୁଡିକ ହେଲା- ନିଜର ମନୋଭାବ ତଥା ଅନୁଭବକୁ ଠିକ୍‌ଭାବେ ଜାଣିବା ଏବଂ ବିଭିନ୍ନ ସମସ୍ୟାର ସଫଳ ସମାଧାନ ପାଇଁ ସେଗୁଡ଼ିକର ଉପଯୋଗ କରିବା। ନିଜର ମାନସିକ ଅବସ୍ଥା ଯଥା ଦୁଃଖ, ଅସହାୟତା ଓ ହତାଶା ଯେପରି ଆମର ଚିନ୍ତନ ଶକ୍ତି ହ୍ରାସ ନ କରେ, ସେଥିପ୍ରତି ଧ୍ୟାନଦେବା, ନିୟମିତ ଓ ଧାରାବାହିକ ଭାବେ ବିଭିନ୍ନ ଘାତପ୍ରତିଘାତ, ବାଧାବିଘ୍ନ ଦେଖାଦେଲେ ମଧ୍ୟ ସେଥିରେ ବିବ୍ରତ ନ ହୋଇ ନିଜର କାର୍ଯ୍ୟସାଧନ ନିମନ୍ତେ ଅଭିପ୍ରେରିତ ହେବା ତଥା ଆଶାବାଦୀ ରହିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ତଥା ସମବେଦନା ପ୍ରଦର୍ଶନ କରିବା, ଅନ୍ୟ ବ୍ୟକ୍ତିମାନଙ୍କ ସହ ଉତ୍ତମ ସମ୍ପର୍କ ରଖି ସେମାନଙ୍କର ସହଯୋଗ ହାସଲ କରିବା ଏବଂ ବିଭିନ୍ନ ଲୋକଙ୍କ ସହ ସମ୍ପର୍କ ରକ୍ଷା କରିବାରେ ଯେପରି କୌଣସି ବାଧା ନ ଆସେ, ସେ ସମ୍ପର୍କରେ ସର୍ବଦା ସତର୍କ ଓ ସଚେତନ ରହିବା।

ମନୋବିଜ୍ଞାନୀମାନଙ୍କ ମତରେ ଆବେଗିକ ଧୀଶକ୍ତି କେବଳ ଜୀବନର ସଫଳତା ହାସଲ କରିବାରେ ସାହାଯ୍ୟ କରେନାହିଁ। ପରବର୍ତ୍ତୀ ଅବସ୍ଥାରେ ଅନ୍ୟମାନଙ୍କ ସହ ସୁସମ୍ପର୍କ ରକ୍ଷାକରିବା ପାଇଁ ଏବଂ ନିଜର ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାକରିବା ନିମିତ୍ତ ଏହା ସହାୟତା କରେ। ଜଣେ ବ୍ୟକ୍ତିର ଆବେଗିକ ବୁଦ୍ଧ୍ୟଙ୍କ (E.Q.) ଅଧିକ ହେଲେ, ତା'ଠାରେ ଖୁବ୍ କମ୍ ଅପରାଧପ୍ରବଣତା, କମ୍ ହିଂସ୍ର ବ୍ୟବହାର ଏବଂ ନିଶାଦ୍ରବ୍ୟର ସୀମିତ ବ୍ୟବହାର ପରିଲକ୍ଷିତ ହୁଏ। ଯେଉଁ ଛାତ୍ରୀଛାତ୍ରଙ୍କର ବେଶି ଆବେଗିକ ଦକ୍ଷତା ଥାଏ, ସେମାନେ ସାଧାରଣତଃ କେତୋଟି କୌଶଳ ଅବଲମ୍ବନ କରନ୍ତି ଏବଂ ଏହି କୌଶଳ ପ୍ରୟୋଗ କରି ପରୀକ୍ଷାଗୁଡ଼ିକରେ ଅଧିକ ସଫଳତା ହାସଲ କରିଥାଆନ୍ତି।

ଏହି ଆବେଗିକ ଧୀଶକ୍ତିର ବିକାଶ ଶୈଶବାବସ୍ଥାରୁ ହିଁ ହୋଇଥାଏ। ପିଲାମାନଙ୍କର ବ୍ୟକ୍ତିତ୍ୱ ବିକାଶ ସହ ଏହା ସଂଶ୍ଳିଷ୍ଟ। ପିଲାମାନଙ୍କର ଏପ୍ରକାର ବିକାଶ ପାଇଁ ପରିବାର ଭିତରେ ମାଆବାପା ଓ ଅନ୍ୟ ସଦସ୍ୟ ଏବଂ ବିଦ୍ୟାଳୟରେ ଶିକ୍ଷକମାନେ ହିଁ ଦାୟୀ। ସେମାନେ ପିଲାମାନଙ୍କର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥାଆନ୍ତି। ଏଥିପାଇଁ ମଧ୍ୟ ଏମାନେ ପ୍ରଥମେ ସ୍ୱାସ୍ଥ୍ୟକର ଆବେଗିକ ଅବସ୍ଥାର ଅଧିକାରୀ ହେବା ବାଞ୍ଛନୀୟ। ଅନ୍ୟଥା ସେମାନେ ପିଲାଙ୍କ ପାଇଁ ଉଦାହରଣ ସାଜି ପାରିବେନାହିଁ। ବାଲ୍ୟକାଳରେ ପିଲାଙ୍କ ବ୍ୟକ୍ତିତ୍ୱରେ ଯେପରି ଆବେଗିକ ଅସ୍ୱାଭାବିକତା ଜାଗ୍ରତ ନ ହୁଏ ଏବଂ ତା'ର ସ୍ନେହ, ପ୍ରେମ, କ୍ରୋଧ, ଈର୍ଷା, ଭୟ ଓ ଆନନ୍ଦ ଯେପରି ଠିକ୍ ଏବଂ ସହଜଭାବରେ ପ୍ରକାଶ ପାଏ, ତାହା ଦେଖିବାର ଦାୟିତ୍ୱ ପରିବାର ଭିତରେ ପ୍ରତ୍ୟେକ ମାଆବାପାଙ୍କର ଏବଂ ସ୍କୁଲରେ ଶିକ୍ଷକଙ୍କର। ଅନେକ ମାଆବାପା ପିଲାଙ୍କୁ ଛୋଟ ଛୋଟ କଥାରେ ବିରକ୍ତ କରନ୍ତି, ସେମାନଙ୍କ ମନରେ ଅଯଥା ଦୁଃଖ ଦିଅନ୍ତି, ହତାଶା ଓ ବ୍ୟର୍ଥତାରେ ସେମାନଙ୍କ ମନକୁ ଭାରାକ୍ରାନ୍ତ କରନ୍ତି। ଆଉ କେତେକ ମାଆବାପା ନିଜ ଜିଦ୍ ଯୋଗୁ ପିଲାଙ୍କ ମନରେ ଅକଥନୀୟ ଯନ୍ତ୍ରଣା ଦିଅନ୍ତି। ଏହାଦ୍ୱାରା ପିଲାଟିର ଆବେଗିକ ଜୀବନ ଅସ୍ତବ୍ୟସ୍ତ ହୋଇଯାଏ ଏବଂ ତା'ର ଆବେଗିକ ଧୀଶକ୍ତିର ସ୍ୱାଭାବିକ ବିକାଶରେ ବାଧା ଉପୁଜେ। ଅର୍ଥାତ୍ ସମୁଚିତ ଆବେଗିକ ଧୀଶକ୍ତିର ବିକାଶ କଠୋର ଶିଶୁପାଳନ ପଦ୍ଧତିଦ୍ୱାରା ପ୍ରଭାବିତ ହୁଏ।

ଧୀଶକ୍ତିର ଏହି ନୂତନ ଦିଗ ପ୍ରତି ଆକୃଷ୍ଟ ହୋଇ ଅନେକ ମନୋବିଜ୍ଞାନୀ କିଛି ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଆବେଗିକ ବୁଦ୍ଧି ସମ୍ପର୍କରେ ଗବେଷଣାରୁ ପ୍ରତିଦିନ କିଛି ନା କିଛି ତଥ୍ୟ ଲୋକଲୋଚନକୁ ଆସୁଛି। ବିଶେଷକରି ବ୍ୟବସାୟିକ କ୍ଷେତ୍ରରେ 'ଆବେଗିକ ବୁଦ୍ଧି'ର ଭୂମିକାକୁ ପାଶ୍ଚାତ୍ୟଦେଶଗୁଡିକରେ ଗୁରୁତ୍ୱ ଦିଆଯାଉଛି। ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଏହାର ଏକ ସ୍ୱତନ୍ତ୍ର ପାଠ୍ୟଖସଡ଼ା ପ୍ରସ୍ତୁତ ହୋଇଛି।

ଆବେଗିକ ଧୀଶକ୍ତିକୁ ମାପିବା ପାଇଁ ଏବେ ବିଭିନ୍ନ ପରୀକ୍ଷା ମଧ୍ୟ କରାଯାଉଛି। ଏହାର ପରିମାଣାତ୍ମକ ମାପକକୁ ଗବେଷକମାନେ ଆବେଗିକ ବୁଦ୍ଧ୍ୟଙ୍କ (E.Q.) ବୋଲି କହୁଛନ୍ତି। ଏହା ସାଧାରଣ ବୁଦ୍ଧ୍ୟଙ୍କ(I.Q.)ଠାରୁ ଭିନ୍ନ। ଅଧିକ ଆବେଗିକ ବୁଦ୍ଧ୍ୟଙ୍କ ଥିବା ବ୍ୟକ୍ତି ସହଜରେ ସାଫଲ୍ୟ ଅର୍ଜନ କରିପାରନ୍ତି ବୋଲି ମନସ୍ତତ୍ତ୍ୱବିତ୍‌ଙ୍କ ମତ। ଆଜିର ସମାଜରେ ଯେଉଁ ହିଂସାତ୍ମକ ଆଚରଣ, ବାଳଅପରାଧ, ଦାମ୍ପତ୍ୟ କଳହ ଓ ନିଶାଦ୍ରବ୍ୟର ଖୋଲା କାରବାର ଦେଖାଯାଉଛି, ତାହାର ମୂଳରେ ରହିଛି 'ଆବେଗିକ ବୁଦ୍ଧି'। ଖୁବ୍ କମ୍ ଆବେଗିକ ବୁଦ୍ଧି ଥିବା ଲୋକେ ଏପରି ଆଚରଣ ପ୍ରଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ ବେଶି ଆବେଗିକ ବୁଦ୍ଧି ଥିବା ବ୍ୟକ୍ତି ଅନ୍ୟମାନଙ୍କ ସହ ମିଶି ସମସ୍ୟାଗୁଡ଼ିକୁ ସହଜରେ ସମାଧାନ କରିପାରୁଛନ୍ତି। ତେଣୁ ଏମାନଙ୍କ ଜୀବନଶୈଳୀ ବେଶ୍ ସରଳ ଏବଂ ସହଜ ହୋଇପାରିଛି।

ଅନେକ ମନୋବିଜ୍ଞାନୀ କୈଶୋରକୁ ଆବେଗିକ ଧୀଶକ୍ତି ବିକାଶର ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି। ଏହା ସହିତ ବ୍ୟକ୍ତିତ୍ୱ ଏବଂ ନୈତିକ ବିକାଶ ସଂଶ୍ଳିଷ୍ଟ ବୋଲି କିଛି ମନସ୍ତତ୍ତ୍ୱବିତ୍‌ଙ୍କ ମତ। ଏହି ସ୍ତରରେ ପିଲାମାନଙ୍କର ଅନେକ ପରିବର୍ତ୍ତନ ହୋଇଥାଏ। କିଛି ଆର୍ଥିକ, ଆବେଗିକ, ପାରିବାରିକ ତଥା ଶିକ୍ଷାଗତ ସମସ୍ୟାର ସମ୍ମୁଖୀନ ହୁଅନ୍ତି ପିଲାମାନେ। ହତାଶା, ଅସହାୟତା ଓ ନୈରାଶ୍ୟର ଧ୍ୱନି ଅନୁରଣିତ ହୁଏ ପ୍ରତିମୁହୂର୍ତ୍ତରେ। ଏଥିପାଇଁ ପରିବେଶ ସହ ଖାପଖୁଆଇ ଚଳିବା ସେମାନଙ୍କ ପାଇଁ ଏକ ବଡ଼ ସମସ୍ୟା ରୂପେ ଦେଖାଦିଏ। ବେଳେବେଳେ ଏମାନେ ତୀବ୍ର ଆବେଗିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଫଳରେ ଏମାନେ ନିଜକୁ ବହୁତ ନ୍ୟୂନ, ଅଯୋଗ୍ୟ ଏବଂ ଅପାଙ୍‌କ୍ତେୟ ଭାବନ୍ତି। କେହି କେହି ଏହି କାରଣରୁ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ। ନ ହେଲେ ଅବସାଦଗ୍ରସ୍ତ ହୋଇ ବହୁ ସମୟ କଟାନ୍ତି। ଏଥିପାଇଁ ଏହି ସମୟକୁ 'ମାନସିକ ଝଡ଼ର ସମୟ' ବୋଲି କୁହାଯାଏ। ଏମାନଙ୍କର ମାନସିକ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ମାଆବାପା ତଥା ଶିକ୍ଷୟିତ୍ରୀଶିକ୍ଷକମାନେ ଆଗେଇ ଆସିବା ଦରକାର।

ଚରମ୍ପା, ଭଦ୍ରକ, ମୋ- ୯୮୬୧୧୦୬୨୦୬

# ଅଳିଆଗଦାରେ ଭିନ୍ନକ୍ଷମଙ୍କ ଅଧିକାର



ନାରାୟଣ ଚନ୍ଦ୍ର ବିଶ୍ୱାଳ

ସମଗ୍ର ବିଶ୍ୱରେ ପ୍ରାୟ ୧କୋଟି ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ ଭଳି ସେମାନେ ସୁବିଧାସୁଯୋଗ ଉପଭୋଗ କରିପାରୁ ନାହାନ୍ତି। ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ଭାଗ ନେଇପାରୁନାହାନ୍ତି। ଏକ ସୁସ୍ଥ ଲୋକତନ୍ତ୍ରରେ ସମାଜରେ ଅସମାନତା ଦୂର କରିବାକୁ ହେଲେ ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ମିଳିବା ଆବଶ୍ୟକ। ସମସ୍ତ ପ୍ରକାର ବାଧାବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ଆଜିର ଦିନକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ଘୋଷଣା କରିଛି। ପ୍ରତିଟି ସରକାରୀ ଅଫିସରେ ର୍ୟାମ୍ପ ରହିବ। ଯେମିତି କୌଣସି ହୁଇଲ୍‌ଚେୟାର ଗଡ଼ିବାରେ କିଛି ଅସୁବିଧା ହେବନି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବ୍ୟାଙ୍କ, ପୋଷ୍ଟଅଫିସ ଭଳି ଯାବତୀୟ ସର୍ବସାଧାରଣ କାର୍ଯ୍ୟାଳୟ ପ୍ରତିବନ୍ଧକମୁକ୍ତ ହେବ, ଯେମିତି ଭିନ୍ନକ୍ଷମମାନେ କାର୍ଯ୍ୟାଳୟ ପରିସରରେ ଯାଆସ, ଚାଲବୁଲ କରିବାରେ କିଛି ସମସ୍ୟା ରହିବନି। ସରକାରୀ ଅଫିସ୍, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ରହିବ ଭିନ୍ନକ୍ଷମଙ୍କ ବ୍ୟବହାର ଉପଯୋଗୀ ସ୍ୱତନ୍ତ୍ର ପରିସ୍ରାଗାର, ଶୌଚାଳୟ। ବଡ଼ ଟ୍ରାଫିକ୍ ଛକମାନଙ୍କରେ ଦୃଷ୍ଟିହୀନଙ୍କ ପାଇଁ ଶୁଣାଯିବା ଭଳି ସିଗ୍‌ନାଲ ମଧ୍ୟ ବ୍ୟବହୃତ ହେବ। ଭିନ୍ନକ୍ଷମଙ୍କ ସୁବିଧା ପାଇଁ ଏସବୁ ବ୍ୟବସ୍ଥା କରାଯିବ। ସରକାରୀ ନିୟମ ଅନ୍ତତଃ ଏୟା କହୁଛି। ବାସ୍ତବତା କିନ୍ତୁ ସାଂଘାତିକ। ସଚିବାଳୟ ଓ ହାତଗଣତି ଆଉ କେତୋଟି ବଡ଼ ସରକାରୀ ଅଫିସ୍‌କୁ ଛାଡ଼ିଦେଲେ ବାକି କେଉଁଠି ର୍ୟାମ୍ପ ନାହିଁ କି କେଉଠି ପ୍ରତିବନ୍ଧକମୁକ୍ତ କ୍ୟାମ୍ପସ୍ ନାହିଁ। ସ୍ୱତନ୍ତ୍ର ଟଏଲେଟ୍ ଓ ଶ୍ରାବ୍ୟ-ଟ୍ରାଫିକ୍-ସିଗ୍‌ନାଲ ତ ଅନେକ ଦୂରର କଥା। ସରକାରୀ କଳ ପ୍ରତିବର୍ଷ ଡିସେମ୍ବର ୩କୁ ଔପଚାରିକ ଭାବେ ବିଶ୍ୱ ଭିନ୍ନକ୍ଷମ ଦିବସ ରୂପେ ପାଳୁଛି। ନାନା ପ୍ରତିଶ୍ରୁତି ଅଜାଡୁଛି। କାର୍ଯ୍ୟକାରିତା ବେଳକୁ କିନ୍ତୁ ସରକାର ପଛଘୁଞ୍ଚା ଦେଉଛନ୍ତି।

ଭିନ୍ନକ୍ଷମଙ୍କୁ ମିଳୁଥିବା ଭତ୍ତା ଆଜିଯାଏ ତିନିଅଙ୍କରୁ ଚାରି ଅଙ୍କକୁ ବି ଛୁଇଁପାରୁନି। ଅନେକ

## ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ

ରାଜ୍ୟ ଭିନ୍ନକ୍ଷମଙ୍କୁ ଅଧିକ ଭତ୍ତା ଓ ସୁବିଧା ଦେଲେଣି। ଓଡ଼ିଶା ସରକାରଙ୍କର ସେ ଦିଗକୁ ନିଘା ନାହିଁ। ଏହାଛଡ଼ା ସ୍ୱତନ୍ତ୍ର ଉପକରଣ, ଗାଡ଼ି, ଆତ୍ମନିଯୁକ୍ତି, ଋଣ, ଥଇଥାନ, ବୃତ୍ତିଗତ ତାଲିମ୍ ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଭଳି ସୁବିଧାମାନ ଅନେକ ସମୟରେ କାଗଜପତ୍ରରେ ସୀମିତ ରହିଯାଉଛି। ରାଜ୍ୟ ଭିନ୍ନକ୍ଷମ କମିଶନ୍ ଗଢ଼ାଯାଇଛି ସତ, ହେଲେ ସେଇଟି ପୂର୍ଣ୍ଣାଙ୍ଗ ଭାବେ କାମ କରୁନାହିଁ। କମିଶନ୍‌ଙ୍କ ଆଦେଶକୁ ସରକାର ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାବେଳେ କେତେକ ବିଭାଗ ଅସମ୍ମାନ କରି ଅଳିଆଗଦାରେ ଫିଙ୍ଗି ଦେଉଥିବା ମଧ୍ୟ ଅଭିଯୋଗ ଉଠୁଛି। ଭିନ୍ନକ୍ଷମମାନଙ୍କୁ ବିଶେଷ ଧରଣର ବୈଷୟିକ ପ୍ରଶିକ୍ଷଣ ଦେବା ପାଇଁ ସ୍ୱତନ୍ତ୍ର ଆଇଟିଆଇ ପ୍ରତିଷ୍ଠା କରାଯିବା କଥା କିଛିବର୍ଷ ତଳେ ଘୋଷଣା କରାଯାଇଥିଲା। ଏଯାଏ ତାହା ଘୋଷଣାରେ ସୀମିତ ହୋଇ ରହିଛି। କିଛି ଦିନ ତଳେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ହୋଟେଲ୍‌ଗୁଡ଼ିକରେ ର୍ୟାମ୍ପ ଲଗାଯିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବ ସେମିତି ପଡ଼ି ରହିଛି। ଭିନ୍ନକ୍ଷମଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମର ନକ୍ସା ଓ ନୀତି ନିର୍ଦ୍ଧାରଣ ନିମନ୍ତେ ଟାସ୍କଫୋର୍ସ ଗଠନ କରାଯିବାର ଯୋଜନା ବି କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି। ଅନେକ ସମୟରେ ବସ୍‌ମାନଙ୍କରେ ନିୟମାନୁଯାୟୀ ରିହାତି ଓ ସୁବିଧା ମିଳୁନାହିଁ। ସରକାର ରିହାତି ନିୟମ କରିଦେଇ ଚୁପ୍ ବସିଯାଇଛନ୍ତି। ତଦାରଖ ବି କରୁନାହାନ୍ତି। ଭିନ୍ନକ୍ଷମମାନଙ୍କୁ ଟଙ୍କିକିଆ ବିପିଏଲ୍ ଚାଉଳ ଯୋଗାଯିବାର ଯୋଜନାକୁ ମଧ୍ୟ ଏଯାଏ କାର୍ଯ୍ୟକାରୀ କରାଯାଇପାରି ନାହିଁ। ଭିନ୍ନକ୍ଷମ କୁହାଯାଉଥିବା ଏହି ଦିବ୍ୟାଙ୍ଗମାନେ ଆଦୌ ଅକ୍ଷମ ନୁହନ୍ତି ବା ପରିବାର, ସମାଜ ପ୍ରତି ବୋଝ ବି ନୁହନ୍ତି। ସେମାନଙ୍କର ଅନ୍ତର୍ନିହିତ ପ୍ରତିଭା ସମସ୍ତ ଅକ୍ଷମତାକୁ ଦୂରେଇ ଦେଉଛି। ଆଜି ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଆସନ୍ତୁ ଏମାନଙ୍କୁ ସ୍ନେହଶ୍ରଦ୍ଧାରୁ ବଞ୍ଚିତ ନ କରିବା ପାଇଁ ଶପଥ ନେବା। ଏ କାମ କେବଳ ସରକାର ବା ଏନ୍‌ଜିଓମାନଙ୍କର ନୁହେଁ ଏହା ସମସ୍ତଙ୍କର ଦାୟିତ୍ୱ।

ବାକ୍ ଶ୍ରବଣ ବିଶେଷଜ୍ଞ, ମୋ-୯୪୩୮୨୭୬୭୭୦

## ଆମ ସମସ୍ୟା

### ରାସ୍ତା ମରାମତି ତୁରନ୍ତ ହେଉ

ମହାଶୟ,

ଖୋର୍ଦ୍ଧା-ଗୁରୁଜଙ୍ଗ ମୁଖ୍ୟରାସ୍ତାର ଅବସ୍ଥା ଫାର୍ମଛକ ନିକଟରେ ଅତ୍ୟନ୍ତ ଶୋଚନୀୟ । ପୂର୍ବ ପାର୍ଶ୍ୱସ୍ଥ ଡ୍ରେନ୍‌ର କିଛି ଅଂଶ ପୋତିହୋଇ ପଡ଼ିବା ଫଳରେ ସମସ୍ତ ଆବର୍ଜନା ଜଳ ରାସ୍ତାର ମଧ୍ୟଭାଗରେ ପ୍ରବାହିତ ହେଉଛି। ଛୋଟ, ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ସାରା କଂକ୍ରିଟର ଆସ୍ତରଣ। ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳରେ ଭୟଙ୍କର ଟ୍ରାଫିକ୍ ସମସ୍ୟା। ପ୍ରଶାସନ ତୁରନ୍ତ ଏହି ରାସ୍ତାର ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ମାଳିସାହି ଛକ, ଖୋର୍ଦ୍ଧା

### ଡାକବାକ୍ସ ବଦଳାଯାଉ

ଭୁବନେଶ୍ୱର ଶୈଳଶ୍ରୀବିହାର ଡାକଘର ସମ୍ମୁଖରେ ଥିବା ଡାକବାକ୍ସଟିର ନିମ୍ନଭାଗ ଜଙ୍କ୍ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାଛଡ଼ା ବାକ୍ସର ଚାରିପଟେ ବହୁ ପରିମାଣର ଚିପ୍‌ସ ଗଦା ହୋଇଥିବାରୁ ସେଥିରେ ପାଦ ପଡ଼ିଲେ ପାଦ ଫସି ରହୁଛି। ଏହି ଚିପ୍ସ ଉପରେ କୁକୁର ମଳତ୍ୟାଗ କରିଥିବାରୁ ସ୍ଥାନଟି ଏଭଳି ପ୍ରଦୂଷିତ ହୋଇପଡ଼ିଛି ଯେ, ସେଥିରେ ପାଦ ପକାଇବାକୁ ଇଚ୍ଛା ହେଉନାହିଁ। ଏହି ବାକ୍ସ ବଦଳିବା ସହ ସ୍ଥାନଟି ବ୍ୟବହାର ଉପଯୋଗୀ କରାଯିବା ଆବଶ୍ୟକ। ମହାଡାକପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ଭାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବାଲ୍ୟ ବିବାହ ପରମ୍ପରାକୁ ନିଷିଦ୍ଧ ଘୋଷଣା କରାଯାଇଥିଲେ ହେଁ ଆମ ଦେଶର କେତେକ ସ୍ଥାନରେ ଏବେ ବି ଏହି ପ୍ରଥା ପ୍ରଚଳିତ। ଆଇନ ଦୃଷ୍ଟିରେ ଏହା ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ୍ ଓ ଜରିମାନା ଉଭୟ ଦଣ୍ଡରେ ଦଣ୍ଡିତ ହେବାକୁ ପଡେ। ବାଲ୍ୟ ବିବାହ ଚାଲିଥିବା ବେଳେ ଆଇନ ହାତରୁ ଖସିଯିବା ପାଇଁ କନ୍ୟାର ମା' ଅନ୍ୟ ଜଣେ ଯୁବକଙ୍କ ସହ ବାହାବେଦୀରେ ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନର ଜୟପୁରରେ। ଅପ୍ରାପ୍ତ ବୟସ୍କ ପ୍ରେମୀଯୁଗଳଙ୍କ ବାଲ୍ୟ ବିବାହ ପାଇଁ ଦୁଇ ପରିବାର ସହଯୋଗ କରିଥିଲେ। ୧୬ବର୍ଷ ବୟସ୍କା କନ୍ୟା ସହିତ ୨୦ବର୍ଷ ବୟସ୍କ ବରର ବାହାଘର ଆରମ୍ଭ ହୋଇଥିଲା। ତେବେ ଏହି ଖବର ଚାଇଲ୍ଡ ଲାଇନ୍‌ରେ ପହଞ୍ଚିଥିଲା। ଚାଇଲ୍ଡ ଲାଇନ୍ ପକ୍ଷରୁ ଅଭିଯୋଗ ହେବାପରେ ସ୍ଥାନୀୟ ପୋଲିସ ଚିତ୍ରଡୁଙ୍ଗରୀ ଗାଁରେ ପହଞ୍ଚିଥିଲା। କନ୍ୟା-ବରଙ୍କୁ ଗିରଫଦାରିରୁ ବଞ୍ଚାଇବା ପାଇଁ କନ୍ୟାଙ୍କ ମା' ଅନ୍ୟ ଜଣେ ଯୁବକଙ୍କ ସହିତ ବେଦୀରେ ବସିପଡିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ପ୍ରକୃତ କନ୍ୟା-ବରଙ୍କୁ ପାଇ ନ ଥିଲା। ପରେ ଦୁଇ ପରିବାର ସଦସ୍ୟଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଇଥିଲା। ଫଳରେ ସତକଥା ପଦାକୁ ଆସିଥିଲା।

### ଚିରନ୍ତନୀ

ଦେହର ତୃଷା ଯେବେ ପୀଡ଼ଇ
ରୂପର ମୋହ ପୁଣି ଭିଡ଼ଇ
ପୁରୁଷ ନାରୀ ହୋଇ ଜନମ ଲଭି ସହି
ଜୀବନ ଗୋଟା ଖାଲି ପୋଡ଼ଇ।
(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୩ ଡିସେମ୍ବର ୧୯୯୩

- ଲିବ୍ୟା ବିରୋଧରେ ଜାତିସଂଘ ନିରାପତ୍ତା ପରିଷଦର ନୂଆ ଅର୍ଥନୈତିକ କଟକଣା କାର୍ଯ୍ୟକାରୀ।
- ଚାଇନାର କେନ୍ଦ୍ରୀୟ ପ୍ରଦେଶ ହୁନାଂସ୍ଥିତ ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ୬୧ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୨୫-ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସି.କେ. ଜାଫର ସରିଫଙ୍କ ୮୫ ବର୍ଷ ବୟସରେ ପରଲୋକ।
୨୬- ସୁନୀଲ ଅରୋରା ନୂଆ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି।
୨୭- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍‌ର ୧୪ଶ ସଂସ୍କରଣ ଉଦ୍‌ଘାଟିତ ହୋଇଛି।
୨୮- ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ଦିବସରେ ଭାରତ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ପରାସ୍ତ କରିଛି।
୩୦- ବରିଷ୍ଠ ନେତା ଦିଲୀପ ରାୟ ଓ ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେଇଛନ୍ତି।




## ସଂକ୍ଷେପରେ

### କେନାଲରେ ପଡ଼ି ମହିଳା ମୃତ

**ସଜନାଗଡ଼, ୨।୧୨(ଡି.ଏନ.ଏ.):** ନୀଳଗିରି ବ୍ଲକ ଅନ୍ତର୍ଗତ ଭଉଁରୀଆବାଡ଼ ପଞ୍ଚାୟତ କୁମୁଡ଼ିହା ଗ୍ରାମରେ ଜଣେ ମହିଳା ଘାଗରା କେନାଲରେ ପାରି ହେବା ସମୟରେ ବୁଡ଼ି ଯାଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ନାମ କମଳା ସିଂ(୬୦)। ରବିବାର ସକାଳେ ସେ ଘାଗରା କେନାଲରେ ପାରି ହେଉଥିବା ବେଳେ ବୁଡ଼ି ଯାଇଥିଲେ। କେନାଲକୁ ମାଛ ଧରିବା ପାଇଁ ଯାଇଥିବା କେତେକ ଗ୍ରାମବାସୀ ସେଠାରେ ଜଣେ ମହିଳା ମୁହଁ ମାଡ଼ି କେନାଲରେ ଭାସୁଥିବା ଦେଖିବାକୁ ପାଇଥିଲେ। ଲୋକେ ସଙ୍ଗେ ସଙ୍ଗେ ଅଯୋଧା ଫାଣ୍ଡିକୁ ଖବର ଦେଇଥିଲେ। ଅଯୋଧା ଫାଣ୍ଡି ଅଧିକାରୀ ମନୋରଞ୍ଜନ ପୁହାଣ, ଆଇଆଇସି ନଳିତ ମୋଦି ଘଟଣାସ୍ଥଳରେ ପହଞ୍ଚିଥିଲେ। କେନାଲରେ ଭାସୁଥିବା ମହିଳାଙ୍କୁ ପାଣିରୁ କଢ଼ାଯିବା ପରେ ଗ୍ରାମବାସୀ ତାଙ୍କୁ ଚିହ୍ନଟ କରିଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ମୃତଦେହକୁ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ପରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୬/୧୮) ରୁଜୁ କରାଯାଇଛି।

### ଗଛକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ବାହାନଗା, ୨।୧୨(ଡି.ଏନ.ଏ.)- ଖନ୍ତାପଡା ପଞ୍ଚାୟତ ଅଞ୍ଚଳର ୨ ଯୁବକ ବାଇକ୍ ଯୋଗେ ସୋର ଯାଉଥିବା ବେଳେ ବାଟରେ ଏକ ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଶ୍ୟାମସୁନ୍ଦରପୁର ଗ୍ରାମର ପ୍ରଦୀପ ବାରିକ(୨୦)। ଆହତ ହେଲେ ରାଉଳଖୁଣ୍ଟା ଗ୍ରାମର ବିଶ୍ୱଜିତ ନାୟକ। ଉଭୟ ଘରୁ ସୋରରେ ଟ୍ରେନ ଧରିବା ପାଇଁ ବାଇକ୍‌ରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖନ୍ତାପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ହସ୍ପିଟାଲକୁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଡିସେମ୍ବର ୨୦ ପରିବର୍ତ୍ତେ ୧୭ରୁ ଆରମ୍ଭ ଜିଲା କ୍ରୀଡ଼ା ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୨।୧୨:** ବାଲେଶ୍ୱର ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୨୦ ଓ ୨୧ ତାରିଖରେ ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ହେବାକୁ ଥିବା ୭୫ତମ ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ହେବାର ଥିଲା। କେତେକ ଅନିର୍ବାର୍ଯ୍ୟ କାରଣ ହେତୁ ଉପରୋକ୍ତ ତାରିଖ ପରିବର୍ତ୍ତେ ଆସନ୍ତା ଡିସେମ୍ବର ୧୭ ଓ ୧୮ ତାରିଖ ଦୁଇଦିନ ଧରି ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ହେବ ବୋଲି ଆସୋସିଏଶନ ସାଧାରଣ ସମ୍ପାଦକ ଅଧିପ ଦାସ ଏକ ପ୍ରେସ୍ ବିଜ୍ଞପ୍ତି ଯୋଗେ ଜଣାଇଛନ୍ତି। କ୍ରୀଡ଼ାବିତ୍‌ମାନେ ସବିଶେଷ ବିବରଣୀ ନିମନ୍ତେ ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ ଓ ସଞ୍ଜୟ ଲେଙ୍କାଙ୍କ ସହିତ ଯୋଗାଯୋଗ କରିବାକୁ ଆସୋସିଏଶନ ସାଧାରଣ ସମ୍ପାଦକ ଅଧିପ ଦାସ ଜଣାଇଛନ୍ତି।

### ୯ରେ ହିନ୍ଦୁ ସମାବେଶ

**ବାଲେଶ୍ୱର ଅଫିସ, ୨।୧୨:** ଆସନ୍ତା ୯ ତାରିଖ ବାଲେଶ୍ୱର ଆଇଟିଆ ପଡ଼ିଆରେ ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୫୦ହଜାର ହିନ୍ଦୁ ଯୋଗ ଦେବେ ବୋଲି ଏକ ପ୍ରେସ୍ ବିବୃତିରେ ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ଶାଖା ସଭାପତି ଅରବିନ୍ଦ ବାରିକ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱରର ହଜାର ହଜାର ରାମଭକ୍ତ ଯୋଗଦେବେ।

# ସେ ଥିଲେ ଭାରତ ମୁକ୍ତି ସଂଗ୍ରାମର ସାରଥି

- ଉପେନ୍ଦ୍ର ନାଥ ବେହେରାଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ
- 'ସ୍ମୃତିରେ ସ୍ମୃତିରେ ଉପେନ୍ଦ୍ର' ଉନ୍ମୋଚିତ



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

**ରୂପ୍‌ସା, ୨।୧୨(ଡି.ଏନ.ଏ.)**

ସ୍ୱାଧୀନତା ସଂଗ୍ରାମୀ ଉପେନ୍ଦ୍ର ନାଥ ବେହେରା ଥିଲେ ଭାରତ ମୁକ୍ତି ସଂଗ୍ରାମର ସାରଥି। ସେ ଜଣେ ସ୍ୱାଧୀନଚେତା ଓ ସ୍ୱାଭିମାନୀ ବ୍ୟକ୍ତି ଥିଲେ। ଦେଶରୁ ଇଂରେଜମାନଙ୍କୁ ତଡ଼ିବା ପାଇଁ ସେ ପରିବାରର ମୋହ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ ଶ୍ରଦ୍ଧାକୁ ଭୁଲି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ଆୟୋଜିତ ସ୍ମୃତି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ଆଗମୌଜା ଗ୍ରାମରେ ରବିବାର ଉପେନ୍ଦ୍ର ନାଥ ବେହେରାଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ବେହେରା ସ୍ମୃତି କମିଟି ସଭାପତି ବିଧାନ ରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଡ. ହରିଶ୍ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଇଂ. ଲକ୍ଷ୍ମୀକାନ୍ତ ସରକାର ଓ ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ଅପର୍ଣ୍ଣା ମହାପାତ୍ର, ରାମଚନ୍ଦ୍ର ସାହୁ, ବିଭାସ ରାୟ, ସୁରଜିତ ପୃଥାଳ, ସନାତନ ଦାସ, ଭଗବାନ ମହାପାତ୍ର, ଜୟନାରାୟଣ ବେହେରା ଓ ନବୀନ କୁମାର ପରିଡ଼ା ପ୍ରମୁଖ ମଞ୍ଚାସୀନ ହୋଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନାଦର୍ଶ ଓ ଜେଲ ଜୀବନର ସ୍ମୃତି ରୋମନ୍ଥନ କରିଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ବ୍ୟତୀତ ଡ. ହରେକୃଷ୍ଣ ମହତାବ, ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ମୋହନ ଦାସ, ପ୍ୟାରୀମୋହନ ଦାସଙ୍କ ପ୍ରତି ସର୍ବଦା ଅନୁରକ୍ତ ଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ 'ସ୍ମୃତିରେ ସ୍ମୃତିରେ ଉପେନ୍ଦ୍ର' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ, ସାମାଜିକ କର୍ମୀଙ୍କ ସମେତ ସ୍ୱର୍ଗତ ବେହେରାଙ୍କ ସହଧର୍ମିଣୀ ଗୁଲିଆ ବେହେରା, ପୁତ୍ରବଧୂ ଲକ୍ଷ୍ମୀମଣି ବେହେରା, ଝିଅଜ୍ୱାଇଁ, ନାତୁଣୀ ନାତି ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।


କର୍ମଶାଳାରେ ବିଦ୍ୟୁତ୍ ଆଇନ୍ ସମ୍ପର୍କରେ ସଚେତନ କରାଯାଉଛି।

## ବିଦ୍ୟୁତ୍ ଆଇନ୍ ସମ୍ପର୍କରେ ସମୀକ୍ଷା

**ସିମୁଳିଆ, ୨।୧୨(ଡି.ଏନ.ଏ.)**

ଉପଭୋକ୍ତାମାନଙ୍କ ମଧ୍ୟରେ ବିଦ୍ୟୁତ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ସିମୁଳିଆ ବ୍ଲକ ଅଧୀନ ଅସ୍ତିଆ ଅଞ୍ଚଳରେ ବିଦ୍ୟୁତ୍ ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ, ବାସୁଦେବପୁର, ପୀରହାଟ, ବାଲେଶ୍ୱର, ଭୋଗରାଇ ଆଦି ଅଞ୍ଚଳରୁ ଆଇନ ସଚେତକମାନେ ଯୋଗଦେଇଥିଲେ। ବିତର୍କ ମାଧ୍ୟମରେ ବିଦ୍ୟୁତ ଆଇନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ପ୍ରାକ୍ତନ ଶିକ୍ଷକ ନିର୍ମଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସୋର ଅଞ୍ଚଳର ଆଇନ ସଚେତକ ବିଜୟ କୁମାର କର ନେସ୍କୋ, ପ୍ରଶାନ୍ତ କୁମାର ପଣ୍ଡା ଓଇଆର୍‌ସି, ବାଲେଶ୍ୱର ଅଞ୍ଚଳର ରାମେଶ୍ୱର ପଣ୍ଡା ଓ ସିମୁଳିଆର ସୁଧାକର ଦାଶ ଓଡ଼ିଶା ସରକାର ରୂପେ ବିତର୍କରେ ଭାଗନେଇ ଉପଭୋକ୍ତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଇନ ସଚେତକ ନୀଳାମ୍ବର ମିଶ୍ର, ଭାଗିରଥି ବାରିକ, ଉତ୍ତମ କୁମାର ପାଣିଗ୍ରାହୀ, ଗୋପାଳ ମହଲା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, କଟକ ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ତଥା ସାମାଜିକ କର୍ମୀ ସ୍ୱର୍ଗତଃ କେଦାରନାଥ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳର ଗୋପବନ୍ଧୁ ଖାଉଟି ସଙ୍ଗଠନ, ବୀଣାପାଣି ଖାଉଟି ସଙ୍ଗଠନ ଓ ଉପଭୋକ୍ତା ମହାସଂଘ ଆନୁକୂଲ୍ୟରେ ପ୍ରତ୍ୟେକ ମାସ ପ୍ରଥମ ରବିବାରରେ ବିଭିନ୍ନ ଅଞ୍ଚଳରେ ସଚେତନାତ୍ମକ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ୧୫ନଂ. ୱାର୍ଡସଭ୍ୟ ଉପନିର୍ବାଚନ: ସମ୍ମାନ ପାଇଁ ଚାଲିଛି ବଳକଷା

**ଖଇରା, ୨।୧୨(ଡି.ଏନ.ଏ.)**

ଖଇରା ବ୍ଲକ ସୁଣ୍ଡିରାଗଣ୍ଡିବେଡ ପଞ୍ଚାୟତ ଅଧୀନ ୧୫ନମ୍ବର ୱାର୍ଡ ପୂର୍ବପଡା ଗ୍ରାମରେ ଆସନ୍ତା ୬ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥପାଇଁ ୨ ପ୍ରମୁଖ ଦଳ ବିଜେଡି ଓ ଭାଜପା ମଧ୍ୟରେ ବଳକଷା ଆରମ୍ଭ ହୋଇଯାଇଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଭରତ ଶିଅଳ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ଝରଣା ଶିଅଳ ଅଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ହେଉଥିବା ଏହି ଉପନିର୍ବାଚନ ଉଭୟ ଦଳ ପାଇଁ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି। ମୋଟ ୨୮୩ ଭୋଟର ଏହି ୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।


ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ନୃତ୍ୟଗୀତରେ ଦୁଲୁକିଲା ଖଇରା ହାଇସ୍କୁଲ କ୍ୟାମ୍ପସ

**ଖଇରା, ୨।୧୨(ଡି.ଏନ.ଏ.)**

### ପ୍ରତିଭା ପ୍ରତିଯୋଗିତା

ଖଇରା ବ୍ଲକର ଅଗ୍ରଣୀ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ଆନୁକୂଲ୍ୟରେ ଖଇରା ଜୋନସ୍ତରୀୟ ନୃତ୍ୟ, ଗୀତ, ଓଡ଼ିଆ ପ୍ରବନ୍ଧ, କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଶନିବାର ସ୍ଥାନୀୟ ଖଇରା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ସଭାପତି ଚିନ୍ତାମଣି ସାହାଣି ଆଗାମୀ ୧୬ତାରିଖରେ ଖଇରା କଲେଜରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ସେହିଭଳି ସମ୍ପାଦକ ପ୍ରଫେସର ଉମେଶ ନାୟକ ମୁଖପତ୍ର ପ୍ରତିଭା ପାଇଁ ୫ତାରିଖ ସୁଦ୍ଧା ଲେଖା ପଠାଇବା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ପରେ ଜୋନସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ଏଥିମଧ୍ୟରେ ସାଇସ୍ମିତା ପୃଷ୍ଟି, ଚିନ୍ମୟୀ ନାୟକ, ସୌମ୍ୟସିଦ୍ଧାର୍ଥ ଗାହାଣ, ବର୍ଷା ପ୍ରିୟଦର୍ଶନୀ ବେହେରା, ଶୁଭଲକ୍ଷ୍ମୀ ସାହୁ, ସୁଶ୍ରୀ ବବିତା ଗୁପ୍ତା, ସୁଶ୍ରୀ ସଙ୍ଗୀତା ପଣ୍ଡା, ପ୍ରିୟାଂଶୀ ମହାପାତ୍ର, ଗୌରୀ ପ୍ରସାଦ ପାଣି, ଶୁଭଶ୍ରୀ ଲେଙ୍କା, ପ୍ରିୟବ୍ରତ ଜେନା, ତୁଳସୀ ତିରିଆ, ଜ୍ଞାନରଞ୍ଜନ ଲେଙ୍କା, କ୍ଷିରାବ୍ଧୀତନୟା ପେଡା, ସରଗମ ସତ୍ୟବ୍ରତ ସାହୁ, ଗାୟତ୍ରୀ କଳାପାହାଡ, ଶ୍ରେୟାଂଶୀ ବାରିକ ପ୍ରମୁଖ ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ପ୍ରତିଭା ପରିବାରର ସମସ୍ତ ସଦସ୍ୟ ତଥା ଖଇରା ହାଇସ୍କୁଲର ସମସ୍ତ ଷ୍ଟାଫ୍ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)

**ତା.୧୦.୧୨.୨୦୧୮ରିଖରେ ଅନୁଷ୍ଠିତ ହେବାକୁଥିବା ମେଗା ଇ-ନିଲାମ ନିମନ୍ତେ ପ୍ରସ୍ତାବିତ ସମ୍ପତ୍ତିଗୁଡିକର ସଂଖ୍ୟା**

| ଶାଖାର ନାମ | ସମ୍ପତ୍ତିର ପ୍ରକାର | | | |
|---|---|---|---|---|
| | ବାସୋପଯୋଗୀ | ବାଣିଜ୍ୟିକ | ଶିଳ୍ପଭିତ୍ତିକ | ମୋଟ |
| ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଭୁବନେଶ୍ୱର | ୫ | ୧ | ୧୩ | ୧୯ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭୁବନେଶ୍ୱର | ୮ | ୦ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭଦ୍ରକ | ୨ | ୦ | ୦ | ୨ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), କଟକ | ୭ | ୧ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ସମ୍ବଲପୁର | ୨ | ୦ | ୩ | ୫ |
| ମୋଟ | ୨୪ | ୨ | ୧୬ | ୪୨ |

ତାରିଖ : ୦୧.୧୨.୨୦୧୮, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ସଂକ୍ଷେପରେ

### ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ଘରୁ ଚୋରି

ବନ୍ତ, ୨।୧୨ (ଡି.ଏନ୍.ଏ.)- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ମହାନ୍ତିପଡା ଗ୍ରାମର ଭାଗବତ ପଣ୍ଡାଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ରବିବାର ଆଗରପଡ଼ା ଥାନାରେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରିଥିଲେ। କେହି ଦୁର୍ବୃତ୍ତ ଭାଗବତ ପଣ୍ଡାଙ୍କ ଘର ଝରକା ଗ୍ରିଲ୍ ଭାଙ୍ଗି ଘରେ ପଶି ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଚେନ୍ ଛିଡ଼ାଇଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ନିଦରୁ ଉଠିପଡ଼ି ଚେନ୍‌କୁ ଧରି ନେଇଥିଲେ। ଦୁର୍ବୃତ୍ତ ଚେନ୍‌ର ଅଧା ଛିଡ଼ାଇ ନେଇ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

### 'ଓଡ଼ିଶାର ଅନ୍ୟ ଜଣେ ଭୀମ ଭୋଇ' ଉନ୍ମୋଚିତ

ବାସୁଦେବପୁର, ୨।୧୨ (ଡି.ଏନ୍.ଏ.)- ଅନ୍ତର୍ଦୃଷ୍ଟି ଉନ୍ମୁକ୍ତ ରହିଲେ ମଣିଷ ମନରେ ଚେତନା ଜାଗ୍ରତ ହୋଇଥାଏ। ଏଭଳି ଚେତନା ଓ ସାରସ୍ୱତ କୃତି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଲିଖିତ ସନ୍ଥ ସାହିତ୍ୟ ପୁସ୍ତକ 'ଓଡ଼ିଶାର ଅନ୍ୟ ଜଣେ ଭୀମଭୋଇ' ପୁସ୍ତିକା ଉନ୍ମୋଚନ ଅବସରରେ ଅତିଥି ଓ ବକ୍ତା କହିଥିଲେ। ବାସୁଦେବପୁରର ବେତଡାସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାଧାପକ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା, ଯାତ୍ରା ଗବେଷକ ପଦ୍ମଲୋଚନ ମହାକୁଡ, ପୂର୍ବତନ ପ୍ରାଧାପକ କୀର୍ତ୍ତନ ବିହାରୀ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି ଯୋଗ ଦେଇଥିଲେ। 'ଓଡ଼ିଶାର ଅନ୍ୟ ଜଣେ ଭୀମ ଭୋଇ' ପୁସ୍ତିକା ଉନ୍ମୋଚିତ ହେବା ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଅକ୍ଷୟଙ୍କ ସ୍ମୃତିରେ ସଙ୍ଗୀତ ମୂର୍ଚ୍ଛନା

- ୩ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସାମିଲ
- ୧୫ରେ ଅକ୍ଷୟ ଆଇଡ଼ଲ

ବାଲେଶ୍ୱର ଅଫିସ, ୨।୧୨

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ପରିସରରେ ରବିବାର ପୂର୍ବାହ୍ନରେ ସପ୍ତଦଶ ଅକ୍ଷୟ ଉତ୍ସବ ଉପଲକ୍ଷେ 'ସ୍ମୃତିରେ ଆମ ଅକ୍ଷୟ' ପରିବାର ପକ୍ଷରୁ ଅନୁଷ୍ଠିତ ହୋଇଛି 'ଅକ୍ଷୟ ସଙ୍ଗୀତ' ପ୍ରତିଯୋଗିତା। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇଛନ୍ତି।

ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି 'ସ୍ମୃତିରେ ଆମ ଅକ୍ଷୟ' ପରିବାରର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଆ ସଙ୍ଗୀତର ମୁକୁଟ ବିହୀନ ସମ୍ରାଟ ଅକ୍ଷୟ ମହାନ୍ତିଙ୍କ ସ୍ୱର ସଦାସର୍ବଦା ପ୍ରତିଟି ଓଡ଼ିଆଙ୍କ ଛାତିରେ ସ୍ପନ୍ଦନ ସୃଷ୍ଟି କରିଚାଲିଛି। ଏହାକୁ ଉଜ୍ଜୀବିତ ରଖିବା ସହିତ ଏହି ମହାନ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଉତ୍ତରପିଢ଼ିଙ୍କୁ ଅବଗତ କରିବାରେ ଏହି କାର୍ଯ୍ୟକ୍ରମ ଉଦାହରଣ ବୋଲି ମତ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଖବରଦାତା ବିପ୍ଳବ କୁମାର ମହାନ୍ତି ଯୋଗଦେଇଥିଲେ। 'ସ୍ମୃତିରେ ଆମ ଅକ୍ଷୟ' ପରିବାରର ମୁଖ୍ୟ ଉପଦେଷ୍ଟା କବି ପ୍ରଶାନ୍ତ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ଡା. ଶାନ୍ତନୁ କୁମାର ଦାସ, ସମ୍ପାଦକ ରାଜେଶ ଗିରି, ଉପଦେଷ୍ଟା ଆତ୍ମାରାମ ମହାପାତ୍ର ଓ ସତ୍ୟଶିବ ଦାସ, ଶଶୀରଞ୍ଜନ ମଲ୍ଲିକ, ମୁରଲୀଧର ନାୟକ, ପର୍ଶୁରାମ ପ୍ରଧାନ,


ଅକ୍ଷୟ ସଙ୍ଗୀତ ପ୍ରତିଯୋଗିତାରେ ଅତିଥିଗଣ।

ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ସବ୍‌ଜୁନିଅର, ଜୁନିଅର ଏବଂ ସିନିଅର ବିଭାଗରେ ୩ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସନ୍ତୋଷ ଦାସ, ବିକର୍ତ୍ତନ ନାୟକ, ବାଦଲ କୁମାର ପାତ୍ର, ପ୍ରମୋଦ କୁମାର ଦାସ, ସୁରେଶ ଚନ୍ଦ୍ର ଜେନା, ବନମାଳୀ ଜେନା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଆସନ୍ତା ୧୫ ତାରିଖରେ ସପ୍ତଦଶ ଅକ୍ଷୟ ଉତ୍ସବର ମେଗା ଫାଇନାଲ ସହିତ ଅକ୍ଷୟ ଆଇଡ଼ଲ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଙ୍ଗଠନର ସମ୍ପାଦକ ଗିରି ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚଢ଼ାଠଉଁ ସମ୍ପତ୍ତି ନାହିଁ**
**ଘର ପୋଡ଼ିଠଉଁ ବିପତ୍ତି ନାହିଁ।**

ଆଗକାଳରେ ରାଜା ମହାରାଜାମାନେ ହାତୀ ପିଠିରେ ବସି ନଅର ବିଜେ କରୁଥିଲେ। ହାତୀ ଚଢ଼ିବା ଅଗ୍ରଗତିର ପ୍ରତୀକ ବା ସମ୍ଭ୍ରାନ୍ତ ବ୍ୟକ୍ତିର ଲକ୍ଷଣ ହୋଇଥାଏ। ସେହିପରି ଘର ପୋଡ଼ିଯିବା ସର୍ବନାଶର କାରଣ ପାଲଟି ଥାଏ। ଘରପୋଡ଼ିଯିବା ସବୁଠାରୁ ବଡ଼ ବିପତ୍ତି ବା ବିପର୍ଯ୍ୟୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଡି ବାଇଦ କୋଶେ,**
**ତୁଣ୍ଡ ବାଇଦ ସହସ୍ର କୋଶେ।**

ଯେ କୌଣସି ବାଦ୍ୟର ଶବ୍ଦ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ପରିସୀମା ମଧ୍ୟରେ ସୀମିତ ରହିଥାଏ। ପରନ୍ତୁ କାନଶୁଣା କଥା ବା କାନକୁହା କଥା ଜଣଙ୍କ ମୁହଁରୁ ଅନ୍ୟଜଣଙ୍କ ମୁହଁକୁ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ଉକ୍ତ କଥାଟିର ସତ୍ୟତା ନ ଥିଲେ ମଧ୍ୟ ଏହା ହିଁ ପ୍ରକୃତ ସତ୍ୟଭାବେ ଧରି ନିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗୀତା ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଭଦ୍ରକ ଅଫିସ, ୨।୧୨

ଭଦ୍ରକ ଛପୁଲିଆସ୍ଥିତ ଶ୍ରୀ ଗୀତା ଭବନ ଆନୁକୂଲ୍ୟରେ ଗୀତା ଜୟନ୍ତୀ ଉପଲକ୍ଷେ ଗୀତା କୁଇଜ୍ ଓ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସହରର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଦେବବ୍ରତ ଦାସ ବ୍ରହ୍ମଚାରୀ, ଡ. ମୁରଲୀଧର ଶତପଥୀ ଓ ଗୀତା ଭବନର ପ୍ରତିଷ୍ଠାତା ଡା. ପୂର୍ଣ୍ଣଚନ୍ଦ୍ର ଦାସ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀ ଚିହ୍ନଟ କରାଯାଇଛି। ଆସନ୍ତା ୨୦ ତାରିଖରେ ଗୀତା ଜୟନ୍ତୀ ଉତ୍ସବରେ ସେମାନଙ୍କୁ ପୁରସ୍କାର ବିତରଣ କରାଯିବ। ମଦନ ନାୟକ, ଆରତି ମହାନ୍ତି, ଗିରୀଶ ମିଶ୍ର, ରଶ୍ମିରଞ୍ଜନ ସାହୁ,


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ମନୋରଞ୍ଜନ ଦାସ ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୀତା ଜୟନ୍ତୀ କମିଟି ସଭାପତି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ରାଶନ କାର୍ଡ ବଣ୍ଟନ

ବନ୍ତ, ୨।୧୨ (ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ହେମପଦ୍ମ ଗାଲାକ୍ସି ପରିସରରେ ଜୋନସ୍ତରୀୟ ରାଶନ କାର୍ଡ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ବନ୍ତ ଜୋନ୍ ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ଗୋପୀନାଥପୁର ସରପଞ୍ଚ ଅଶୋକକୁମାର ଦାସ, ବିଟିପୁର ସମିତିସଭ୍ୟ ଭିକ୍ଷେଶ୍ୱର ଦାସ, ପୁରୁଷଣ୍ଡ ନାଏବ ସରପଞ୍ଚ ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ନୂତନ ହିତାଧିକାରୀଙ୍କୁ ରଶନ କାର୍ଡ ପ୍ରଦାନ କରିଥିଲେ। ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପକ୍କାଘର: ହିତାଧିକାରୀ ଚୟନରେ ଅନିୟମିତତା

ହାଟଡ଼ିହୀ, ୨।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହି ବ୍ଲକର ୯ ପଞ୍ଚାୟତକୁ ବିଜୁ ପକ୍କା ଘର ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୬୫୦୦ ଗୃହ ମଞ୍ଜୁର ହୋଇଥିଲା । ଏହି ଘର ଯୋଗାଣ ଲାଗି ହିତାଧିକାରୀ ଚୟନରେ ବହୁ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି କି ଘର ଯୋଗାଇ ଦେବା ଲାଗି ୨ରୁ ୫ହଜାର ଟଙ୍କା ଲେଖାଏ ହିତାଧିକାରୀଙ୍କଠାରୁ ଆଦାୟ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନେକ ସ୍ୱଚ୍ଛଳ ପରିବାର ଘର ହାତେଇ ନେଇଥିବା ବେଳେ ପ୍ରକୃତ ହତାଧିକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲେ ବି ପ୍ରଶାସନ ପକ୍ଷରୁ ଏଯାଏ ଏହାର ତଦନ୍ତ ହୋଇ ନାହିଁ। ଅନ୍ୟପକ୍ଷେ ନିର୍ମାଣ କାର୍ଯ୍ୟରେ ମନ୍ଥରତା ଚିନ୍ତା ବଢାଇଛି। ମଞ୍ଜୁରୀ ମିଳିଥିବା ମୋଟ ୬୫୦୦ ଘର ମଧ୍ୟରୁ ୪୫୧୮ଟି ଗୃହ ସଂପୂର୍ଣ୍ଣ ହୋଇଛି। ୭୭୨ ହିତାଧିକାରୀ ଛାତ ପକାଇବା ପର୍ଯ୍ୟନ୍ତ କାନ୍ଥ ନିର୍ମାଣ କରିଛନ୍ତି। ୬୯୧ ଜଣଙ୍କର କାମ ମୂଳଦୁଆରେ ଅଟକି ରହିଛି। ୩୯୩ ଟି ଘର ନିର୍ମାଣ କାମ ଆଦୌ ଆରମ୍ଭ ହୋଇ ନ ଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ନେତ ଉଡ଼ାଣ ଉତ୍ସବ ପ୍ରସ୍ତୁତି

ଭଦ୍ରକ ଅଫିସ, ୨।୧୨

ଭଦ୍ରକ ଶ୍ରୀ ବାଲଗୋପାଲ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ନେତ ଉଡ଼ାଣ ଉତ୍ସବ ଲାଗି ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଅଧ୍ୟକ୍ଷତା କରିଥିଲେ। ସମିତିର ମୁଖପତ୍ର 'ନୀଳକନ୍ଦର' ପ୍ରକାଶନ, ନେତ ଉଡ଼ାଣ ଉତ୍ସବ ପାଇଁ ଅତିଥି ଚୟନ ଓ ଉତ୍ସବର ଆନୁମାନିକ ବ୍ୟୟ ଅଟକଳ, ସଂକୀର୍ତ୍ତନ ମଣ୍ଡଳୀର ପଦଯାତ୍ରା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସମିତିର ମୁଖ୍ୟ ଆବାହକ ଶରତ ସାହୁ ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ଚରମ୍ପାସ୍ଥିତ ଉଗରାସାହି ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବାର୍ଷିକ ନେତ ଉତ୍ସବ ଜାନୁୟାରୀ ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ପ୍ରଶଂସିତ ହେଲା ବିଜ୍ଞାନ ସନ୍ଦର୍ଭ

ପାଟଣା, ୨।୧୨(ସ୍ୱ.ପ୍ର.)

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ଜାତୀୟ କବି ଜ୍ଞାନ ସମ୍ମିଳନୀ -୨୦୧୮ ଭୁବନେଶ୍ୱର ସ୍ଥିତ କ୍ଷେତ୍ରୀୟ ଶିକ୍ଷା ସଂସ୍ଥାନ ପରିସରରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମଗ୍ର ଦେଶରୁ ମୋଟ ୫୯ଟି ଉଚ୍ଚକୋଟୀର ବିଜ୍ଞାନ ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା। କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସୁଆମ ଶାସନର ଅବସର ପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ ପ୍ରହଲ୍ଲାଦ ଦାଶଙ୍କ କନ୍ୟା ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଦାଶ 'ଆଧାମିକ ସ୍ତରରେ ବିଜ୍ଞାନ ଶିକ୍ଷାରେ କମ୍ପ୍ୟୁଟର ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ର ପ୍ରୟୋଗ"ଶୀର୍ଷକ ସନ୍ଦର୍ଭ ଏଥିରେ ଉପସ୍ଥାପନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ବର୍ତ୍ତମାନ ଯାଜପୁର ଜିଲା ବଡ଼ଚଣା ବାଳିକା ଉଚ୍ଚ ବିଦ୍ୟାଳୟ ରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିକ୍ଷା ସଂସ୍ଥାନ ଭୁବନେଶ୍ୱରର ଅଧକ୍ଷ ପ୍ରଫେସର ପି ସି ଅଗ୍ରୱାଲାଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ମୁମ୍ବାଇର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ଼ଃ, ହେମାଚନ୍ଦ୍ର ସି ପ୍ରଧାନ ଯୋଗଦେଇଥିଲେ।

## ହଦଗଡ଼ ଡ୍ୟାମ୍ ସୁରକ୍ଷା ବାଡ଼ା ଦୁର୍ବଳ: ଦୁର୍ଘଟଣା ଆଶଙ୍କା

ହାଟଡ଼ିହୀ, ୨।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସାଲନ୍ଦୀ ହଦଗଡ଼ ଡ୍ୟାମର ସୁରକ୍ଷା ପାଚେରି ଦୁର୍ବଳ ହୋଇ ଅସୁରକ୍ଷିତ ଅବସ୍ଥାରେ ଥିଲେ ମଧ୍ୟ ଏହାର ମରାମତି କରାଯାଉ ନାହିଁ। ଡ୍ୟାମର ସୁରକ୍ଷା ବାଡ଼ା ମଧ୍ୟ ଅନେକ ଜାଗାରେ ଭାଙ୍ଗିରୁଜି ଯାଇଛି। ବନ୍ଧ ଉପରେ ଥିବା କେତେକ ଲାଇଟ୍ ଷ୍ଟାଣ୍ଡ ମୂଳ ଖାଇ ବଙ୍କା ହୋଇ ଗଲାଣି। ଦୈନିକ ଶହ ଶହ ଲୋକ ଏହି ଡ୍ୟାମ ଦେଖିବାକୁ ଆସୁଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ଏହାକୁ ମରାମତି ନ କରିବା ବିଡମ୍ବନାର କାରଣ ହୋଇଛି। ଜିଲାପରିଷଦ ସଦସ୍ୟ ଟିକୁ କିସ୍କୁ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ସରପଞ୍ଚ ଅଶୋକ ଜେନା, ସମିତି ସଭ୍ୟ ବିବେକାନନ୍ଦ ରାଉତ ପ୍ରମୁଖ ଏହି ଅଭିଯୋଗ କରି କହିଛନ୍ତି ଯେ, ପ୍ରତିବର୍ଷ ଶୀତ ଋତୁରେ ଡିସେମ୍ବର ଠାରୁ ଫେବୃୟାରୀ ପର୍ଯ୍ୟନ୍ତ ଏଠାକୁ ଅନେକ ପର୍ଯ୍ୟଟକ ବଣଭୋଜି କରିବାକୁ ଆସି ଡ୍ୟାମ ବୁଲି ଦେଖିଥାନ୍ତି । ସୁରକ୍ଷା ବାଡ଼ା ଦୁର୍ବଳ ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସ୍ଥାୟୀ ମରାମତି କରିବାକୁ ସେମାନେ ଦାବି କରିଛନ୍ତି।

## ଭାଗ ନେଲେ ୯୦ ଯୁବତୀ ଯୁବକ

ତିହିଡ଼ି, ୨।୧୨ (ଡି.ଏନ୍.ଏ.)

ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଡିଆଁବାଂଶରିଆ ଗ୍ରାମର ଧବଳେଶ୍ୱର ମନ୍ଦିର ପରିସରରେ ବିଜୁ ଯୁବବାହିନୀ ପକ୍ଷରୁ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗୀତ, ନୃତ୍ୟ, ରଙ୍ଗୋଲି, ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତାରେ ୯୦ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ସଭାରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଶାନ୍ତ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ମୁଖ୍ୟଅତିଥି ଏବଂ ରାଜନଗର ସରପଞ୍ଚ ସନାତନ ବାରିକ, ଶିକ୍ଷାବିତ୍ ସନାତନ ପାଢ଼ୀ, ଯୁବବାହିନୀ ବ୍ଲକ ସଂଯୋଜକ ପ୍ରଶାନ୍ତ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବବାହିନୀ ସଭାପତି ତାପସ ରଞ୍ଜନ ନାୟକ, ସମ୍ପାଦକ ଅଭିମନ୍ୟୁ ରାଉତ, ଅଜୟ ରାଉତ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286 7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385,
9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟରର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ୪ ବଖରା ଜଳିଗଲା

**ଆରଡି, ୨।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ପାଲଟପୁର ଗାଁରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ନବକିଶୋର ଭୋଇ, କୁଶାସନ ଭୋଇ, ଦର୍ପଭଞ୍ଜନ ଭୋଇ ଓ ଜ୍ଞାନରଞ୍ଜନ ଭୋଇଙ୍କର ୪ ବଖରା ଘର ଜଳିଯାଇଛି। ଗ୍ରାମବାସୀ ଓ ଧାମନଗର ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସେମାନଙ୍କ ଘରେ ଥିବା ବହୁ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ଚାନ୍ଦବାଲି ଜୋନ୍ ଜିଲା ପରିଷଦ ସଭ୍ୟା ମମତା ମାଝୀ, ନାନ୍ଦପୁର ସମିତିସଭ୍ୟ ସ୍ୱଦେଶ ପଣ୍ଡା ପ୍ରମୁଖ ପାଲଟପୁର ଯାଇ ଅଗ୍ନିବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସନ୍ଧ୍ୟାରେ ଆରଡି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ ପହଞ୍ଚି ତଦନ୍ତ କରିଛନ୍ତି।

### ପାଣି ପାଇପ୍ ବିକ୍ରି ଅଭିଯୋଗ: ୨ ଗିରଫ

**ତିହିଡ଼ି, ୨।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରୁ ପାଣି ପାଇପ୍ ବିକ୍ରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଂଶଡ଼ା ଥାନା ଅଧୀନ କୁଦକାଣ୍ଡି ଗ୍ରାମର ସେକ୍ ଇସ୍ତାର ଓ ସେକ୍ ମୋଇଦ। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳପୁର ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପମ୍ପ ଚାଳକ ଉକ୍ତ ଗ୍ରାମର ତପନ ଦାସ କେତେକ ପୁରୁଣା ଲୁହା ପାଣି ପାଇପ୍ ସଂଗ୍ରହ କରି ସେସବୁକୁ ବିକ୍ରି କରିଥିଲେ। ଇସ୍ତାର ଓ ମୋଇଦ ଏହାକୁ କିଣି ଏକ ଅଟୋରେ ବୋଝେଇ କରି ନେଇ ଯାଉଥିଲେ। କମାରିଆ ଛକ ପାଖରୁ କେତେକ ବ୍ୟକ୍ତି ସେମାନଙ୍କୁ ପିଛା କରି ସିନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଧରିନେଇଥିଲେ। ମଙ୍ଗଳପୁର ସରପଞ୍ଚ ସାବିତ୍ରୀ ମଲ୍ଲିକ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୯୦/୧୮) ରୁଜୁ କରି ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

### ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରେ ପ୍ରତିଯୋଗିତା

ବାସୁଦେବପୁର, ୨।୧୨ (ଡି.ଏନ.ଏ.) - ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ହାଇସ୍କୁଲ ପରିସରରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲ୍ଲିକ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ସରପଞ୍ଚ ହରିହର ଶିଆଳ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁ, କମଳାକାନ୍ତ ପାଢ଼ୀ, ପ୍ରଭାତ ଚନ୍ଦ୍ର ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ପଣ୍ଡା ଅତିଥି ପରିଚୟ ଓ ମାୟାଧର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜୁ ଯୁବବାହିନୀ ସମ୍ପାଦକ ଶ୍ରୁତିରଞ୍ଜନ ରାୟଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷ୍ମୀନାରାୟଣ କ୍ରିକେଟ: ଓମ୍ ସାଇ ଟିମ୍ ବିଜୟୀ

**ଧାମନଗର, ୨।୧୨ (ଡି.ଏନ.ଏ.):** ଧାମନଗର ବ୍ଲକ ନନ୍ଦିପୁର ଖେଳପଡ଼ିଆରେ ଜିଲାସ୍ତରୀୟ ଲକ୍ଷ୍ମୀନାରାୟଣ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଧାମନଗର ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲା ବେଳେ ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଧାମନଗରର ଓମ୍ ସାଇ କ୍ରିକେଟ ଟିମ୍ ଏବଂ ଇଲେଭେନ ଷ୍ଟାର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଓମ୍ ସାଇ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୧୧ରନ୍ ସଂଗ୍ରହ କରିଥିଲା। ଇଲେଭେନ ଷ୍ଟାର ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ ପରାଜୟ ବରଣ କରିଥିଲା। ଶିବଶଙ୍କର ସାହୁଙ୍କୁ 'ମ୍ୟାନ ଅଫ୍ ଦ ମ୍ୟାଚ୍' ଘୋଷଣା କରାଯାଇଥିଲା। ଅମ୍ପାୟାର ଭାବେ ଜ୍ୟୋତିପ୍ରକାଶ ସାମଲ, ଶୁଭାଶିଷ ନାୟକ, ରେଫରୀ ଭାବେ ସତ୍ୟବ୍ରତ ସାମଲ ଓ ସ୍କୋରର ଦାୟିତ୍ୱ ତୁଲାଇଥିଲେ ଆଶିଷ ନାୟକ ଓ ଶୁଭ୍ରାକାଶ ନାୟକ। ଅନିଲ କୁମାର ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଚିହ୍ନଟରେ ସୀମିତ ଦୁର୍ଘଟଣାପ୍ରବଣ ସ୍ଥାନ

**ଭଦ୍ରକ ଅଫିସ, ୨।୧୨**

ଭଦ୍ରକ ଜିଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ଆବଶ୍ୟକ ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ବିଭିନ୍ନ ସ୍ଥାନରେ ଓଭରବ୍ରିଜ ଓ ଅଣ୍ଡରପାସ୍ ନିର୍ମାଣ ଦାବିକୁ ଅଣଦେଖା ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନିକ ଅବହେଳା ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ହେଉଛି। ରାଣୀତାଲ ଛକରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ୫ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ହେବା ପରେ ରାଜପଥ ପାର୍ଶ୍ୱସ୍ଥ ଶିକ୍ଷାନୁଷ୍ଠାନ ନିକଟରେ ସଡ଼କ ସୁରକ୍ଷା କଡ଼ାକଡ଼ି ହେବ ବୋଲି ପ୍ରଶାସନ କହିଥିଲେ ମଧ୍ୟ ପରେ ଏହାକୁ ଅଣଦେଖା କରାଯାଉଛି। ସେହିପରି ରାସ୍ତାରେ ବୁଲା ଗୋରୁଙ୍କ ଉପଦ୍ରବ ଗାଡ଼ି ଚାଳକଙ୍କ ଚିନ୍ତା ବଢ଼ାଇଛି।

ଜାତୀୟ ରାଜପଥର ଭଦ୍ରକ ସୀମାବର୍ତ୍ତୀ ଭଣ୍ଡାରିପୋଖରୀ, ନଳାଙ୍ଗ, ଗେଲପୁର, ମୋଟେଲ, ଡାହାଣୀଗଡିଆ, ନୂଆବସ୍‌ଷ୍ଟାଣ୍ଡ ଓ ରାଣୀତାଲ ଛକରେ ଅଧିକ ଦୁର୍ଘଟଣା ଘଟୁଥିବା ଚିହ୍ନଟ ହୋଇଥିଲେ ମଧ୍ୟ ଏହାର ପ୍ରତିକାର ହେଉ ନାହିଁ। ସେହିପରି ଆଖୁଆପଦା, ପରୀପଡା, ଡାହାଳ, ଭଣ୍ଡାରିପୋଖରୀ, ଧାମନଗର, ବାରିକପୁର, ନଳାଙ୍ଗ କୋର୍ଟ, ଗେଲପୁରର ଗୋପବନ୍ଧୁପୁର ଛକ, ଆରଡି, ମୋଟେଲ, ଡାହାଣୀଗଡିଆ ଛକ, ଚରମ୍ପା ଓ ରାଣୀତାଲ ନିକଟରେ ଅଣ୍ଡରପାସ୍ ନିର୍ମାଣ ସକାଶେ ପ୍ରଶାସନ ପକ୍ଷରୁ ସ୍ଥାନ ଚିହ୍ନଟ ହୋଇଛି। ଭଦ୍ରକ ନୂଆବସ୍‌ଷ୍ଟାଣ୍ଡ ଓ ବହୁଦରଡା ନିକଟରେ ଅଧିକ ଦୁର୍ଘଟଣା ଘଟୁଥିବାରୁ ସେଠାରେ ଓଭରବ୍ରିଜ ନିର୍ମାଣ ଲାଗି ଅଞ୍ଚଳବାସୀ ଦାବି କରୁଛନ୍ତି। ୬ ଥାକିଆ ସମ୍ପ୍ରସାରଣ କାର୍ଯ୍ୟ ସମୟରେ ଏସବୁ ଦିଗ ପ୍ରତି ଧ୍ୟାନ ଦିଆଯିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରତିକ୍ରିୟା ରଖିଛନ୍ତି।

**ଯେଉଁଠି ଘଟୁଛି ଅଧିକ ଦୁର୍ଘଟଣା**

ଭଦ୍ରକ ଜିଲାରେ ଅଧିକାଂଶ ଦୁର୍ଘଟଣା ଜାତୀୟ ରାଜପଥ ଉପରେ ଘଟୁଛି। ୨୦୧୮ ଜାନୁୟାରୀରୁ ଅକ୍ଟୋବର ସୁଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ୧୧୩ ସଡ଼କ ଦୁର୍ଘଟଣା ଘଟି ୧୦୬ ଜଣଙ୍କର ମୃତ୍ୟୁ ଘଟିଛି। ୪୨ ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୧୫ରୁ ୨୦୧୮ ଜୁଲାଇ ମଧ୍ୟରେ ଜିଲାରେ ମୋଟ ୮୪୦ ଦୁର୍ଘଟଣା ଘଟି ମୃତ୍ୟୁ ସଂଖ୍ୟା ୩୮୦ରେ ପହଞ୍ଚିଛି। ଆହତ ହୋଇଛନ୍ତି ୮୭୯ ଯାତ୍ରୀ।



ଭଦ୍ରକ ନୂଆବସ୍‌ଷ୍ଟାଣ୍ଡ ନିକଟରେ ସୃଷ୍ଟି ହୋଇଥିବା ଗର୍ତ୍ତ।

୧୬ ନମ୍ବର ଜାତୀୟ ରାଜପଥକୁ ନିୟମିତ ମରାମତି କରା ନ ଯିବାରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ରାତି ସମୟରେ ଖାଲଖମାରେ ପଡ଼ି ବିଭିନ୍ନ ଯାନବାହନ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ଥାନୀୟ ନୂଆବସ୍‌ଷ୍ଟାଣ୍ଡ ନିକଟସ୍ଥ ପୋଲ ଉପରେ ୪ ମାସ ଧରି ଏକ ବଡ଼ ଖାଲ ସୃଷ୍ଟି ହୋଇଛି। ଏହାକୁ ମରାମତି କରାଯାଉ ନାହିଁ। ପ୍ରଶାସନ ଏହି ସ୍ଥାନରେ ଏକପାଖିଆ ରାସ୍ତାକୁ ବନ୍ଦ କରି ଦେଇଥିବା କାରଣରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଭଦ୍ରକ ସୀମା ଆଖୁଆପଦାଠାରୁ ରାଣୀତାଲ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଖରାପ ରହିଛି। ଜାତୀୟ ରାଜପଥ କଡ଼ରେ କୌଣସି ହୋର୍ଡିଂ ଲଗା ନ ଯିବା ସକାଶେ ସରକାରୀ ନିୟମ ଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ରହୁନାହିଁ। ଭଦ୍ରକ ସହର ଭିତର ରାସ୍ତା ଉପରେ ବୁଲାଗୋରୁଙ୍କୁ ନିୟନ୍ତ୍ରଣ କରିବା ଲାଗି ପୌରପାଳିକା ପଦକ୍ଷେପ ନେଉ ନାହିଁ। କାଞ୍ଜିଆହୁଦା ଓ ଆବଶ୍ୟକ କର୍ମଚାରୀ ନ ଥିବା ଦର୍ଶାଇ ପୌରପାଳିକା ଉଦାସୀନ ହୋଇ ବସୁଛି। ସେହିପରି ସ୍ଥାନାଭାବରୁ ସହରର ମୁଖ୍ୟରାସ୍ତା ଉପରେ ଅଟୋଷ୍ଟାଣ୍ଡ ଓ ଘରୋଇ ଚାରିଚକିଆ ଗାଡ଼ି ପାର୍କିଂ କରାଯାଉଛି। ଏ ସମ୍ପର୍କରେ ଜିଲା ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀଙ୍କୁ ପଚାରିବାରୁ ଜାତୀୟ ରାଜପଥରେ ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ସ୍ଥାନ ଏବଂ ସ୍କୁଲ ଥିବା ସ୍ଥାନରେ ସତର୍କ ସୂଚନା ସମ୍ବଳିତ ବୋର୍ଡ ଏବଂ ବେଗ ନିୟନ୍ତ୍ରଣ ପାଇଁ ସୂଚନା ଫଳକ ଲଗାଯିବାକୁ ସ୍ଥିର ହୋଇଛି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ। ସହରରେ କାଞ୍ଜିଆହୁଦା ନିର୍ମାଣ ପାଇଁ ପୌରପାଳିକାକୁ କୁହାଯାଇଥିବା ସେ କହିଛନ୍ତି।

- ୧୬ ନମ୍ବର ଜାତୀୟ ରାଜପଥ ମରଣଯନ୍ତା
- ଓଭରବ୍ରିଜ, ଅଣ୍ଡରପାସ୍ ହେଉନି କି ଲାଗୁନି ସୂଚନା ଫଳକ
- ୧୦ ମାସରେ ସଡ଼କ ଦୁର୍ଘଟଣାରେ ଗଲାଣି ୧୦୬ ଜୀବନ

## ଜନ ପରାମର୍ଶ ସଂଗ୍ରହ

**ଭଦ୍ରକ ଅଫିସ, ୨।୧୨ :** ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀର ମା' ସାତଭଉଣୀ ମଣ୍ଡଳ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା କରାଯାଇଛି। ବେତରା ପଞ୍ଚାୟତ ମୂଳଗାଁସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପଦଯାତ୍ରା ଆରମ୍ଭ ହୋଇଥିଲା। ସାତଭଉଣୀ ମଣ୍ଡଳ ସଭାପତି ଆଦିକନ୍ଦ ନାୟକ ଓ ପଞ୍ଚାୟତ ମୁଖ୍ୟ ମୁକ୍ତିକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇ ବିଧାନସଭା ପ୍ରାର୍ଥୀ ଡା.ପ୍ରଦୀପ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଦଳୀୟ କର୍ମୀମାନେ ପଞ୍ଚାୟତର ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ପରାମର୍ଶ ସଂଗ୍ରହ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ନେଇ ଅବଗତ କରାଇଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଜେନା, ବରିଷ୍ଠ ନେତା ଭାସ୍କର ସାହୁ, ଜିଲା ଉପସଭାପତି ବିଦ୍ୟାଧର ସାହୁ, ମଣ୍ଡଳ ସଭାପତି ଉତ୍ତମ ପାତ୍ର, ପ୍ରଭାକର ସାମଲ, ନାରାୟଣ ସେନାପତି ଓ ଅମରେଶ ନାୟକ, ହିମାଂଶୁ ଶେଖର ରାଉତ, ବିଜୟ କୁମାର ଦାସ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଶେଷରେ ବେତଡ଼ା ନୂଆବଜାର ଓ ୧ ନମ୍ବର ୱାର୍ଡରେ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡା. ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

## ଶ୍ରୀକାନ୍ତ ପାଇକରାୟ ମେଧା ଉନ୍ମେଷ ପ୍ରତିଯୋଗିତା


ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

**ଭଣ୍ଡାରିପୋଖରୀ, ୨।୧୨ (ଡି.ଏନ.ଏ)**

ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲଠାରେ ଶ୍ରୀକାନ୍ତ ପାଇକରାୟ ମେଧା ଉନ୍ମେଷ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। ବାସୁଦେବପୁରସ୍ଥିତ ଶହୀଦ ତୀର୍ଥଯାତ୍ରୀ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୁଳମଣି ପତି ଉଦ୍‌ଘାଟନ କରିଥିଲେ। ଏବିଇଓ ଧିରେନ୍ଦ୍ର ନାଥ ଦାଶ ମୁଖ୍ୟଅତିଥି, ଶହୀଦ ତୀର୍ଥଯାତ୍ରୀ ସଭାପତି ବୈଲୋଚନ ଜେନା ମୁଖ୍ୟବକ୍ତା, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ନାୟକ, ବିଆରସିସି ଅଭିମନ୍ୟୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଦେଶାତ୍ମବୋଧକ ସଂଗୀତ ଆବୃତ୍ତି ଓ ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ଜିଲାର ଭୂମିକା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଜିତ କୁମାର ରାଉଳ ଅତିଥି ପରିଚୟ ପ୍ରଦାନ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମାନସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନକ୍ରୟ ଲାଗି ପ୍ରକ୍ରିୟା ଆରମ୍ଭ

**ଚାନ୍ଦବାଲି, ୨।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଚାଷୀଙ୍କଠାରୁ ଚଳିତ ଖରିଫ ଋତୁରେ ମୋଟ ୨୨ ସେବା ସମବାୟ ସମିତି ପକ୍ଷରୁ ସରକାରୀ ଦରରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାସ୍ତରରେ କ୍ରୟ କମିଟିର ନିଷ୍ପତ୍ତିକ୍ରମେ ଧାନର କ୍ୱିଣ୍ଟାଲ ପ୍ରତି ଦର ନିର୍ଦ୍ଧାରଣ ହୋଇଛି। ଆସନ୍ତା ୧୦ ତାରିଖଠାରୁ ସମସ୍ତ କାର୍ଯ୍ୟ ଦିବସରେ ସରକାରୀ ଧାନ କ୍ରୟ କେନ୍ଦ୍ରରେ ଧାନ କିଣାଯିବ। ଚଳିତବର୍ଷ ଚାଷୀଙ୍କ ସମସ୍ତ ଅମଳ ଧାନକୁ ବିକ୍ରି ଯୋଗ୍ୟ ବିବେଚନା କରାଯାଇଛି। ଚାନ୍ଦବାଲି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏହି ବ୍ଲକ ଅଧୀନ ସମସ୍ତ ସମବାୟ ସମିତିକୁ ଧାନର ମାନ ନିରୂପଣ ପାଇଁ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବା ସମ୍ପାଦକ ଗୋପବନ୍ଧୁ ଦାସ କହିଛନ୍ତି। ଚଳିତବର୍ଷ ପାଗ ଶୃଙ୍ଖଳା ରହିବାରୁ ଚାନ୍ଦବାଲି ବ୍ଲକର ପ୍ରାୟ ସମସ୍ତ ଅଞ୍ଚଳରେ ଧାନ ଅମଳ ସଅଳ ଆରମ୍ଭ ହୋଇଛି। ଜମି ଶୁଖିଲା ରହିବା ହେତୁ ଅଧିକାଂଶ ଅଞ୍ଚଳରେ ପ୍ରଥମାଷ୍ଟମୀ ପୂର୍ବରୁ କମ୍ବାଇନ ହାର୍ଭେଷ୍ଟର ମାଧ୍ୟମରେ ଧାନ ଅମଳ ଆରମ୍ଭ କରାଯାଇଛି। କୃଷି ବିଭାଗର ଆକଳନ ଅନୁସାରେ ଚଳିତ ଖରିଫ ଋତୁରେ ଚାନ୍ଦବାଲି ବ୍ଲକର ପ୍ରାୟ ୩୩ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ସାମୁଦ୍ରିକ ଝଡ଼ ତିତ୍‌ଲି, ମାଟିଆଗୁଣ୍ଡି ପୋକ ଆକ୍ରମଣ ସାଙ୍ଗକୁ କେତେକ ଅଞ୍ଚଳରେ ଶେଷ ପର୍ଯ୍ୟାୟରେ ଧାନ ଗଛକୁ ଜଳାଭାବ ଚାଷୀ ପାଇଁ ଚିନ୍ତାର କାରଣ ହୋଇଥିଲେ ମଧ୍ୟ ଅମଳ ପ୍ରଭାବିତ ହେବ ନାହିଁ ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି।

## ମେଧାବୃତ୍ତି ପରୀକ୍ଷା ଦେଲେ ୮୫ ଛାତ୍ରୀଛାତ୍ର


ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ ସ୍କୁଲରେ ଛାତ୍ରୀଛାତ୍ର ମେଧାବୃତ୍ତି ପରୀକ୍ଷା ଦେଉଛନ୍ତି।

**ବନ୍ତ, ୨।୧୨ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ ସ୍କୁଲରେ ରବିବାର ଆର୍ଯ୍ୟଭଟ୍ଟ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରରେ ୧ମରୁ ୭ମ ପର୍ଯ୍ୟନ୍ତ ମୋଟ ୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଖଇରା ବ୍ଲକ ବର୍ତ୍ତନା ଆଦର୍ଶ ଶିଶୁମନ୍ଦିରର ଆଚାର୍ଯ୍ୟ ହୃଦାନନ୍ଦ ପାଣିଗ୍ରାହୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ସ୍କୁଲ ଅଧକ୍ଷ ହରିହର ଜେନା, ଶିକ୍ଷୟିତ୍ରୀ ଶିକ୍ଷକ ସୁବାସିନୀ ସେଠୀ, ବିଶେଶ୍ୱରୀ ବେହେରା, ପୁଷ୍ପା ସାହୁ, କବିତା ବାରିକ, ମୋନାଲିସା ନାୟକ, ଶ୍ରୀଧର ସେଠୀ, କାଶୀନାଥ ଆଇଚ, ଦିଲୀପ ନାୟକ ପରୀକ୍ଷା ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ବ୍ଲକ ଓ ଜିଲାସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ମେଧାବୃତ୍ତି ପାଇବେ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି।

## ଟ୍ରାନ୍ସପୋର୍ଟ ସଂଘକୁ ଅଣଦେଖା ଅଭିଯୋଗ

**ଚାନ୍ଦବାଲି, ୨।୧୨ (ଡି.ଏନ.ଏ.):** ଧାମରା ଆଦାନୀ ଛକଠାରେ ଥିବା କଳିଙ୍ଗ ଟ୍ରାନ୍ସପୋର୍ଟ ସଂଘର ଗୃହ ପ୍ରବେଶ ଓ ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବନବିହାରୀ ମାଇତି ଓ ସମ୍ପାଦକ ସୁଦର୍ଶନ ଲେଙ୍କା ପ୍ରମୁଖ ପୂଜାର୍ଚ୍ଚନା ପରେ ନୂତନ ଅଫିସରେ ପ୍ରବେଶ କରିଥିଲେ। ପରେ ଅଧିବେଶନରେ ସଂଘର ସମସ୍ତ କର୍ମକର୍ତ୍ତା ବନ୍ଦର ମଧ୍ୟକୁ ମାଲ୍ ପରିବହନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ଦରରେ ଥିବା ମୁଖ୍ୟ ଆଉଟସୋର୍ସିଂ କମ୍ପାନୀ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକ ଭାବେ କଳିଙ୍ଗ ଟ୍ରାନ୍ସପୋର୍ଟ ସଂଘକୁ ଅଣଦେଖା କରିବା ସହ ମାଲ ପରିବହନ ଲାଗି ସୁଯୋଗ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ମାଲ୍ ପରିବହନ ସଂକ୍ରାନ୍ତରେ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ମଙ୍ଗଳବାର ହେବାକୁ ଥିବା ଆଲୋଚନାକୁ ଏହି ସଂଘକୁ ଡକାଯାଇ ନ ଥିବା ନେଇ କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘ ପକ୍ଷରୁ ଏ ସମ୍ପର୍କରେ ଆଦାନୀ ମୁଖ୍ୟଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅତୁଲ ଜାନା, ଶୁଭାଶିଷ ଦ୍ୱିବେଦୀ, ପ୍ରଦୀପ ପଣ୍ଡା, ସେକ୍ ଫିରୋଜ, ନିର୍ମଳ କୁମାର ନାଥ, ହେମନ୍ତ ସେନାପତି, ପ୍ରହଲ୍ଲାଦ ନାୟକଙ୍କ ସମେତ ସଂଘର ସମସ୍ତ ଟ୍ରକ ଏବଂ ଟିପ୍ପର ମାଲିକ ଉପସ୍ଥିତ ଥିଲେ।

## ସଞ୍ଜିତ୍‌ଙ୍କୁ 'ସୃଜନ କବିତା' ସମ୍ମାନ

**ତିହିଡ଼ି, ୨।୧୨ (ଡି.ଏନ.ଏ.) :** ତିହିଡ଼ି ବ୍ଲକ କୋହ୍ଲ ପଞ୍ଚାୟତ ମୂଷାଙ୍ଗ ଗ୍ରାମର କବି ସଞ୍ଜିତ୍ କୁମାର ବଳଙ୍କୁ 'ସୃଜନ କବିତା' ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ଜୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ଓଡ଼ିଶା କବିତା ମହୋତ୍ସବ–୨୦୧୮ ଉତ୍ସବରେ ତାଙ୍କୁ ଏହି ସମ୍ମାନ ମିଳିଛି। ବରିଷ୍ଠ କବି ଅମରେଶ ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା ମୁଖ୍ୟଅତିଥି ଏବଂ କବି ହୁସେନ ରବି ଗାନ୍ଧୀ, କବି ମମତା ଦାଶ, ମଙ୍ଗଳେଶ ଦବରାଲ, ଗୌହର ରାଜା, ଚନ୍ଦ୍ରକାନ୍ତ ପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା କବିତା ମହୋତ୍ସବ ଆୟୋଜକ କମିଟି ପକ୍ଷରୁ କଥାକାର ହିମାଂଶୁ କୁମାର ମହାପାତ୍ର ଓ କବି ପ୍ରସନ୍ନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଡ୍‌ସ ସଚେତନତା



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀମାନେ।

**ଭଣ୍ଡାରିପୋଖରୀ, ୨।୧୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ କଲେଜ ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନତା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଭରତ ଚନ୍ଦ୍ର କରଣ ସଭାପତିତ୍ୱ କରିଥିଲେ। ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ହରିହର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ଅଧିକାରୀ ଅନିତା ରାଣୀ ରାଉତ ଏଡ୍‌ସର କାରଣ, ନିରାକରଣ ଏବଂ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଆଇସିଡିଏସ୍ କାଉନସିଲର ଭାନୁମତି ପ୍ରଧାନ, ଏସ୍‌ଟିଡି କାଉନସିଲର ଦେବେନ୍ଦ୍ର ନାଥ ସ୍ୱାଇଁ, ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଗୀତା ମୁଣ୍ଡା ଏଡ୍‌ସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଶୋକ ଜେନା, ରଞ୍ଜନ ନାୟକ, ଭୀମଚରଣ ସ୍ୱାଇଁ ପ୍ରମୁଖ ସଭା ପରିଚାଳନାରେ ସହାୟତା କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମନ ମୋହିଲା ନାଟକ 'ପ୍ରତିମୂର୍ତ୍ତି'

**ଭଦ୍ରକ ଅଫିସ, ୨।୧୨**

ସମୟ ବଦଳିଛି। ଗାଁ ଓ ସହର ମଧ୍ୟରେ ପାର୍ଥକ୍ୟ ଓ ଦୂରତା କମିଛି। ସବୁଠି ବାରି ହୋଇପଡୁଛି ଆଧୁନିକତାର ଛାପ। ଏସବୁ ଭିତରେ ଆମେ ପରମ୍ପରା, ସଂସ୍କୃତିକୁ ଅଣଦେଖା କରି ପୂର୍ବଜଙ୍କ ତ୍ୟାଗ ଓ ବଳିଦାନକୁ ମଧ୍ୟ ଭୁଲି ଯାଇଛୁ। କେବେ ଚିନ୍ତା କରିନୁ ଯେଉଁ ମୂଳଦୁଆ ଉପରେ ଠିଆହୋଇ ମୁଣ୍ଡ ଟେକିଛୁ, ତା'ର ଯଦି ବିନାଶ କରିବା ପରିଣାମ କ'ଣ ହେବ। ସାମ୍ପ୍ରତିକ ସ୍ଥିତିରେ ଘଟୁଥିବା ଏଭଳି ଘଟଣାର ଏକ କାହାଣୀକୁ ନେଇ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଉପସ୍ଥାପିତ ହୋଇଥିଲା ନାଟକ 'ପ୍ରତିମୂର୍ତ୍ତି'। ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପରେ କିଭଳି ସେମାନଙ୍କୁ ଅବହେଳିତ କରାଯାଉଛି, ଏହା ହିଁ ଥିଲା ନାଟକର ମୁଖ୍ୟ ବିଷୟବସ୍ତୁ। ଜନ୍ମଦିନ ଓ ଶ୍ରାଦ୍ଧ ଦିବସରେ ପ୍ରତିମୂର୍ତ୍ତିରେ ଗେଣ୍ଡୁମାଳ ପକାଇ ଆମେ କାମ ସାରିଦେଉଛୁ। ନେତା, ମନ୍ତ୍ରୀ ଓ ସାଧାରଣ ଜନତା କେବଳ ଫଟୋ ଉଠାଇବା ପାଇଁ ପ୍ରତିମୂର୍ତ୍ତି ଆଗରେ ଫୁଲମାଳ ପକାନ୍ତି।


'ପ୍ରତିମୂର୍ତ୍ତି' ନାଟକର ଏକ ଦୃଶ୍ୟ।

ନାଟକର ଏଭଳି ସନ୍ଦେଶ ଦେଇଥିଲେ ଚରିତ୍ର ପାଲଟିଥିବା ପ୍ରତିମୂର୍ତ୍ତିମାନେ।

ସମତାର ସ୍ୱର ସବୁଜର ଭୁବନେଶ୍ୱର ଶାଖା ପକ୍ଷରୁ ମଞ୍ଚସ୍ଥ ଏହି ନାଟକ 'ପ୍ରତିମୂର୍ତ୍ତି' ଦର୍ଶକଙ୍କ ମନ ମୋହିଥିଲା। ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆଙ୍କ ରଚନା ଓ ନିର୍ଦ୍ଦେଶନା, ଚିରଞ୍ଜୀବ ବିଶ୍ୱାଳଙ୍କ ସହ ନିର୍ଦ୍ଦେଶନା, କୈଳାସ ସେନାପତିଙ୍କ ସଙ୍ଗୀତ ସଂଯୋଜନାରେ ଦର୍ଶକମାନେ ବିମୋହିତ ହୋଇଥିଲେ। ମୁନା, ସୁଜିତ, ପ୍ରଦୋଷ, ଲିଟନ, ସୂରଜ, ସୌମ୍ୟ, ଚିନ୍ତୁ, ଜୀବନ, ନବ, ସିପୁନ, ଦୁର୍ଗେଶ, ପ୍ରିୟମ୍ବଦା ପ୍ରମୁଖ ବିଜୁ ପଟ୍ଟନାୟକ, କୃଷି ମନ୍ତ୍ରୀ, କୃଷକ, ରେଭେନ୍ସା ସାହେବ୍, ସଙ୍ଗୀତଜ୍ଞ, କୁକୁର, ବାଉଁଶ, ବୁଢା, ମନ୍ତ୍ରୀ ଓ ମଦୁଆଙ୍କ ଭୂମିକାରେ ଚିତ୍ତାକର୍ଷକ ଅଭିନୟ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ କବି ଶ୍ରୀଦେବ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଓ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମତାର ସ୍ୱର ସବୁଜ ପକ୍ଷରୁ ଦୁର୍ଗେଶ ନାୟକ ଓ ଇଂ. ନିରଦ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ମଞ୍ଚ ଆମନ୍ତ୍ରଣ ଓ ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭେନ୍ଦୁ ଲେଙ୍କାଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଶିଷ୍ଟ ନାଟ୍ୟକାର ବାଦଲ ସିକ୍‌ଦାରଙ୍କ ଉଦ୍ୟମ କ୍ରମେ ସଙ୍କେତ, ସଞ୍ଚାର ଓ ସବୁଜ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଏହି ୩ ଦିନିଆ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।



“ଭାଜପା ପ୍ରସଙ୍ଗଭିତ୍ତିକ ରାଜନୀତି କରୁନାହିଁ। ଗୈରିକ ଦଳ ଜାତି ଓ ଅନ୍ୟ ପ୍ରସଙ୍ଗଗୁଡ଼ିକର ରାଜନୀତିକରଣ କରିବା ଗଣତନ୍ତ୍ର ପାଇଁ ବିପଦ।
- ଅଶୋକ ଗେହଲଟ, କଂଗ୍ରେସ ସାଧାରଣ ସମ୍ପାଦକ।



## ସଂକ୍ଷେପରେ

### ଦୁର୍ନୀତି ମାମଲା ନେତନ୍ୟାହୁ ଅଭିଯୁକ୍ତ



**ଜେରୁଜେଲମ,୨।୧୨(ପି.ଟି.):** ଇସ୍ରାଏଲ ପୋଲିସ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଦୁର୍ନୀତି ମାମଲାରେ ଆନୁଷ୍ଠାନିକ ଭାବେ ଅଭିଯୁକ୍ତ କରିବା ଲାଗି ସୁପାରିସ କରିଛି। ତାଙ୍କ ବିରୋଧରେ ତିନୋଟି ଦୁର୍ନୀତି ମାମଲାର ତଦନ୍ତ ଚାଲିଛି। ଟେଲିକମ୍ ମାମଲାରେ ସେ ଲାଞ୍ଚ ନେବା ଏବଂ ଜାଲିଆତିର ପ୍ରମାଣ ମିଳିଥିବା ପୋଲିସ କହିଛି। ତାଙ୍କ ସ୍ତ୍ରୀ ସାରାଙ୍କ ବିରୋଧରେ ମଧ୍ୟ ଦୁର୍ନୀତି ଅଭିଯୋଗର ପ୍ରମାଣ ମିଳିଛି। ୱାଲା ନ୍ୟୁଜ ନେତନ୍ୟାହୁଙ୍କ ସପକ୍ଷରେ ଖବର ଛାପିଥିବାରୁ ଏହାର ମୂଳ ସଂସ୍ଥା ବେଜେକ୍ ଟେଲିକମ୍ କମ୍ପାନୀଙ୍କ ଲାଗି ନିୟମାବଳୀରେ କୋହଳ କରାଯାଇଥିଲା। ଫଳରେ ବହୁ କୋଟି ଡଲାର ରାଜସ୍ୱ କ୍ଷତି ହୋଇଥିଲା। ତେବେ ତାଙ୍କୁ ଅଭିଯୁକ୍ତ କରାଯିବା ନେଇ ଆଟର୍ନି ଜେନେରାଲ ନିଷ୍ପତ୍ତି ନେବେ।

### ନୂଆବର୍ଷରେ ଟ୍ରମ୍ପ-କିମ୍ ସାକ୍ଷାତ

**ୱାଶିଂଟନ,୨।୧୨(ପି.ଟି.) :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆବର୍ଷରେ ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କୁ ଭେଟିବେ। ୨୦୧୯ ଜାନୁୟାରୀ କିମ୍ବା ଫେବୃୟାରୀରେ ଉଭୟଙ୍କ ମଧ୍ୟରେ ସାକ୍ଷାତ ହୋଇପାରେ ବୋଲି ଟ୍ରମ୍ପ କହିଛନ୍ତି। ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସଠାରେ ଜି-୨୦ ସମ୍ମିଳନୀରେ ଯୋଗଦେଇ ୱାଶିଂଟନ ଫେରିବା ବେଳେ ସେ ଗଣମାଧ୍ୟମକୁ ଏହା ଜଣାଇଛନ୍ତି।

### ଆଜିଠାରୁ ଭାରତ-ଆମେରିକା ବାୟୁସେନାର ସମରାଭ୍ୟାସ

**ନୂଆଦିଲ୍ଲୀ,୨।୧୨(ପି.ଟି.):** ଭାରତ ଏବଂ ଆମେରିକା ବାୟୁସେନାର ୧୨ ଦିନିଆ ସମରାଭ୍ୟାସ ସୋମବାରଠାରୁ ଆରମ୍ଭ ହେଉଛି। ପଶ୍ଚିମବଙ୍ଗର କଲାଇକୁଣ୍ଡା ଏବଂ ପାନାଗଡ଼ ଏୟାରବେସ୍‌ରେ ହେବାକୁ ଥିବା ଏହି ସମରାଭ୍ୟାସ ଦୁଇଦେଶର ଯୁଦ୍ଧ ସାମର୍ଥ ଓ ସହଯୋଗ ବୃଦ୍ଧି କରିବ।

# ଡ୍ରୋନ୍ ଉଡ଼ାଣରେ ଲଗାମ୍



**ମୁମ୍ବାଇ,୨।୧୨**

ରାସ୍ତାରେ ଗଡୁଥିବା ଯାନବାହନ ଭଳି ଆକାଶରେ ଉଡାଣ କରୁଥିବା ଡ୍ରୋନ୍‌ର ମଧ୍ୟ ରେଜିଷ୍ଟ୍ରେଶନ୍ ଜରୁରୀ। ଡ୍ରୋନ୍ ଉଡାଣ ବିଭିନ୍ନ ସମୟରେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ଏହି ମାନବ ରହିତ କ୍ଷୁଦ୍ର ବିମାନ ଅନେକ ସ୍ଥାନରେ ଲୋକଙ୍କ ପ୍ରିଭେସି ବା ଗୋପନୀୟତା କ୍ଷୁଣ୍ଣକରି ବିବାଦର କାରଣ ମଧ୍ୟ ସାଜୁଛି। ଏଥିପାଇଁ କେନ୍ଦ୍ର ସରକାର ଡ୍ରୋନ୍ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଏହାର ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ କରାଯାଇଛି।

ସରକାରଙ୍କ ନୂଆ ନିୟମାନୁସାରେ ଦେଶରେ ଡ୍ରୋନ୍ ବ୍ୟବହାରକାରୀ (ୟୁଜର୍ସ)ଙ୍କୁ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଡ୍ରୋନ୍ ଉଡାଣ କରିବାକୁ ହେଲେ ୟୁଜର୍ସଙ୍କୁ ଏକକ ପରିଚୟ ସଂଖ୍ୟା (ୟୁଆଇଏନ୍) ହାସଲ କରିବାକୁ ପଡ଼ିବ। ‘ଡିଜିଟାଲ୍ ସ୍କାଏ’ ନାମକ ଏକ ପୋର୍ଟାଲରେ ଡିସେମ୍ବର ୧ରୁ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତି ଡ୍ରୋନ୍ ପାଇଁ ୟୁଜର୍ସଙ୍କୁ ଥରେ (ୱାନ୍ ଟାଇମ୍) ପଞ୍ଜୀକରଣ କରିବାକୁ ପଡ଼ିବ। ଏଥିଲାଗି ଉଦ୍ଦିଷ୍ଟ ଆବେଦନ ଫର୍ମରେ ଡ୍ରୋନ୍‌ର ପାଇଲଟ୍ ଏବଂ ମାଲିକଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ପଡ଼ିବ। ଅନ୍‌ମ୍ୟାନ୍‌ଡ ଏରିଏଲ୍ ଅପରେଟର୍ସ ପରମିଟ୍ (ୟୁଏଓପି) ଏବଂ ୟୁଆଇଏନ୍ ପାଇଁ ନିର୍ଦ୍ଧାରିତ ଦେୟ ‘ଭାରତ କୋଷ’ ପୋର୍ଟାଲ ଜରିଆରେ ପଇଠ କରିହେବ। ଯେଉଁ ୟୁଜର୍ସମାନେ ୟୁଆଇଏନ୍ ହାସଲ କରିଥିବେ ସେମାନେ ଆସନ୍ତା ଜାନୁୟାରୀ ୧ରୁ ରିମୋଟ୍‌ଲି ପାଇଲଟେଡ୍ ଏୟାରକ୍ରାଫ୍ଟ ସିଷ୍ଟମ୍ (ଆର୍‌ପିଏଏସ୍) ଚଳାଚଳ କରିପାରିବେ। ତେବେ ନାନୋ (୨୫୦ ଗ୍ରାମ୍‌ରୁ କମ୍ ଓଜନର) ଡ୍ରୋନ୍‌ଗୁଡ଼ିକ ଡିସେମ୍ବର ୧ରୁ ଆଇନତଃ ଉଡାଣ କରିପାରିବେ। ଏଭଳି ଡ୍ରୋନ୍‌ଗୁଡ଼ିକର ଉଡାଣ ପାଇଁ ଅପରେଟର୍ସ ସ୍ଥାନୀୟ ପୋଲିସକୁ ଅବଗତ କରାଇବେ। ଉଡାଣ ଦ୍ୱାରା କୌଣସି ବ୍ୟକ୍ତିଙ୍କ ପ୍ରିଭେସି କ୍ଷୁଣ୍ଣ ହେବ ନାହିଁ ବୋଲି ସେ ଲିଖିତ ଭାବେ ଜଣାଇବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଡ୍ରୋନ୍ ଉଡାଣ ପାଇଁ ଆକାଶମାର୍ଗରେ ସୀମାକୁ ବିଭିନ୍ନ ବର୍ଗରେ ନିର୍ଦ୍ଧାରିତ କରାଯାଇଛି, ଯଥା- ଗ୍ରୀନ୍ ଜୋନ୍, ୟେଲୋ ଜୋନ୍ ଓ ରେଡ୍ ଜୋନ୍। ଗ୍ରୀନ୍ ଜୋନ୍‌ରେ ଉଡାଣ ପାଇଁ ସମୟ ଓ ସ୍ଥାନ ସମ୍ପର୍କରେ ପୋର୍ଟାଲ କିମ୍ବା ଆପ୍ ଜରିଆରେ ମନ୍ତ୍ରଣାଳୟକୁ ଅବଗତ କରିବାକୁ ପଡ଼ିବ। ୟେଲୋ ଜୋନ୍‌ରେ ଉଡାଣ ପାଇଁ ଅନୁମତି ମାଗିବାକୁ ପଡ଼ିବ ଏବଂ ରେଡ୍ ଜୋନ୍‌ରେ ଉଡାଣ ଲାଗି କାହାକୁ ଅନୁମତି ଦିଆଯିବ ନାହିଁ। କେଉଁ ଡ୍ରୋନ୍‌କୁ କେଉଁ ସ୍ଥାନରୁ ଉଡାଣ ଅନୁମତି ପ୍ରଦାନ କରାଯିବ ତାହା ପୋର୍ଟାଲରେ ସୂଚିତ କରାଯିବ।

**କେନ୍ଦ୍ରର କଟକଣା**

- ନିରାପତ୍ତା ଓ ଗୋପନୀୟତା ପାଇଁ ଡ୍ରୋନ୍ ରେଜିଷ୍ଟ୍ରେଶନ୍ ବାଧ୍ୟତାମୂଳକ
- ‘ଡିଜିଟାଲ୍ ସ୍କାଏ’ ପୋର୍ଟାଲରେ ୧ରୁ ଚାଲିଛି ଅନ୍‌ଲାଇନ୍ ପଞ୍ଜୀକରଣ
- ନାନୋ ଡ୍ରୋନ୍ ଅପରେଟର୍ସ ଉଡ଼ାଣ ପୂର୍ବରୁ ପୋଲିସକୁ ଜଣାଇବେ

# ବାଣିଜ୍ୟ ଯୁଦ୍ଧରେ ଅସ୍ତ୍ରବିରତି

**ବୁଏନ୍ସ ଏୟାର୍ସ,୨।୧୨(ପି.ଟି.)**

### ସମାଧାନ ଲାଗି ଟ୍ରମ୍ପ, ଜିନ୍‌ପିଙ୍ଗ ରାଜି



ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଆମେରିକା ଓ ଚାଇନା ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ବାଣିଜ୍ୟ ଯୁଦ୍ଧରେ ଅସ୍ତ୍ରବିରତି ହୋଇଛି। ଦୁଇ ଦେଶ ବିବାଦର ସମାଧାନ ଦିଗରେ ପଦକ୍ଷେପ ନେବା ଲାଗି ରାଜି ହୋଇଛନ୍ତି। ଜି-୨୦ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ଚାଇନା ପ୍ରତିପକ୍ଷ ଜି ଜିନ୍‌ପିଙ୍ଗ ପରସ୍ପର ସହ ସାକ୍ଷାତ ଅବସରରେ ୯୦ ଦିନ ପାଇଁ ନୂଆ ଟାରିଫ କାର୍ଯ୍ୟକାରୀ ନ କରିବାକୁ ସହମତି ପ୍ରକାଶ କରିଛନ୍ତି।

ବାଣିଜ୍ୟ ନିଅଣ୍ଟ କମାଇବା ଲାଗି ଉଭୟ ଦେଶ ବର୍ତ୍ତମାନ ପାଇଁ ପରସ୍ପରର ସାମଗ୍ରୀ ଉପରେ ନୂଆ ଟାରିଫ ଲାଗୁ କରିବେ ନାହିଁ। ଆସନ୍ତା ଜାନୁୟାରୀ ୧ରୁ ଆମେରିକା ଲାଗୁ କରିବାକୁ ଥିବା ନୂଆ ଟାରିଫକୁ ସ୍ଥଗିତ ରଖିଛି। ଏଥିସହିତ ଆଗାମୀ ଦିନରେ ଆଲୋଚନା ଜାରି ରଖିବାକୁ ଉଭୟ ନେତା ରାଜି ହୋଇଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ବେଶ୍ ସଫଳ ହୋଇଥିବା ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି। ଏହି ରାଜିନାମା ଦୁଇ ଦେଶ ମଧ୍ୟରେ ରହିଥିବା ବାଣିଜ୍ୟିକ ବିବାଦ ହ୍ରାସ କରିବା ସହ ସହଯୋଗ ଲାଗି ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି।

ତେବେ ଏହା କେବଳ ଆଂଶିକ ଅସ୍ତ୍ରବିରତି। ୨୦୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଆମେରିକା ୨୫ ପ୍ରତିଶତ ଟାରିଫ ଲାଗୁ ନ କରି ପୂର୍ବଭଳି ୧୦ ପ୍ରତିଶତ ଲାଗୁ କରିବ। ଯଦି ଚାଇନା ୯୦ ଦିନ ମଧ୍ୟରେ ଆମେରିକାର ଦାବି ପୂରଣ ନ କରେ ତେବେ ଟାରିଫକୁ ପୁଣି ୨୫ ପ୍ରତିଶତକୁ ବଢ଼ାଇ ଦିଆଯିବ ବୋଲି ହ୍ୱାଇଟ ହାଉସ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଆମେରିକାର ଦାବି ମଧ୍ୟରେ ରହିଛି ବାଣିଜ୍ୟ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବା, ବୌଦ୍ଧିକ ସମ୍ପତ୍ତି ଚୋରି ରୋକିବା ଏବଂ ସୁସ୍ଥ ବାଣିଜ୍ୟିକ ପରିବେଶ ସୃଷ୍ଟି ଲାଗି ଅନ୍ୟ ପଦକ୍ଷେପ ନେବା। ଆମେରିକା ଓ ଚାଇନା ପରସ୍ପରର ଆମଦାନି ସାମଗ୍ରୀ ଉପରେ ଟାରିଫ ବଢ଼ାଇବା ଫଳରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଇନା ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ବ୍ୟବସ୍ଥାର ଉଲ୍ଲଂଘନ କରିବା ସହ ବାଣିଜ୍ୟ କ୍ଷେତ୍ରରେ ଅସାଧୁ ଉପାୟ ଅବଲମ୍ବନ କରୁଥିବାରୁ କ୍ଷମତାକୁ ଆସିଲେ ଏହାକୁ ବନ୍ଦ କରିବେ ବୋଲି ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିଲେ। ଚାଇନା ବୌଦ୍ଧିକ ସମ୍ପତ୍ତି ଅଧିକାରର ଉଲ୍ଲଂଘନ କରୁଥିବାରୁ ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନର ପରାମର୍ଶ ଲୋଡିଥିଲା। ଅସାଧୁ କାରବାର ରୋକିବା ଲାଗି ଆମେରିକା ପ୍ରଶାସନ ଟ୍ରେଡ ଆକ୍ଟ ୧୯୭୪ର ଧାରା ୩୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କୁ କାର୍ଯ୍ୟାନୁଷ୍ଠାନ ନେବା ଲାଗି କ୍ଷମତା ପ୍ରଦାନ କରିଥିଲା।

### ■ ଆତଙ୍କବାଦ ନିରୋଧୀ ଅଭିଯାନ
# ପାକ୍‌କୁ ସହଯୋଗ ପାଇଁ ପ୍ରସ୍ତୁତ

**ଜୟପୁର,୨।୧୨(ପି.ଟି.)**



ଦେଶରେ ଆତଙ୍କବାଦୀଙ୍କ ଗତିବିଧି ନିୟନ୍ତ୍ରଣାଧୀନ ରହିଛି। ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ସମ୍ଭବ ହୋଇ ନ ଥିଲେ ମଧ୍ୟ ଏନଡିଏର ସାଢ଼େ ୪ ବର୍ଷ ଶାସନ କାଳରେ କୌଣସି ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପ କେବଳ କଶ୍ମୀରରେ ସୀମିତ ରହିଛି। ଏହାସତ୍ତ୍ୱେ ସେଠାରେ ପଞ୍ଚାୟତ ନିର୍ବାଚନ ସଫଳତାର ସହ ଅନୁଷ୍ଠିତ ହୋଇଛି। ଆତଙ୍କବାଦୀ ସଙ୍ଗଠନ ଯେ ପଡ଼ୋଶୀ ପାକିସ୍ତାନ ପ୍ରାୟୋଜିତ ଏଥିରେ ଦ୍ୱିମତ ନାହିଁ। ପାକିସ୍ତାନରେ ଏକାଧିକ ଆତଙ୍କବାଦୀ ଶିବିର ରହିଛି। ଏଣୁ ସେଠାକାର ସରକାର ଅନ୍ତର୍ଜାତୀୟ ଚାପର ବଶବର୍ତ୍ତୀ ହୋଇ ଏବେ ଆତଙ୍କବାଦ ଦମନ ଅଭିଯାନ ଚଳାଇଛି। ଏହି ଲଢ଼େଇରେ ଯଦି ପାକିସ୍ତାନ ଚାହେଁ, ଭାରତ ସହଯୋଗ ଯୋଗାଇଦେବ ବୋଲି ଜୟପୁରଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।


### ଭାରତ-ସ୍ପେନ୍ ବନ୍ଦୀ ପ୍ରତ୍ୟର୍ପଣ ଚୁକ୍ତି

**ନୂଆଦିଲ୍ଲୀ,୨।୧୨(ପି.ଟି.):** ଭାରତ ଓ ସ୍ପେନ୍ ପରସ୍ପରର ବନ୍ଦୀଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ତେବେ ସ୍ପେନ ଯେଉଁ ଦଣ୍ଡିତ ବନ୍ଦୀଙ୍କୁ ଭାରତକୁ ହସ୍ତାନ୍ତର କରିବ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯିବ ନାହିଁ ବୋଲି ନୂଆଦିଲ୍ଲୀ ପ୍ରତିଶ୍ରୁତି ଦେଇଛି। ବନ୍ଦୀ ଫେରିପାଇବା ପରେ ସେମାନଙ୍କୁ ଦିଆଯାଇଥିବା କୋର୍ଟ ରାୟକୁ ଉଭୟ ଦେଶ ସମୀକ୍ଷା କରିପାରିବେ।

## ଫୁର୍‌ସତ

### ଆୟୁଷ୍ମାନ ଭାରତ ଯୋଜନାରେ
# ପ୍ରଥମ ହାର୍ଟ ସର୍ଜରୀ

**ଆଗ୍ରା:** ଆୟୁଷ୍ମାନ ଭାରତ ଯୋଜନାରେ ପ୍ରଥମକରି ଉତ୍ତରପ୍ରଦେଶରେ ଶନିବାର ଜଣେ ବ୍ୟକ୍ତିଙ୍କଠାରେ ଓପନ୍ ହାର୍ଟ ସର୍ଜରୀ କରାଯାଇଛି। ଆଗ୍ରା ଜିଲାର ଚିଫ୍ ମେଡିକାଲ ଅଫିସର(ସିଏମ୍‌ଓ) ମୁକେଶ ଭଟଙ୍କ ନେତୃତ୍ୱରେ ଏହା କରାଯାଇଥିଲା। ମଣିପୁର ରାଜ୍ୟର ଦେବେନ୍ଦ୍ର (୫୦) ଏହି ଯୋଜନାର ପ୍ରଥମ ହିତାଧିକାରୀ। ପୁଷ୍ପାଞ୍ଜଳି ହସ୍ପିଟାଲ୍‌ରେ ତାଙ୍କ ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର କରାଯାଇଥିଲା। ଅତୁଲ ଗୁପ୍ତା ଏବଂ ଦିନେଶ ଜୈନଙ୍କ ସମେତ କେତେକ ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ଉକ୍ତ ଅସ୍ତ୍ରୋପଚାର କରିଥିଲା। ଦେବେନ୍ଦ୍ର ନିମ୍ନ ଆୟକାରୀ ବର୍ଗର ବ୍ୟକ୍ତି ହୋଇଥିବାରୁ ସେ ପୂର୍ବରୁ ଏଥିପାଇଁ ଚିକିତ୍ସା କରାଇ ପାରି ନ ଥିଲେ। କିନ୍ତୁ ଆୟୁଷ୍ମାନ୍ ଭାରତ ଯୋଜନା ତାଙ୍କ ପାଇଁ ଆଶୀର୍ବାଦ ସଦୃଶ ହୋଇଛି। ଏହା ଦ୍ୱାରା ଦେବେନ୍ଦ୍ର ଆଗାମୀ ଦିନରେ ସୁସ୍ଥ ଜୀବନଯାପନ କରିପାରିବେ ବୋଲି କହି ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ସ୍ପେସ୍ ଷ୍ଟେଶନ୍ ଯିବେ ୩ ମହାକାଶଚାରୀ

**ୱାଶିଂଟନ୍:** ୩ ମହାକାଶଚାରୀ ସୋମବାର ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)କୁ ଯାତ୍ରା କରିବେ। ସେମାନଙ୍କ ମଧ୍ୟରୁ ୨ଜଣ ପ୍ରଥମକରି ମହାକାଶଯାତ୍ରା କରୁଛନ୍ତି। ସେମାନେ ସ୍ପେସ୍ ଷ୍ଟେଶନ୍‌ରେ ସାଢ଼େ ୬ମାସ ରହିବେ।


ଦୁଇମାସ ତଳେ ରୁଷୀୟ ମହାକାଶଚାରୀ ଆଲେକ୍ସ ଓଭଚିନିନ୍ ଏବଂ ଆମେରିକୀୟ ମହାକାଶଚାରୀ ନିକ୍ ହଗ୍‌ଙ୍କୁ ନେଇ ଯାଉଥିବା ସୋୟୁଜ୍ ସ୍ପେସ୍‌କ୍ରାଫ୍ଟ ବୁଷ୍ଟର ଅଚଳ ହୋଇପଡିବା ଯୋଗୁ ଜରୁରୀ ଅବତରଣ କରିଥିଲା। ଏକ ମାନବବାହୀ ମହାକାଶଯାନର ବିଫଳତା ରୁଷୀୟ ମହାକାଶ ଗବେଷଣା ଇତିହାସରେ ପ୍ରଥମ ଘଟଣା। ସୋମବାର ଯାତ୍ରା କରୁଥିବା ୩ ମହାକାଶଚାରୀ ହେଉଛନ୍ତି ନାସାର ଆନ୍ନେ ମ୍ୟାକ୍‌କ୍ଲେନ୍, କାନାଡା ସ୍ପେସ୍ ଏଜେନ୍ସିର ସେଣ୍ଟ-ଜାକ୍ୱିସଙ୍ ଏବଂ ରୁଷୀୟ ମହାକାଶ ଗବେଷଣା କେନ୍ଦ୍ର ରସ୍‌କସ୍‌ମସ୍‌ର ଓଲେଗ କୋନୋନେଙ୍କୋ। କାଜାଖସ୍ତାନର ବୈକୋନୁର ସ୍ପେସ୍‌ପୋର୍ଟରୁ ଅପରାହ୍ନ ୫ଟା ୩୦ରେ ସୋୟୁଜ ଏମ୍‌ଏସ୍-୧୧ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ଯାତ୍ରା କରିବ। ଦୀର୍ଘ ୬ଘଣ୍ଟା ଯାତ୍ରା ପରେ ପୃଥିବୀକୁ ୪ଥର ପରିକ୍ରମା କରି ମହାକାଶଚାରୀମାନେ ସୋୟୁଜକୁ ଷ୍ଟେଶନ୍‌ରେ ଅବତରଣ କରାଇବେ। ଜୁନ୍‌ରେ ଆଇଏସ୍‌ଏସ୍‌ରେ ଅବସ୍ଥାନ କରୁଥିବା ୟୁରୋପୀୟ ସ୍ପେସ୍ ଏଜେନ୍ସିର ଏକ୍ସପେଡିଶନ୍ ୫୭ କମାଣ୍ଡର ଆଲେକଜାଣ୍ଡର ଗର୍ଷ୍ଟ, ନାସା ଫ୍ଲାଇଟ୍ ଇଞ୍ଜିନିୟର ସେରେନା ଔନନ୍-ଚାନ୍‌ସେଲର ଏବଂ ରସକସମସ୍ ଫ୍ଲାଇଟ୍ ଇଞ୍ଜିନିୟର ସେର୍ଗେଇ ପ୍ରୋକୋପିଭ୍ ସେମାନଙ୍କୁ ସ୍ୱାଗତ କରିବେ। ଉଭୟ ମ୍ୟାକ୍‌କ୍ଲେନ୍ ଏବଂ ସେଣ୍ଟ-ଜାକ୍ୱିସଙ୍କ ପାଇଁ ଏହା ପ୍ରଥମ ମହାକାଶ ଯାତ୍ରା ହୋଇଥିବା ବେଳେ କୋରେନେଙ୍କୋଙ୍କର ଏହା ଚତୁର୍ଥ ଯାତ୍ରା।



### ଇତିହାସର ଆଇନାରେ
## ଡିସେମ୍ବର ୩ର ପ୍ରମୁଖ ଘଟଣା

୧୯୭୧ ଡିସେମ୍ବର ୩ରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହୋଇଥିଲା। ପୂର୍ବ ପାକିସ୍ତାନ ସ୍ୱାଧୀନତା ସଂଗ୍ରାମ ବେଳେ ପାକ୍ ସେନା ଭାରତର ୧୧ଟି ଏୟାରଷ୍ଟେସନ ଉପରେ ଆକ୍ରମଣ କରିବାରୁ ଯୁଦ୍ଧର ସୂତ୍ରପାତ ହୋଇଥିଲା। ପାକିସ୍ତାନ ପରାଜିତ ହୋଇଥିଲା ଏବଂ ପୂର୍ବ ପାକିସ୍ତାନର ମିଲିଟାରୀ କମାଣ୍ଡ ଆତ୍ମସମର୍ପଣ କରିଥିଲେ।

୧୯୮୪ ଡିସେମ୍ବର ୩ ତାରିଖରେ ଭୋପାଳ ଗ୍ୟାସ ଟ୍ରାଜେଡିରେ ୩୭୮୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବିଶ୍ୱର ସବୁଠୁ ଭୟାବହ ଶିଳ୍ପ ବିପର୍ଯ୍ୟୟ ଥିଲା। ମଧ୍ୟପ୍ରଦେଶର ଭୋପାଳଠାରେ ଥିବା ୟୁନିଅନ କାର୍ବାଇଡ ଇଣ୍ଡିଆ ଲିମିଟେଡର ପ୍ଲାଣ୍ଟରୁ ବିଷାକ୍ତ ଗ୍ୟାସ ଲିକ୍ ହେବା ଯୋଗୁ ୫,୫୮,୧୨୫ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସବୁଦିନ ପାଇଁ ଅକର୍ମଣ୍ୟ ହୋଇଯାଇଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୫.୪ |
| ଚାନ୍ଦବାଲି | ୨୭.୮ | ୧୭.୪ |
| କଟକ | ୨୭.୨ | ୧୫.୬ |
| ପାରାଦ୍ୱୀପ | ୨୯.୦ | ୧୮.୪ |
| ଭୁବନେଶ୍ୱର | ୩୦.୫ | ୧୬.୩ |
| ଗୋପାଳପୁର | ୩୦.୪ | ୧୭.୭ |
| ପୁରୀ | ୨୯.୦ | ୧୮.୨ |
| ଅନୁଗୋଳ | ୨୮.୩ | ୧୩.୦ |
| ବାରିପଦା | --- | ୧୫.୬ |
| ଝାରସୁଗୁଡ଼ା | ୨୮.୪ | ୧୩.୮ |
| କେନ୍ଦୁଝର | ୨୬.୮ | ୧୩.୭ |
| ସମ୍ବଲପୁର | ୨୯.୦ | ୧୪.୭ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୨୮.୬ | ୧୬.୧ |
| ତାଳଚେର | ୩୦.୫ | ୧୫.୮ |
| ଭବାନୀପାଟଣା | ୨୯.୦ | ୧୩.୦ |
| ବଲାଙ୍ଗୀର | ୨୮.୫ | ୧୪.୫ |
| କୋରାପୁଟ | ୨୭.୦ | ୧୧.୬ |
| ଫୁଲବାଣୀ | --- | ୭.୫ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୦ | --- |
| ସୋନପୁର | ୨୯.୪ | ୧୫.୨ |
| ଦାରିଙ୍ଗିବାଡ଼ି | ୨୩.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମୁମ୍ବାଇ ଫେରିବେ ସୋନାଲି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଖୁବ୍ ଶୀଘ୍ର ମୁମ୍ବାଇ ଫେରୁଥିବା ସୂଚନା ମିଳିଛି। ସେ ମେଟାଷ୍ଟାଟିକ୍ କ୍ୟାନ୍‌ସରରେ ପୀଡିତ ଥାଇ ନ୍ୟୁୟର୍କରେ କିଛି ମାସ ହେଲା ଚିକିତ୍ସିତ ହେଉଥିଲେ। ମୁମ୍ବାଇ ଆସି କିଛି ଦିନ ଖୁସିରେ କଟାଇବେ ବୋଲି ଇଚ୍ଛା କରିଛନ୍ତି ସୋନାଲି। ଏ ବିଷୟ ସେ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ଏକ ବାର୍ତ୍ତା ସହିତ ଗୋଟିଏ ଫଟୋ ପୋଷ୍ଟ ହୋଇଛି। ଯେଉଁଥିରେ ସୋନାଲି ମୁମ୍ବାଇ ଫେରିବାକୁ ଖୁବ୍ ଆଗ୍ରହୀ ଥିବା ଦେଖାଯାଉଛି। ସୋନାଲିଙ୍କ କହିବାନୁଯାୟୀ, ମୁମ୍ବାଇ ଫେରିବାକୁ ତାଙ୍କ ହୃଦୟ ବ୍ୟାକୁଳ ହେଉଛି। ମୁମ୍ବାଇରେ ପହଞ୍ଚିବାର ମୁହୂର୍ତ୍ତକୁ ସେ ଭାଷାରେ ବର୍ଣ୍ଣନା କରିପାରିବେ ନାହିଁ। ସେଠାରେ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କୁ ଦେଖିବାର ସୁଯୋଗ ପାଇବେ। କ୍ୟାନ୍‌ସର ସହ ଯୁଝିବାର ସମୟ ସରିନାହିଁ। କିନ୍ତୁ କିଛିଦିନ ମୁମ୍ବାଇରେ କାଟିଲେ ଖୁବ୍ ସନ୍ତୁଷ୍ଟ ହୋଇପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ଅଭିନେତ୍ରୀ ସୋନାଲି ଫିଲ୍ମ ପ୍ରଯୋଜକ ଗୋଲ୍‌ଡି ବେହଲଙ୍କୁ ବିବାହ କରିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସେ ଗୁରୁତର କ୍ୟାନ୍‌ସରରେ ପୀଡିତ ହୋଇଥିବା ଲକ୍ଷଣ ପ୍ରକାଶ ପାଇଥିଲା। ଏଭଳି ଦୁର୍ଦ୍ଦିନରେ ତାଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ତାଙ୍କୁ ସାନ୍ତ୍ୱନା ଓ ସମର୍ଥନ ଦେଇଥିବା ସେ ପ୍ରକାଶ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ରାଜସ୍ଥାନ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବଳଦ ଗାଡ଼ିରେ ନିର୍ବାଚନ ପ୍ରଚାର ଫସର ଫାଟିଛି। ଉଚ୍ଚଶିକ୍ଷା ମନ୍ତ୍ରୀ କିରଣ ମାହେଶ୍ୱରୀ ସ୍ଥାନୀୟ ଭୋଟରଙ୍କୁ ହାତେଇବା ପାଇଁ ରାଜସଂସଦଠାରେ ପ୍ରଚାର କରୁଥିଲେ। ତେବେ ଗହଳି ଦେଖି ବଳଦ ହୁରୁଡ଼ିବା ଆରମ୍ଭ କରିଥିଲେ। ଫଳରେ ବଳଦଗାଡ଼ି ନିୟନ୍ତ୍ରଣ ହରାଇଥିଲା। ନିର୍ବାଚନ ପ୍ରଚାର ରାଲିରେ ଖେଳିଯାଇଥିଲା ଆତଙ୍କ।

## ସଂକ୍ଷେପରେ

### ଆରମ୍ଭ ହେଲା ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ

■ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମାଲକାନଗିରି,୨।୧୨ (ଡି.ଏନ.ଏ.): ଏକ ସପ୍ତାହ ଧରି ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ (ପିପୁଲ୍ସ ଲିବରେଶନ ଗେରିଲା ଆର୍ମି) ରବିବାରଠାରୁ ଆରମ୍ଭ ହୋଇଛି। ଏଥିଯୋଗୁ ମାଲକାନଗିରି ଜିଲାରେ ସମସ୍ତ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି। ଏନେଇ ଦୂରଦୂରାନ୍ତକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଜିଲାରେ ବେସରକାରୀ ବସ୍ ଚଳାଚଳ ସ୍ୱାଭାବିକ ରହିଛି। ସୁରକ୍ଷା ବ୍ୟବସ୍ଥାକୁ ମଧ କଡାକଡି କରାଯାଇଛି। ସରକାରୀ ବସ୍ ଚଳାଚଳ ବନ୍ଦ ସମ୍ପର୍କରେ ପରିବହନ ବିଭାଗର ଜନୈକ ଅଧିକାରୀ କହିଛନ୍ତି ଯେ, ଏହି ସପ୍ତାହରେ ସରକାରୀ ବସ୍ ଚଳାଚଳ ବନ୍ଦ କରିବା ପାଇଁ ଭୁବନେଶ୍ୱର କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ପିଏଲ୍‌ଜିଏ ସପ୍ତାହ ପାଳନର ପ୍ରଥମ ଦିବସରେ ମାଓବାଦୀଙ୍କ ପକ୍ଷରୁ ଜିଲାର କୌଣସିଠାରେ କିଛି ଅଘଟଣ ଘଟି ନ ଥିବା ଜଣାପଡ଼ିଛି। ମାଲକାନଗିରି ପୋଲିସ ଏବଂ ବିଏସ୍‌ଏଫ୍ ପକ୍ଷରୁ ଜିଲା ସଦର ମହକୁମାଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଛି। ଗାଡିମୋଟର ଯାଞ୍ଚ କରାଯାଇ ସୀମାନ୍ତ ଛତିଶଗଡ ଏବଂ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି ବୋଲି ଏସ୍‌ପି ଜଗମୋହନ ମୀନା କହିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଡିସେମ୍ବର ୨ରୁ ୮ ପର୍ଯ୍ୟନ୍ତ ମାଓବାଦୀମାନେ ପିଏଲ୍‌ଜିଏ ସପ୍ତାହ ପାଳନ କରୁଛନ୍ତି। ବିଭିନ୍ନ ଗ୍ରାମରେ ସଭା ସମିତି କରି ଯୁବ ଗୋଷ୍ଠୀଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ ପାଇଁ ଆହ୍ୱାନ ଦେଉଛନ୍ତି।

### କଟକରେ ପୁଣି ଏନ୍‌କାଉଣ୍ଟର

■ ହତ୍ୟା ଅଭିଯୁକ୍ତଙ୍କୁ ପୋଲିସ ଗୁଳି

■ବୋମାମାଡରେ ପୋଲିସ କର୍ମଚାରୀ ଆହତ

**କଟକ ଅଫିସ,୨।୧୨:** କିଛିମାସ ବ୍ୟବଧାନ ପରେ କଟକରେ ପୁଣି ଏନ୍‌କାଉଣ୍ଟର ହୋଇଛି। ରବିବାର ରାତି ପ୍ରାୟ ୮ଟା ୫୦ରେ ଜଗତ୍‌ପୁର ଥାନା ପୋଲିସ ଗୁଳିରେ ଜଣେ ହତ୍ୟା ଅଭିଯୁକ୍ତ ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଚାହାପଡା ଅଞ୍ଚଳର ଗୁରୁଚରଣ ପାତ୍ର ଓରଫ୍ ଗୁରିଆ। ତାଙ୍କ ବାମଗୋଡ଼ ଜଙ୍ଘରେ ଗୁଳି ବାଜିଥିବା ବେଳେ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଗୁରିଆଙ୍କ ବୋମାମାଡ଼ରେ ଓଏପିଏଫ୍ କର୍ମଚାରୀ ଈଶ୍ୱର ମାଝି ଆହତ ହୋଇଛନ୍ତି। ତାଙ୍କୁ ମଧ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏହି ଏନକାଉଣ୍ଟରକୁ ମିଶାଇଲେ କଟକ ପୋଲିସ ଚଳିତବର୍ଷ ରବିବାର ସୁଦ୍ଧା ୧୦ଜଣଙ୍କୁ ଏନ୍‌କାଉଣ୍ଟର କରିଛି।

■ କର୍କଟ ବିରୋଧୀ ସଚେତନତା ଶୋଭାଯାତ୍ରା ଆରମ୍ଭ

# ପ୍ରଥମରୁ ଚିକିତ୍ସା କଲେ ସୁସ୍ଥ ହେବା ସମ୍ଭବ: ମନୀଷା

ବ୍ରହ୍ମପୁର ଅଫିସ,୨।୧୨

ବର୍ତ୍ତମାନ ସମୟରେ ମେଡିକାଲ ସାଇନ୍ସ ବହୁତ ଉନ୍ନତ ହୋଇସାରିଛି। ମାରାତ୍ମକ ରୋଗ କର୍କଟ (କ୍ୟାନସର)କୁ ପ୍ରଥମରୁ ଚିକିତ୍ସା କରାଗଲେ ରୋଗୀ ସମ୍ପୂର୍ଣ୍ଣ ନଚେତ ୯୦ ପ୍ରତିଶତ ସୁସ୍ଥ ହୋଇପାରିବ ବୋଲି ବଲିଉଡ ଅଭିନେତ୍ରୀ ମନୀଷା କୋଇରାଲା କହିଛନ୍ତି। ମନିଷା ରବିବାର ଗୋପାଳପୁର ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରୁ ବାହାରି ଥିବା କ୍ୟାନସର ସଚେତନତା ସାଇକେଲ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନୂଆଦିଲ୍ଲୀର ଗ୍ରାମୀଣ ସ୍ନେହା ଫାଉଣ୍ଡେଶନ ନାମକ ଏକ ସଂସ୍ଥା ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ସାଇକେଲ ଯାତ୍ରା ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଓ ମହାରାଷ୍ଟ୍ର ଆଦି ୫ ରାଜ୍ୟର ୧୪ ଜିଲାକୁ ଯାଇ ଲୋକଙ୍କୁ କ୍ୟାନସର ସମ୍ପର୍କରେ ସଚେତନ କରାଇବ। ମୋଟ ୨୪ ଦିନରେ ୧୪୮୧ କିମି ପରିଭ୍ରମଣ କରିବା ପରେ ଡିସେମ୍ବର ୨୫ ତାରିଖରେ ପୁଣେ ଠାରେ ଯାତ୍ରା ସରିବ। ପ୍ରଥମ ଦିନ ବ୍ରହ୍ମପୁର ଷ୍ଟାଡିୟମ ଛାତ୍ରାବାସର ଛାତ୍ରଙ୍କ ସମେତ ବହୁ ସାଇକେଲ ଆରୋହୀ ଏଥିରେ ସାମିଲ ହୋଇଥିଲେ। ପରେ ସାଇକେଲ ଯାତ୍ରା ଅତିକ୍ରମ କରୁଥିବା ଅଞ୍ଚଳର ଲୋକେ ଏଥିରେ ସାମିଲ ହେବେ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଏମ୍ସ ଜାତୀୟ କ୍ୟାନସର ଅନୁଷ୍ଠାନର ମୁଖ୍ୟ ପ୍ରଫେସର ଜି.କେ ରଥ ଅତିଥି ଭାବେ ଯୋଗଦେଇ କହିଥିଲେ, ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର କ୍ୟାନସର ରୋକିବା ପାଇଁ ୯ ରୁ ୨୬ ବର୍ଷର ବାଳିକା ତଥା ଯୁବତୀଙ୍କୁ ପ୍ରତିଷେଧକ ଟିକା ଦେବା ବ୍ୟବସ୍ଥା ରହିଛି। ଏହା ବିଶେଷ ଫଳପ୍ରଦ ବୋଲି ସେ କହିଥିଲେ। ଆର୍ମି ଏଡି କଲେଜର ବ୍ରିଗେଡିୟର ଆର. ଶ୍ରୀବାସ୍ତବ, ମେଜର ଜେନେରାଲ ପିଏସ ଭାଟିଆ, ଆଚାର୍ଯ୍ୟ ହରିହର କ୍ୟାନସର ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ଡ. ଏଲ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ସମେତ ଆର୍ମି ଏୟାର ଡିଫେନ୍ସର ବହୁ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ବଲିଉଡ ଅଭିନେତ୍ରୀ ମନୀଷା କୋଇରାଲା ଓ ଅନ୍ୟ ଅତିଥିମାନେ ସାଇକେଲ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

■୫ ରାଜ୍ୟର ୧୪ ଜିଲାରେ କରାଯିବ ସଚେତନ

■୨୫ରେ ପୁଣେରେ ସରିବ ସାଇକେଲ ଯାତ୍ରା

■ ବେତନଟୀ ରେଞ୍ଜରେ ହାତୀ ପଲ ତାଣ୍ଡବ

# ଫସଲ ନଷ୍ଟ କଲେ, ୮ ଘର ଭାଙ୍ଗିଲେ

ମୋରଡ଼ା,୨।୧୨

■ରାସ୍ତାକୁ ଓହ୍ଲାଇଲେ ଉତ୍ୟକ୍ତ ଲୋକେ

■୫ ଘଣ୍ଟା ଯାନବାହନ ଚଳାଚଳ ଠପ୍

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ତଥା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଝାଡ଼ଖଣ୍ଡ ହାତୀ ପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏହି ପଲରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି। ସେମାନେ ବ୍ୟାପକ ଫସଲ ନଷ୍ଟ କରିବା ସହ ୮ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ଏଥିରେ ଉତ୍ୟକ୍ତ ଲୋକେ ତୁରନ୍ତ ହାତୀ ପଲ ଘଉଡ଼ାଇବା ସହ କ୍ଷତିପୂରଣ ଦାବିରେ ରବିବାର ସକାଳେ ବଡ଼ାମ୍ବପୁରଠାରେ ମାଣିଦା – ବୈଶିଙ୍ଗା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ବନ ବିଭାଗ ଅଧିକାରୀ ଓ ପୋଲିସ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ଦୀର୍ଘ ୫ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ପଶ୍ଚିମବଙ୍ଗ ସୀମା ଦେଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଝାଡଖଣ୍ଡ ହାତୀ ମୟୂରଭଞ୍ଜ ଜିଲାରେ ମାସେ ପୂର୍ବେ ପ୍ରବେଶ କରିଥିଲେ। ସେମାନେ ଜିଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିବା ପରେ କିଛିଦିନ ପୂର୍ବେ ବାଲେଶ୍ୱର ଜିଲା ନୀଳଗିରି ମୁହାଁ ହୋଇଥିଲେ। ହେଲେ ସେଠାରୁ ୨ ଦିନ ହେବ ପଳାଇ ଆସି ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ପଶି ତାଣ୍ଡବ ରଚୁଛନ୍ତି। ଶନିବାର ରାତିରେ ଏହି ହାତୀପଲ ରାସଗୋବିନ୍ଦପୁର ବ୍ଲକ ବଡାମପୁରର, କୁଚବଣିଆ, ବଧି, କରତପଟା, ଭାଇଗାସାହି ଗାଁରେ ପଶି ପାଚିଲା ଧାନ ନଷ୍ଟ କରିବା ସହ ୮ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ଉତ୍ୟକ୍ତ ଲୋକେ ରବିବାର ସକାଳ ୬ ଟାରୁ ବଡ଼ାମ୍ବପୁରଠାରେ ମାଣିଦା – ବୈଶିଙ୍ଗା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ସଙ୍ଗେ ସଙ୍ଗେ ରାସଗୋବିନ୍ଦପୁର ଥାନା ଆଇଆଇସି ରେଣୁବାଳା ସାହୁ ସଦଳବଳ ଓ ବେତନଟୀ ରେଞ୍ଜର ଘନଶ୍ୟାମ ସିଂ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ବନ ବିଭାଗ ତରଫରୁ ଶୀଘ୍ର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବା ଏବଂ ହାତୀ ପଲ ଘଉାଇବାର ସବୁପ୍ରକାର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

■ ବାରଙ୍ଗ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ପ୍ରେମ-ମନାନ୍ତର-ବ୍ଲାକମେଲ୍‌ରୁ ହତ୍ୟା

କଟକ ଅଫିସ,୨।୧୨

**ଅଭିଯୁକ୍ତ ଗିରଫ, ମାରିବା ପାଇଁ ବିହାରରୁ ବନ୍ଧୁକ ଆଣିଥିଲେ**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ସୁପରଭାଇଜର ସୁନୀଲ ରଞ୍ଜନ ସାହୁଙ୍କୁ ଗତ ୨୫ ତାରିଖରେ ବାରଙ୍ଗରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ପ୍ରେମରୁ ମନାନ୍ତର, ପରେ ବ୍ଲାକମେଲ୍ ଯୋଗୁ ହତ୍ୟାକାଣ୍ଡ ଘଟିଥିଲା ବୋଲି ରବିବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କଟକ ଡିସିପି ଅଫିସ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ ଲାଲବାଗ୍ ଥାନା ଅନ୍ତର୍ଗତ ଆଲମଚାନ୍ଦ ବଜାରର ନିରଞ୍ଜନ ବେହେରା(୨୫)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ନିରଞ୍ଜନଙ୍କଠାରୁ ପୋଲିସ ଏକ ୯ ଏମ୍‌ଏମ୍ ପିସ୍ତଲ, ଦୁଇଟି ଫାଙ୍କା ମାଗାଜିନ୍, ଗୋଟିଏ ମୋବାଇଲ ଫୋନ ଜବତ କରିଛି।

କମିଶନର ମହାନ୍ତିଙ୍କ ସୂଚନା ଅନୁଯାୟୀ, ସୁନୀଲ ପୂର୍ବରୁ ଢେଙ୍କାନାଳ ଜିଲାର ଏକ ଘରୋଇ କଲେଜରେ ପ୍ରଶାସନିକ ଅଧିକାରୀ ଥିଲେ। ସେହି ସମୟରେ ଉକ୍ତ କଲେଜରେ ଅଧାପିକା ଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ଓ ଶାରୀରିକ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସୁନୀଲ ଚାକିରି ଛାଡି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିଥିଲେ। ଦୁହେଁ ଯୋଗାଯୋଗରେ ଥିଲେ ମଧ ପୂର୍ବପରି ସମ୍ପର୍କ ନ ଥିଲା। ଇତିମଧ୍ୟରେ ଯୁବତୀଙ୍କ ବିବାହ ଅନ୍ୟତ୍ର ଠିକ୍ ହୋଇଥିଲା, ଯାହାକୁ ନେଇ ଉଭୟଙ୍କ ମଧରେ ଝଗଡ଼ା ହେଉଥିଲା। ସୁନୀଲ୍ ଯୁବତୀଙ୍କୁ ମାନସିକ ନିର୍ଯାତନା ଦେବା ସହ ବ୍ଲାକମେଲ କରୁଥିଲେ। ଏ ସମ୍ପର୍କରେ ଯୁବତୀ ତାଙ୍କର ସ୍କୁଲ ସମୟର ବନ୍ଧୁ ନିରଞ୍ଜନଙ୍କୁ ଜଣାଇଥିଲେ। ଫଳରେ ନିରଞ୍ଜନ ସୁନୀଲଙ୍କୁ ଜୀବନରୁ ମାରି ଦେବାକୁ ନିଷ୍ପତ୍ତି ନେଇଥିଲେ। ଯୋଜନା ଅନୁଯାୟୀ ନିରଞ୍ଜନ ବିହାରର ମୁଙ୍ଗେର ଯାଇ ପିସ୍ତଲ, ଦୁଇଟି ମାଗାଜିନ୍ ଏବଂ ତିନୋଟି ଗୁଳି ଆଣିଥିଲେ। ପରେ ଏକ ମାସ ଧରି ସୁନୀଲଙ୍କୁ ପିଛା କରିଥିଲେ। ସୁନୀଲ୍ ସକାଳୁ ସନ୍ଧ୍ୟା ଯାଏ କେଉଁଆଡେ ଯାଉଛନ୍ତି, କ'ଣ କରୁଛନ୍ତି ସେନେଇ ଖବର ରଖୁଥିଲେ। ଗତ ୨୫ ତାରିଖରେ ସେ ସୁନୀଲଙ୍କୁ ହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇ ଏକ ସ୍କୁଟି(ଓଡି ୦୫ ଏଡି ୭୫୭୦)ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପାଖରେ ପହଞ୍ଚିଥିଲେ। ସୁନୀଲ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବିଶ୍ୱବିଦ୍ୟାଳୟରୁ ଏକ ବାଇକରେ ବାହାରିବା ପରେ ନିରଞ୍ଜନ ତାଙ୍କୁ ପିଛା କରି ବାରଙ୍ଗ ଥାନା ଅନ୍ତର୍ଗତ ହନୁମାନ ଛକ ନେତାଳ ବଜାର ନିକଟରେ ଅଟକାଇଥିଲେ। ନିରଞ୍ଜନ ତାଙ୍କ ପ୍ରେମିକାଙ୍କ ସାଙ୍ଗ ବୋଲି ସୁନୀଲ ଜାଣିଥିଲେ। ତେଣୁ ସୁନୀଲ ଗାଡ଼ି ଅଟକାଇ କଥା ହେଉଥିବା ସମୟରେ ନିରଞ୍ଜନ ତାଙ୍କ ଉପରକୁ ଅତର୍କିତ ଦୁଇଟି ଗୁଳି ଚଳାଇଥିଲେ। ପ୍ରଥମ ଗୁଳିଟି ତାଙ୍କ ଛାତି ଓ ଦ୍ୱିତୀୟଟି ମୁଣ୍ଡରେ ବାଜିଥିଲା। ଏହାପରେ ନିରଞ୍ଜନ ସ୍କୁଟିରେ ବିଦ୍ୟାଧରପୁର ଦେଇ ଢେଙ୍କାନାଳ ଅଭିମୁଖେ ପଳାଇଯାଇଥିଲେ। ବାଟରେ ଏକ ବୁଦାରେ ସେ ପିସ୍ତଲ ଓ ଅନ୍ୟ ସାମଗ୍ରୀ ଲୁଚାଇ ଦେଇଥିଲେ। ଶନିବାର ବିଳମ୍ବିତ ରାତିରେ ପୋଲିସ ନିରଞ୍ଜନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ପଚରାଉଚରା ପରେ ନିରଞ୍ଜନ ଘଟଣା ସମ୍ପର୍କରେ ସମସ୍ତ ସୂଚନା ଦେଇଥିଲେ ବୋଲି କମିଶନର ମହାନ୍ତି କହିଛନ୍ତି।

ସୂଚନାଥାଉ କି, ହତ୍ୟାକାଣ୍ଡ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ସହକାରୀ ସୁରକ୍ଷା ଅଧିକାରୀ ସୁବେଦାର ଯାଦବଙ୍କ ଅଭିଯୋଗ କ୍ରମେ ବାରଙ୍ଗ ଥାନା ପୋଲିସ ଆଇପିସି ଦଫା ୩୦୨ ଏବଂ ଆର୍ମ୍ସ ଆକ୍ଟ ୨୫, ୨୭ ଅନୁଯାୟୀ ଏକ ମାମଲା(୧୯୪/୧୮) ରୁଜୁ କରିଥିଲା।

## ଶାସକ ଦଳ ନେତାଙ୍କ ପକେଟରେ ଚାଷୀଙ୍କ ଟଙ୍କା: ଭାଜପା

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଥିବାବେଳେ ଚାଷୀଙ୍କୁ ହଜାରରୁ ବାରଶହ ଟଙ୍କା ଯାଏଁ ମିଳୁଛି। ବାକି ଟଙ୍କା ଶାସକ ଦଳର ନେତା ଓ ମନ୍ତ୍ରୀମାନଙ୍କ ପକେଟ୍‌କୁ ଯାଉଛି ବୋଲି ଭାଜପା ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ପ୍ରଦୀପ କହିଛନ୍ତି ଯେ, ପଶ୍ଚିମ ଓଡିଶାରେ ବର୍ତ୍ତମାନ ମଣ୍ଡି ଖୋଲା ନ ଯିବାରୁ ହଜାରହଜାର କୁଇଣ୍ଟାଲ ଧାନ ଗଦା ହୋଇଛି । ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେମାନେ ମିଲରମାନଙ୍କ ସହ କଥାବାର୍ତ୍ତା କରାଯିବ ବୋଲି କହି ହାତଟେକି ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ୪ରୁ ୫ କିଲୋ ଧାନ ନ କାଟିଲେ ମିଲରମାନେ ମଣ୍ଡିରୁ ଧାନ ଉଠାଉନାହାନ୍ତି। ଗତ ୫ରୁ ଧାନ ମଣ୍ଡି ଖୋଲା ହେବାର ଲମ୍ବା ତାଲିକା ରାଜ୍ୟ ସରକାରଙ୍କ ପାଖରେ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଅଳ୍ପ କେତୋଟି ଖୋଲାଯାଇଛି । କୁଇଣ୍ଟାଲ କୁଇଣ୍ଟାଲ ଧାନ ଗଦା ହୋଇଥିବାବେଳେ ଏଯାବତ୍ ଧାନ ମଣ୍ଡି ଖୋଲା ଯାଇନାହିଁ। ୧୦୦୦ରୁ ୧୨୦୦ଟଙ୍କାରେ ଦଲାଲ୍‌ମାନେ ଧାନ କିଣୁଛନ୍ତି । ମଣ୍ଡିରୁ ଧାନ କିଣାଯାଉ ନ ଥିବାରୁ ସରଳ ଚାଷୀ ଅଭାବୀ ବିକ୍ରି ପାଇଁ ବାଧ୍ୟ ହେଉଛନ୍ତି। ଚାଷୀଙ୍କଠୁ ଲୁଟ୍ କରାଯାଉଥିବା ଟଙ୍କା ସିଧାସଳଖ ମନ୍ତ୍ରୀଙ୍କ ପ୍ୟାକେଟ୍ ଯାଉଛି। ସରକାର ଚାଷୀମାନଙ୍କୁ ଶୋଷଣ କରୁଛନ୍ତି, ଆଗାମୀ ଦିନରେ ରାଜ୍ୟବାସୀ ଏହାର ସଠିକ୍ ଜବାବ୍ ଦେବେ ବୋଲି ପ୍ରଦୀପ କହିଛନ୍ତି।

# ନିକାହରେ ବାଧା ଦେଲା ବୟସ

ସମ୍ବଲପୁର,୨।୧୨(ବ୍ୟୁରୋ)

■ସାମୂହିକ ନିକାହ ପୂର୍ବରୁ ପ୍ରଶାସନର ଚଢାଉ

■ବିବାହଯୋଗ୍ୟ ବୟସ ହୋଇ ନ ଥିବା ପ୍ରମାଣ

■୫ ନାବାଳିକା, ଜଣେ ନାବାଳକଙ୍କ ନିକାହ ବନ୍ଦ କଲା ପ୍ରଶାସନ

■ଅପରାହ୍ନ ୨ଟା ପରେ ୧୫ ଯୋଡିଙ୍କ ନିକାହ ସମ୍ପନ୍ନ

■ସାମିଲ ହେଲେ ନାହିଁ ପ୍ରଶାସନିକ ଅଧିକାରୀ

ସମ୍ବଲପୁର ଆଲ୍ଲା ହଜରତ ୱେଲଫେୟାର କମିଟି ପକ୍ଷରୁ ରବିବାର ରାଜା ନଗରସ୍ଥିତ ସହଜାନ ନଗରରେ ସାମୂହିକ ନିକାହ ଅନୁଷ୍ଠିତ ହୋଇଛି। ହେଲେ ନିକାହ (ବିବାହ) ପୂର୍ବରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ସାମୂହିକ ନିକାହରେ ସାମିଲ ହୋଇଥିବା ୫ ଜଣ ନାବାଳିକା ଓ ଜଣେ ନାବାଳକଙ୍କ ନିକାହକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଥିଲା । ମୋଟ ୨୧ ଯୋଡା ନିକାହ ପାଇଁ କମିଟି ପକ୍ଷରୁ ସ୍ଥିର ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିଖାରୀ ଶୁଚିସ୍ମିତା ପଟ୍ଟନାୟକ ଚଢାଉ କରି ନିକଟସ୍ଥ ଏକ ଅଫିସରେ ସମସ୍ତ ଝିଅପୁଅଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ କରିଥିଲେ । ଏଥିରେ ୫ ନାବାଳିକା ଓ ଜଣେ ନାବାଳକ ଥିବା ପ୍ରମାଣ ମିଳିବା ପରେ ସେ ପ୍ରଶାସନକୁ ଜଣାଇଥିଲେ। ପରେ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏଡିଏମ ଅଜୟ କୁମାର ଜେନା ପହଞ୍ଚି ପୁଣି ଥରେ ଏମାନଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ପ୍ରଶାସନିକ ଅଧିକାରୀ ସେମାନଙ୍କ ପଡା ଓ ଘରକୁ ଯାଇ ମଧ ଯାଞ୍ଚ କରିଥିଲେ। ବିବାହଯୋଗ୍ୟ ବୟସ ହୋଇ ନ ଥିବା ସବୁଆଡୁ ପ୍ରମାଣ ମିଳିଥିଲା। ଶେଷରେ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ଉକ୍ତ ନାବାଳକ ନାବାଳିକାଙ୍କ ନିକାହ ବନ୍ଦ କରି ଦିଆଯାଇଥିଲା। ଏହି ଘଟଣା ପ୍ରଚାର ହେବା ପରେ ସହରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏପରିକି ଅତିଥି ଭାବେ ନିମନ୍ତ୍ରିତ ଥିବା ପ୍ରଶାସନିକ ଅଧିକାରୀ ଓ କେତେଜଣ ନେତା ଯୋଗ ଦେଇ ନ ଥିଲେ ।

ଅପରାହ୍ନ ୨ଟା ପରେ କିନ୍ତୁ ବାକି ୧୫ ଯୋଡିଙ୍କ ନିକାହ ସମ୍ପନ୍ନ ହୋଇଥିଲା। ଏଥିରେ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ନବଦମ୍ପତିମାନଙ୍କୁ ଶୁଭ କାମନା ଜଣାଇଥିଲେ । ଜିଲା ସ୍କୁଲ ଛକରୁ ୧୫ଟି ଗାଡିରେ ବରଯାତ୍ରୀ ଦଳ ସହ ବର ରାଜା ନଗରସ୍ଥିତ ସହଜାନ ନଗରରେ ପହଞ୍ଚିଥିଲେ। କମିଟି ପକ୍ଷରୁ ବର ଓ ବରଯାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଗୋଟିଏ ମଣ୍ଡପରେ ୧୫ ଯୋଡିଙ୍କ ନିକାହ ସମ୍ପନ୍ନ ହୋଇଥିଲା। କମିଟି ପକ୍ଷରୁ ସମସ୍ତଙ୍କୁ ଘରଚଳଣି ସାମଗ୍ରୀ ଓ ରୋଜଗାର ପାଇଁ ସିଲେଇ ମେଶିନ ପ୍ରଦାନ କରାଯାଇ ବିଦାୟ ଦିଆ ଯାଇଥିଲା।

ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ

# ଖୁବ୍‌ଶୀଘ୍ର ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ

**ସମୀକ୍ଷା କଲେ ଉଚ୍ଚ ଶିକ୍ଷାମନ୍ତ୍ରୀ**

ପୁରୀ ଅଫିସ,୨।୧୨

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବକୁଳବନରେ ପ୍ରତିଷ୍ଠା ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ଲାଗି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ଗଛ ନ କାଟି କିଭଳି ବିଶ୍ୱବିଦ୍ୟାଳୟର କୋଠା ନିର୍ମାଣ ହେବ ତାହାର ଡିଜାଇନ ପ୍ରସ୍ତୁତ କରିବାକୁ ଦିଲ୍ଲୀର ଆର୍କିଟେକ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଉକ୍ତ ଜମିକୁ ସମତୁଲ କରିବା ସହ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବା ଲାଗି ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ରବିବାର ମନ୍ତ୍ରୀ ଦାସ ପୁରୀ ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟର ସମୀକ୍ଷା କରିବା ସହ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସତ୍ୟବାଦୀସ୍ଥିତ ବକୁଳବନରେ ପ୍ରତିଷ୍ଠା ହେବ ଓଡିଆ ବିଶ୍ୱବିଦ୍ୟାଳୟ। ପ୍ରାୟ ୨୯ ଏକର ପରିମିତ ଜମିରେ ହେବାକୁ ଥିବା ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ଗତ ଅକ୍ଟୋବର ୯ ଗୋପବନ୍ଧୁ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଏହି ଜମିକୁ ରାଜ୍ୟ ସରକାର ଗୋପୀନାଥ ଦେବ ଟ୍ରଷ୍ଟ ବୋର୍ଡଠାରୁ କ୍ରୟ କରିବା ଲାଗି ପ୍ରକ୍ରିୟା ଜାରି ରଖିଛନ୍ତି। ଜମି ବାବଦକୁ ଟ୍ରଷ୍ଟବୋର୍ଡକୁ ସରକାର ୩୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେବ। କିନ୍ତୁ ଏ ପର୍ଯ୍ୟନ୍ତ ଟ୍ରଷ୍ଟବୋର୍ଡକୁ ଜମି ବାବଦକୁ କିଛି ଟଙ୍କା ଦିଆଯାଇ ନ ଥିବାବେଳେ ଭିତିପ୍ରସ୍ତର ସ୍ଥାପନ ପରଠାରୁ ସ୍ଥିତି ଯେମିତି ଥିଲା ସେମିତି ରହିଛି। ଏସବୁ ଉପରେ ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପ ଜିଲାପାଳ ଭବତାରଣ ସାହୁ, ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ଗୌରବମୟ ପ୍ରଧାନ, ପୂର୍ତ୍ତ ବିଭାଗର ଉପ ନିର୍ବାହୀଯନ୍ତ୍ରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ।

■ ବେଲଟିକିରିରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି

# ଜିଲାପାଳ, ଏସ୍‌ପିଙ୍କୁ ଘେରିଲେ

ଢେଙ୍କାନାଳ ଅଫିସ, ୨।୧୨

■ଜିଲା କାର୍ଯ୍ୟାଳୟରେ ଧାରଣା ଦେଲେ

■ରାଜ୍ୟ ସରକାରଙ୍କୁ ଦୋଷ ଲଦିଲେ

■ପ୍ରଶାସନ ଅବହେଳାକୁ ଦାୟୀ କଲେ

ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ବିବାଦରେ ଛନ୍ଦି ହୋଇପଡ଼ିଛି 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'। ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି ବିରୋଧୀ। ରବିବାର ପୂର୍ବାହ୍ନ ୧୦ଟାରେ ଢେଙ୍କାନାଳ ସଦର ଥାନା ବେଲଟିକିରି ଗସ୍ତ କରିଥିଲେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ। ମୋର୍ଚ୍ଚାର ସଭାପତି ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ସମ୍ପାଦିକା ତଥା ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପିଙ୍କି ପ୍ରଧାନ, ସମ୍ପାଦିକା ରଶ୍ମିରେଖା ଦାସ ପ୍ରମୁଖ ଏଥିରେ ସାମିଲ ଥିଲେ। ଏପରି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାରଙ୍କ ଅପାରଗତାକୁ ସମ୍ପୂର୍ଣ୍ଣ ଦାୟୀ କରିବା ସହ ପ୍ରବଳ ବର୍ଷିଥିଲେ ନେତୃବୃନ୍ଦ। ସେହିପରି ପ୍ରତିନିଧି ଦଳ ପହଞ୍ଚିବା ପୂର୍ବରୁ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କରାଯାଇ ଅନୁଷ୍ଠାନକୁ ସିଲ୍ କରିଦିଆଯାଇଥିଲା। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ମହିଳା ମୋର୍ଚ୍ଚା ପ୍ରତିନିଧିମଣ୍ଡଳୀ, ଯାହାର ପ୍ରତିଫଳନ ଦେଖିବାକୁ ମିଳିଥିଲା ଜିଲାପାଳଙ୍କ କାର୍ଯ୍ୟାଳୟରେ।

ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ପଞ୍ଜୀକୃତ ନ ହୋଇ ଜିଲା ମୁଖ୍ୟାଳୟଠାରୁ ମାତ୍ର ୧୨ କିମି ଦୂରରେ କିପରି ଏମିତି ଅନୈତିକ କାର୍ଯ୍ୟ ଚାଲିଥିଲା। ଅନ୍ତେବାସୀଙ୍କୁ ମନଇଚ୍ଛା କାହିଁକି ସ୍ଥାନାନ୍ତର କରାଗଲା ଏବଂ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରତିନିଧି ଦଳ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ଗୁଡ଼େଇଗୁଡ଼େଇ ପ୍ରଶ୍ନ କରିଥିଲେ। ହେଲେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସେମାନେ ଦୀର୍ଘସମୟ ଜିଲାପାଳ ଏବଂ ଏସ୍‌ପି ସନ୍ତୋଷ କୁମାର ନାୟକଙ୍କୁ ଘେରିଥିଲେ। ଏ ସଂକ୍ରାନ୍ତରେ ଲିଖିତ ନିର୍ଦ୍ଦେଶନାମା ଦାବି କରିଥିଲେ।

ସ୍ଥାନାନ୍ତର ହୋଇଥିବା ଅନ୍ତେବାସୀଙ୍କୁ ପ୍ରତିନିଧି ଦଳ ଭେଟିବାକୁ ଚାହିଁବାରୁ ଜିଲାପାଳ ସେମାନଙ୍କୁ ଅଧଘଣ୍ଟା ବାହାରେ ଅପେକ୍ଷା କରିବାକୁ କହିଥିଲେ। ଏହାର ପ୍ରତିବାଦରେ ପ୍ରତିନିଧି ଦଳ ଜିଲାପାଳଙ୍କ ପ୍ରକୋଷ୍ଠ ବାହାରେ ୪୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ଚାପରେ ପଡ଼ି ଏପରି କାର୍ଯ୍ୟ କରୁଛି ବୋଲି ସେମାନେ ଅଭିଯୋଗ ଆଣିଥିଲେ। ଏହି ସମୟରେ ଜିଲାପାଳଙ୍କ ସହ କଥା କଟାକଟି ହୋଇ ଯୁକ୍ତିତର୍କ ଯାଏ ଯାଇଥିଲା। ଏସ୍‌ପି ଏଥିରେ ହସ୍ତକ୍ଷେପ କରି ପୋକ୍‌ସୋ ଆକ୍ଟକୁ ନେଇ ରହିଥିବା ସୁପ୍ରିମକୋର୍ଟ ଗାଇଡ୍‌ଲାଇନ୍ ସମ୍ପର୍କରେ ବୁଝାଇଥିଲେ। ହେଲେ ଭାଜପା କର୍ମକର୍ତ୍ତା ଏହାକୁ ଦେଖାଇବାକୁ ଜିଦ୍ ଧରି ଅଡ଼ି ବସିଥିଲେ। ଏହାକୁ ନେଇ ଏସ୍‌ପିଙ୍କ ସହିତ ମଧ ବାକ୍‌ବିତଣ୍ଡା ହୋଇଥିଲା। ପ୍ରଶାସନର ଅସହଯୋଗରେ ଅସନ୍ତୋଷ ବ୍ୟକ୍ତ କରି ପ୍ରତିନିଧିମଣ୍ଡଳୀ ଫେରିଯାଇଥିଲେ।



ଭାଜପା ମହିଳା ମୋର୍ଚ୍ଚାର ପ୍ରତିନିଧି ଦଳ ଓ ଜିଲାପାଳଙ୍କ ସହ କଥା କଟାକଟି।

ଏ ନେଇ ସଭାନେତ୍ରୀ ପ୍ରଭାତୀ ପରିଡ଼ା କୁହନ୍ତି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଜ୍ଞାତସାରରେ ଏଭଳି ଅନୁଷ୍ଠାନ ଚାଲିଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ୨୬ଟି ଅନୁଷ୍ଠାନରେ ଝିଅପୁଅଙ୍କୁ ଏକାଠି ରଖି ଅନୈତିକ କାର୍ଯ୍ୟ କରାଯିବା ନିନ୍ଦନୀୟ ଘଟଣା। ତୃତୀୟ ମହଲା ଚାପରେ ଅନ୍ତେବାସୀଙ୍କୁ ତରବରିଆ ଭାବେ ସ୍ଥାନାନ୍ତର କରାଯାଇଛି। ଅବ୍ୟବସ୍ଥା ପଦାକୁ ଆସିଲେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁଛି ବୋଲି ସେ କହିଛନ୍ତି। ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କୁହନ୍ତି, ରାଜ୍ୟ ସରକାରଙ୍କ ଅପାରଗତା ପଦାରେ ପଡ଼ିଛି। ଜିଲାର ମୁଖ୍ୟ ଜିଲାପାଳ, ଆଇନଶୃଙ୍ଖଳାର ନିୟନ୍ତ୍ରଣ ଦାୟିତ୍ୱ ଏସ୍‌ପିଙ୍କର। ଜିଲାପାଳଙ୍କୁ ମଗାଯାଇଥିବା ସାମାନ୍ୟ ତଥ୍ୟ ସେ ଦେଇପାରିଲେନି। ସେମାନେ ଏ ସମ୍ପର୍କରେ କ'ଣ ତୃତୀୟ ମହଲା କିରାଣିଙ୍କୁ ପଚାରିବେ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

ଅନ୍ୟମାନଙ୍କ ମଧରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନିରୋଜ ନଳିନୀ ମହାଳିକ, ସାଧାରଣ ସମ୍ପାଦିକା ଅନିତା ଦାସ, ଜିଲା ଉପସଭାନେତ୍ରୀ ରତ୍ନପ୍ରଭା ପଣ୍ଡା, ନବ କିଶୋର ଗୁରୁ, ସୁଧାଂଶୁ ଦଳେଇ, ରମେଶ ଚନ୍ଦ୍ର ସାମଲ, ମାତୃ ପ୍ରସାଦ ନନ୍ଦ, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଅନସୂୟା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

DSPL-273

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡିସେମ୍ବର ୩ ଉପଲକ୍ଷେ

## ରାଜ୍ୟର ସମସ୍ତ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।



### ଭତ୍ତା
କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା ଯୋଜନା ଓ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ୍ ଯୋଜନା ମାଧ୍ୟମରେ ୩ ଲକ୍ଷ ୧ ହଜାର ୧୧ ଜଣ ଭିନ୍ନକ୍ଷମ ଲୋକ ଉପକୃତ ହେଉଅଛନ୍ତି ।

### ବୃତ୍ତି
ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷା ସହାୟତା ବୃତ୍ତି ଯୋଗାଇ ଦିଆଯାଉଛି ।

### ସଂରକ୍ଷଣ
ସରକାରୀ ନିଯୁକ୍ତିରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ୪ ପ୍ରତିଶତ ଓ ଶିକ୍ଷାନୁଷ୍ଠାନରେ ୫ ପ୍ରତିଶତ ସ୍ଥାନ ସଂରକ୍ଷିତ କରାଯାଇଛି ।

### ଲ୍ୟାପ୍‌ଟପ୍
+୩ ଶ୍ରେଣୀରେ ପଢୁଥିବା ଦୃଷ୍ଟିହୀନ ପିଲାମାନଙ୍କୁ ମାଗଣାରେ ଲ୍ୟାପ୍‌ଟପ୍ ସହିତ ସ୍ୱତନ୍ତ୍ର ସଫ୍ଟୱେୟାର ଯୋଗାଇ ଦିଆଯାଉଛି ।

### ସ୍ୱତନ୍ତ୍ର ବିଦ୍ୟାଳୟ
ଭିନ୍ନକ୍ଷମ ପିଲାମାନଙ୍କୁ ବିନା ଖର୍ଚ୍ଚରେ ପାଠ ପଢ଼ିବା ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ବିଦ୍ୟାଳୟ ମାନ ସ୍ଥାପନ କରାଯାଇଅଛି ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ
ଏହି ଯୋଜନା ମାଧ୍ୟମରେ ରାଜ୍ୟର ସବୁ ଜିଲ୍ଲା ମାନଙ୍କରେ ପଞ୍ଚାୟତ ସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଓ ସହାୟତା ଶିବିର ଆୟୋଜନ କରାଯାଉଛି ।

## ସାମାଜିକ ନ୍ୟାୟ ଓ ସମାନତା ସହ ଭିନ୍ନକ୍ଷମମାନଙ୍କ ବିକାଶ

### ସ୍ୱତନ୍ତ୍ର ଶିଳ୍ପ ତାଲିମ କେନ୍ଦ୍ର
ଖୋର୍ଦ୍ଧା ଜିଲ୍ଲାର ଜଟଣୀ ଠାରେ ଭିନ୍ନକ୍ଷମ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିଳ୍ପ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

### ଦକ୍ଷତା ବିକାଶ ତାଲିମ କେନ୍ଦ୍ର
ଆତ୍ମ ନିଯୁକ୍ତି ନିମନ୍ତେ ଭିନ୍ନକ୍ଷମମାନଙ୍କୁ ଦକ୍ଷତା ବିକାଶ ସମ୍ବନ୍ଧରେ ତାଲିମ ପ୍ରଦାନ କରଯାଉଅଛି ।

### ବିବାହ ସହାୟତା
ଜଣେ ଭିନ୍ନକ୍ଷମ ବ୍ୟକ୍ତି ଅନ୍ୟ ଜଣେ ସାଧାରଣ ବ୍ୟକ୍ତିଙ୍କୁ ବିବାହ କଲେ, ଏଭଳି ଦମ୍ପତ୍ତିଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଅଛି ।

### ଭିନ୍ନକ୍ଷମଙ୍କ ନିମନ୍ତେ ପାଠାଗାର
ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏନ୍‌ସିଏସ୍‌ଡିଏ, ପୋଖରୀପୁଟ, ଭୁବନେଶ୍ୱର ଠାରେ ଏକ ସ୍ୱତନ୍ତ୍ର ପାଠାଗାର ସ୍ଥାପନ କରାଯାଇଅଛି ।

### ଛାତ୍ରୀନିବାସ
ଭିନ୍ନକ୍ଷମ ଛାତ୍ରୀମାନଙ୍କ ପାଠ ପଢ଼ିବା ନିମନ୍ତେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଛାତ୍ରୀନିବାସ ନିର୍ମାଣ ହୋଇଛି ।

### ନିଯୁକ୍ତି ମେଳା
ବିଭିନ୍ନ ସ୍ଥାନରେ ନିଯୁକ୍ତି ମେଳା ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ କାର୍ଯ୍ୟନିଯୁକ୍ତି ଦିଆଯାଉଛି ।

### ସଂଶୋଧନକ୍ଷମ ଅସ୍ତ୍ରୋପଚାର
ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍ ପରିସର ଓ ୮ ଟି ଜିଲ୍ଲାର ଜିଲ୍ଲା ପୁନର୍ବାସ କେନ୍ଦ୍ର ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ସକ୍ଷମ କରିବା ନିମନ୍ତେ ଅସ୍ତ୍ରୋପଚାରର ସୁବିଧା ରହିଛି ।

### ସ୍ୱତନ୍ତ୍ର ପରିଚୟ ପତ୍ର
ରାଜ୍ୟର ସମସ୍ତ ଭିନ୍ନକ୍ଷମଙ୍କୁ ଏକକ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଉଛି ।

### ପୁରସ୍କାର
ବିଭିନ୍ନ କ୍ଷେତ୍ରରେ କୃତୀ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ୨୫ ହଜାର ଟଙ୍କାର ରାଜ୍ୟ ପୁରସ୍କାର ପ୍ରଦାନ କରାଯାଉଛି ।

### ତାଲିମ୍ ଓ ଉତ୍ପାଦନ କେନ୍ଦ୍ର
ଏନ୍‌ସିଏସ୍‌ଡିଏ, ପୋଖରୀପୁଟ, ଭୁବନେଶ୍ୱର ଠାରେ ଏକ ଉତ୍ପାଦନ ଓ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି ।

### ସ୍ୱୟଂ ସହାୟକ ଗୋଷ୍ଠୀ
ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ସ୍ୱରୋଜଗାରକ୍ଷମ କରିବା ପାଇଁ ସହାୟତା ଯୋଗାଇ ଦିଆଯାଉଛି ।

### ବୌଦ୍ଧିକ ଅନଗ୍ରସରତାର ଚିକିତ୍ସା
ବୌଦ୍ଧିକ ଅନଗ୍ରସର ଶିଶୁମାନଙ୍କ ଚିକିତ୍ସା ଓ ଥଇଥାନ ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଛି ।

46001/13/0029/1819

## ଆମେ ଭିନ୍ନକ୍ଷମମାନଙ୍କୁ ସୁରକ୍ଷା, ଯତ୍ନ ଓ ସହାୟତା ଯୋଗାଇ ଦେଉଅଛୁ ।

Website : http://ssepd.gov.in | Toll Free Helpline : 1800 345 7150 | Facebook : www.facebook.com/ssepd | Twitter : https://twitter.com/ssepd2


## ସଂକ୍ଷେପରେ

### ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**ସିମୁଳିଆ, ୨।୧୨(ଡି.ଏନ.ଏ.):** ବିଶ୍ୱ ଏଡ୍‌ସ ଦିବସ ଅବସରରେ ଶନିବାର ସିମୁଳିଆ ମହାବିଦ୍ୟାଳୟ ପରିସରରେ ଏଡ୍‌ସ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସଚେତନତା ପାଇଁ ମହାବିଦ୍ୟାଳୟ ପରିସରରେ ବାଲୁକା କଳା ପ୍ରଦର୍ଶନ କରାଯିବା ସହିତ ଛାତ୍ରୀଛାତ୍ରମାନେ ସଚେତନତା ରାଲି କରିଥିଲେ। ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଭାରତ ସ୍କାଉଟ ଓ ଗାଇଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ଡ. ଅଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଅତିଥି ରୂପେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୋନାଲି ପତି, ବୈଷୟିକ ପରାମର୍ଶଦାତା ବାଣୀ ଅଙ୍କିତା ପାଢ଼ୀ, ଅଧାପକ ଉମାକାନ୍ତ ନାୟକ, ଡ. ଶୁକଦେବ ମଲିକ, ଅଶୋକ କୁମାର କବି ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଅଧାପକ ବାବୁରାମ ଜେନା ସ୍ୱାଗତ ଭାଷଣ ଓ ଯୁବ ରେଡକ୍ରସ କାଉନସିଲର ମାନସ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଭାଗବତ କଥାମୃତ



**ବାଲିଆପାଳ, ୨।୧୨(ସ୍ୱ.ପ୍ର.):** ବାଲିଆପାଳ ବଜରଙ୍ଗବାଲି ମନ୍ଦିର ପରିସର ମଧରେ ଅନନ୍ତ ବଳିଆ ସେବା ସଂଘ ଏବଂ ବଜରଙ୍ଗବାଲି କମିଟିର ପ୍ରଚେଷ୍ଟାରେ ଗତ ନଭେମ୍ବର ୨୫ଠାରୁ ଆରମ୍ଭ ହୋଇଥିବା ଶ୍ରୀମଦ ଭାଗବତ କଥାମୃତ ପ୍ରବଚନ ସମାରୋହ ୧ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ପୂଜ୍ୟ ପୂଜକ ବାବା ବଳିଆଙ୍କ ସେବକ ଗୋପାଳ ଦାସ ପ୍ରତ୍ୟେକ ସନ୍ଧ୍ୟା ପ୍ରବଚନ ସମାରୋହରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଭାଗବତ ଶବ୍ଦର ପ୍ରତ୍ୟେକ ଅକ୍ଷର ବିଷୟରେ ବୁଝାଇଥିଲେ। ସଂଘର ସଭାପତି ମନୋଜ କୁମାର ସୀ, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ଅଜୟ କୁମାର ଦାସ, ବିଜୟ କୁମାର ସାହୁ, ସୁନୀଲ କୁମାର ବେହେରା, ଗଣେଶ୍ୱର ବେହେରାଙ୍କ ସମେତ ଦୁଇସଂଘର ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ପ୍ରବଚନ ସମାରୋହ ପରେ ଭକ୍ତମାନଙ୍କ ମଧରେ ପ୍ରସାଦ ବଣ୍ଟନ କରିଥିଲେ।

### ସଚେତନ ହେବା, ଏଡ୍‌ସକୁ ଦୂରେଇ ଦେବା



**ଖଇରା, ୨।୧୨(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୁପାରୀ ନୋଡ଼ାଲ ହାଇସ୍କୁଲରେ କରୁଣାକର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଆସମ ଆମେ ସଚେତନ ହେବା ଏଡସ୍‌କୁ ଦୂରେଇ ଦେବା, ସୁସ୍ଥ ଶରୀର ସୁସ୍ଥ ମନ, ସମୃଦ୍ଧ ରାଷ୍ଟ୍ର ସୁସ୍ଥ ଜୀବନ ଭଳି ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନତା ପାଇଁ ଚେଷ୍ଟା କରିଥିଲେ। ଜିଲା ପତଞ୍ଜଳି ଯୋଗ ସମିତିର ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଏଡ୍‌ସ ରୋଗରୁ ରକ୍ଷା ପାଇଁ ଯୋଗ ଏକମାତ୍ର ମାଧମ ବୋଲି କହିଥିଲେ। ଅଭୟ କୁମାର ଦଳେଇ, ଜୟନ୍ତୀଲତା ଜେନା, କମଳା ସାହୁ, ସ୍ୱପ୍ନାରାଣୀ ପାତ୍ର, ତନୁଜା ରାଣୀ ପଣ୍ଡା ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆଧାର ପାଇଁ ଦୁର୍ଦ୍ଦଶା

**ଭୋଗରାଇ, ୨।୧୨(ଡି.ଏନ.ଏ.)**

ଆଧାର ପାଇଁ ଲୋକଙ୍କ ଦୁର୍ଦ୍ଦଶା ବଢୁଛି। ପୂର୍ବରୁ ନୂତନ ଆଧାର କିମ୍ବା ସଂଶୋଧନ ପାଇଁ ବେସରକାରୀ ସଂସ୍ଥାଗୁଡ଼ିକ ବିଭିନ୍ନ ସ୍ଥାନରେ ଜନସେବା କେନ୍ଦ୍ର ଖୋଲି ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ। କିନ୍ତୁ ସରକାର ଗତ ଫେବୃୟାରୀଠାରୁ ଜନସେବା କେନ୍ଦ୍ର ବନ୍ଦ କରିଛନ୍ତି। ପୋଷ୍ଟଅଫିସ୍ ଏବଂ ଜାତୀୟକରଣ ବ୍ୟାଙ୍କଗୁଡ଼ିକରେ ସରକାର ବିନା ମୂଲ୍ୟରେ ଆଧାର ଲାଗି ଫଟୋ ଉତ୍ତୋଳନ ଏବଂ ସଂଶୋଧନ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ଆଧାର ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସରକାରଙ୍କ ନିର୍ଦ୍ଦେଶନାମା ଗ୍ରାମାଞ୍ଚଳର ବ୍ୟାଙ୍କଗୁଡ଼ିକ ମଧ ମାନୁନାହାନ୍ତି। କେବଳ ପୋଷ୍ଟଅଫିସ୍‌ଗୁଡ଼ିକରେ ଆଧାର ଫଟୋ ଉତ୍ତୋଳନ ଏବଂ ସଂଶୋଧନ ହେଉଛି। ଏଥିପାଇଁ ପୋଷ୍ଟଅଫିସ କାର୍ଯ୍ୟାଳୟରେ ଦୈନିକ ଜନତାଙ୍କ ଲମ୍ବାଧାଡ଼ି ଲାଗିଛି। ପୋଷ୍ଟଅଫିସ୍‌ଗୁଡ଼ିକରେ କର୍ମଚାରୀ ଅଭାବ



ଆଧାର ପାଇଁ ଦେହୁର୍ଦ୍ଦା ସବ୍ ପୋଷ୍ଟଅଫିସ୍‌ରେ ଲମ୍ବା ଧାଡ଼ି।

ସାଙ୍ଗକୁ ଆଧାର ଫଟୋ ଉତ୍ତୋଳନ ଏବଂ ସଂଶୋଧନ ପାଇଁ ପୋଷ୍ଟମାଷ୍ଟର ନାକେଦମ୍ ହୋଇପଡ଼ିଥିବା ବେଳେ କାର୍ଯ୍ୟାଳୟରେ ଜରୁରୀ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି।

ଭୋଗରାଇ ଓଡ଼ିଶାର ସର୍ବବୃହତ୍ ବ୍ଲକ ହୋଇଥିବା ବେଳେ ଜନସଂଖ୍ୟା ମଧ ସାଢ଼େ ୩ଲକ୍ଷରୁ ଉର୍ଦ୍ଧ୍ୱ ରହିଛି। ଦେହୁର୍ଦ୍ଦା ଏବଂ କମର୍ଦ୍ଦା ସବ୍‌ପୋଷ୍ଟଅଫିସରେ ବହୁ ଦୂରଦୂରାନ୍ତରୁ ଛୁଆ ପିଲା, ବୃଦ୍ଧା ବୃଦ୍ଧ ସକାଳ ୬ଟାରୁ ଆଧାର ପାଇଁ ଲମ୍ବାଧାଡ଼ି ଲଗାଉଛନ୍ତି। ବହୁ ଲୋକ ମଧ ଫଟୋ ଉତ୍ତୋଳନ କରି ନ ପାରି ନିରାଶ ମନରେ ଘରକୁ ଫେରୁଛନ୍ତି। ଭୋଗରାଇରେ ଏହି ଦୁଇଟି ସବ୍‌ପୋଷ୍ଟ ଅଫିସରେ ଫଟୋ ଉତ୍ତୋଳନ ହେଉଥିବା ବେଳେ ବ୍ୟାଙ୍କଗୁଡ଼ିକ ଏଥିନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଯାହାକି ସମସ୍ୟାର କାରଣ ହୋଇଛି। ନୂତନ ନିୟମ ଅନୁଯାୟୀ ଆଧାର ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ବାସିନ୍ଦା ପ୍ରମାଣପତ୍ର ଦେବାକୁ ପଡିବ। ଫଳରେ ଆଧାର ଲାଗି ଆବେଦନ କରୁଥିବା ଲୋକଙ୍କୁ ବାସିନ୍ଦା ପ୍ରମାଣପତ୍ର ତହସିଲରୁ ଆଣିବା ପାଇ ୩ଶହରୁ ୫ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏଥିପାଇଁ ଗରିବଗୁରୁବା ଲୋକେ ନୟାନ୍ତ ହେଉଛନ୍ତି। ପୋଷ୍ଟ ଅଫିସ୍‌ରେ ମଧ ଆଧାର ସମାଧାନ ପାଇଁ ୨୫ଟଙ୍କା ଏବଂ ଜିଏସ୍‌ଟି ପାଇଁ ୫ଟଙ୍କା ଦେବାକୁ ପଡୁଛି। ଦେହୁର୍ଦ୍ଦା ସବ୍‌ପୋଷ୍ଟ ଅଫିସ୍‌ରେ ୨ଜଣ କ୍ଲର୍କ ଏବଂ ଜଣେ ପୋଷ୍ଟମାଷ୍ଟରର କାର୍ଯ୍ୟ ତୁଲାଉଥିବାରୁ ନାନା ସମସ୍ୟା ଦେଖାଦେଉଛି ବୋଲି ପୋଷ୍ଟମାଷ୍ଟର ପ୍ରିୟବ୍ରତ ମହାପାତ୍ର ପ୍ରକାଶ କରିଛନ୍ତି। ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ନିରଞ୍ଜନ ମହାପାତ୍ର ଆଧାର ନିମନ୍ତେ ଆମକୁ କୌଣସି ନିର୍ଦ୍ଦେଶ ନାମା ଆସି ନ ଥିବାର କହିଛନ୍ତି।



ଉପ-ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଶୋଭାଯାତ୍ରା।

# ଉପନିର୍ବାଚନ ପାଇଁ ମୁହାଁମୁହିଁ

## ବିଜେଡି, ଭାଜପା ପକ୍ଷରୁ ପ୍ରଚାର ଜୋରଦାର

**ବାଲେଶ୍ୱର ଅଫିସ, ୨।୧୨**

ବାଲେଶ୍ୱର ଜିଲା ରେମୁଣା ବିଧାନସଭା କ୍ଷେତ୍ର ତାଳପଦା ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ପାଇଁ ବିଜେଡି ଓ ଭାଜପା ପକ୍ଷରୁ ପ୍ରଚାରକୁ ଜୋରଦାର କରାଯିବା ସହ ଘନ ଘନ ଶୋଭାଯାତ୍ରା, ମୋଟର ସାଇକେଲ ରାଲି, ଡୋର କ୍ୟାମ୍ପେନିଂ, ସଭାସମିତି ସମେତ ବିଭିନ୍ନ ଦଳର ଜିଲା ମୁଖିଆ ଡେରା ପକାଇବା ଆରମ୍ଭ କରିଛନ୍ତି। ଉପନିର୍ବାଚନରେ ବିଜେଡି ଏବଂ ଭାଜପା ମଧରେ କଡ଼ା ମୁକାବିଲା ହେବାର ସମ୍ଭାବନା ଅଛି। ବିଜେଡି ପକ୍ଷରୁ ଯୁବନେତା ଦୀପକ ମଲ୍ଲିକ ଉପନିର୍ବାଚନ ଦାୟିତ୍ୱ ତୁଲାଉଛନ୍ତି। ଭାଜପା ପକ୍ଷରୁ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନେତା ବିପିନ ବିହାରୀ ଦାସଙ୍କୁ ମଇଦାନରେ ଦେଖିବାକୁ ମିଳୁଛି।

ଉପନିର୍ବାଚନ ପାଇଁ ଗତ ନଭେମ୍ବର ୯ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ସରିଛି। ବିଜେଡି ସମର୍ଥିତ ପ୍ରାର୍ଥୀ ରମାକାନ୍ତ ମଲ୍ଲିକ, ଭାଜପା ସମର୍ଥିତ ପ୍ରାର୍ଥୀ ହରେନ୍ଦ୍ର ମଲ୍ଲିକ ଏବଂ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଉପେନ୍ଦ୍ର ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପଞ୍ଚାୟତରେ ମୋଟ ୨୭୫୬ ଜଣ ଭୋଟର ଭୋଟ ଦେଇ ଆସନ୍ତା ୬ ତାରିଖରେ ନୂତନ ସମିତିସଭ୍ୟ ନିର୍ବାଚିତ କରିବାର ସ୍ଥିର କରାଯାଇଛି। ସୂଚନାଥାଉ କି, ୨୦୧୭ ପଞ୍ଚାୟତ ନିର୍ବାଚନରେ ଉକ୍ତ ପଞ୍ଚାୟତର ବିଜେଡି ସମର୍ଥିତ ପ୍ରାର୍ଥୀ ଉପେନ୍ଦ୍ର ଦାସ ୮୮ ଖଣ୍ଡ ଭୋଟ୍‌ରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମନ୍ମଥ ମଲ୍ଲିକଙ୍କୁ ପରାସ୍ତ କରିଥିଲେ। ଶାରୀରିକ ଅସୁସ୍ଥତା କାରଣରୁ ଉପେନ୍ଦ୍ରଙ୍କର ୫ମାସ ପୂର୍ବରୁ ଆକସ୍ମିକ ମୃତ୍ୟୁ ହୋଇଥିଲା।

# ୬ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ଖଇରା, ୨।୧୨(ଡି.ଏନ.ଏ.)**

ଖଇରା ବ୍ଲକର ୬ ଉପସ୍ୱାସ୍ଥ୍ୟକେନ୍ଦ୍ର ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ରବିବାର ଉଦଘାଟିତ ହୋଇଯାଇଛି। ପ୍ରଥମେ ବିଧାୟକ ପାଣିଗ୍ରାହୀ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତୁଡ଼ିଗଡ଼ିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏଥିରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଦେବାଶିଷ ପଟ୍ଟନାୟକ, ପୂର୍ବତନ ସରପଞ୍ଚ କରୁଣାକର ଜେନା, ଆୟୁଷ ଡା. ତୃପ୍ତିମୟୀ ସେନାପତି, ଲୋକନାଥ ପଣ୍ଡା, ଦୀପକ ରାଉତ, ଅନିରୁଦ୍ଧ ପଣ୍ଡା, ସତ୍ୟବ୍ରତ ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ମହତୀପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦଘାଟନୀ ଅବସରରେ ପାଣିଗ୍ରାହୀଙ୍କ ବ୍ୟତୀତ ସ୍ୱାସ୍ଥ୍ୟ ପରିଦର୍ଶିକା ପ୍ରଭାତୀ ପଣ୍ଡା, ସରପଞ୍ଚ ସଞ୍ଜୟ ସେଠୀ, ରାମଚନ୍ଦ୍ର ବିଶ୍ୱାଳ, ଚିନ୍ତାମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ମହତୀପୁର ଉପ-ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଖଇରା ବଣପାରିଆ ଗ୍ରାମରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନୀ ସଭାରେ ପୂର୍ବତନ ସମିତିସଭ୍ୟ ବିଷ୍ଣୁପଦ ସାହୁ, ସରପଞ୍ଚ ସୁଦର୍ଶନ ସେଠୀ, ଜିଲାପରିଷଦ ସଭ୍ୟା ଲୋପାମୁଦ୍ରା ଧର, ସମିତିସଭ୍ୟା ନମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତୀତ ଖଇରା, ବର୍ଦ୍ଧନା, ହରିପୁର, ଡଗରପଡ଼ାଠାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଆଶା, ଅଙ୍ଗନୱାଡ଼ି କର୍ମୀମାନେ ଯୋଗଦେଇଥିଲେ।

## ଏଡ୍‌ସ ସମ୍ପର୍କରେ ସଚେତନ କଲେ ଛାତ୍ରୀଛାତ୍ର

**ବାହାନଗା, ୨।୧୨(ଡି.ଏନ.ଏ.)**

ବାହାନଗାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ତହାତରେ ପ୍ଲାକାର୍ଡ ଧରି ବାହାନଗା ରେଳଷ୍ଟେଶନଠାରୁ ବାହାରି ଇଚ୍ଛାପୁର ଗ୍ରାମ, କମାରିପୁର ଗ୍ରାମ ସମେତ କୃଷ୍ଣପୁର ଓ ବାହାନଗା ପୁରୁଣା ବଜାର ନୂଆବଜାର ଆଦି ସ୍ଥାନରେ ସଚେତନ କରାଇଥିଲେ। ଏହା ଜାତୀୟ ସେବା ଯୋଜନା ଓ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳନ କରାଯାଇଥିଲା। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରିନ୍ସିପାଲ୍ (ଅଧକ୍ଷ) ବିନୋଦ କୁମାର ରଣା ସଭାପତିତ୍ୱ କରିଥିଲେ। ଏନଏସଏସ ପୋଗ୍ରାମ ଅଫିସର ମହେଶ୍ୱର ଉପାଧ୍ୟାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଡକ୍ରସ ଅଧିକାରିଣୀ ପୁଷ୍ପିତା ନାୟକ, ମହିଳା ଏନସିସି ପୋଗ୍ରାମ ଅଫିସର ଇତିଶ୍ରୀ ଦାସ, ତାପସ ପାତ୍ର ଉପସ୍ଥିତ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇବ ବ୍ରାହ୍ମଣ ସମାଜ

**ଜଳେଶ୍ୱର, ୨।୧୨ (ଡି.ଏନ.ଏ.)**

ଜଳେଶ୍ୱର ପୌର ଓ ବ୍ଲକ ଅଞ୍ଚଳ ଅଧୀନ ବିଭିନ୍ନ ଗ୍ରାମରୁ ୫୦୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣମାନଙ୍କୁ ନେଇ ରବିବାର ସହରର ଜଳେଶ୍ୱର ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବ୍ରାହ୍ମଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଛୁଆବର୍ଗ, ତଫସିଲଭୁକ୍ତ ଜାତି ଓ ଉପଜାତିମାନଙ୍କ ନିମନ୍ତେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ବ୍ରାହ୍ମଣ ସମାଜ ସେଥିରୁ ବଞ୍ଚିତ କରାଯାଉଛି। ତେଣୁ ସଂରକ୍ଷଣ ଆଳରେ ବ୍ରାହ୍ମଣ ଜାତିକୁ ଘୋର ଅଣଦେଖା କରିବା ଫଳରେ ହଜାର ହଜାର ବ୍ରାହ୍ମଣ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଏବଂ ସରକାରୀ ନିଯୁକ୍ତି ସୁଯୋଗରୁ ବାଦ୍ ପଡ଼ି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏହାର ପ୍ରତିବାଦରେ ବ୍ରାହ୍ମଣ ସମାଜ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଜଳେଶ୍ୱର ବ୍ରାହ୍ମଣ ସମାଜର ସଭାପତି ପଣ୍ଡିତ ସପନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ନୀଳକଣ୍ଠ ପତି, ଜିଲା କାର୍ଯ୍ୟକାରୀ ସଭାପତି କ୍ଷୀତିଶଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ଜିଲା ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ, ପଶ୍ଚିମବଙ୍ଗର ପଣ୍ଡିତ ଶଙ୍କରଦୟାଲ ଗୋସ୍ୱାମୀ, ପିତାମ୍ବର ପତି, ପ୍ରମୋଦ ପଣ୍ଡା, ଅକ୍ଷୟ ପଣ୍ଡା, ନରୋତ୍ତମ ଚକ୍ରବର୍ତ୍ତୀ, ରାଜୀବ କର, ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଶେଷରେ ପଣ୍ଡିତ ଜନାର୍ଦ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀ ପୂର୍ବରୁ ଷ୍ଟେଶନବଜାର କାଳି ମନ୍ଦିରଠାରୁ ବେଦଧ୍ୱନି ସହିତ ଏକ ଶୋଭାଯାତ୍ରା ବାହାରି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲା।




ପଥପ୍ରାନ୍ତ ସଭାରେ ସିପିଏମ୍ ନେତା ଓ କର୍ମୀ।

# ସିପିଏମ୍‌ର ପଥପ୍ରାନ୍ତ ସଭା

**ବାଲେଶ୍ୱର ଅଫିସ,୨।୧୨**

ବାଲେଶ୍ୱର ଫାଣ୍ଡି ଛକଠାରେ ସିପିଏମ୍ ବାଲେଶ୍ୱର ଆଞ୍ଚଳିକ କମିଟି ତରଫରୁ ରବିବାର ଏକ ଜନସଚେତନତା ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ମୋଦି ସରକାରଙ୍କ ୪ ବର୍ଷରୁ ଉର୍ଦ୍ଧ୍ୱ ଶାସନକାଳ ଭିତରେ ୭୧ବର୍ଷର ସ୍ୱାଧୀନ ଭାରତର ଗଣତନ୍ତ୍ର ଓ ସମ୍ବିଧାନକୁ ଧ୍ୱଂସ କରିବା ପାଇଁ କରିଥିବା ପ୍ରୟାସ ସାଙ୍ଗକୁ ଧର୍ମ ଓ ଜାତି ନାମରେ ଦେଶର ଏକତା, ଧର୍ମନିରପେକ୍ଷତାକୁ କ୍ଷୁର୍ଣ୍ଣ କରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ଉପସ୍ଥିତ ବକ୍ତାମାନେ ମତ ରଖିଛନ୍ତି। ଆସନ୍ତା ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଦେଶ ତଥା ରାଜ୍ୟବାସୀଙ୍କୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ନିକୁଞ୍ଜ ବସନ୍ତ ରାଏ, ରାଧାରମଣ ଷଡ଼ଙ୍ଗୀ, ରାଜକିଶୋର ଲେଙ୍କା, ଇଷାନୀ ଷଡ଼ଙ୍ଗୀ, ସୁକାନ୍ତି ବେହେରା, ଉମାକାନ୍ତ ପାତ୍ର ପ୍ରମୁଖ ପଥପ୍ରାନ୍ତ ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ସେବା ମନୋବୃତ୍ତି ନେଇ କାମ କରିବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ,୨।୧୨:** ବାଲେଶ୍ୱର ସହରର ମଧ୍ୟସ୍ଥଳରେ ଅବସ୍ଥିତ କଚେରୀ ହୋତା ପରିସରରେ ଦୁଃଖୀ ଦରିଦ୍ରଙ୍କ ସେବା ପାଇଁ ସାମାଜିକ ଅନୁଷ୍ଠାନ 'ଶ୍ରୀ ଶ୍ରୀ ମହାବୀର ହନୁମାନ ସେବା ସଙ୍ଗଠନ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଗୋପୀନାଥ ମହାନ୍ତି ଏହାକୁ ଉଦ୍‌ଘାଟନ କରି ସେବାର ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ଉପସ୍ଥିତ ସଦସ୍ୟମାନଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଶତାଧିକ ପିଲାଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇଥିଲା। ସଭାପତି ପ୍ରଶାନ୍ତ କୁମାର ଦାସ, ଉପସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଚିତ୍ତରଞ୍ଜନ ସାହୁ, କୋଷାଧକ୍ଷ ସନ୍ନ୍ୟାସୀ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଭବାନୀଶଙ୍କର ମିଶ୍ର, ମାର୍କଣ୍ଡ ମହାନ୍ତି, ମାୟାଧର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସରୋଜକାନ୍ତ ବେହେରା, ନିରାକାର ରଥ ପ୍ରମୁଖ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିଥିଲେ।

# ସମ୍ପର୍କର ଡୋରିକୁ ମଜଭୁତ କରେ ମହୋତ୍ସବ

**ସଜନାଗଡ଼, ୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ନିକଟସ୍ଥ ମିତ୍ରପୁରରେ ଅଷ୍ଟମ ଜଗଦ୍ଧାତ୍ରୀ ମହୋତ୍ସବ ପାଳିତ ହୋଇଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୫ ଦିନ ପରେ ଶନିବାର ସନ୍ଧ୍ୟାରେ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି।

ଉଦ୍‌ଯାପନୀ ସନ୍ଧ୍ୟାରେ ଜଗଦ୍ଧାତ୍ରୀ ମହୋତ୍ସବ କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମହୋତ୍ସବ ସମ୍ପର୍କର ଡୋରିକୁ ମଜବୁତ୍ କରିଥାଏ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ.



ଜଗଦ୍ଧାତ୍ରୀ ମହୋତ୍ସବରେ ମଞ୍ଚାସୀନ ଅତିଥି।

ସୁକାନ୍ତ କୁମାର ନାୟକ, ଏମ୍‌ପି ପ୍ରତିନିଧି ଗତିକୃଷ୍ଣ ନନ୍ଦ, ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ସାମାଜିକ କର୍ମୀ ନିରଞ୍ଜନ ଲେଙ୍କା, ଅଗଣି ସାହୁ, ଅଜୟ ସାମଲ, ସରପଞ୍ଚ ଦିବ୍ୟା ସିଂ, ସମିତିସଭ୍ୟ ବଂଶୀଧର ମଲ୍ଲିକ, ନାଏବ ସରପଞ୍ଚ କାର୍ତ୍ତିକେଶ୍ୱର ଦାସ ପ୍ରମୁଖ ଯୋଗଦେଇଥିଲେ। ଧୀରେନ୍ଦ୍ର ଲେଙ୍କା, ପ୍ରଣବାନନ୍ଦ ଗୋସ୍ୱାମୀ, ଦୁର୍ଗାପ୍ରସାଦ ମହାନ୍ତି, ଅଭିଜିତ ମୁଦୁଲି, ଉମାଶଙ୍କର ଲେଙ୍କା, ଭବାନୀଶଙ୍କର ଲେଙ୍କା, ଅମିତ ଜୋସେଫ୍, ସତ୍ୟରଞ୍ଜନ ବେହେରା, ଶଙ୍କର୍ଷଣ ଦାସ, ତପନ ଦାସ, ବାସୁଦେବ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଓଡ଼ିଶା ସୁରକ୍ଷା ସେନା ବାଲେଶ୍ୱର ଶାଖା ୟୁଥ୍ ଟିମ୍ ତରଫରୁ ସଫେଇ କରାଯାଉଛି।

# ରେଳଷ୍ଟେଶନ ପରିସର ସଫେଇ

**ବାଲେଶ୍ୱର ଅଫିସ, ୨।୧୨**

ଓଡ଼ିଶା ସୁରକ୍ଷା ସେନା ବାଲେଶ୍ୱର ଶାଖା ୟୁଥ୍ ଟିମ୍ ତରଫରୁ ଜିଲାର ମୁଖ୍ୟ ରେଳଷ୍ଟେଶନ ପରିସରରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଦୀପ୍ତ ରଞ୍ଜନ ଦାଶ ଯୋଗଦେଇ ଷ୍ଟେଶନ ସମ୍ମୁଖରେ ଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରି ମହାତ୍ମା ଗାନ୍ଧୀଙ୍କର ସ୍ୱଚ୍ଛ ଓ ନିର୍ମଳ ଭାରତର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ସଫେଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଓଡ଼ିଶା ସୁରକ୍ଷା ସେନା ଯୁବ ଶାଖା ସଭାପତି ଅନିକେତ ମହାପାତ୍ର ପରିଚାଳନା କରିଥିଲେ। ଜିଲା ଯୁବ ଶାଖା ସମ୍ପାଦକ ଚିନ୍ମୟ ସାହୁ, ଯୁଗ୍ମସମ୍ପାଦକ ଭୀଷ୍ମରଞ୍ଜନ ମହାରଣା, ଜିଲା ମିଡ଼ିଆ ସଂଯୋଜକ ଜଗନ୍ନାଥ ରଣା, ପ୍ରକାଶ ରାଉତ, ଉତ୍ତମ ବେହେରା ଓ ଆକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟରେ ସହଯୋଗ କରିଥିଲେ।

# ପାଇପ ଲାଇନରେ ମିଶୁଛି ଦୂଷିତ ପାଣି

**ନୀଳଗିରି, ୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ସହରବାସୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବର୍ଜନା ପାଣି ଯୋଗାଇ ଦିଆଯାଉଥିବା ଶନିବାର ଅଭିଯୋଗ ହୋଇଛି। ଏନଏସିର ୧୩ ୱାର୍ଡରେ ଜନସାଧାରଣଙ୍କୁ ପାଇପଲାଇନ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ତେବେ ଦୀର୍ଘବର୍ଷ ଧରି ମାଟି ତଳେ ବିଛାଯାଇଥିବା ପାଇପଗୁଡ଼ିକର ସଂଯୋଗ ସ୍ଥାନ ନଷ୍ଟ ହୋଇ ଯାଇଥିବାରୁ ବିଭାଗ ପକ୍ଷରୁ ମରାମତି କରାଯାଉନାହିଁ। ଫଳରେ ସଂଯୋଗ ସ୍ଥାନରେ ପାଣି ବାହାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଲୋକଙ୍କ ନିକଟରେ ପାଣି ପହଞ୍ଚି ପାରୁନାହିଁ। ଅପରପକ୍ଷରେ ଲିକେଜ୍ ସ୍ଥାନରେ ବର୍ଷାଜଳ ଓ ବାହାରର ବିଭିନ୍ନ ଆବର୍ଜନା ପାଣି ପାଇପ ଲାଇନରେ ମିଶୁଛି। ଏହି ପାଣିକୁ କୋର୍ଟ, ତହସିଲ, ଉପଜିଲାପାଳ, ଉପନିବନ୍ଧକ ଆଦି ଅଫିସ କାମରେ ଆସୁଥିବା ଗ୍ରାମାଞ୍ଚଳଠାରୁ



ନୀଳଗିରି ସହର ବାଇପାସ୍ ନିକଟରେ ପାଇପ୍ ଫାଟି ପାଣି ବାହାରୁଛି।

ସହର ବାସିନ୍ଦା ସମେତ ବାହାର ପର୍ଯ୍ୟଟକ ବ୍ୟବହାର କରୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ କରାଯାଇଥିଲେ ହେଁ ସୁଫଳ ମିଳୁ ନ ଥିବାର ସାମାଜିକ କର୍ମୀ ପ୍ରଫୁଲ୍ଲ ମହାନ୍ତିଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠଯନ୍ତ୍ରୀ ରୂପେଶ କୁମାର ଦାସଙ୍କୁ ପଚାରିବାରେ ଯେଉଁ ସ୍ଥାନରେ ପାଣି ବୋହୁଛି, ସେଠାରେ ଭାଲବ ସିଷ୍ଟମ ରହିଥିବାରୁ ବାହାର ପାଣି ପ୍ରବେଶ କରିପାରବ ନାହିଁ। ଅନ୍ୟ କେତୋଟି ସ୍ଥାନରେ ଲୋକେ ଘରୋଇ ସଂଯୋଗ ନେଇଥିବାରୁ ପାଣି ଲିକ୍ କରୁଛି। ଏଗୁଡିକ ତୁରନ୍ତ ମରାମତି କରାଯିବ ବୋଲି ସେ କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ

**ସିମୁଳିଆ, ୨।୧୨(ଡି.ଏନ.ଏ.)**

ସିମୁଳିଆ ବ୍ଲକ ବଣା ଅଞ୍ଚଳର ମା'ଭଗବତୀ ଶ୍ରୀଶ୍ରୀ ପରମ ବୈଷ୍ଣବୀ ବଣାଶୁଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦୮ଆହୁତି, ହୋମ ଯଜ୍ଞ, ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୁରୁବାର ମଣ୍ଡପ ତୋରଣ ନିର୍ମାଣ ପରେ ଶୁକ୍ରବାର ପ୍ରାତଃରୁ ମା'ଙ୍କ ନିକଟରେ ବିଧିଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ୧୩ଜଣ ବ୍ରତୀ ଘଟୋତ୍ତଳନ କରିଥିଲେ। ମୁଖ୍ୟପୂଜକ ରୂପେ ନିଶାକର ପାଣିଗ୍ରାହୀଙ୍କ ସମେତ ୫ଜଣ ଯାଜ୍ଞିକ ବ୍ରାହ୍ମଣ ଯୋଗ ଦେଇଥିଲେ। ପଣ୍ଡିତ ଦୟାନିଧି ପତ୍ରୀଙ୍କ ପରିଚାଳନାରେ ଏହି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଓ ରାତ୍ରିରେ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ରାତ୍ରି ୮ଟାରେ ପୂର୍ଣ୍ଣାହୁତୀ ହୋଇଥିଲା। ଅନୁଷ୍ଠାନର ସଭାପତି ପଦ୍ମନାଭ ମହାପାତ୍ର, ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, କୋଷାଧକ୍ଷ ମହେଶ୍ୱର ମହାରଣାଙ୍କ ସମେତ ସମୂହ ଗ୍ରାମବାସୀ ସହଯୋଗୀ ଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ୨ ଗୁରୁତର

**ବାଙ୍ଗିରିପୋଷି,୨।୧୨(ଡି.ଏନ.ଏ):** ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବେଗନାଡିହା ଛକ ନିକଟରେ ଏକ ବୋଲେରୋ ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଦ୍ୱୟ ହେଉଛନ୍ତି ମାସା ରାଜ୍ୟ ସଭାପତି ଶୁକ୍ଲାଲ ମାଣ୍ଡି (୨୬) ଏବଂ ଜିଲା ଉପ-ସଭାପତି ଲକ୍ଷ୍ମୀକାନ୍ତ ବାସ୍କେ(୨୨)। ଉଭୟ ବାଇକ୍ ଯୋଗେ ବାରିପଦାରୁ ବିଜାତୋଳା ଯାଉଥିବା ବେଳେ ପଛପଟୁ ଏକ ବୋଲେରୋ ଧକ୍କା ଦେଇଥିଲେ। ବୋଲେରୋ ଚାଳକ ଘଟଣାସ୍ଥଳରୁ ପଳାଇଯାଇ ଶିମିଳା ଗ୍ରାମ ନିକଟରେ ଗାଡି ଛାଡି ଫେରାର ହୋଇ ଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା। ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରି ତଦନ୍ତ ଚଳାଇଛି।

### କ୍ରିକେଟ୍ ଟୁର୍ନାମେଣ୍ଟ ବୈରାଟପୁର ଚାମ୍ପିୟନ୍



**ଉଦଳା,୨।୧୨ (ଡି.ଏନ.ଏ.):** ଉଦଳା ବ୍ଲକ ଅଧୀନରେ ଥିବା କୋଚିଲାଡିହା ପଞ୍ଚାୟତରେ ଏକ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର କିରିକିଟିଆ ଖେଳ ପଡିଆ ଠାରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୪ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏଥିରେ ବୈରାଟପୁର ଟିମ୍ ମଉଦା ଟିମ୍‌କୁ ୮ ଗୋଟି ଉଇକେଟରେ ପରାସ୍ତ କରିଥିଲା। ମଉଦା ଦଳ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୬ ଉଇକେଟ୍ ହରାଇ ୪୪ ରନ କରିଥିଲା। ଜବାବରେ ବୈରାଟପୁର ଦଳ ୪ ଓଭର ୩ ଗୋଟି ବଲରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦୀପକ ବେହେରା ସର୍ବାଧିକ ୩୫ ରନ୍ କରି ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିଲେ।

### ବ୍ରାହ୍ମଣ ମହାସଭା ବୈଠକ

**କପ୍ତିପଦା,୨।୧୨(ଡି.ଏନ.ଏ):** ଉତ୍ତର ଓଡ଼ିଶାର ପ୍ରମୁଖ ଶୈବପୀଠ ଝିଙ୍କେଶ୍ୱର ପୀଠରେ ବ୍ରାହ୍ମଣ ମହାସଭାର ଉପଖଣ୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ମହାସଭାର ସଭାପତି ସତ୍ୟବ୍ରତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରମିଳା ପଣ୍ଡା, ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ, ଗୌତମ କୁମାର ଦାଶ, ସରୋଜ କୁମାର ପଣ୍ଡା, ସୁରେନ୍ଦ୍ର ଶତପଥୀ, ପରେଶ ଚନ୍ଦ୍ର ପଣ୍ଡା, ଅଚ୍ୟୁତ ପ୍ରସାଦ ମହାପାତ୍ର ଓ ବ୍ରହ୍ମଚାରୀ ସତୀଶ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆମ ଦେଶର ପ୍ରଚଳିତ ହେଉଥିବା ସଂରକ୍ଷଣକୁ ବିରୋଧ କରି ସମସ୍ତଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବା ପାଇଁ ଦାବି ଉପସ୍ଥାପନା କରିବାର ଆବଶ୍ୟକତା ରହିଥିବା ସେମାନେ କହିଥିଲେ।

# ରକ୍ତ ଭଣ୍ଡାର ଚିନ୍ତାରେ ରୋଗୀ

**ବାରିପଦା ଅଫିସ,୨।୧୨**

- ବ୍ଲଡ ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ ୭ମ ଦିନରେ
- ବାରିପଦାର ୬ କର୍ମଚାରୀ ଛୁଟିରେ
- ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଛନ୍ତି ୨ ଆଟେଣ୍ଡାଣ୍ଟ

ସମଗ୍ର ରାଜ୍ୟରେ ଥିବା ୫୫ ରକ୍ତଭଣ୍ଡାର କର୍ମଚାରୀ ୫ ଦଫା ଦାବି ପୂରଣ ନେଇ ଗତ ୨୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରୁଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ପିଆରଏମ ମେଡିକାଲ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ଜଡିତ ଥିବା ରକ୍ତ ଭଣ୍ଡାର କର୍ମଚାରୀ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ବ୍ଲଡ ବ୍ୟାଙ୍କରେ ରକ୍ତ ଅଭାବ ନ ଥିବାବେଳେ ରୋଗୀଙ୍କ ସମ୍ପର୍କୀୟ କିନ୍ତୁ ଆଶାଆଶଙ୍କାରେ ଦିନ କାଟୁଛନ୍ତି। ବ୍ଲଡ ବ୍ୟାଙ୍କ ପକ୍ଷରୁ କିନ୍ତୁ ରୋଗୀଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ବାରିପଦା ବ୍ଲଡ ବ୍ୟାଙ୍କରେ ବ୍ଲଡ ବ୍ୟାଙ୍କ ଅଧିକାରୀଙ୍କୁ ଛାଡି ୧୪ ଜଣ କର୍ମଚାରୀ କାର୍ଯ୍ୟ କରନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଷ୍ଟାଫ ନର୍ସ, ଜଣେ ଡାଟା ଏଣ୍ଟ୍ରି ଅଫିସର ଓ ୪ ଜଣ ଆଟେଣ୍ଡାଣ୍ଟ ଆନ୍ଦୋଳନରେ ସାମିଲ ଅଛନ୍ତି। ଫଳରେ ଅବଶିଷ୍ଟ ୮ କର୍ମଚାରୀରେ ଚାଲୁଛି ଏହି ରକ୍ତ ଭଣ୍ଡାର କାମ। ଅପରପକ୍ଷେ ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ଉପରେ ବାରିପଦା ସମେତ ପଡୋଶୀ ଜିଲା ଓ ରାଜ୍ୟର ଲୋକେ ଭରସା କରିଥାନ୍ତି। ତେଣୁ ଏହି ରକ୍ତ ଭଣ୍ଡାରରେ ସବୁବେଳେ ରୋଗୀଙ୍କ ଗହଳି ଲାଗି ରହୁଛି। ଏହାକୁ ଦୃଷ୍ଟିରେ ରଖି ବାରିପଦା ବ୍ଲଡ ବ୍ୟାଙ୍କ ପାଇଁ ୨ ଜଣ ଆଟେଣ୍ଡାଣ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରଦାନ କରାଯାଇଛି। ହେଲେ ୮ ଜଣ କର୍ମଚାରୀ ଅନୁପସ୍ଥିତ ଥିବାବେଳେ ସେମାନଙ୍କ କାମ ୨ କର୍ମଚାରୀଙ୍କ ଦ୍ୱାରା କରାଯିବା ସମ୍ଭବ ହୋଇପାରୁ ନାହିଁ। ବାରିପଦା ବ୍ଲଡ ବ୍ୟାଙ୍କରେ ରବିବାର ସୁଦ୍ଧା ୩୮୦ ଟି ବ୍ଲଡ ଗଚ୍ଛିତ ରହିଛି। ଏ ପଜିଟିଭ ୬୭, ବି ପଜିଟିଭ ୧୨୦, ଓ ପିଜିଟିଭ ୧୫୪, ଏବି ପଜିଟିଭ ୩୫, ଏ ନେଗେଟିଭ ୧, ଏବି ନେଗେଟିଭ ୧ ଏବଂ ଓ ନେଗେଟିଭ ୨ ଟି ରହିଛି। ଏପରିସ୍ଥିତିରେ ବାରିପଦା ବ୍ଲଡ ବ୍ୟାଙ୍କରେ ବ୍ଲଡ କମି ନ ଥିବା ବ୍ଲଡ ବ୍ୟାଙ୍କ ଅଧିକାରୀ ଡା.ପ୍ରଶାନ୍ତ କୁମାର ଦାସ କହିଛନ୍ତି। ରୋଗୀଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଅମର



@ ବ୍ରଜ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ଆଜିଠୁ ଅନ୍ତର୍ଜାତୀୟ ଯୁବ ଶିବିର

# ମୟୂରଭଞ୍ଜରୁ ୬୦ଜଣଙ୍କ ପଞ୍ଜାବ ଯାତ୍ରା

**ବାରିପଦା ଅଫିସ,୨।୧୨**

ଗୁରୁ ନାନକଦେବଜୀଙ୍କ ଜନ୍ମ ଦିବସ ଅବସରରେ ପଞ୍ଜାବସ୍ଥିତ ସୁଲତନପୁର ଲୋଧିଠାରେ ଭାରତ ସହିତ ଅନ୍ୟ ୭ଟି ଦେଶର ମୋଟ ୫ହଜାର୫ଶହ ଯୁବ ଗୋଷ୍ଠୀଙ୍କୁ ନେଇ ଅନ୍ତର୍ଜାତୀୟ ଏକତା ଶିବିର ଆସନ୍ତା ୩ରୁ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ଓଡ଼ିଶାରୁ ରାଜ୍ୟ ସଂଯୋଜକ ମଧୁସୂଦନ ଦାସଙ୍କ ନେତୃତ୍ୱରେ ୪୫୦ଜଣ ଏଥିରେ ସାମିଲ ହୋଇଛନ୍ତି। ସେଥିମଧ୍ୟରେ ସାମିଲ ହେବା ନିମନ୍ତେ ମୟୂରଭଞ୍ଜ ଜିଲାର ଏନୱାଇପି ସଂଯୋଜକ ମଳୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ୬୦ ଜଣ ପଞ୍ଜାବ ଅଭିମୁଖେ ଯାତ୍ରା କରିଛନ୍ତି। ସେମାନଙ୍କୁ ସ୍ୱାଗତ ଜଣାଇବା ଲାଗି ମିଶନ ସାଇନ୍ସ ଏକାଡେମିରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ରାଚନ୍ଦ୍ର ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନୱାଇକେ ଅଧିକାରୀ ଅଶୋକ ସାହୁ, ଓଏଏସ ଗୁରୁକୁଳ ମୁଖ୍ୟ ସରୋଜ କୁମାର ନାୟକ, ବିଡ଼ିଓ ସୁନାକର ଶର୍ମା, ନେତା ଅମରେନ୍ଦ୍ର କର ପ୍ରମୁଖ ଯୋଗଦେଇଥିଲେ।




ମୟୂରଭଞ୍ଜ ଏମ୍‌ପିଙ୍କ ସହ ପଞ୍ଜାବ ଅଭିମୁଖେ ବାହାରିଥିବା ଟିମ୍।

# ମଦ ଦୋକାନରେ ନିଆଁ ଲଗାଇଲେ ମହିଳା

**ରାଇରଙ୍ଗପୁର, ୨।୧୨ (ଡି.ଏନ. ଏ.)**

ରାଇରଙ୍ଗପୁର ସହରାଞ୍ଚଳ ଥାନା ଅଧୀନ ଜଗନ୍ନାଥ ମାର୍କେଟ ନିକଟରେ ଥିବା ୨ଟି ମଦ ବିକ୍ରି ହେଉଥିବା ଝୁପୁଡିକୁ ଉତ୍ୟକ୍ତ ମହିଳାମାନେ ରବିବାର ଅପରାହ୍ଣରେ ନିଆଁ ଲଗାଇ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ମହିଳା ସଙ୍ଗଠନର ସଦସ୍ୟାମାନେ ବହୁ ପରିମାଣରେ ଦେଶି ମଦ ଭର୍ତ୍ତି ଥିବା ପାଉଚ ଜବତ କରିଥିବା ଜଣାଯାଇଛି। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ପୋଲିସ ଉପସ୍ଥିତିରେ ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଜରି ରଖିଥିବା ବେଳେ କାହାକୁ ଗିରଫ କରାଯାଇ ନ ଥିବା ସ୍ଥାନୀୟ ସହରାଞ୍ଚଳ ମଡେଲ ଥାନା ଅଧିକାରୀ ଇନ୍ସପେକ୍ଟର ରଞ୍ଜନ କୁମାର ସେଠୀ କହିଛନ୍ତି।

# ଏଡ୍‌ସର ଭୟାବହତା ନେଇ ସଚେତନତା ରାଲି

**କପ୍ତିପଦା,୨।୧୨(ଡିଏନ୍‌ଏ)**

କପ୍ତିପଦା ବ୍ଲକ୍ ଅଧୀନ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ରେଡ ରିବନ କ୍ଲବ୍ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଏହାକୁ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଡ୍‌ସର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହାପରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷ ଭଗବାନ ପଣ୍ଡାଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ପ୍ରତାପ କୁମାର ଦାସ, ଯୁବ ରେଡକ୍ରସ କାଉନସେଲର ମନୋରଞ୍ଜନ ବିହାରୀ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ଅଶୋକ କୁମାର ସାହୁ, ଅଧ୍ୟାପକ ଉମ୍ବରୁଧର ନାଏକ, ପଙ୍କଜିନୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ସଚେତନତା ରାଲିରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରୁଛନ୍ତି।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ

**କପ୍ତିପଦା ୨।୧୨ (ଡ଼ି.ଏନ.ଏ.)**

କପ୍ତିପଦା ବ୍ଲକ୍ ଜାମବଣି ପଞ୍ଚାୟତ ଆମ୍ବପିଛୁଳା-ସୁଡ଼ସୁଡ଼ିଆ ବିଦ୍ୟାଳୟ ପରିସରରେ ମା' ଥାନାମାତା ୟୁଥ୍ କ୍ଲବ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଦାଶ ଉଦ୍‌ଘାଟନ କରିବା ପରେ ରକ୍ତଦାନ କାର୍ଯ୍ୟ ଆରମ୍ଭ ହୋଇଥିଲା। କ୍ଲବ ସଭାପତି ରଣଜିତ ବେହେରା, ସମ୍ପାଦକ ଜାନକୀବଲ୍ଲଭ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉଦଳା ରକ୍ତ ଭଣ୍ଡାରର ଟେକ୍ନିସିଆନ୍ ସୁଶାନ୍ତ କୁମାର ପଟ୍ଟନାୟକ, ସୀତାଞ୍ଜଳି ମହାନ୍ତି, ସବିତା ବେହେରା ପ୍ରମୁଖ ଯୋଗଦେଇ ରକ୍ତ ସଂଗୃହୀତ କରିଥିଲେ। ବିଶ୍ୱ ଏଡ୍‌ସ ଦିବସ ଅବସରରେ ରକ୍ତଦାନ ଭଳି ମହନୀୟ କାର୍ଯ୍ୟକୁ ପ୍ରକାଶ କୁମାର ବେହେରା ଏବଂ ଗ୍ରାମର ଜନସାଧାରଣ ପ୍ରଶଂସା କରିଛନ୍ତି।



ରକ୍ତଦାନ ଶିବିରକୁ ପ୍ରଧାନ ଶିକ୍ଷକ ଉଦ୍‌ଘାଟନ କରୁଛନ୍ତି।

# ବାର୍ଷିକ କ୍ରୀଡ଼ା ଉଦଯାପିତ



**ଖୁଣ୍ଟା, ୨।୧୨(ଡି.ଏନ.ଏ.)**

ଗୋପବନ୍ଧୁନଗର ବ୍ଲକ ଅଧୀନ କୁଆମରା ସାରସତ୍ତ୍ୱ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁବଳ ଦାସ ଏହି ପ୍ରତିଯୋଗିତା କୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଳକ ବର୍ଗରୁ ପ୍ରଥମ ବର୍ଷ କଳା ବିଭାଗ ଛାତ୍ର ସୁନୀଲ କୁମାର ପାତ୍ର ଓ ବାଳିକା ବର୍ଗରୁ ଗୀତାଞ୍ଜଳି ସିଂ ଚାମ୍ପିୟନ ହୋଇଥିଲେ। ଖେଳ ଶିକ୍ଷକ ନରୋତ୍ତମ ଦାସ ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଭାତ କୁମାର ସେନାପତି, ଛତିଶ କୁମାର ଦାସ ସହାୟତା ପ୍ରଦାନ କରିଥିଲେ।

# ବେତନଟୀ ପ୍ରିମିୟମ ଲିଗ୍ ଉଦ୍‌ଘାଟିତ

**ବେତନଟୀ୨।୧୨.(ଡି.ଏନ.ଏ.)**

ବେତନଟୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବେତନଟୀ ଷଷ୍ଠତମ ପ୍ରିମିୟମ ଲିଗ ବେତନଟୀ ଏମପିସି ଖେଳ ପଡିଆରେ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ଅର୍ଜୁନ ଦଳେଇ, ସମ୍ମାନୀୟ ଅତିଥି ଭାବେ କ୍ରିକେଟ କ୍ଲବ ସଭାପତି ଶଶିକାନ୍ତ ମହାପାତ୍ର ,ଦିଲୀପ ରାଉତ ,ଶିରିସ ଚନ୍ଦ୍ର ବାରିକ ,ପ୍ରକାଶ ଜ୍ୟୋତି ଆଦିତ୍ୟ,ଅଜୟ ଶେଜପଡା ଯୋଗ ଦେଥିଲେ। ଏହି ଖେଳ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଦିନରେ ଆରିୟନ ଫାଇଟାରସ ଓ ମାଣତ୍ରୀ ଟାଇଟାନସ ମଧ୍ୟରେ ପ୍ରତିଯୋଗିତା ହୋଇଛି। ଖେଳ ଶେଷ ବେଳକୁ ମାଣତ୍ରୀ ଟାଇଟାନସ ସମସ୍ତ ଉଇକେଟ ହରାଇ ୮୫ରନ ସଂଗ୍ରହ କରିଥିଲା। ଜବାବରେ ଆରିଅନ ଫାଇଟର୍ସ ୬ଉଇକେଟ ହରାଇ ନିର୍ଦ୍ଧାରିତ ରନ ସଂଗ୍ରହ କରିଥିଲା। ଆରିାନ ଫାଇଟର୍ସର ମନୋଜ କୁମାର ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।



ଅତିଥିମାନେ ଲିଗ୍ ଉଦ୍‌ଘାଟନ କରୁଛନ୍ତି।

# ହୁଡି ଉପର ଗାଁ ବାରୁଖଣ୍ଡା

**କପ୍ତିପଦା,୨।୧୨(ଡି.ଏନ.ଏ.)**

କପ୍ତିପଦା ବ୍ଲକ ଅଧୀନ ଶିମିଳିପାଳ ସଂଲଗ୍ନ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ବାରୁଖଣ୍ଡା ଗ୍ରାମ। ହୁଡି ଉପରେ ଅବସ୍ଥିତ ଏହି ଗାଁକୁ ଯିବାକୁ ହେଲେ ଦେଢ କି.ମି. ରାସ୍ତା ପାଦରେ ଚାଲି ଚାଲି ଯିବାକୁ ହୋଇଥାଏ। ଫଳରେ ସେଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ୧୫୦ରୁ ଊର୍ଦ୍ଧ୍ୱ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଦ୍ୟାବଧୀ କିନ୍ତୁ ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହିଥିବା ଏହି ଗାଁ ଲୋକେ ବହୁ ଦୁର୍ଦ୍ଦଶା ଭୋଗ କରୁଛନ୍ତି।

ସରକାରୀ ଭାବେ ଏହି ଗାଁରେ କେବଳ ଗୋଟିଏ ଛୋଟ ଗଡିଆ ଓ ଏକ ଅଗଭୀର କୂଅ ରହିଛି। ଯାହାକି ଖରା ଦିନେ ଶୁଖିଯାଏ। ଏହା ପରେ ଗ୍ରାମବାସୀ ବାଧ ହୋଇ ଗ୍ରାମ ନିକଟରେ ବୋହି ଯାଇଥିବା ଫୁଟୁକୁଳି ନାଳ ପାଣି ପିଇଥାନ୍ତି। ନଳକୂଅ ପାଣି ଟିକକ ପାଇଁ ୨ କି.ମି. ଦୂର ହୁଡି ତଳ ଡାଙ୍ଗରସାହିକୁ ଯିବାକୁ ପଡୁଥିଲା। ମାତ୍ର ହୁଡି ପଥର ପାଇଁ ତାହା ଅଗଭୀର ହୋଇ ଥିବାରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ଯୋଗାଇ ପାରୁନାହିଁ। ଖରା ଦିନେ ଜଳସ୍ତର ତଳକୁ ଚାଲି ଯାଉଥିବାରୁ ପାଣି ବାହାରୁ ନାହିଁ। ସେହିପରି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରଟିଏ ମଧ ନାହିଁ। ତେଣୁ ଶିଶୁ, ଗର୍ଭବତୀ ଓ ପ୍ରସୂତିମାନେ ହୁଡି ତଳ ୩ କି.ମି. ମଝି ଗଡିଆ ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ରାଜନୈତିକ ନେତାମାନେ କେବଳ ନିର୍ବାଚନ ଓ ଠିକାଦାରୀ କାମ ପାଇଁ ଗାଁକୁ ଆସୁଥିବା କହିଛନ୍ତି ମଙ୍ଗୁଲୁ ମିରିଡିଆ। ଏହାବ୍ୟତିତ ବିଜୁଳି ଆଲୁଅ ଗ୍ରାମବାସୀଙ୍କ ଲାଗି ସପନ ସଦୃଶ। ମୋବାଇଲ ଚାର୍ଜ କରିବା ପାଇଁ ୩ କି.ମି ଦୂର ମଝିଗଡିଆ ଛକକୁ ଯିବା ପାଇଁ ପଡିଥାଏ ସେହି ଗ୍ରାମର ଲୋକମାନଙ୍କୁ। ଏହି ଗରିବ ଖଟିଖିଆ ଲୋକମାନେ ବାହାରକୁ ମୋବାଇଲ ଚାର୍ଜ କରିବାକୁ ଯାଇ ଘଣ୍ଟା ଘଣ୍ଟା ଜଗି ରହି ନିଜର ଜୀବିକା ମଧ ହରାଉଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଶଶଧର ଜେନା କହନ୍ତି ଗୋଟିଏ ନଳକୂଅ ତଡା ଯାଇଥିବା ବେଳେ ଅନ୍ୟ ଗୋଟିଏ ପାଇଁ ପ୍ରସ୍ତାବ ରହିଛି। ପଥୁରିଆ ଜାଗା ହୋଇଥିବାରୁ ସମସ୍ୟା ରହୁଛି। ଅଙ୍ଗନୱାଡି ସୁପରଭାଇଜରଙ୍କୁ ପଚାରିବାରୁ ସେ କହନ୍ତି ସେଠାରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବା ପାଇଁ ପ୍ରସ୍ତାବ ପଠାଯାଇଛି। ଅନୁମୋଦନ ହୋଇ ଆସିଲେ ଏହା କାର୍ଯ୍ୟକାରୀ ହେବ।



ବାରୁଖଣ୍ଡା ଗାଁରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ଯୁବତୀ ପାଣି ସଂଗ୍ରହ କରୁଛନ୍ତି।

- ଚୁଆ,ନାଳ ପାଣିରେ ବଞ୍ଚୁଛି ଜୀବନ
- ମୋବାଇଲ ଚାର୍ଜ ଲାଗି ୩ କି.ମି.

# ଛାତ୍ରୀ ଶିଖିଲେ ଆତ୍ମ ସୁରକ୍ଷା ତାଲିମ

**ଭଞ୍ଜକିଆ, ୨।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ଭଞ୍ଜକିଆ ଚୈତନ୍ୟ ପ୍ରସାଦ ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ସୁବୋଧ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିବା ବେଳେ ସ୍ୱତନ୍ତ୍ର ଅତିଥି ଭବେ ଶିକ୍ଷାବିତ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଭିମନ୍ୟୁ ମହାନ୍ତ, ସମ୍ମାନୀତ ଅତିଥିମାନେ ଶୁକ୍ଲି କଲେଜ ପ୍ରାଧ୍ୟାପକ ମନୋହର ବାରିକ, ମୁଖ୍ୟ ବକ୍ତା ଭାବେ ଯୋଗେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ ଶ୍ରୀ ମହାନ୍ତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ଉପରେ ମାର୍ଗଦର୍ଶନ କରିଥିଲେ। ଶିବିରରେ ଅଧ୍ୟାପିକା ତପସିନି ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମାର୍ଗଦର୍ଶନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଶତାଧିକ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମାଷ୍ଟର ଟ୍ରେନର ହେମଲତ ମହାନ୍ତ, ଆରସୁମଣି ସରେନ ତାଲିମ ଶିବିର ପରିଚାଳନା କରିଥିଲେ।






ହନୁମାନଙ୍କୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିବାଦୀୟ ମନ୍ତବ୍ୟ ପରେ ଦେଶରେ ଜାରି ରହିଛି ନାନା ପ୍ରକାର ଚର୍ଚ୍ଚା। ଆଦିତ୍ୟନାଥ ହନୁମାନ ଦଳିତ ଥିବା କହି ବିବାଦୀୟ ହୋଇ ପଡ଼ିଥିବାବେଳେ ଏବେ ଦ୍ୱାରିକା ପୀଠ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଏହାକୁ ଖଣ୍ଡନ କରିଛନ୍ତି। ସ୍ୱରୂପାନନ୍ଦ କହିଛନ୍ତି ଯେ, ତୁଳସୀ ଦାସଙ୍କ ରଚନାରେ ହନୁମାନଙ୍କ ସମ୍ପର୍କରେ ବିଶଦ ଭାବେ ଉଲ୍ଲେଖ ରହିଛି। ଏଥିରୁ ଜଣାପଡୁଛି ହନୁମାନ ବ୍ରାହ୍ମଣ ଥିଲେ। ତ୍ରେତା ଯୁଗରେ ଦଳିତ ବୋଲି କୌଣସି ଶବ୍ଦ ନ ଥିବା ସେ ସୂଚିତ କରିଛନ୍ତି।

## ଆର୍ଥିକ ଶୋଷଣର ହୃଦୟବିଦାରକ କାରନାମା

# ୧୫ଟି ପଦକ୍ଷେପରେ ଓଡ଼ିଶାକୁ ଶୋଷଣ


**ଡ. ସୁରେନ୍ଦ୍ର କୁମାର ମିଶ୍ର**



ପୂର୍ବରୁ ପ୍ରଚଳିତ କଉଡ଼ି ଓ ରୁପା ଟଙ୍କା ବ୍ୟବସ୍ଥା।

କୃଷ୍ଣ ସିଂହଙ୍କ ହାତକୁ ରୋଡ଼ଙ୍ଗ ଜମିଦାରି ଚାଲିଯିବା ପରେ ବକ୍ସି ବିଚଳିତ ହୋଇପଡ଼ିଥିଲେ। ଜାଲିଆତି କରି ସେହି ବଙ୍ଗାଳୀ ଭଦ୍ରଲୋକ 'ରାହାଙ୍ଗ ଓଗେର' କରିଦେବା ପରେ ସମ୍ପତ୍ତି ନିଲାମ ଦିଗକୁ ଚାଲିଗଲା। ୧୮୦୭-୦୮ ମସିହା ପାଇଁ ଲକ୍ଷ୍ମୀନାରାୟଣ ରାୟ, ୧୮୦୮-୦୯ ମସିହା ଲାଗି ସୁମନ୍ତ ପଟ୍ଟଯୋଶୀ ନିଲାମ ନେଇଥିଲେ। ବକ୍ସି ରହିଲେ ଦଖଲଦାର ମାତ୍ର। ତା'ପରବର୍ଷ ବିକ୍ରି ହୋଇଗଲା ସମ୍ପତ୍ତି। କୃଷ୍ଣଚନ୍ଦ୍ର ସିଂହ କିଣିନେଲେ। ବକ୍ସି ଏହି କିଣା-ବିକା କାରବାରକୁ ନେଇ ସରକାରଙ୍କ ପାଖରେ ଅଭିଯୋଗ କଲେ। ଅଭିଯୋଗର ବିଚାର ଅନ୍ୟପ୍ରକାର ହୋଇଥାନ୍ତା, ମାତ୍ର ବକ୍ସିଙ୍କ ଦାଦାପୁଅ ଭାଇ ସମ୍ପତ୍ତିରୁ ଭାଗ ଦାବିକରି ବସିଲେ। ଗୋଳିଆପାଣି ଚାହୁଁଥିଲେ ସରକାର। ନିଷ୍ପତ୍ତିହେଲା କୃଷ୍ଣ ସିଂହଙ୍କ ମାର୍ଫତରେ ସମ୍ପତ୍ତି ରହିବ। ଶେଷରେ ଶତ୍ରୁ ହୋଇ ବାହାରିଲେ ନିଜ ଗୁମାସ୍ତା ଗଜବନ୍ଧୁ ପଟ୍ଟନାୟକ। ପାଖ-ଆଖ ଗାଁରେ ରହିଥିବା ଜମିଗୁଡ଼ିକ କୃଷ୍ଣ ସିଂହଙ୍କୁ ପଇସା ଧରାଇ ନିଜ ନାଁରେ ପଟ୍ଟା କରାଇନେଲେ। ଶେଷରେ ଚାଷ ଜମିତକ ଚାଲିଗଲା। ବଡ଼ ବ୍ୟସ୍ତ ଓ ବିବ୍ରତ ଅବସ୍ଥାରେ ବକ୍ସି ଥାଆନ୍ତି। ସେଣେ ୧୪ଟି କାରଣ ଯୋଗୁଁ ସାଧାରଣ ଜନତା ଅସନ୍ତୋଷରେ ଥାଆନ୍ତି। ତାହା ସହିତ ବକ୍ସିଙ୍କ ଅସନ୍ତୋଷ ୧୫ ତମ କାରଣରେ ପରିଣତ ହେଲା। ଅସନ୍ତୋଷର କାରଣଗୁଡ଼ିକ ହେଲା-

- ଗଜପତି ମୁକୁନ୍ଦ ଦେବଙ୍କୁ ବିତାଡ଼ିତ କରିବା ଥିଲା ପ୍ରଥମ ଅସନ୍ତୋଷ।
- ଜୟୀ ରାଜଗୁରୁଙ୍କୁ ଅମାନବୀୟ ଭାବରେ ହତ୍ୟା କରିବାଦ୍ୱାରା ଗଡ଼ମାନଙ୍କରେ ଏକ ପ୍ରତିଶୋଧ ମନୋଭାବ ସୃଷ୍ଟି ହୋଇଥିଲା।
- ମୁଦ୍ରା ପ୍ରଚଳନ କରିବା ଓ କଉଡ଼ିକୁ ମୂଲ୍ୟହୀନ କରିଦେବା ସାଧାରଣ ଜନତାଙ୍କୁ ଖୁବ୍ ବାଧିଥିଲା। କଉଡ଼ି ବଦଳରେ ରୁପାଟଙ୍କା ପ୍ରଚଳନ କରିବାଦ୍ୱାରା ବେଡ଼ି ଉପରେ କୋରଡ଼ାମାଡ଼ ସଦୃଶ ହୋଇଯାଇଥିଲା।
- ଗଜପତି ପ୍ରଦାନ କରିଥିବା ଜାଗିର ଜମିରେ ଫିରିଙ୍ଗି ସରକାର ଖଜଣା ବସାଇବା ଆରମ୍ଭ କରିଥିଲେ। ବାପ-ଅଜା ଚଉଦ ପୁରୁଷରୁ ଜାଗିରି ଜମି ଭୋଗଦଖଲ କରି ଦେଶ ଓ ସମାଜ ପାଇଁ ତ୍ୟାଗ କରୁଥିବା ଓଡ଼ିଶାର ସାଧାରଣ ଜନତା ତାତି ଉଠିଥିଲେ।
- ଖୋର୍ଦ୍ଧା ଇଲାକାକୁ ଖାସମାହାଲରେ ପରିଣତ କରିବା ଥିଲା ଅନ୍ୟତମ କାରଣ।
- ଯାହା ତ କଲେ କଲେ ଲୁଣମରା ଆଇନ ପ୍ରଚଳନ କରି ପୁରୁଷାନୁକ୍ରମିକ ଅଧିକାରକୁ କ୍ଷୁଣ୍ଣ କରିବାଦ୍ୱାରା ନିପଟ ମଫସଲରୁ ନଗର ପର୍ଯ୍ୟନ୍ତ ଲୋକେ ଅସନ୍ତୁଷ୍ଟ ହୋଇ ଉଠିଥିଲେ।
- ଖଜଣା ଆଦାୟ କାଳରେ ଖଜଣାବୃଦ୍ଧି କରିବା ପାଇଁ ଅତ୍ୟଧିକ ଯାତ୍ରୀକର ଧାର୍ଯ୍ୟ କରି ଓ ଜୋରଜବରଦସ୍ତି ଆଦାୟ କରିବାଦ୍ୱାରା ଧାର୍ମିକ ଭାବାବେଗ କ୍ଷୁଣ୍ଣ ହୋଇଥିଲା।
- ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତାଠାରେ ଓଡ଼ିଶାର ଜମିବାଡ଼ିକୁ ହଡପ କରିବାର ଚକ୍ରାନ୍ତ ବହୁ ଲୋକଙ୍କୁ ଦାଣ୍ଡର ଭିକାରି କରି ଦେଇଥିଲା।



ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଯାଉଛି (ଶିଳ୍ପୀ ନାରାୟଣ ମହାରଣାଙ୍କ ଦ୍ୱାରା ଅଙ୍କିତ ଚିତ୍ର)।




- ଥିଲେ ଥିଲେ ଶେଷକୁ ସାମରିକ ବାହିନୀରେ କାର୍ଯ୍ୟ କରୁଥିବା ବୀର ଓଡ଼ିଆ ପାଇକଙ୍କର ଜାଗିର ଜମିକୁ ନିଲାମ କରାଇବା ଆରମ୍ଭ କରିଥିଲେ। ତାହାଦ୍ୱାରା ଜୟୀ ରାଜଗୁରୁଙ୍କ ହତ୍ୟା ପରଠାରୁ ଗଡ଼ଗୁଡ଼ିକରେ କୁହୁଳୁଥିବା ନିଆଁ ଉଗ୍ରରୂପ ଧାରଣ କରିଥିଲା।
- ଖଜଣାବୃଦ୍ଧି କରିବା ପାଇଁ ବାରମ୍ବାର ଜମିର ଖଜଣା ନିର୍ଦ୍ଧାରଣ କରିବାଦ୍ୱାରା ଆର୍ଥିକ ଦୃଷ୍ଟିରୁ ଲୋକେ ନିଃସ୍ୱ ହୋଇଯାଇଥିଲେ।
- ଖଜଣା ଆଦାୟ କାଳରେ ସାଧାରଣ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରି ଦେଇଥିଲେ ଫିରିଙ୍ଗି ଶାସନର କର୍ମଚାରୀ। କର୍ମଚାରୀମାନଙ୍କର ଏହି ଭାବଭଙ୍ଗୀ ଘରେ ଘରେ ଲୋକଙ୍କୁ ଉତ୍ତେଜିତ କରିଥିଲା।
- ପୂର୍ବରୁ ପ୍ରଚଳିତ ଥିବା କରମୁକ୍ତ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ରଦ୍ଦ କରିଦେବା।
- ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି କରି ସାଧାରଣ ଖାଉଟିଙ୍କୁ ଶୋଷଣ କରିବାର ଚିନ୍ତାଧାରା, ସେଥିରେ ଲୁଣ ମଧ୍ୟ ସାମିଲ।
- ବଙ୍ଗାଳୀ କର୍ମଚାରୀଙ୍କର ଜାଲିଆତିକୁ ନୀରବ ସମର୍ଥନ କରିବା।
- ଜମିଦାରମାନଙ୍କୁ ଜମିର ମାଲିକାନା ସ୍ୱତ୍ୱରୁ ବଂଚିତ କରିବା।

ଏହି ଶେଷ ତଥା ୧୫ ତମ ବିନ୍ଦୁଟି ବକ୍ସି ଜଗବନ୍ଧୁଙ୍କ କ୍ଷେତ୍ରରେ ଘଟିଥିଲା। ଏହାକୁ ସାର୍ବଜନୀନ ବିଚାରରେ ଗ୍ରହଣ କରି ଓଡ଼ିଶାର ଏହା ଏକ ସାର୍ବଜନୀନ ସମସ୍ୟା ହୋଇଥିଲା ବୋଲି ଇତିହାସରେ ଲେଖିଥିଲେ କିଛି ଅଶୁଦ୍ଧ ହୋଇ ନ ଥାନ୍ତା। କିନ୍ତୁ ଏହି ଗୋଟିଏ ବାକ୍ୟକୁ ଫେଣେଇ ଫେଣେଇ ବକ୍ସି ଜଗବନ୍ଧୁଙ୍କୁ ତା ମଧ୍ୟକୁ ଭିଡ଼ି-ଓଟାରି ଏମିତି ଆମେ ଉପସ୍ଥାପନ କଲୁ ଯେ ତାହା ଏକ ବ୍ୟକ୍ତିଗତ କାରଣରୂପେ ପ୍ରଚାରିତ ହୋଇଗଲା। ବାସ୍ତବରେ ୧୫ଟି ଅସାମାଜିକ ଓ ଅମାନବିକ ପଦକ୍ଷେପ ଯୋଗୁଁ ଓଡ଼ିଶାର ସାଧାରଣ ଜନତା, ଜମିଦାର, କ୍ଷତ୍ରିୟ ଓ ପାଇକ ବୀରମାନଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳି ଉଠିଥିଲା। ବକ୍ସିଙ୍କର ଘଟଣା ନିଆଁ ଉପରେ ଘିଅ ଢ଼ାଳିବା ଭଳି ସ୍ୱାଭାବିକ ଥିଲା। ୧୮୦୪ ମସିହା ଜୟୀ ରାଜଗୁରୁଙ୍କ ଯୁଦ୍ଧର ଏ ସମ୍ପ୍ରସାରିତ ରୂପ ଭାବରେ ଏହି ଅସନ୍ତୋଷ ମୁଣ୍ଡଟେକି ଯୁଦ୍ଧର ରୂପ ନେଇଥିଲା। ଯାହା ଜର୍ଜ ଟୟ୍ନବୀ ସ୍ୱୀକାର କରିଛନ୍ତି। ଓଡ଼ିଶାର ସେହି ଯୁଦ୍ଧର ଘନଘଟା ସମଗ୍ର ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା। ଦିଲ୍ଲୀରେ ବଡଲାଟଙ୍କ ସ୍ଥିତି ଚହଲି ଯାଇଥିଲା। ପ୍ରକୃତରେ ଏହାକୁ ପାଇକବିଦ୍ରୋହ ଆଖ୍ୟା ଦିଆଯାଇଥିଲେ ମଧ୍ୟ ଏହା ପାଇକଯୁଦ୍ଧରୂପେ ଘୋଷଣା ହେବା କଥା। ୧୮୦୪ ମସିହାରେ ରାଜଗୁରୁଙ୍କ ସେନାପତିତ୍ୱରେ ଆମର ବରେଣ୍ୟ ପାଇକବୀରଙ୍କ ଦ୍ୱାରା ଯେପରି ଭୟାବହ ଯୁଦ୍ଧ ହୋଇଥିଲା ତାହା କୁହୁଳି କୁହୁଳି ୧୮୧୭ ମସିହାରେ ଏକ ବିସ୍ଫୋରକ ଯୁଦ୍ଧରେ ପରିଣତ ହୋଇଥିଲା। ଏହାକୁ ଆମେ ସମ୍ରାଟ୍ ଅଶୋକଙ୍କ ସମୟରେ କଳିଙ୍ଗରେ ହୋଇଥିବା ଗଣଯୁଦ୍ଧ ପରି ଏକ ଗଣଯୁଦ୍ଧ ବୋଲି କହିବାରେ କୌଣସି ସଂଶୟ ନାହିଁ। ବାସ୍ତବରେ ଏହି ଯୁଦ୍ଧ ଗଣଯୁଦ୍ଧ ହିଁ ହୋଇଥିଲା।

---

### OFFICE OF THE MUNICIPAL COUNCIL, SUNDARGARH

No. 5221 Dt. 01.12.2018

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

Bid Reference No. SNGM-12/2018-19/Dt. .2018

On behalf of the Sundargarh Municipality, on-line e-tender Item Rate Bids are invited by the Executive Officer, Sundargarh Municipality from the intending registered suppliers / manufacturers / agencies of Godrej and eligible category of bidders in conformity with the Detailed Tender Call Notice for "Supply of Furniture, AC, etc. to the Office of the Chairperson and Vice-Chairperson of Sundargarh Municipality" as mentioned in the DTCN.

1. Total No. of items for which tenders invited: 13 nos.
2. Place of Supply: Office of Sundargarh Municipality.
3. Eligible Class of Contractors: Registered suppliers / manufacturers /agencies of Godrej as indicated against each work mentioned in the Tender Call Notice.
4. Intending bidders have to participate through "Online" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from 11AM on 03.12.2018 to 5PM on 12.12.2018 for online bidding.
6. Bids received online will be opened at 11AM on 15.12.2018.
7. The bidder must possess valid and compatible Digital Signature Certificate (DSC).
8. The DTCN for 13 nos. of work shall be available in the e-Procurement portal https://www.tendersodisha.gov.in for online bidding.

*Sd./- Executive Officer, Sundargarh Municipality*

---

### Office of the Municipal Council, Bhawanipatna

No. 3562 **"e" Procurement Notice** Dated 30.11.2018

**Tender Call Notice- EOBPM/Online-05/2018-19**

The Municipal Council Bhawanipatna invites online bid in single cover system through e-Procurement.

| | | |
|---|---|---|
| Tender reference No. | : | EOBPM/Online-02/2018-19 |
| Name of Work | : | Civil Work |
| Total Nos. of Works | : | 2 (Two) |
| Value of works | : | Rs. 4.43 to Rs. 14.70 lakh |
| Date of availability of tender for online bidding | : | From 03.12.2018 at 11.00AM upto 17.12.2018 at 5.00PM |
| Date of opening of bids | : | 21.12.2018 at 4.00PM |
| Name and address of the Officer inviting bid | : | Executive Officer, Bhawanipatna Municipality |

Further details can be seen from procurement portal the website: www.tendersorissa.gov.in.

*Sd./- Executive Officer, Bhawanipatna Municipality*

---

### GOVERNMENT OF ODISHA
### DEPARTMENT OF WATER RESOURCES

No.889-A

**"e" Procurement Notice-BAID 08 of 2018-19**

**Bid Identification No.BAID 08 of 2018-19**

| | | |
|---|---|---|
| 1 | Name of the work | Canal work for the year 2019-20 |
| 2 | Total No. of package | 18 Nos. |
| 3 | Tender cost | Rs.8.32 lakhs to 21.94 lakhs as per DTCN |
| 4 | Bid Security (Online) | Rs.8400/- to Rs.22000/- as per DTCN |
| 5 | Cost of tener paper (Online) | Rs.6000/- & 4000/- as per DTCN |
| 6 | Period of completion | 120 days |
| 7 | Availability of tender online for bidding | From 07.12.2018 at 12.00 Noon to 17.12.2018 upto 5.00 PM |
| 8 | Date and place of opening | Dt.18.12.2018 at 11.00 AM in the office of the Executive Engineer, Baitarani Division, Salapada |
| 9 | Tender inviting authority | Executive Engineer, Baitarani Division, Salapada, Keonjhar, Odisha |

Further details can be seen from the website http://www.tendersorissa.gov.in / www.dowrodisha.gov.in. Any addendum / Corrigendum / Cancellation to the above notice will be published in this website only.

**Sd./- Executive Engineer, Baitarani Division, Salapada**

32006/11/0013/1819

---

### COLLECTORATE, BALANGIR
**(SOCIAL WELFARE SECTION)**

No. 2280/ DSWO Dated: 01.12.2018

**TENDER CALL NOTICE FOR WALL PAINTINGS**

Sealed tenders in prescribed format are invited from intending firms / agencies for wall paintings at Gram Panchayat level in 285 GPs in Balangir district. Tender papers and other details regarding terms & conditions, specifications earnest money deposit etc. can be obtained from the office of the Collector (DSWO section) Balangir on payment of Rs. 2000/- (Rupees Two Thousand) only (non-refundable) during office hours from dt.02.12.2018 to dt.18.12.2018 in working days. The same can also be downloaded from our official website http://balangir.nic.in and can be filed along with a DD of Rs. 2000/- (Rupees Two Thousand) drawn in favour of DSWO, Balangir payable at Balangir towards the cost of tender papers if the tender paper is not purchased from the office. Tender papers complete in all respect along with required documents must be submitted to DSWO, Balangir on or before 19.12.2018 by 1.00PM by Registered Post /Speed Post / Courier service and tender papers received beyond the date and time mentioned above shall not be entertained. The tender shall be opened on the same date i.e. 19.12.2018 at 4.00PM by the Collector / Chairman of the tender committee in presence of all the members and tenderers / representative(s) of the tenderer(s).

The authority reserves the right to reject any or all the tenders without assigning any reason thereof.

*Sd./- COLLECTOR, BALANGIR*

---

### OFFICE OF THE
### REGULATED MARKET COMMITTEE, BHANJANAGAR
**AT/PO- BHANJANAGAR, DIST.- GANJAM, ODISHA, PIN-**

**E-PROCUREMENT (INVITATION FOR BIDS)**

**BID IDENTIFICATION No. RMC/Bhanjanagar 1/2018-19**

No. 90 Dated: 28.11.2018

The Sub-Collector-cum-Chairman, R.M.C. Bhanjanagar invites percentage of BID through e-Procurement in single cover according to norms of e-Procurement.

| | | | |
|---|---|---|---|
| 1. | Type of work | : | Construction of FIC-CUM-Auction Hall, Laboratory, Toilet, Sinking tube well for e-Nam At Sub-Market Yard, Buguda under RMC Bhanjanagar. |
| 2. | Total No. work | : | 01 (One) |
| 3. | Tender amount cost | : | Rs. 40,25,804.00 |
| 4. | Period of Completion | : | 6 (Six) calendar months |
| 5. | Date & time availability of BID document in the portal | : | From 10AM of Date 03.12.2018 to 5PM of 18.12.2018 |
| 6. | Original BID document submission in Tender Box | : | NA |
| 7. | Date & time of opening of tender | : | 19.12.2018 at 11.30AM (Friday) |

Further, the details of e-tender document can be had from the e-Procurement portal www.tenderodisha.gov.in. Corrigendum if any, shall only be published in above website.

*Sd./- Sub-Collector-cum-Chairman*
*R.M.C., Bhanjanagar*

---

### Agricultural Technology Management Agency (ATMA), Kendrapara
**Under the Scheme "Support to State Extension Programme for Extension Reform"**

**କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) କେନ୍ଦ୍ରାପଡ଼ା**

କୃଷି ଓ କୃଷକମାନଙ୍କ ପାଇଁ ଉପଯୁକ୍ତ ସୂଚନା ତଥା ବୈଷୟିକ ଜ୍ଞାନ ପ୍ରଦାନ କରିବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛି। କୃଷି ଓ ଆନୁଷଙ୍ଗିକ ବିଭାଗ ମାଧ୍ୟମରେ କୃଷକ ତାଲିମ ଶିବିର, କ୍ଷେତ୍ର ପ୍ରଦର୍ଶନୀ, କୃଷକ କ୍ଷେତ୍ର ବିଦ୍ୟାଳୟ ମାନ ଆୟୋଜନ କରାଯାଉଛି। ଉନ୍ନତ ଜ୍ଞାନକୌଶଳ ଆହରଣ ପାଇଁ କୃଷକମାନଙ୍କୁ ରାଜ୍ୟ ଭିତରେ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନକୁ ଭ୍ରମଣ ତଥା ତାଲିମ ପାଇଁ ପଠାଯାଉଛି। କୃଷକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ କୃଷକ ବୈଜ୍ଞାନିକଙ୍କ ମଧ୍ୟରେ ଆଲୋଚନାଚକ୍ରର ଆୟୋଜନ କରାଯାଉଛି। ଉନ୍ନତ କିସମ ଚାଷ ପାଇଁ ଅଗ୍ରଣୀ କୃଷକମାନଙ୍କୁ ଜିଲ୍ଲା ତଥା ରାଜ୍ୟ ସ୍ତରରେ ପୁରସ୍କୃତ କରାଯାଉଛି।

| | |
|---|---|
| **ଶେଖ ଏହେସନ** | **ମିତ୍ରୋଦୟ ଦାସ** |
| ଉପପ୍ରକଳ୍ପ ନିର୍ଦ୍ଦେଶକ | ପ୍ରକଳ୍ପ ନିର୍ଦ୍ଦେଶକ |
| କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା |

See Career Appointment on every **Wednesday & Saturday**

---

### ରାଷ୍ଟ୍ରୀୟ ଲୋକ ଅଦାଲତ

18-w

**ତା୦୮।୧୨।୨୦୧୮ ରିଖ (ଶନିବାର)**

**ବିଶେଷ ସୂଚନା**

୧। ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?

୨। ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩। ତା ୦୮.୧୨.୨୦୧୮ ରିଖ (ଶନିବାର)ରେ ଉଚ୍ଚନ୍ୟାୟଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ର-ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

୪। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେଓ୍ୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

୫। କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ।

୬। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳଯୋଗ୍ୟ।

୭। ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୮। ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।

୯। ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
**ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ**
**କଟକ**
**ଯୋଗାଯୋଗ : (୦୬୭୧) ୨୩୦୭୦୭୧**

18008/11/0013/1819

---

### DISTRICT EDUCATION OFFICE, GAJAPATI

No. 10208 Date: 01.12.18

**SHORT TENDER CALL NOTICE**

Sealed tender in the prescribed tender paper are invited from the registered firms / authorized dealers / distributers / reputed suppliers / manufacturers / wholesale cooperative stores having valid PAN and GSTIN registration for supply of articles / items required for Hostel, Utensils for Kitchen, Bed items and other assets as detailed in Annexure A, B, C, D & E respectively for 06 number of Girls' Hostels of Odisha Adarsha Vidyalaya located within the premises of OAV, Kaithapadar in Rayagada block, BHQ Nuagada (Parimala) in Nuagada block, Chelligada in R.Udayagiri block, Gundima in Mohana block, Allada in Kashinagar block & BHQ Gumma in Gumma block.

The tender is to be received only through **Registered Post / Speed Post** on or before **17.12.2018 by 05.00 PM** in the office of the District Education Officer, Gajapati which will be opened on **19.12.18 at 4.00 PM** in the office chamber of the **District Education Office, Gajapati** by the procurement committee. The tenderers or their authorized representatives may present during the opening of the tender.

For more details term & conditions and tender paper for supply of the items please visit the official website **www.gajapati.nic.in** or available in the office of the District Education Officer, Gajapati from **01.12.18** to **17.12.18** during office hour on all working day on payment of **Rs.5000/- (Five thousand only)** per tender in shape of bank draft in favour of **District Education Officer, Gajapati** which is non-refundable. It can also be downloaded from the website and submitted along with a bank draft of **Rs.5000/-** only. The Collector-cum-Chairperson, Odisha Adarsha Vidyalaya reserves the right to accept or cancle any or all the tender without assigning any reason thereof.

**Sd./- Collector-cum-Chairperson, Gajapati**

---

### GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER, EARTH DAM DIVISION, CHITRAKONDA, DISTRICT: MALKANGIRI

No.886-A

E-mail ID –executiveengineereddckd@gmail.com

**"e" Procurement Notice**

1. Name of Work: As per detailed Tender Call Notice. (2) Total No. of package: 02 No(s) individual packages (3) Estimated cost of package(s): Varies from Rs. 24.91 to Rs. 90.31 Lakhs (4) Period of completion: Varies from 02 (Two) Calendar months to 04 (Four) Calendar Months).

| Procurement Officer | Bid -Identification No. | Availability of tender On-line for biding | | Opening of Tender |
|---|---|---|---|---|
| | | Form | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda | EDD-04 of 2018-19 On-line | 12.12.2018 at 10.00 A.M. | 22.12.2018 up to 5.00 PM. | 27.12.2018 at 11.00 A.M on wards at S.I Sub Division Malkangiri |

Further details can be seen from the Govt. web site www.tendersorissa.gov.in.
Corrigendum / addendum / Cancellation of tender can also be seen in the aforesaid website.

**Sd./- Executive Engineer,**
**Earth Dam Division, Chitrakonda, Malkangiri (O)**

32019/11/0007/1819

---

### OFFICE OF THE
### SUPERINTENDING ENGINEER, RURAL WORKS CIRCLE, BERHAMPUR

1091-O

**(At:- Ambapua, Po:- Engineering School Near Income Tax Office, Berhampur-760011)**

E-Mail:- serwbpr2004@yahoo.com, Tel/FAX:- 0680-2404287

E-Mail / E-Despatch

**NATIONAL COMPETITIVE BIDDING THROUGH e-Procurement**

**Bid Identification No. Online Tender /25-2018-19/BPR**

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 25-2018-19/BPR | Road Works under MMSY | 03 Nos. | From Rs. 467.80 lakhs to Rs. 553.20 Lakhs | "A" or "Special" Class as applicable | 12 (Twelve) & 11 (Eleven) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/25-2018-19/ BPR | 07.12.2018 at 10.00AM | 27.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0037/1819 *Sd./- J.Beura, Superintending Engineer, R.W.Circle, Berhampur*

## ସ୍ୱାସ୍ଥ୍ୟ ସୂଚନା

- ନିଜର ଜୀବନଶୈଳୀ ପ୍ରତି ସବୁବେଳେ ସନ୍ତୁଳିତ ରହନ୍ତୁ। କାରଣ ଅସନ୍ତୁଳିତ ଜୀବନଶୈଳୀ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ।
- ପ୍ରତିଦିନ କିଛି ନ କଲେ ନାହିଁ ସକାଳୁ ଅଧ ଘଣ୍ଟାଏ ଚାଲନ୍ତୁ। ଏହାଦ୍ୱାରା ମନ ଫୁର୍ତ୍ତି ରହିବା ସହ ମାନସିକତା ସକାରାତ୍ମକ ରହିଥାଏ।
- ମନଲୋଭା ଖାଦ୍ୟ ଦେଖିଲେ ତାକୁ ଖାଇବାକୁ କାହାର ଲୋଭ ନ ହୁଏ କହିଲେ ? ହେଲେ ନିଜର ଲୋଭକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।
- ବୟସ ବଢ଼ିବା ସହ ଆମକୁ ନିଜ ସ୍ୱାସ୍ଥ୍ୟ ପ୍ରତି ଆହୁରି ସଚେତନ ରହିବାକୁ ପଡେ। ତେଣୁ ଏହି ସମୟରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବାର ଏକ ସହଜ ଉପାୟ ରହିଛି। ପ୍ରତିଦିନ ସାଲାଡ ଖାଆନ୍ତୁ, ଯାହା ଶରୀରରେ ଜଳୀୟ ଅଂଶ ବଢ଼ାଇଥାଏ।
- ପ୍ରତିଦିନ ଶୋଇବାର ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। କାରଣ ପରିଶ୍ରମ ଅନୁସାରେ ବିଶ୍ରାମ ନ ନେଲେ ତାହା ଶାରୀରିକ ସମସ୍ୟାକୁ ଡାକିଆଣେ।



# ଶକ୍ତିର ସାମର୍ଥ୍ୟ

"ଆଜିକାଲି ଅନେକ ବିକଳ୍ପ ଶକ୍ତିର ବ୍ୟବହାର କରାଯାଉଛି। ଉଦାହରଣ – ଜୁଆରଶକ୍ତି, ଗୋବରଗ୍ୟାସ୍, ଭୂତାପଶକ୍ତି, ଉଦ୍‌ଜାନ ଜାଳେଣି, ବାୟୋଡିଜେଲ ଓ ଆହୁରି ଅନେକ। ଏଥିରୁ ଅଧିକାଂଶ ଉତ୍ସରେ ଖର୍ଚ୍ଚ ଅଧିକ। କେତେକ ଉତ୍ସର ବ୍ୟବହାର ଦ୍ୱାରା ପରିବେଶ ଦୂଷିତ ହେବାର ଭୟ ବି ରହିଛି। ପୁଣି ସବୁ ଅଞ୍ଚଳରେ ସବୁ ଉତ୍ସ ମିଳିପାରିବ ନାହିଁ। ତଥାପି ଏସବୁ ବିକଳ୍ପ ଶକ୍ତିର ବ୍ୟବହାର ଦ୍ୱାରା ଶକ୍ତିର ଅଭାବକୁ କିଛିମାତ୍ରାରେ ପୂରଣ କରାଯାଇ ପାରୁଛି। ଯଦି ପରିବେଶକୁ ଦୂଷିତ କରୁ ନ ଥିବା ଏବଂ ଚିରସ୍ଥାୟୀ ବିକଳ୍ପ ଶକ୍ତିର କଥା କହିବା, ତେବେ ତାହା ହେଉଛି – ସୌରଶକ୍ତି।"





**ଭୀଷ୍ମଦେବ ବାଗ**

ଠେଲିବା ଓ ଟାଣିବାର ଅର୍ଥ ହେଉଛି ବଳ ପ୍ରୟୋଗ କରିବା। ବଳ ପ୍ରୟୋଗ କରି କାର୍ଯ୍ୟ କରାହୁଏ। ବଳ ପ୍ରୟୋଗ କରି ଗୋଟିଏ ବସ୍ତୁକୁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ନେଲେ ଆମେ କହୁ କାର୍ଯ୍ୟ ସଂପାଦନ ହେଲା। ଆମେ କାର୍ଯ୍ୟ କରିବା ପାଇଁ ଶକ୍ତି ଦରକାର। ଆମେ ତ ଖାଇଲେ ଆମକୁ ଶକ୍ତି ମିଳେ। କିନ୍ତୁ କଳକାରଖାନାକୁ ଶକ୍ତି କୋଉଠୁ ମିଳେ? କାହିଁକି ନା, କଳକାରଖାନା ଚାଲିବା ପାଇଁ ଶକ୍ତି ଆବଶ୍ୟକ। ଗାଡିମୋଟର ଚାଲିବା ପାଇଁ ମଧ୍ୟ ଶକ୍ତି ଆବଶ୍ୟକ। କିନ୍ତୁ ଏସବୁ ପାଇଁ ଭାତ, ଡାଲି, ରୁଟି ଓ ତରକାରି ଇତ୍ୟାଦି ଖାଦ୍ୟ ପଦାର୍ଥରୁ ମିଳେ ନାହିଁ। କୋଇଲା, ଡିଜେଲ ଓ ପେଟ୍ରୋଲ ଭଳି ଇନ୍ଧନରୁ କଳକାରଖାନା ଓ ଗାଡିମୋଟର ଶକ୍ତି ପାଆନ୍ତି। କୋଇଲା, ଡିଜେଲ ଓ ପେଟ୍ରୋଲ ଇତ୍ୟାଦି 'ଶକ୍ତିର ଉତ୍ସ'। ଅନେକ ଦିନରୁ କୋଇଲା, ପେଟ୍ରୋଲ ଓ ଡିଜେଲର ବ୍ୟବହାର ହୋଇ ଆସୁଛି। ତେଣୁ ଏଗୁଡିକୁ 'ପାରମ୍ପରିକ ଶକ୍ତି ଉତ୍ସ' କୁହାଯାଏ।

ଆଜିକାଲି ସବୁଠି ବିଜୁଳି ଶକ୍ତି ବ୍ୟବହାର ହେଉଛି। କଳକାରଖାନା ବିଜୁଳି ଶକ୍ତିରେ ଚାଲିଛି। ତାପଜ ବିଦ୍ୟୁତ୍‌କେନ୍ଦ୍ରରେ କୋଇଲା ଜଳାଯାଏ। ପୃଥିବୀର ୫ ଭାଗରୁ ପ୍ରାୟ ୪ ଭାଗ ବିଜୁଳିଶକ୍ତି ଆସେ ତାପଜ ବିଦ୍ୟୁତ୍‌କେନ୍ଦ୍ରରୁ ଏବଂ ୧ ଭାଗ ଆସେ ଜଳ ବିଦ୍ୟୁତ୍‌କେନ୍ଦ୍ରରୁ। କୋଇଲା ଜାଳିଲେ ପରିବେଶ ଦୂଷିତ ହୁଏ। କୋଇଲା ବି ସରିଆସୁଛି। ତେଣୁ ଆମ ପାଇଁ ବିକଳ୍ପଶକ୍ତି ଅପରିହାର୍ଯ୍ୟ ହୋଇପଡିଛି।

ଆଜିକାଲି ଅନେକ ବିକଳ୍ପ ଶକ୍ତିର ବ୍ୟବହାର କରାଯାଉଛି। ଉଦାହରଣ – ଜୁଆରଶକ୍ତି, ଗୋବରଗ୍ୟାସ୍, ଭୂତାପଶକ୍ତି, ଉଦ୍‌ଜାନ ଜାଳେଣି, ବାୟୋଡିଜେଲ ଓ ଆହୁରି ଅନେକ। ଏଥିରୁ ଅଧିକାଂଶ ଉତ୍ସରେ ଖର୍ଚ୍ଚ ଅଧିକ। କେତେକ ଉତ୍ସର ବ୍ୟବହାର ଦ୍ୱାରା ପରିବେଶ ଦୂଷିତ ହେବାର ଭୟ ବି ରହିଛି। ପୁଣି ସବୁ ଅଞ୍ଚଳରେ ସବୁ ଉତ୍ସ ମିଳିପାରିବ ନାହିଁ। ତଥାପି ଏସବୁ ବିକଳ୍ପ ଶକ୍ତିର ବ୍ୟବହାର ଦ୍ୱାରା ଶକ୍ତିର ଅଭାବକୁ କିଛିମାତ୍ରାରେ ପୂରଣ କରାଯାଇ ପାରୁଛି। ଯଦି ପରିବେଶକୁ ଦୂଷିତ କରୁ ନ ଥିବା ଏବଂ ଚିରସ୍ଥାୟୀ ବିକଳ୍ପ ଶକ୍ତିର କଥା କହିବା, ତେବେ ତାହା ହେଉଛି – ସୌରଶକ୍ତି।

ସୂର୍ଯ୍ୟ କିରଣରେ ତାପ ଶକ୍ତି ଓ ଆଲୋକ ଶକ୍ତି ଅଛି। ଏହାକୁ ଆମେ ସୌରଶକ୍ତି କହୁ। ପୃଥିବୀ ୧ ଘଣ୍ଟାରେ ପାଉଥିବା ସୌରଶକ୍ତିକୁ ପୂରାପୂରି ବିଜୁଳିଶକ୍ତିରେ ପରିଣତ କରି ପାରିଲେ ତାହା ଆମକୁ ୧ ବର୍ଷ ଶକ୍ତି ଯୋଗାଇ ପାରିବ। କିନ୍ତୁ ସମସ୍ତ ସୂର୍ଯ୍ୟକିରଣକୁ ସଂଗ୍ରହ କରିବା ପାଇଁ ଆମ ପାଖରେ ସୁବିଧା ନାହିଁ। ଦ୍ୱିତୀୟରେ ଆମ ସୌରବ୍ୟାଟେରୀ ୫ ଭାଗରୁ ୧ ଭାଗ ସୌରଶକ୍ତିକୁ ବିଜୁଳିଶକ୍ତିରେ ପରିଣତ କରିପାରିବ। ଅବଶ୍ୟ ସୌରଶକ୍ତିରେ ବିଜୁଳିବତି ଜାଳିପାରିବା। ତାପଜ ବଲ୍‌ବ୍ ଓ ସି.ଏଫ୍.ଏଲ୍. ବଦଳରେ ଏଲ୍.ଇ.ଡି. ବଲ୍‌ବ୍ ଅତି କମ୍ ଶକ୍ତିରେ ଉଜ୍ଜ୍ୱଳ ଜଳିପାରେ। ପାଣି ଗରମ କରି ହେବ। ସୌରଶକ୍ତିରେ ଛୋଟ ଗାଡିମୋଟର ଚାଲିପାରିବ। ଏବେ ସୌରଶକ୍ତିରେ ବଡ ବଡ ଗାଡିମୋଟର ଓ କଳକାରଖାନା ଚଳେଇବା ପାଇଁ ଗୁରୁତର ସହିତ ଗବେଷଣା ଜାରିରହିଛି। ସତ କହିଲେ, ସୌରବ୍ୟାଟେରୀର ଦକ୍ଷତା ଆଶାନୁରୂପ ବଢିପାରିଲେ ଯାଇ ଆଜି ଯେଉଁ ଶକ୍ତିସଙ୍କଟ ଦେଖାଦେଇଛି, ତାହାର ସହଜ ସମାଧାନ ସମ୍ଭବ ହୋଇପାରିବ। ଆଜି ଏହି କଥାକୁ ସମସ୍ତେ ହୃଦୟଙ୍ଗମ କରି ପାରିଛନ୍ତି। ତେଣୁ ସୌରବ୍ୟାଟେରୀର ଦକ୍ଷତା ବୃଦ୍ଧି କରିବା ଦିଗରେ ସକ୍ରିୟ ଗବେଷଣା ଜାରି ରହିଛି।

*–ଏମ୍. ଫିଲ. (ଫିଜିକ୍ସ), ଇ.ଏସ୍.ଆର.ଏସ୍., ଭବାନୀପୁର, ସୁନ୍ଦରଗଡ*

# ପୁରୁଷଙ୍କ ଅପ୍ରଜନନତା



**ଡା. ଲିପ୍‌ସା ମିଶ୍ର**

ସମସ୍ତ ପରୀକ୍ଷଣ ଠିକ୍ ହେବା ପରେ ମଧ୍ୟ ଅନେକ ଦମ୍ପତିଙ୍କ ପକ୍ଷେ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିବା କଷ୍ଟକର ହୋଇଥାଏ। ଗର୍ଭଧାରଣ କରିବାକୁ ଚେଷ୍ଟା କରୁଥିବା ଦମ୍ପତିମାନଙ୍କଠାରେ ପୁରୁଷଙ୍କ ଅପ୍ରଜନନତା ହେଉଛି ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଗୋଟିଏ, ଯାହା ସବୁବେଳେ ନଜରକୁ ଆସିଥାଏ। ଶୁକ୍ରାଣୁର ଗୁଣବତ୍ତା ଓ ପରିମାଣ ଗର୍ଭଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏବଂ ପୁରୁଷଙ୍କ ପ୍ରଜନନତାରେ ନିଷ୍ପତ୍ତିମୂଳକ କାରଣ ମଧ୍ୟ ହୋଇଥାଏ। ଏହି ସମ୍ଭାବନାଗୁଡ଼ିକ ୧୦ଟି ଫୋଲ୍ଡରେ ଗ୍ରହଣ ହୋଇ ନ ଥାଏ ଓ ବହିର୍ଗତ ହୋଇଥିବା ଶୁକ୍ରାଣୁର ପରିମାଣ କମ୍ ଓ ନିମ୍ନମାନର ହୋଇଥିଲେ ସମୟେ ସମୟେ ଏହା ଅଧିକ ହୋଇଥାଏ।

**କାରଣ:** ପୁରୁଷଙ୍କ କ୍ଷେତ୍ରରେ ଅପ୍ରଜନନତା ଅସାଧାରଣ ଶୁକ୍ର ଉତ୍ପାଦନ କିମ୍ବା ନିମ୍ନମାନର ଶୁକ୍ର ନିର୍ଗମନ ଯୋଗୁ ହୋଇଥାଏ। ପୁରୁଷମାନଙ୍କଠାରେ ଶୁକ୍ର ଉତ୍ପାଦନ ଓ ବିକାଶରେ କୌଣସି ଅସୁବିଧା ନ ଥାଇପାରେ, କିନ୍ତୁ ଗଠନ ତଥା ନିର୍ଗମନ ସମସ୍ୟା ସୁସ୍ଥ ଶୁକ୍ରାଣୁଯୁକ୍ତ ନିର୍ଗମନ ଫ୍ଲୁଇଡ଼ମାନଙ୍କୁ ପ୍ରଜନନ ହୋଇପାରୁଥିବା ଫାଲୋପିଆନ୍ ଟ୍ୟୁବ୍‌ରେ ପହଞ୍ଚିବାରେ ବାଧା ଦେଇଥାଏ। କମ୍ ପରିମାଣର ଶୁକ୍ର, ଶୁକ୍ରାଣୁ ନିର୍ଗମନରେ ସମସ୍ୟାକୁ ଦର୍ଶାଇଥାଏ। ପ୍ରାୟତଃ ପୁରୁଷମାନଙ୍କଠାରେ ଅପ୍ରଜନନତାର ସଂକେତଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ପୁରୁଷଙ୍କ ଅପ୍ରଜନନତାର ତିନୋଟି (ଅଧିକ ହୋଇଥାଇପାରେ) ପ୍ରମୁଖ କାରଣଗୁଡ଼ିକ ହେଉଛି– ଓଲିଗୋଜୁସ୍ପର୍ମିଆ (କମ୍ ପରିମାଣର ଶୁକ୍ର), ଟେରାଟୋଜୁସ୍ପର୍ମିଆ (ଶୁକ୍ରର ଅସାଧାରଣ ରୂପତତ୍ତ୍ୱ) ଏବଂ ଶୁକ୍ର ସ୍ଥାନାନ୍ତରଣ ସମସ୍ୟା। ଶୁକ୍ର ସ୍ଥାନାନ୍ତରଣ ସମସ୍ୟା ପାଖାପାଖି ୨୦% ପୁରୁଷଙ୍କ ଅପ୍ରଜନନତାର କାରଣ ହୋଇଥାଏ। ଶୁକ୍ର ସ୍ଥାନାନ୍ତରଣ ସମସ୍ୟାଜନିତ ଜଟିଳତା ଶୁକ୍ରର ଘନତାରେ କମ୍‌ର କାରଣ ହୋଇଥାଏ ଏବଂ ଏଥିଯୋଗୁ ଶୁକ୍ର ମହିଳାଙ୍କ ତଳିପେଟରେ ସୁରକ୍ଷିତ ଭାବରେ ଯିବାକୁ ସକ୍ଷମତା ରଖି ନ ଥାଏ।

ଶୁକ୍ରାଣୁ ଟେଷ୍ଟିସ୍‌ମାନଙ୍କ ଦ୍ୱାରା ଉତ୍ପନ୍ନ ହୋଇଥାଏ ଏବଂ ଏହା ପରିପକ୍ୱ ହେବା ପାଇଁ ୭୨ ଦିନ ସମୟ ନେଇଥାଏ। ଏହି ପରିପକ୍ୱ ଶୁକ୍ର ମୋଟିଲିଟି ଗ୍ରହଣ କରିବା ପାଇଁ ଟେଷ୍ଟିସ୍‌ରୁ ଏପିଡିଡାଇମିସ୍‌କୁ ଯାଇଥାଏ ଏବଂ ସେଥିପାଇଁ ଏହା ୧୦ ଦିନ ପରେ ପରବର୍ତ୍ତୀ ଅର୍ଗାଜିମ୍ କରିବାକୁ ପ୍ରସ୍ତୁତ ହୋଇଥାଏ। କିନ୍ତୁ ନଳୀରେ ଥିବା କିଛି ପ୍ରତିରୋଧକ ନିର୍ଗମନ ଶୁକ୍ରରସରେ ଶୁକ୍ରାଣୁର ଅଭାବର କାରଣ ହୋଇଥାଏ।



"ପୁରୁଷଙ୍କ କ୍ଷେତ୍ରରେ ଅପ୍ରଜନନତା ଅସାଧାରଣ ଶୁକ୍ର ଉତ୍ପାଦନ କିମ୍ବା ନିମ୍ନମାନର ଶୁକ୍ର ନିର୍ଗମନ ଯୋଗୁଁ ହୋଇଥାଏ। ପୁରୁଷମାନଙ୍କଠାରେ ଶୁକ୍ର ଉତ୍ପାଦନ ଓ ବିକାଶରେ କୌଣସି ଅସୁବିଧା ନ ଥାଇପାରେ, କିନ୍ତୁ ଗଠନ ତଥା ନିର୍ଗମନ ସମସ୍ୟା ସୁସ୍ଥ ଶୁକ୍ରାଣୁଯୁକ୍ତ ନିର୍ଗମନ ଫ୍ଲୁଇଡ଼ମାନଙ୍କୁ ପ୍ରଜନନ ହୋଇପାରୁଥିବା ଫାଲୋପିଆନ୍ ଟ୍ୟୁବ୍‌ରେ ପହଞ୍ଚିବାରେ ବଧା ଦେଇଥାଏ। କମ୍ ପରିମାଣର ଶୁକ୍ର, ଶୁକ୍ରାଣୁ ନିର୍ଗମନରେ ସମସ୍ୟାକୁ ଦର୍ଶାଇଥାଏ। ପ୍ରାୟତଃ ପୁରୁଷଙ୍କଠାରେ ଅପ୍ରଜନନତାର ସଂକେତଗୁଡ଼ିକ ଗୁରୁତ୍ୱପର୍ଣ୍ଣ।"



**ଶୁକ୍ରାଣୁର ଗତିକୁ କ'ଣ ପ୍ରଭାବିତ କରିଥାଏ :** ନିମ୍ନମାନର ଶୁକ୍ର କ୍ଷରଣ ହେବାର କେତୋଟି କାରଣ ରହିଛି।

**ନିର୍ଗମନର ପଶ୍ଚାତ୍‌ଗାମୀ :** ଯୌନକ୍ରିୟା ସମୟରେ ପୁରୁଷର ମୂତ୍ରାଶୟ ବନ୍ଦ ହୋଇପାରି ନ ଥାଏ, ଯାହାଫଳରେ ଶୁକ୍ରରସ ଲିଙ୍ଗ ଦ୍ୱାରା ନିର୍ଗମନ ନ ହୋଇ ମୂତ୍ରାଶୟ ମଧ୍ୟକୁ ଫେରିଯାଇଥାଏ। ଏହା ସ୍ନାୟୁ ବ୍ୟବସ୍ଥାରେ ରୋଗ, ଚିକିତ୍ସା କିମ୍ବା ଆଗୁଆ ଅସ୍ତ୍ରୋପଚାର ଯୋଗୁ ହୋଇଥାଏ।

**ଭାସେକ୍ଟୋମି ରିଭର୍ସାଲ୍‌ରେ ଅସଫଳ :** ଆଜି ପର୍ଯ୍ୟନ୍ତ ଭାସେକ୍ଟୋମି ରିଭର୍ସାଲ୍ ପଦ୍ଧତିରୁ ଆଶାନୁରୂପ ସଫଳତା ମିଳିନାହିଁ। ଭାସେକ୍ଟୋମି ରିଭର୍ସାଲ୍ ପରେ ଆଣ୍ଟି–ସ୍ପର୍ମ ଆଣ୍ଟି ବଡି ବିକଶିତ ହୋଇଥାଆନ୍ତି ଏବଂ ତାହା ଗର୍ଭଧାରଣରେ ବାଧା ସୃଷ୍ଟି କରିଥାଏ।

**ପ୍ରତିରୋଧ :** ପୁରୁଷର ଟେଷ୍ଟିସ୍‌ରେ ଥିବା ଶୁକ୍ର ଉତ୍ପାଦନ, ଶୁକ୍ର କ୍ଷରଣ ଓ ସଂରକ୍ଷଣ ଡକ୍ଟ ସହ ଜଡ଼ିତ ବ୍ୟବସ୍ଥାମାନଙ୍କୁ ଶୁକ୍ର ସଂରକ୍ଷଣ ଓ ସେଗୁଡ଼ିକୁ ମୂତ୍ରନଳୀକୁ ସ୍ଥାନାନ୍ତର କରିବାକୁ ହୋଇଥାଏ। ଅସ୍ତ୍ରୋପଚାର, ସଂକ୍ରମଣ ଓ ବଂଶାନୁକ୍ରମିକ ରୋଗ ଶୁକ୍ର କ୍ଷରଣକୁ ରୋକିପାରେ। କିଛି ପୁରୁଷ ଜନ୍ମରୁ ଡକ୍ଟଗୁଡ଼ିକୁ ବନ୍ଦ କରିଥାଆନ୍ତି କିମ୍ବା ନଳୀଗୁଡ଼ିକୁ ହରାଇଥାଆନ୍ତି। ତେଣୁ ଲିଙ୍ଗ ମଧ୍ୟରେ ଥିବା ମୂତ୍ରନଳୀର ବହିର୍ଗମନ ପଥ ମଧ୍ୟ ନିମ୍ନ ଶୁକ୍ର କ୍ଷରଣର କାରଣ ହୋଇଥାଏ।

**ଇରେକ୍ଟାଇଲ୍ ଡିସ୍‌ଫଙ୍କଶନ :** ଯୌନ ସମସ୍ୟା, ଯେପରି କି ଅପରିପକ୍ୱ ନିର୍ଗମନ ଓ ଇରେକ୍ଟାଇଲ୍ ଡିସ୍‌ଫଙ୍କଶନ୍ ଗର୍ଭଧାରଣ ରୋକିଥାଏ। ଦମ୍ପତିମାନେ ମାନସିକ ପରାମର୍ଶ ନେଇପାରିବେ ଏବଂ ଇରେକ୍ସନ୍ ଓ ଯୌନ କ୍ରିୟାରେ ହେଉଥିବା ଅସୁବିଧାର କାରଣ ବିଷୟରେ ଅବଗତ ହୋଇପାରିବେ।

**ଶୁକ୍ର ପରିବହନ ସମସ୍ୟାର ବିଭାଗୀକରଣ:**
ଟେଷ୍ଟିସଠାରୁ ମୂତ୍ରନଳୀକୁ ଶୁକ୍ର ଧାରଣ କରିଥିବା ବିଭିନ୍ନ ଡକ୍ଟରେ ଥିବା ବ୍ଲକେଜ ଶୁକ୍ର ପରିବହନରେ ଅସୁବିଧାର କାରଣ ହୋଇପାରେ। ଶୁକ୍ର ପରିବହନରେ ଦେଖାଯାଉଥିବା ଅସୁବିଧା ମଧ୍ୟରେ ଜନ୍ମଗତ ଅସୁବିଧା, ଅର୍ଜନ କରିଥିବା ଅସୁବିଧା ଏବଂ କାର୍ଯ୍ୟକଳାପଜନିତ ଅସୁବିଧା ରହିଛି।

**ଜନ୍ମଗତ ଅସୁବିଧା :** ଏହା ଏକ ଜନ୍ମଗତ ଅସୁବିଧା, ଯାହା ମଧ୍ୟରେ ଅସ୍ୱାଭାବିକ ବୃଦ୍ଧି ରହିଥାଏ ଏବଂ ସ୍ପର୍ମ ଡକ୍ଟ ଅଣଓସାରିଆ ରହିଥାଏ। ଏହା ସେମିନାଲ ଭେସିକଲ (ସ୍ପର୍ମ ସଂଗ୍ରହ କରୁଥିବା)ରୁ ସିମେନର ଏବଂ ମୂତ୍ରନଳୀ ମାଧ୍ୟମରେ ଭାସରୁ ଉପାଦାନ ପରିବହନ କରିବା ପାଇଁ ଅନୁପସ୍ଥିତ ଥାଏ।

**ଅର୍ଜିତ ପରିସ୍ଥିତି :** ଏହା ପୂର୍ବରୁ ଥିବା ରୋଗ କିମ୍ବା ପ୍ରଜନନ ବ୍ୟବସ୍ଥାରେ ସଂକ୍ରମଣ ପାଇଁ ହୋଇଥାଏ। ଶୁକ୍ର ପରିବହନ ସ୍କାର୍ସ ଦ୍ୱାରା ପ୍ରଭାବିତ ହୋଇଥାଏ ଯାହା ଡକ୍ଟରେ ସ୍ପର୍ମର ରାସ୍ତାକୁ ପ୍ରତିରୋଧ କରୁଥିବା ଇନଫ୍ଲାମେଶନ ପାଇଁ ହୋଇଥାଏ। ଯଦି କୌଣସି ରୋଗୀ ପେଟର ସର୍ଜରି ତଥା ହର୍ନିଆ ଇତ୍ୟାଦି ହୋଇଥାଏ ଯାହା ଦ୍ୱାରା ରୋଗୀଙ୍କ ମଧ୍ୟରେ ସ୍ପର୍ମର ଗତି ପ୍ରଭାବିତ ହୋଇଥାଏ।

**କାର୍ଯ୍ୟକଳାପଜନିତ ଅସୁବିଧା :** ସ୍ନାୟୁ ବ୍ୟବସ୍ଥାରେ ଥିବା କିଛି ଅସୁବିଧା ସ୍ପର୍ମ ଗତି କ୍ଷମତାକୁ ପ୍ରଭାବିତ କରିଥାଏ। ପରିସ୍ଥିତି ତଥା ସ୍ନାୟୁର ଅସୁବିଧା ଦୁର୍ଘଟଣା କିମ୍ବା ସର୍ଜରି ଦ୍ୱାରା ହୋଇଥାଏ, ଯାହା ମେରୁଦଣ୍ଡରେ ଆଘାତ ଯୋଗୁ ହୋଇଥାଏ (ମାଂସପେଶୀର ଗତିରେ ପ୍ରଭାବ ପକାଇଥାଏ), ସ୍ପର୍ମର ପରିବହନରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଆଣ୍ଟି–ଡିପ୍ରେସାଣ୍ଟ ମେଡିସିନଗୁଡିକ ସ୍ନାୟୁ ବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ।

**ଆସିଷ୍ଟେଡ ପ୍ରଜନନ କୌଶଳ :** ବିଭିନ୍ନ କୌଶଳ ମଧ୍ୟରେ ଇନ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍) ଏବଂ ଇନଟ୍ରାସାଇଟୋପ୍ଲାସମିକ ସ୍ପର୍ମ ଇନ୍‌ଜେକଶନ (ଆଇସିଏସଆଇ) ସ୍ପର୍ମ ରିଟ୍ରାଇଭାଲ ପାଇଁ ରହିଛି ଯାହା ମଧ୍ୟରେ ପରକ୍ୟୁଟାନିଅସ ଏପିଡିଡାଇମାଲ ସ୍ପର୍ମ ଆସ୍ପିରେଶନ, ସ୍ପର୍ମ ଆସ୍ପିରେଶନ, ମାଇକ୍ରୋ ସର୍ଜିକାଲ ଇପିଡିଡାଇମାଲ ସ୍ପର୍ମ ଆସ୍ପିରେଶନ ଏବଂ ଓପନ ଟେଷ୍ଟିକୁଲାର ସ୍ପର୍ମ ଏକ୍ସଟ୍ରାକ୍ସନ ରହିଛି, ମେଡିକାଲ ବିଜ୍ଞାନ କ୍ଷେତ୍ରରେ ବିକାଶ ସହିତ ଆଇଭିଏଫ୍ କୌଶଳ ଅଧିକ ପ୍ରଚଳିତ ହୋଇଛି। ସର୍ଜିକାଲ ସ୍ପର୍ମ ରିଟ୍ରାଇଭାଲ ଏକ କୌଶଳ ଯାହା ଆଇଭିଏଫ ଏବଂ ଆଇଭିଏଫ୍–ଆଇସିଏସ୍ଆଇ ଉଭୟରେ ଆବଶ୍ୟକ କରୁଥିବା ସ୍ପର୍ମ ଯୋଗାଇଥାଏ।

ଟେଷ୍ଟିକୁଲାର ସ୍ପର୍ମ ରିଟ୍ରାଇଭାଲ ଏକ ନୂତନ ଏବଂ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଅତ୍ୟନ୍ତ ଅତ୍ୟାଧୁନିକ କୌଶଳ। ଏ କ୍ଷେତ୍ରରେ ଆଇସିଏସ୍ଆଇ ଏବଂ ଆଇଭିଏଫ୍‌ର ଉତ୍ପତ୍ତି ଦ୍ୱାରା ଏହି କୌଶଳ ଅଣ୍ଡକୋଷ ସୃଷ୍ଟି କରିଥାଏ, ଏହା ସ୍ପର୍ମ ମାଚ୍ୟୁର କରିବାରେ ବାଧତାମୂଳକ ନୁହେଁ ଏବଂ ଏହା ଏପିଡାଇଡାମିସ ମଧ୍ୟରେ ଗତି କରିଥାଏ। ଏହି ପ୍ରକ୍ରିୟା କିଛି ସର୍ଜରି ତଥା ଭାସ୍କୋଟୋମି, ସଂକ୍ରମଣ କିମ୍ବା ଜନ୍ମଗତ କାରଣ ଯୋଗୁ ହୋଇଥିବା ଏପିଡାଇଡାଏମିସରେ ବ୍ଲକେଜ ଥିବା ରୋଗୀଙ୍କ ପାଇଁ ଖୁବ ଲାଭଦାୟକ।

*–ସ୍ତ୍ରୀରୋଗ ବିଶେଷଜ୍ଞ ଏବଂ ଆଇଭିଏଫ୍ ଏକ୍ସପର୍ଟ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*

# ହେପାଟାଇଟିସ୍ ଭାଇରସ ସଂକ୍ରମଣ କରେ ଟାଟୁ

ହେପାଟାଇଟିସ୍ ଏକ ମାରାତ୍ମକ ରୋଗ। ପ୍ରାରମ୍ଭରୁ ଏହାର ଠିକ ଭାବରେ ଚିକିତ୍ସା ନ କଲେ ତାହା ପ୍ରାଣନାଶକ ସାଜିଥାଏ। ଏହାର ଭାଇରସ ସଂକ୍ରମଣ କରିବାରେ ଟାଟୁର ଭୂମିକା ରହିଛି ବୋଲି ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଗବେଷଣାରୁ ଜାଣିବାକୁ ମିଳିଛି। ଆଜିକାଲି ଯୁବପିଢ଼ି ଟାଟୁ କରିବା ଏକ ଫ୍ୟାଶନରେ ପରିଣତ ହୋଇଗଲାଣି। ହେଲେ ବେଳେବେଳେ ଏହି ଆନନ୍ଦ ଶାରୀରିକ ସମସ୍ୟାକୁ ଡାକିଆଣିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଟାଟୁ କରିଥିବା କିଛି ବ୍ୟକ୍ତିଙ୍କର ଶରୀରରେ ହେପାଟାଇଟିସ୍ ଭାଇରସ ଅଛନ୍ତି କି ନାହିଁ ତାହା ପରୀକ୍ଷା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ହେପାଟାଇଟିସ୍‌ର ଭାଇରସ ଠାବ କରାଯାଇଥିଲା। ବିଶେଷଭାବରେ ହେପାଟାଇଟିସ ଭାଇରସ ତରଳ ପଦାର୍ଥ ସଂସ୍ପର୍ଶରେ ଆସିଲେ ସେମାନେ ସହଜରେ ସେମାନଙ୍କର କାୟା ବିସ୍ତାର କରିଥାଆନ୍ତି। ଅନ୍ୟପକ୍ଷରେ ଠିକ ଭାବରେ ବିଶୋଧନ କରାଯାଇ ନ ଥିବା ଛୁଞ୍ଚିରେ ଟାଟୁ କଲେ ଏହି ରୋଗର ଭାଇରସ ନିଜର ବଂଶ ବିସ୍ତାର କରିବାରେ ସାହାଯ୍ୟ କରିଥାଏ।



# ଗହଳି ସ୍ଥାନ ଓ ମେଦବହୁଳତା

ମେଦବହୁଳତା ବା ଓଜନ ବୃଦ୍ଧି ଏବେ ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଗଲାଣି। ଆବଶ୍ୟକତାଠାରୁ ଅଧିକ ଖାଇବା, ଅଧିକ ପରିମାଣରେ ଜଙ୍କ ଫୁଡ୍ ତେଲଯୁକ୍ତ ଖାଦ୍ୟ ଖାଇବା ସାଧାରଣତଃ ଓଜନ ବଢ଼ାଇବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ମେଦବୃଦ୍ଧି ଯୋଗୁ ହୃଦ୍‌ରୋଗ, ବ୍ଲଡପ୍ରେସର ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତେବେ ଓଜନ ବଢ଼ିବା ପଛରେ ଆଉ ଏକ କାରଣ ଅଛି ବୋଲି ପ୍ରକାଶ କରିଛନ୍ତି ଚାଇନାର ବିଶେଷଜ୍ଞମାନେ। ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଜନଗହଳିପୂର୍ଣ୍ଣ ସ୍ଥାନରେ ରହନ୍ତି ତେବେ ତାହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ। ପ୍ରାୟ ପ୍ରତିଦିନ ଗହଳି ସ୍ଥାନରେ ରହୁଥିବା କିଛି ବ୍ୟକ୍ତିଙ୍କର ଓଜନକୁ ନିୟମିତ ସମୟ ଅନ୍ତରାଳରେ ମପାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କର ଓଜନ ବଢୁଥିବାର ଜଣାପଡିଥିଲା। ଗହଳି ସ୍ଥାନରେ ରହୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ନିଜର ଖାଦ୍ୟଲୋଭକୁ ସମ୍ବରଣ କରିପାରନ୍ତି ନାହିଁ। ଫଳରେ ସେମାନେ ଓଜନ ବୃଦ୍ଧି ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି।



ଭୂଷଣ ଷ୍ଟିଲ ସମେତ ଆମର ଅନ୍ୟାନ୍ୟ ୟୁନିଟ୍‌ଗୁଡ଼ିକର କ୍ଷମତା ବୃଦ୍ଧି ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛୁ।
– ଟି.ଭି. ନରେନ୍ଦ୍ରନ, ଟାଟା ଷ୍ଟିଲ୍ ଏମ୍‌ଡି



ଆଗାମୀ ୩ ବର୍ଷ ମଧ୍ୟରେ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ କ୍ଷେତ୍ରରେ ଭାରତ ବଜାର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେବ।
– ପେଟେ ଲିୟୁ, ସହପ୍ରତିଷ୍ଠାତା ତଥା ସିଇଓ, ୱାନପ୍ଲସ



## ସଂକ୍ଷେପରେ

### ସବୁ ୟୁଜରଙ୍କୁ ପେମେଣ୍ଟ ସେବା ଯୋଗାଣ
## ଆର୍‌ବିଆଇର ଅନୁମତି ମାଗିଲା ହ୍ୱାଟ୍ସଆପ୍

**ନୂଆଦିଲ୍ଲୀ,୨-୧୨:** ହ୍ୱାଟ୍ସଆପ୍ ଭାରତରେ ଥିବା ନିଜର ୨୦ କୋଟି ୟୁଜରଙ୍କୁ ପେମେଣ୍ଟ ସେବା ଦେବାକୁ ଚାହୁଁଛି। ଏଥିଲାଗି ହ୍ୱାଟ୍ସଆପ୍ ମୁଖ୍ୟ ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ଠାରୁ ଅନୁମତି ମାଗିଛନ୍ତି। ପ୍ଲାଟଫର୍ମରେ ମିଥ୍ୟା ଖବର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ରୋଷର ଶିକାର ହୋଇଥିବା କମ୍ପାନୀ ଏବେ ସାରା ଦେଶରେ ପେମେଣ୍ଟ ସେବା ଯୋଗାଇ ଦେବା ଲାଗି ନିୟନ୍ତ୍ରକଙ୍କ ଅନୁମତି ଅପେକ୍ଷାରେ ରହିଛି। ପ୍ରାୟ ମାସେ ହେବ ୧୦ ଲକ୍ଷ ୟୁଜର ଏହି ପେମେଣ୍ଟ ଫିଚରକୁ ପରୀକ୍ଷା କରୁଛନ୍ତି। ସରକାରଙ୍କ ସହ ଆଲୋଚନା ପରେ ହ୍ୱାଟ୍ସଆପ୍ ପ୍ରାୟ ୨ ବର୍ଷ ପୂର୍ବେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲା। ଏହାର ପ୍ରତିଦ୍ୱନ୍ଦ୍ୱୀ ଗୁଗୁଲ ପୂର୍ବରୁ ଏହି ପେମେଣ୍ଟ ସେବା ଆରମ୍ଭ କରିସାରିଛି। ଏବେ ହ୍ୱାଟ୍ସଆପ୍ ମୁଖ୍ୟ କ୍ରିସ୍ ଡାନିଏଲ୍ସ ଆର୍‌ବିଆଇକୁ ଚିଠି ଲେଖି ଏଥିପାଇଁ ଔପଚାରିକ ଅନୁମତି ମାଗିଛନ୍ତି।

### ଅର୍ଥ ସଙ୍କଟ ମୁଖ୍ୟ ସମସ୍ୟା
## ୭ ଗଲ୍ଫ ରୁଟ୍‌ରୁ ଓହରିଲା ଜେଟ୍ ଏୟାରୱେଜ



**ନୂଆଦିଲ୍ଲୀ,୨-୧୨:** ଆର୍ଥିକ ସଙ୍କଟର ସାମ୍ନା କରୁଥିବା ପ୍ରମୁଖ ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ ଚଳିତ ମାସରୁ ୭ଟି ଗଲ୍ଫ ରୁଟ୍‌ରେ ଉଡ଼ାଣକୁ ପ୍ରତ୍ୟାହାର କରିନେବ। ନରେଶ ଗୋଏଲଙ୍କ ମାଲିକାନାରେ ପରିଚାଳିତ ଏହି ବିମାନ କମ୍ପାନୀ ଦୋହା, ମାସ୍କଟ, ଆବୁଧାବୀ ଏବଂ ଦୁବାଇର ବିଭିନ୍ନ ସ୍ଥାନକୁ ଯାଉଥିବା ୩୯ ରୁଟ୍‌ରେ ଉଡ଼ାଣ ବନ୍ଦ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଯାତ୍ରୀ ସଂଖ୍ୟା କମିବା, ବର୍ଦ୍ଧିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ନ ପାରିବା ତଥା ଗଲ୍ଫ ଦେଶର ଅର୍ଥନୀତି ଭୁଶୁଡିପଡ଼ିବା କାରଣରୁ ଏବେ ଏହି କମ୍ପାନୀ ତା'ର କାର୍ଯ୍ୟକୁ ସୀମିତ କରିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ଜେଟ୍ ଏୟାରୱେଜରେ ଏଟିହାଦ ଏୟାରୱେଜର ୨୪ ପ୍ରତିଶତ ଅଂଶଧନ ରହିଛି। ଚଳିତ ମାସ ୫ରୁ ଏହି ଉଡ଼ାଣକୁ ବନ୍ଦ କରାଯିବ ବୋଲି ଜଣାପଡିଛି।

### ୨୧୧୧କୋଟି ଅସୁଲ ଲକ୍ଷ୍ୟ
## ଏସ୍‌ବିଆଇ ବିକିବ ୩ ଏନ୍‌ପିଏ ଆକାଉଣ୍ଟ

**ନୂଆଦିଲ୍ଲୀ,୨-୧୨:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ୨,୧୧୧.୭୦ କୋଟି ଟଙ୍କା ଅସୁଲ କରିବା ଲାଗି ୩ ଏନ୍‌ପିଏ(ଅନାଦାୟ ଋଣ) ଆକାଉଣ୍ଟକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ଚଳିତ ମାସ ୧୩ରେ ଏଗୁଡିକର ଇ-ନିଲାମୀ ହେବ। ସୋନା ଆଲଏ ପ୍ରାଇଭେଟ ଲିମିଟେଡ, ଏମ୍‌ସିଏଲ୍ ଗ୍ଲୋବାଲ ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ ଓ ଜୟସୱାଲ ନେକୋ ଇଣ୍ଡଷ୍ଟ୍ରିଜକୁ ବିକ୍ରି କରାଯିବ। ଏସ୍‌ବିଆଇ ନିଜର ୱେବସାଇଟ୍‌ରେ ଦର୍ଶାଇଛି ଯେ, ନିୟାମକଙ୍କ ଗାଇଡଲାଇନ ଓ ଅନୁରୂପ ଆର୍ଥିକ ସମ୍ପତ୍ତି ବିକ୍ରିକୁ ନେଇ ବ୍ୟାଙ୍କର ନୀତି ଅନୁଯାୟୀ ଉକ୍ତ ଆକାଉଣ୍ଟଗୁଡିକୁ ସମ୍ପତ୍ତି ପୁନର୍ଗଠନ କମ୍ପାନୀ/ବ୍ୟାଙ୍କ/ଏନ୍‌ବିଏଫ୍‌ସି/ଆର୍ଥିକ ସଂସ୍ଥାଙ୍କ ନିକଟରେ ଉପସ୍ଥାପନ କରାଯିବ। ଗତ ମାସରେ ବ୍ୟାଙ୍କ ପକ୍ଷରୁ ୧୧ ଏଭଳି ଏନ୍‌ପିଏ ଆକାଉଣ୍ଟର ଇ-ନିଲାମୀ କରାଯାଇଥିଲା। ସେମାନଙ୍କଠାରୁ ୧,୦୧୯ କୋଟି ଟଙ୍କା ବକେୟା ଆଦାୟ କରିବାକୁ ବ୍ୟାଙ୍କ ତତ୍ପର ହେଉଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ଏସ୍‌ବିଆଇର ମୋଟ୍ ଏନ୍‌ପିଏ ପରିମାଣ ମୋଟ୍ ଋଣର ୯.୯୫% ଥିଲା। ବର୍ଷକ ପୂର୍ବେ ଏହା ୯.୮୩ ପ୍ରତିଶତ ରହିଥିଲା।

## ଏ.ଏସ୍.ରାଜୀବ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ସିଇଓ

**ନୂଆଦିଲ୍ଲୀ,୨-୧୨:** ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏମ୍‌ଡି ତଥା ସିଇଓ ଭାବେ ଏ.ଏସ.ରାଜୀବ ନିଯୁକ୍ତ ହୋଇଛନ୍ତି। ଏସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ରବିବାର ଏକ ବିବୃତି ଜାରି କରାଯାଇଛି। ଉଲ୍ଲେଖଥାଉ କି, ରାଜୀବଙ୍କ ନିକଟରେ ପ୍ରାୟ ୩ ଦଶନ୍ଧିର ପେସାଦାର ଅଭିଜ୍ଞତା ରହିଛି। ଏଥିପୂର୍ବରୁ ସେ ସିଣ୍ଡିକେଟ ବ୍ୟାଙ୍କ, ବିଜୟା ବ୍ୟାଙ୍କ ଏବଂ ଇଣ୍ଡିଆନ ବ୍ୟାଙ୍କରେ କାମ କରିସାରିଛନ୍ତି।

# ଓପେକ୍‌ର ନିଷ୍ପତ୍ତି ସ୍ଥିର କରିବ ଟଙ୍କାର ମୂଲ୍ୟ

**ନୂଆଦିଲ୍ଲୀ,୨-୧୨**

ଅଧିକ ଉତ୍ପାଦନ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍) ଦର ବ୍ୟାରେଲ ପିଛା ୫୦ ଡଲାର ଆଖପାଖରେ ରହିଛି। ଏଥିଯୋଗୁ କ୍ଷତି ହେଉଥିବା ଦର୍ଶାଇ ତୈଳ ଉତ୍ପାଦକ ଦେଶଗୁଡିକୁ ନେଇ ଗଠିତ ଦେଶ ସମୂହ ଓପେକ୍ ପକ୍ଷରୁ ଆସନ୍ତା ୬ରେ ଏକ ଜରୁରୀ ବୈଠକ ଡକାଯାଇଛି। ଦରବୃଦ୍ଧି ନେଇ ସହମତି ପ୍ରକାଶ ପାଇଁ ଏହି ବୈଠକ ଆହ୍ୱାନ କରାଯାଇଥିବା ବେଳେ ଭାରତ ଏହା ଉପରେ ଦୃଷ୍ଟିନିବଦ୍ଧ ରଖିଛି। କାରଣ କ୍ରୁଡ୍ ଦର ବୃଦ୍ଧି ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବ। ଏହାର ପ୍ରଭାବ ଟଙ୍କାର ମୂଲ୍ୟ ଉପରେ ସିଧାସଳଖ ପଡ଼ିବ। ଉତ୍ପାଦନ କମାଇବା ଲାଗି ସହମତି ପ୍ରକାଶ ପାଇଲେ ଟଙ୍କାର ମୂଲ୍ୟ ଚଳିତ ମାସ ଶେଷ ସୁଦ୍ଧା ୭୧ ଓ ପ୍ରକାଶ ନ ପାଇଲେ ଏହା ୬୭ ସ୍ତର ଛୁଇଁପାରେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଇରାନ ବିରୋଧରେ ଆମେରିକା କଟକଣାକୁ ଦେଖି ତେଲର ଅଭାବ ରହିବ ବୋଲି ଆଶଙ୍କାବ୍ୟକ୍ତ କରାଯିବା ଯୋଗୁ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍‌ର ଦର ବ୍ୟାରେଲ ପିଛା ପ୍ରାୟ ୮୫ ଡଲାର ଉପରେ ରହିଥିଲା। ତେବେ କଟକଣାରୁ ଭାରତ ସମେତ ୮ଟି ତୈଳ ଆମଦାନୀକାରୀ ଦେଶକୁ ବାଦ୍ ଦିଆଯିବା ପରେ ଦର ଧୀରେ ଧୀରେ ହ୍ରାସ ପାଇବାକୁ ଲାଗିଛି। ଏହା ଏବେ ୫୦ଡଲାର ଆଖପାଖରେ କାରବାର କରୁଛି। ଏହାକୁ ନେଇ ଓପେକ୍ ଦେଶଗୁଡିକ ଚିନ୍ତାପ୍ରକଟ କରିଛନ୍ତି। ଆସନ୍ତା ୬ ତାରିଖ ବୈଠକରେ ଉତ୍ପାଦନ ହ୍ରାସ କରି ଦରବୃଦ୍ଧି କରିବାକୁ ବାଧ୍ୟ କରିବା ଲାଗି ଓପେକ୍ ଦେଶଗୁଡିକ ଚାହୁଁଛନ୍ତି। ଅନ୍ୟପକ୍ଷରେ ଆମେରିକା, ରୁଷ ଓ ଅନ୍ୟ ଅଣ ଓପେକ୍ ଦେଶଗୁଡିକର ନିଷ୍ପତ୍ତି ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଚଳିତ ବର୍ଷ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଘରୋଇ ଓ ଅନ୍ତର୍ଜାତୀୟ କାରଣରୁ ଟଙ୍କା କ୍ରମାଗତ ହ୍ରାସ ପାଇଥିଲା। ଏହି ସମୟରେ ଏହା ୧୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଏବେ ଏଥିରେ ୪୫୦ ପଇସା ଅଥବା ୬% ବୃଦ୍ଧି ପରିଲକ୍ଷିତ ହୋଇଛି। ଟଙ୍କାର ମୂଲ୍ୟ ବୃଦ୍ଧିରେ କ୍ରୁଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତେବେ ଡିସେମ୍ବର ୬ ବୈଠକ ଟଙ୍କାର ମୂଲ୍ୟ ନିର୍ଦ୍ଧାରିତ କରିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କ୍ରୁଡ୍ ଉତ୍ପାଦନ କମାଇବା ଲାଗି ସହମତି ପ୍ରକାଶ ନ ପାଇଲେ ଟଙ୍କା ଆହୁରି ଶକ୍ତିଶାଳୀ ହେବ। ତେବେ ଦୀର୍ଘକାଳୀନ ଭିତ୍ତିରେ ଏଥିରେ ଘୋର ଅନିଶ୍ଚିତତା ଲାଗି ରହିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କ୍ରୁଡ୍ ମୂଲ୍ୟ ହ୍ରାସ ଯୋଗୁ ଟଙ୍କାର ମୂଲ୍ୟ ବଢ଼ିଛି। ଅକ୍ଟୋବର ୩ ପରେ କ୍ରୁଡ୍ ୩୦ ପ୍ରତିଶତରୁ ଅଧିକ ଦୁର୍ବଳ ହୋଇ ୧୩ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏଥିଯୋଗୁ ଡଲାର ଇଣ୍ଡେକ୍ସ ସ୍ଥିର ହୋଇଯାଇଛି। ଫେବୃୟାରୀରେ ଇଣ୍ଡେକ୍ସ ୯୮ ସ୍ତରରେ ପହଞ୍ଚିଯାଇଥିଲା। ଏବେ ଏହି ସ୍ତର ପହଞ୍ଚିବା ଅସମ୍ଭବ ହୋଇପଡିଛି। ଅନ୍ୟପକ୍ଷରେ ଆମେରିକାର ଫେଡେରାଲ ରିଜର୍ଭ ସୁଧ ହାର ବଢ଼ାଇ ନ ଥିବାରୁ ଡଲାର ପ୍ରତି ଚାହିଦା କମିବାରେ ଲାଗିଛି। କେଡିଆ କମୋଡିଟିର ଡାଇରେକ୍ଟର ଅଜୟ କେଡିଆ କହିଛନ୍ତି ଯେ, ଚଳିତ ମାସରେ ଟଙ୍କା ମୂଲ୍ୟରେ ବେଶି ପରିବର୍ତ୍ତନର ସମ୍ଭାବନା ନାହିଁ। ତେବେ ବର୍ଷ ଶେଷ ମାସ ହୋଇଥିବାରୁ କିଛି ମାତ୍ରାରେ ଡଲାର ଚାହିଦା ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଆଞ୍ଜେଲ ବ୍ରୋକିଂର ରିସର୍ଚ୍ଚ ଭାଇସ ପ୍ରେସିଡେଣ୍ଟ(କରେନ୍ସି ଆଣ୍ଡ କମୋଡିଟି) ଅନୁଜ ଗୁପ୍ତାଙ୍କ କହିବାନୁଯାୟୀ ଆଗାମୀ ଦିନରେ କିଛି ପ୍ରସଙ୍ଗ ରହିଛି, ଯାହା ଟଙ୍କାର ମୂଲ୍ୟକୁ ପ୍ରଭାବିତ କରିପାରେ। ଓପେକ୍ ବୈଠକ ବ୍ୟତୀତ, ଆର୍‌ବିଆଇର ମୁଦ୍ରାନୀତି, ଆମେରିକାର ସୁଧ ହାର ନୀତି ଏବଂ ରାଜ୍ୟଗୁଡିକର ବିଧାନସଭା ନିର୍ବାଚନ ଟଙ୍କାର ମୂଲ୍ୟକୁ ସ୍ଥିର କରିବ। କ୍ରୁଡ୍ ଦରରେ ସ୍ଥିରତା ଦେଖାଯାଉଛି। ସେହିପରି ଶେୟାର ବଜାରରେ ପୁନର୍ବାର ବୃଦ୍ଧି ପରିଲକ୍ଷିତ ହେଉଛି। ବିଦେଶୀ ନିବେଶକ ସେମାନଙ୍କ ନିବେଶ ବଢ଼ାଇବାରେ ଲାଗିଛନ୍ତି। ଏହି ସବୁ କାରଣରୁ ଟଙ୍କାକୁ ସହାୟତା ମିଳୁଛି।

### ୬ରେ ବସିବ ବୈଠକ

- କ୍ରୁଡ୍ ଦର ୫୦ ଡଲାର ଆଖପାଖରେ
- ଉତ୍ପାଦନ କମିଲେ ଟଙ୍କା ୭୧ ଛୁଇଁବ
- ଅସହମତ ହେଲେ ଟଙ୍କା ୬୭ ଛୁଇଁପାରେ



# ବଜାରରେ ରେଡ୍ ଚିଫ୍‌ର ନୂଆ ଉତ୍ପାଦ




**ଭୁବନେଶ୍ୱର,୨-୧୨**

ପ୍ରମୁଖ ସୁ ବ୍ରାଣ୍ଡ ରେଡ୍ ଚିଫ୍ ପକ୍ଷରୁ ନୂଆ 'ସ୍ପ୍ରିଙ୍ଗର ସୁ' ବଜାରକୁ ଆସିଛି। କମ୍ପାନୀର ଚିଫ୍ ଅପରେଟିଂ ଅଫିସର ଅଖିଳେଶ ସିଂ ନୂଆ ଉତ୍ପାଦକୁ ଉନ୍ମୋଚନ ଥିଲେ। ଏହା ହାଇବ୍ରିଡ ସସ୍ପେଶନ ସିଷ୍ଟମ, ଅତ୍ୟାଧୁନିକ କ୍ରାଫ୍ଟମ୍ୟାନସିପ ସହ ଆସିଛି। ପରିବର୍ତ୍ତିତ ଜୀବନ ଶୈଳୀକୁ ଧ୍ୟାନରେ ରଖି ନୂଆ ଜୋତା ପ୍ରସ୍ତୁତ ହୋଇଛି। ଏହା ବହୁବିଧ ବ୍ୟବହାରରେ ଆସିପାରିବ। ୧୬ରୁ ୮୦ ବର୍ଷ ବୟସ୍କଙ୍କୁ ଧ୍ୟାନରେ ରଖି ଏହା ପ୍ରସ୍ତୁତ କରାଯାଇଛି। ନୂଆ କଲେକ୍ସନର ବଜାର ଦର ୩,୨୯୫ ଟଙ୍କା ରହିଛି। କମ୍ପାନୀର ୧୪୦ ଆଉଟଲେଟ ସହ ସାରା ଦେଶରେ ଥିବା ୫,୦୦୦ରୁ ଊର୍ଦ୍ଧ୍ୱ ମଲ୍ଟିବ୍ରାଣ୍ଡ ଷ୍ଟୋରରେ ଏହା ମିଳିବ। କାର୍ଯ୍ୟକ୍ରମରେ ରେଡ୍‌ଚିଫର ମାର୍କେଟିଂ ବିଭାଗ ଜେନେରାଲ ମ୍ୟାନେଜର ରାହୁଲ ଶର୍ମା, ସେଲସ୍ ଟିମର ରାହୁଲ ଶ୍ରୀବାସ୍ତବ, ସୁନୀଲ ସିଂ, କୃଷ୍ଣ ଗୋପାଳ ସିଂ, ବିଜୟ ତିୱାରୀ, ଅତୁଲ ସିଂ ଏବଂ ରାହୁଲ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

# ବଜାଜର ନୂଆ ପଲସର ୧୫୦ ନିୟନ

**ଭୁବନେଶ୍ୱର,୨-୧୨**



ବଜାଜ ପକ୍ଷରୁ ବଜାରକୁ ଆସିଛି ନୂଆ ପଲ୍‌ସର ୧୫୦ ନିୟନ ୨୦୧୯। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏହାକୁ ପ୍ରସ୍ତୁତ କରାଯାଇଥିବା ବେଳେ ପେପି ଷ୍ଟାଇଲ ଏବଂ ସ୍ପୋର୍ଟସ ଅପିଲ୍ ସହ ଏହା ଉନ୍ମୋଚିତ ହୋଇଛି। ନୂଆ ମଡେଲର ବଜାର ଦର ୬୪,୯୯୮ ଟଙ୍କା ରହିଛି। ଏହା ସମ୍ପୂର୍ଣ୍ଣ ନୂଆ ରଙ୍ଗ ଏବଂ ଗ୍ରାଫିକ୍ସ ପ୍ରଦାନ କରୁଛି। ଏଥିରେ ହେଡଲ୍ୟାମ୍ପ ଆଇବ୍ରୋ, ପଲସର ଲୋଗୋ, ସାଇଡ ପ୍ୟାନେଲ ମେସ୍, ଆଲଏ ଗ୍ରାବ ରେଲ୍ ରଙ୍ଗର ସମନ୍ୱୟ ରହିଛି। ପଛ କାଉଲ ଏବଂ ଆଲଏ ହ୍ୱିଲ ଡେକାଲରେ ୩ଡି ଲୋଗୋ ଏହାକୁ ଏକ ପ୍ରିମିୟମ ଲୁକ୍ ପ୍ରଦାନ କରୁଛି। ତିନୋଟି ରଙ୍ଗରେ ଏହା ଉପଲବ୍ଧ। ଗତ ୧୭ ବର୍ଷ ଧରି ପଲସର ଭାରତରେ ଏକ ପ୍ରମୁଖ ସ୍ପୋର୍ଟସ ବାଇକ ହୋଇ ପାରିଥିବା ବେଳେ ନୂଆ ମଡେଲ ବିଶେଷ ଭାବେ ଆଦୃତ ହେବ ବୋଲି ବଜାଜ ଅଟୋ ଲିମିଟେଡର ସଭାପତି (ମୋଟରସାଇକେଲ) ଏରିକ୍ ଭାସ କହିଛନ୍ତି।

# ବେଦାନ୍ତ ହସ୍ପିଟାଲର ମୋତିଆବିନ୍ଦୁ ଶିବିର

**ଭୁବନେଶ୍ୱର,୨-୧୨**




କଳାହାଣ୍ଡି ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ମୋତିଆବିନ୍ଦୁ ଅପରେଶନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ପୁନର୍ରୁତ୍ଥାନ ଏବଂ ସୋନପୁରର ଲେପ୍ରା ମହାନଦୀ ଆଇ ହସ୍ପିଟାଲର ମିଳିତ ସହଯୋଗରେ ଏହି ଶିବିର ଆୟୋଜନ ହୋଇଥିଲା। ବେଦାନ୍ତ ଲାଞ୍ଜିଗଡ ସିଓଓ ରାକେଶ ମୋହନ, ବୈଷୟିକ ନିର୍ଦ୍ଦେଶକ ଫିଲିପ କ୍ୟାମ୍ପବେଲ୍, ମୁଖ୍ୟ ସୁରକ୍ଷା ଅଧିକାରୀ ଗ୍ରାଟ ଡୁର୍ଲିଙ୍ଗ, ମୁଖ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରମିତ ସେହେରା, ଚିଫ୍ ମେଡିକାଲ ଅଫିସର ଡାକ୍ତର ଅକ୍ଷୟ କୁମାର ସାହୁ, ଲେପ୍ରାର ଡାକ୍ତର ସରୋଜ କାନ୍ତ ମିଶ୍ର, ଡା. ଦେବେନ୍ଦ୍ର ନାରାୟଣ ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ନିକଟବର୍ତ୍ତୀ ସ୍ଥାନଗୁଡିକରୁ ପ୍ରାୟ ୩୫ରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଣ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩୨୦ରୁ ଅଧିକ ରୋଗୀଙ୍କୁ ହସ୍ପିଟାଲ ପକ୍ଷରୁ ଚିକିତ୍ସା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ସେବା ପ୍ରତିଶ୍ରୁତି ପୂରଣ ଦିଗରେ ପ୍ରୟାସ ଜାରି ରହିଛି ବୋଲି ସିଓଓ ରାକେଶ ମୋହନ କହିଛନ୍ତି।

### ୟୁଆନ-ଟଙ୍କାରେ ବାଣିଜ୍ୟ
## ଭାରତର ପ୍ରସ୍ତାବକୁ ଚାଇନାର ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୨-୧୨**

ଘରୋଇ ମୁଦ୍ରାରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଲାଗି ଭାରତ ଦେଇଥିବା ପ୍ରସ୍ତାବକୁ ଚାଇନା ପ୍ରତ୍ୟାଖ୍ୟାନ କରିଦେଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ରପ୍ତାନି ବୃଦ୍ଧି ତଥା ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ଲକ୍ଷ୍ୟରେ ଚାଇନା ସହ ୟୁଆନ-ଟଙ୍କାରେ କାରବାର କରିବାକୁ ଭାରତ ପ୍ରସ୍ତାବ ଦେଇଥିଲା। ଆର୍ଥିକ ବର୍ଷ ୨୦୧୭-୧୮ରେ ଚାଇନାକୁ ଭାରତ ୧୩.୪ ବିଲିୟନ ଡଲାର ରପ୍ତାନି କରିଥିଲା। ସେଠାରୁ ୭୬.୪ ବିଲିୟନ ଡଲାର ଆମଦାନୀ ହୋଇଥିଲା। ଫଳରେ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୬୩ ବିଲିୟନ ଡଲାରରେ ପହଞ୍ଚିଛି। ଏଥିପୂର୍ବରୁ ଏକ ଆନ୍ତଃ ମନ୍ତ୍ରଣାଳୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ପ୍ରସଙ୍ଗରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆର୍ଥିକ ବ୍ୟାପାର ବିଭାଗକୁ ଚାଇନା ସହ ୟୁଆନ-ଟଙ୍କାରେ ବାଣିଜ୍ୟର ସମ୍ଭାବନା ଖୋଜିବାକୁ କୁହାଯାଇଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, ଭାରତର ଉକ୍ତ ପ୍ରସ୍ତାବକୁ ଚାଇନା ପ୍ରତ୍ୟାଖ୍ୟାନ କରିଛି। ଅନ୍ୟପକ୍ଷରେ ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ ଅଧ୍ୟକ୍ଷ ଗଣେଶ କୁମାର ଗୁପ୍ତା କହିଛନ୍ତି ଯେ, ସରକାର ଘରୋଇ ମୁଦ୍ରାକୁ ରପ୍ତାନି ଲାଗି ପ୍ରୋତ୍ସାହିତ କରିବା ଆବଶ୍ୟକ। ଏହାଦ୍ୱାରା ଚାଇନା ଭଳି ଦେଶଗୁଡିକ ସହ ଥିବା ବାଣିଜ୍ୟ ନିଅଣ୍ଟକୁ ଭରଣା କରିବା ସହଜ ହେବ।

# ସୋନିର ନୂଆ କ୍ୟାମକୋଡ଼ର

**ଭୁବନେଶ୍ୱର,୨-୧୨**



ସୋନି ଇଣ୍ଡିଆ ପକ୍ଷରୁ ନୂଆ ଏଏକ୍ସସିଏଏମ୍ ହ୍ୟାଣ୍ଡହୋଲ୍ଡ କ୍ୟାମକୋଡ଼ର ଲାଇନଅପ୍‌ରେ ନୂଆ ଏଚ୍‌ଏକ୍ସଆର୍ ଏନ୍‌ଏକ୍ସ-୨୦୦ ବଜାରକୁ ଆସିଛି। ପେସାଦାର ଭିଡିଓଗ୍ରାଫରଙ୍କ ଫଟୋଗ୍ରାଫିକ ଅଭିଜ୍ଞତାକୁ ଏହା ଋଦ୍ଧିମନ୍ତ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସେହିଭଳି କଣ୍ଟେଣ୍ଟ କ୍ରିଏଟରଙ୍କ ଲାଗି ଏହା ଲାଭକାରୀ ହେବ। ଏହି ସଦ୍ୟତମ କ୍ୟାମକୋଡ଼ର ଷ୍ଟର୍ନିଂ ୪କେ ଇମେଜ କଲର ନୂତନ ଜ୍ଞାନକୌଶଳ ଆଧାରରେ ଉପଲବ୍ଧ କରାଇବାକୁ ସକ୍ଷମ ହେବ। ଉକ୍ତ କ୍ୟାମକୋଡରରେ ବହୁବିଧ ପେସାଦାର ବିଶେଷତା ସହ ମଜଭୁତ କମ୍ପାକ୍ଟ ଚେଚିସ ସହ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହାର ବଜାର ଦର ୧.୬ ଲକ୍ଷ ଟଙ୍କା ରହିଛି।

# ପୂର୍ଣ୍ଣେନ୍ଦୁ ଶେଖରଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨-୧୨**



ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର

ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ରଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ଶୁକ୍ରବାର ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ନୂଆ ନିଯୁକ୍ତି ହୋଇ ନ ଥିବାରୁ ମିଶ୍ରଙ୍କୁ ଏହି କାର୍ଯ୍ୟଭାର ପ୍ରଦାନ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଦକ୍ଷିଣ ପୂର୍ବ ରେଳପଥ କୋଲକାତାରେ ମହାପ୍ରବନ୍ଧକ ନିଯୁକ୍ତି ପାଇବା ପୂର୍ବରୁ ମିଶ୍ର ମୁମ୍ବାଇସ୍ଥିତ ପଶ୍ଚିମ ରେଲୱେର ପ୍ରମୁଖ ମୁଖ୍ୟ ପରିଚାଳନା ପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ମିଶ୍ର ଭୁବନେଶ୍ୱର ବାସିନ୍ଦା ହୋଇଥିବା ବେଳେ ୧୯୮୨ରେ ସେ ଭାରତୀୟ ରେଳବାଇ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ରେଲୱେ ଯାତାୟାତ ପରିଚାଳନାରେ ତାଙ୍କର ଅଭିଜ୍ଞତା ରହିଛି। ସେ ରେଳ ବୋର୍ଡର ନିରାପତ୍ତା ଉପଦେଷ୍ଟା, କର୍ପୋରେଟ କମ୍ୟୁନିକେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଦକ୍ଷିଣପୂର୍ବ ମଧ୍ୟ ରେଲୱେର ମଣ୍ଡଳ ରେଳ ପ୍ରବନ୍ଧକ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।

# ଓଜିବି କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ




**ଭୁବନେଶ୍ୱର,୨-୧୨**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ୟାଙ୍କର ସମସ୍ତ ଜିଲାର ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମସ୍ୟାର ସ୍ଥାୟୀ ସମାଧାନ ଲାଗି କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଅପରପକ୍ଷରେ ଆଗାମୀ ଦିନର କାର୍ଯ୍ୟପନ୍ଥା ମଧ୍ୟ ନିର୍ଦ୍ଧାରଣ ହୋଇଥିଲା। ବୈଠକରେ ସଭ୍ୟମାନେ ବର୍ତ୍ତମାନର ଅଧ୍ୟକ୍ଷ ବୃନ୍ଦାବନ ନାୟକଙ୍କୁ ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ବ୍ୟାଙ୍କର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଙ୍ଗଠନର ସାଧାରଣ ସମ୍ପାଦକ ସରୋଜ କୁମାର ପ୍ରଧାନ, ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ, ସଭାପତି ପୁରୁଷୋତ୍ତମ ପ୍ରଧାନ, ସୁରେଶ ମହାକୁଡ୍ଡ, ରତ୍ନାକର ପୃଷ୍ଟି, ନବଘନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ମହଙ୍ଗା ପଡିବ ସୁଇସ୍ ବ୍ୟାଙ୍କରେ କଳାଧନ ମହଜୁଦ
# ୨ ଭାରତୀୟ କମ୍ପାନୀର ପର୍ଦ୍ଦାଫାଶ ହେବ

**ନୂଆଦିଲ୍ଲୀ,୨-୧୨**




କଳାଧନ ଠୁଳ କରିବାର ସୁରକ୍ଷିତ ସ୍ଥାନ ରୂପେ ପ୍ରସିଦ୍ଧ ସୁଇଜରଲାଣ୍ଡ ନିଜର ଭାବମୂର୍ତ୍ତି ସଜାଡିବାକୁ ପଦକ୍ଷେପ ନେବା ଆରମ୍ଭ କରିଛି। ଭାରତରେ ଏକାଧିକ ମାମଲାର ସାମ୍ନା କରୁଥିବା ଦୁଇଟି ଭାରତୀୟ କମ୍ପାନୀ ଓ ୩ ଜଣଙ୍କ ସମ୍ପର୍କରେ ତଦନ୍ତକାରୀ ଏଜେନ୍ସିଙ୍କୁ ତଥ୍ୟ ଦେବା ଲାଗି ସୁଇଜରଲାଣ୍ଡ ରାଜି ହୋଇଛି। ଏମାନଙ୍କ ବିରୋଧରେ ଦେଶରେ ଏବେ ମାମଲା ଚାଲିଛି।

ଦୁଇଟି କମ୍ପାନୀ ମଧ୍ୟରେ ଗୋଟିଏ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ହୋଇଛି। ଏହା ବିରୋଧରେ ଅନେକ ଉଲ୍ଲଂଘନ ମାମଲା ଚାଲିଥିବା ବେଳେ ମାର୍କେଟ ନିୟନ୍ତ୍ରକ ସେବିର ନଜରରେ ରହିଛି। ଅନ୍ୟପକ୍ଷରେ ତାମିଲନାଡୁର କିଛି ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ଆଉ ଏକ କମ୍ପାନୀ ରହିଛି। ସୁଇଜରଲାଣ୍ଡ ସରକାରଙ୍କ ପକ୍ଷରୁ ଜାରି ଭିନ୍ନ ଭିନ୍ନ ଗେଜେଟ୍ ମୁତାବକ, ଦେଶର ଫେଡେରାଲ ଟ୍ୟାକ୍ସ ଡିପାର୍ଟମେଣ୍ଟ ଜିଓଡେସିକ୍ ଲିମିଟେଡ ଏବଂ ଆଧୀ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ ଲିମିଟେଡ ସମ୍ପର୍କରେ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ରାଜି ହୋଇଛି। ସେହିପରି ଜିଓଡେସିକ୍ ଲିମିଟେଡ ସହ ସମ୍ପୃକ୍ତ ୩ ଜଣ ପଙ୍କଜ କୁମାର ଓଁଙ୍କାର ଶ୍ରୀବାସ୍ତବ, ପ୍ରଶାନ୍ତ ଶରଦ ମୁଲେକର ଓ କିରଣ କୁଲକର୍ନିଙ୍କ ସମ୍ପର୍କରେ ସୁଇସ୍ ସରକାର ତଥ୍ୟ ଦେବ। ତେବେ ଦୁଇଟି କମ୍ପାନୀ ଓ ୩ ଭାରତୀୟଙ୍କ ସମ୍ପର୍କରେ ଭାରତର ଯାଞ୍ଚ ଏଜେନ୍ସିଗୁଡିକ କେଉଁପ୍ରକାର ତଥ୍ୟ ମାଗିଛନ୍ତି ତାହା ସୁଇସ୍ ସରକାର ପ୍ରକାଶ କରିନାହାନ୍ତି। ଏହି ଦୁଇ କମ୍ପାନୀ ଓ ୩ ଜଣ ବ୍ୟକ୍ତିବିଶେଷ ସୁଇସ୍ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଅଦାଲତର ଆଶ୍ରୟ ନେଇପାରିବେ। କିଛି ଭୁଲ୍ କରି ନ ଥିବା ଅତୀତରେ ସେମାନେ ପ୍ରକାଶ କରିଥିଲେ। ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ଜିଓଡେସିକ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ପଙ୍କଜ କୁମାର କମ୍ପାନୀର ଅଧ୍ୟକ୍ଷ ରହିଥିବା ବେଳେ କିରଣ କୁଲକର୍ନି ଏମ୍‌ଡି ଏବଂ ପ୍ରଶାନ୍ତ ଏକଜିକ୍ୟୁଟିଭ ଡାଇରେକ୍ଟର ରହିଛନ୍ତି। ସେହିପରି ଆଧୀ ଏଣ୍ଟରପ୍ରାଇଜେସ ଚେନ୍ନାଇର ଏକ କମ୍ପାନୀ। ଏହା ରିଏଲ ଇଷ୍ଟେଟ ବ୍ୟବସାୟରେ କ୍ରମାଗତ ଅଭିବୃଦ୍ଧି ହାସଲ କରିଥିଲା। ତେବେ ମନି ଲଣ୍ଡରିଂରେ ଲିପ୍ତ ରହିବା ତଥା ରାଜନୈତିକ ନେତାଙ୍କ ସହ ସମ୍ପୃକ୍ତି କାରଣରୁ ଏହା ଅସୁବିଧାରେ ପଡିଯାଇଛି। ଆୟକର ବିଭାଗ ପକ୍ଷରୁ କମ୍ପାନୀରେ ଏକାଧିକ ଥର ଚଢ଼ାଉ କରାଯାଇଛି।



କାନାଡ଼ା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥା ଏମ୍‌ପି ତଥାଗତ ସତପଥୀ କାନାଡ଼ା ଗୋଲକିପର ଡେଭିଡ୍ କାର୍ଟରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି ।

# କାନାଡ଼ା-ଦକ୍ଷିଣ ଆଫ୍ରିକା ମ୍ୟାଚ ଡ୍ର

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ଅନୁଷ୍ଠିତ କାନାଡ଼ା-ଦକ୍ଷିଣ ଆଫ୍ରିକା ପୁଲ୍ 'ସି' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ଭାଗ କରିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ୪୩ତମ ମିନିଟରେ ଏନ୍‌ଟୁଲି ଏନ୍‌କୋବିଲ ଫିଲ୍ଡ ଗୋଲ ଦେଇଥିବାବେଳେ ୪୫ତମ ମିନିଟରେ କାନାଡ଼ା ଅଧିନାୟକ ସ୍କଟ୍ ଟୁପର ପେନାଲ୍ଟି ଷ୍ଟ୍ରୋକ୍ ମାଧ୍ୟମରେ ଏହାକୁ ପରିଶୋଧ କରିଥିଲେ। ମେୟର ଅନନ୍ତ ନାରାୟଣ ଜେନା ଓ ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ଶ୍ରୀବାସ୍ତବ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ମ୍ୟାଚ ଶେଷରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥା ଏମ୍‌ପି ତଥାଗତ ସତପଥୀ ଅତିଥିଭାବେ ଯୋଗଦେଇ କାନାଡ଼ା ଗୋଲକିପର ଡେଭିଡ୍ କାର୍ଟରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ କାର୍ଟରଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାନାଡ଼ା ପ୍ରଥମ ମ୍ୟାଚରେ ବେଲଜିୟମଠାରୁ ୧-୨ ଗୋଲରେ ହାରିଥିବାବେଳେ ଦକ୍ଷିଣ ଆଫ୍ରିକା ୦-୫ ଗୋଲରେ ଭାରତଠାରୁ ପରାଜୟ ବରଣ କରିଥିଲା। ତେଣୁ ଉଭୟ ଦଳ ୨ଟି ଲେଖାଏ ମ୍ୟାଚ ଖେଳିଥିଲେ ହେଁ ବିଜୟ ସ୍ୱାଦ ପାଇ ନାହାନ୍ତି। ଡିସେମ୍ବର ୮ରେ ଦକ୍ଷିଣ ଆଫ୍ରିକା ଏହାର ପରବର୍ତ୍ତୀ ମ୍ୟାଚ ବେଲଜିୟମ ସହିତ ଖେଳିବ। ସେହିଦିନ କାନାଡ଼ା ଆୟୋଜକ ଭାରତ ସହିତ ମୁକାବିଲା କରିବ।

ଦୁଇ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳ ମଧ୍ୟରେ ଅଗ୍ରଣୀ ନେବା ପାଇଁ ଆରମ୍ଭରୁ ଉଦ୍ୟମ ହୋଇଥିଲା। ପ୍ରଥମାର୍ଦ୍ଧରେ ଦକ୍ଷିଣ ଆଫ୍ରିକାର ଅଗ୍ରଭାଗ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି କାନାଡ଼ା ଉପରେ ଚାପ ପକାଇବାକୁ ଉଦ୍ୟମ କରିଥିଲେ। ମ୍ୟାଚର ୧୦ମ ମିନିଟରେ ଏକ କ୍ରସ୍ ପାସ୍‌କୁ ଦକ୍ଷିଣ ଆଫ୍ରିକାର ଏନଟୁଲି ଏନ୍‌କୋବିଲେ ଡିଫ୍ଲେକ୍ସନ କରି ନ ପାରିବାରୁ ସୌଭାଗ୍ୟ ବଶତଃ କାନାଡ଼ା ଗୋଲ ବରଣରୁ ବର୍ତ୍ତି ଯାଇଥିଲା। ୧୫ତମ ମିନିଟରେ ଦକ୍ଷିଣ ଆଫ୍ରିକାକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ପାଟନ ଟାଇନ୍ କର୍ଣ୍ଣରରୁ ବଲ୍ ପୁଶ୍ କରିଥିବାବେଳେ ସ୍ମିଥ ଅଷ୍ଟିନ ସ୍ମିଥ ମାରିଥିବା ଶଟ୍ ଗୋଲପୋଷ୍ଟ ଉପର ବାର୍‌ରେ ବାଜି ବାହାରକୁ ଚାଲି ଯାଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୨୧ତମ ମିନିଟରେ ଗୋଲ ସ୍କୋରିଂ ପାଇଁ ଦକ୍ଷିଣ ଆଫ୍ରିକା ନିକଟରେ ସୁଯୋଗ ପହଞ୍ଚିଥିଲା। ମାତ୍ର କାନାଡ଼ା ଗେକିପର ଡେଭିଡ କାର୍ଟର ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳ ଆଶାରେ ପାଣି ଭରିଥିଲେ। ପ୍ରଥମାର୍ଦ୍ଧରେ ମୁଖ୍ୟତଃ ଦକ୍ଷିଣ ଆଫ୍ରିକା ଫରୱାର୍ଡମାନେ ପ୍ରଭାବୀ ରହିଥିବା ଦେଖିବାକୁ ମିଳିଥିଲା। ସେମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ କରିପାରି ନ ଥିଲେ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ରକ୍ଷଣଭାଗ ଅପେକ୍ଷାକୃତ ଦୁର୍ବଳ ପରିଲକ୍ଷିତ ହୋଇଥିଲେ ହେଁ କାନାଡ଼ା ଏହାର ଫାଇଦା ନେଇପାରି ନ ଥିଲା।

**ଗୋଲ ସ୍କୋରର**

**ଦକ୍ଷିଣ ଆଫ୍ରିକା-୧**
**ଏନ୍‌ଟୁଲି ଏନ୍‌କୋବିଲ: ୪୩ତମ ମିନିଟ**

**କାନାଡ଼ା-୧**
**ସ୍କଟ୍ ଟୁପର: ୪୫ତମ ମିନିଟ।**

ତୃତୀୟ କ୍ୱାର୍ଟରରେ ରଣନୀତି ପରିବର୍ତ୍ତନ କରି କାନାଡ଼ା ଆକ୍ରମଣାତ୍ମକ ଖେଳିଥିଲା। ୩୭ତମ ମିନିଟରେ ଦଳପାଇଁ ଖେଳାଳିମାନେ ପ୍ରଥମ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲେ। ଜନ୍ ସ୍ମିଥ ବଲ୍ ପୁଶ୍ କରିଥିବାବେଳେ ଷ୍ଟପରଙ୍କ ଦାୟିତ୍ୱହୀନତା ଯୋଗୁ ବଲକୁ ରୋକାଯାଇ ପାରି ନ ଥିଲା। ଏହାର ୧ ମିନିଟ ପରେ ଦକ୍ଷିଣ ଆଫ୍ରିକାକୁ ୩ୟ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଲଗାଥର ୨ ଥର ସୁଯୋଗ ସୃଷ୍ଟି ହୋଇଥିଲେ ହେଁ କାନାଡ଼ା ଗୋଲକିପର କାର୍ଟର ନିଜ ଦକ୍ଷତାର ଉପଯୋଗ କରି ଗୋଲ ହେବାକୁ ଦେଇ ନ ଥିଲେ। ଏହି କ୍ୱାର୍ଟରର ଶେଷ ପଯର୍ୟାୟ ଉଭୟ ଦଳପାଇଁ ଘଟଣା ବହୁଳ ରହିଥିଲା। ୪୩ତମ ମିନିଟରେ ଦକ୍ଷିଣ ଆଫ୍ରିକାର ୨୭ ନମ୍ବର ଖେଳାଳି ଏନଟୁଲି ଏନ୍‌କୋବିଲ୍ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ସେ ବଲ୍‌କୁ ଠିକ୍‌ଭାବେ ନିୟନ୍ତ୍ରଣରେ ରଖିପାରି ନ ଥିଲେ ହେଁ ପ୍ରତିପକ୍ଷ ଗୋଲପୋଷ୍ଟ ଭିତରକୁ ଠେଲି ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଦକ୍ଷିଣ ଆଫ୍ରିକାର ଏହି ଖୁସି ବେଶୀ ସମୟ ତିଷ୍ଠିପାରି ନ ଥିଲା। ତୃତୀୟ କ୍ୱାର୍ଟର ଶେଷ ହେବା ହ୍ୱିସିଲ ବାଜିବାର କିଛିକ୍ଷଣ ପୂର୍ବରୁ ଅର୍ଥାତ୍ ୪୫ତମ ମିନିଟରେ କାନାଡ଼ାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା ମାତ୍ର ଦକ୍ଷିଣ ଆଫ୍ରିକା ଡିଫେଣ୍ଡରଙ୍କ ଷ୍ଟିକ୍ ଅବ୍‌ଷ୍ଟ୍ରକ୍ସନ ଯୋଗୁ ଦଣ୍ଡ ସ୍ୱରୂପ କାନାଡ଼ାକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ଗୋଲରେ କରିଣତ କରିବାରେ କୌଣସି ଭୁଲ କରି ନ ଥିଲେ କାନାଡ଼ା ଅଧିନାୟକ ସ୍କଟ ଟୁପର। ମ୍ୟାଚ ୧-୧ ସ୍ଥିତିକୁ ଆସିବାପରେ ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ମୁଖ୍ୟତଃ ମ୍ୟାଚ ଜିତିବା ଉପରେ ଗୁରୁତ୍ୱ ଦେଇ ଖେଳିଥିଲେ। ୫୫ତମ ମିନିଟରେ କାନାଡ଼ା ପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାର୍କ ପିଅରଶନ ବଲ୍ ପୁଶ୍ କରିଥିବାବେଳେ ଜନଷ୍ଟନ ଗର୍ଡନ ମାରିଥିବା ଶଟ୍‌କୁ ଦକ୍ଷିଣ ଆଫ୍ରିକା ଗୋଲକିପର ପିଟର୍ସ ରସେ ଅଟକାଇ ଦେଇଥିଲେ। ସେହିପରି ୫୮ତମ ମିନିଟରେ ଦକ୍ଷିଣ ଆଫ୍ରିକା ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଫଳରେ ମ୍ୟାଚ ଡ୍ର ରହିଥିଲା।

### କଳିଙ୍ଗ କର୍ଣ୍ଣର

## ପ୍ରଥମ ପେନାଲ୍ଟି ଷ୍ଟ୍ରୋକ୍

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର ରବିବାର ଅନୁଷ୍ଠିତ କାନାଡ଼ା-ଦକ୍ଷିଣ ଆଫ୍ରିକା ମ୍ୟାଚରେ ଏକାଧିକ ପ୍ରଥମ ଘଟଣା ଘଟିଥିଲା। ଟୁର୍ନାମେଣ୍ଟର ପ୍ରଥମ ପେନାଲ୍ଟି ଷ୍ଟ୍ରୋକ୍ ଏହି ମ୍ୟାଚରେ ଦିଆ ଯାଇଥିବାବେଳେ ପ୍ରଥମଥରପାଇଁ ମ୍ୟାଚ ଡ୍ର ରହିଥିଲା। ପୂର୍ବରୁ ୮ଟି ମ୍ୟାଚ ଖେଳାଯାଇଥିଲେ ହେଁ କୌଣସି ମ୍ୟାଚ ଡ୍ର ହୋଇ ନ ଥିଲା। ସେହିପରି ମ୍ୟାଚର ୪୫ତମ ମିନିଟରେ କାନାଡ଼ାକୁ ମିଳିଥିବା ପେନାଲ୍ଟି କର୍ଣ୍ଣର କନ୍‌ଭର୍ସନ ବେଳେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଷ୍ଟିକ୍ ଅବ୍‌ଷ୍ଟ୍ରକ୍ସନ ଯୋଗୁ ତାହା ପେନାଲ୍ଟି ଷ୍ଟ୍ରୋକ୍‌ରେ ରୂପାନ୍ତରିତ ହୋଇଥିଲା। କାନାଡ଼ା ଅଧିନାୟକ ସ୍କଟ ଟୁପର ଦକ୍ଷିଣ ଆଫ୍ରିକା ଗୋଲକିପର ପିଟର୍ସ ରସେଙ୍କୁ ଚକ୍‌ମା ଦେଇ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଶେଷ ପର୍ଯ୍ୟନ୍ତ ଖେଳ ୧-୧ ସ୍ଥିତିରେ ରହିଥିଲା।

## 'ହକିର ବୃହତ୍ତର ସ୍ୱାର୍ଥ ପାଇଁ ଭାରତ ଚାମ୍ପିୟନ ହେବା ଜରୁରୀ'

ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପର ୧୪ତମ ସଂସ୍କରଣ ଖେଳିବାକୁ ଜାପାନ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ତେବେ ଜାପାନ କୋଚ୍ ସିଏଗଫ୍ରିଏଡ୍ ଏଇକମ୍ୟାନ ହକିର ମୋହ ଛାଡି ପାରି ନାହାନ୍ତି। ହକି ପ୍ରେମ ତାଙ୍କୁ ଟାଣିଆଣିଛି ଭୁବନେଶ୍ୱରକୁ। ଶନିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍ ସେ ଦେଖିଛନ୍ତି। ଯେଉଁଥିରେ ନେରଦଲାଣ୍ଡ୍ସ ୭-୦ ଗୋଲରେ ମାଲେସିଆକୁ ଓ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଭୁବନେଶ୍ୱରରେ ପହଞ୍ଚି ସେ ବେଶ୍ ଆନନ୍ଦିତ ବୋଲି କହିଛନ୍ତି। ବିଶ୍ୱକପ୍ ଯୋଗ୍ୟତା ହାସଲ କରିବାରେ ବିଫଳ ହେବାରୁ ସେ ଆକ୍ରିଡେଶନ ପାଇଁ ହକି ଇଣ୍ଡିଆକୁ ନିବେଦନ କରିଥିଲେ। କିନ୍ତୁ କିଛି ଫଳ ମିଳି ନ ଥିଲା। ଫଳରେ ସେ ପୁରୁଣା ବନ୍ଧୁ ତଥା ଭାରତୀୟ କୋଚ୍ ହରେନ୍ଦ୍ର ସିଂଙ୍କୁ ସାହାଯ୍ୟ କରିବାକୁ କହିଥିଲେ। ହରେନ୍ଦ୍ର ମଧ୍ୟ ଏ ନେଇ ତାଙ୍କୁ ସାହାଯ୍ୟ କରିଥିଲେ। ହରେନ୍ଦ୍ର ଓ ତାଙ୍କର ବନ୍ଧୁତ୍ୱ ଆରମ୍ଭ ହୋଇଥିଲା ବହୁ ଆଗରୁ। ଏଫଆଇଏଚ୍ ଲାଇସେନ୍ସ ପାଇଁ ହରେନ୍ଦ୍ର ଯେତେବେଳେ ଏଇକମ୍ୟାନଙ୍କ ତତ୍ତ୍ୱାବଧାନରେ ପଢୁଥିଲେ ସେତେବେଳଠାରୁ ଦୁହିଁଙ୍କ ମଧ୍ୟରେ ପରିଚୟ ହୋଇଥିଲା। ସୁରିନାମ୍‌ରେ ଜନ୍ମିତ ହଲାଣ୍ଡ ଅଧିବାସୀ ଏଇକମ୍ୟାନ ଜଣେ ଭାରତୀୟ ବଂଶୋଦ୍ଭବ। ହରେନ୍ଦ୍ର ମୋର ଛାତ୍ର ଭଳି। ସେ ମୋର ଜଣେ ପରିବାରର ସଦସ୍ୟ ଭଳି ବୋଲି ଏଇକମ୍ୟାନ କହିଛନ୍ତି।


ସିଏଗଫ୍ରିଏଡ୍ ଏଇକମ୍ୟାନ

ବେଲଜିୟମ ଦଳର ପ୍ରାକ୍ଟିସ୍ ସେସନ ଦେଖିବାର ସୁଯୋଗ ପାଇଥିଲେ ଏଇକମ୍ୟାନ। ପୁରାତନ ଓ ଆଧୁନିକ ହକିରେ ସେତେଟା କିଛି ପରିବର୍ତ୍ତନ ହୋଇ ନାହିଁବୋଲି ସେ କୁହନ୍ତି। ହକିର ମୌଳିକ ଢାଞ୍ଚାରେ ଆଦୌ ପରିବର୍ତ୍ତନ ହୋଇନାହିଁ। କିନ୍ତୁ ମାନସିକ, ସାମାଜିକ ଓ ସୋସିଆଲ ସ୍କିଲ୍‌ରେ ବହୁ କିଛି ପରିବର୍ତ୍ତନ ଆସିଛି। ହକି ଏକ ଦଳଗତ ଖେଳ ହୋଇଥିବାରୁ ଦଳର ସବୁ ସଦସ୍ୟ ସଫଳତା ଓ ବିଫଳତା ପାଇଁ ସମାନ ଭାବେ ଭାଗୀଦାର। ପରସ୍ପର ବୁଝାମଣା ଓ ସହଯୋଗରେ ହକି ବିକଶିତ ହେବ। ଏଇକମ୍ୟାନ ଏହି ବିଶ୍ୱକପ୍‌ରେ ଭାରତର ଜଣେ ଦୃଢ ସମର୍ଥକ ବନିଯାଇଛନ୍ତି। ଭାରତର ବିଶ୍ରମା ଦିନରେ ଏଇକମ୍ୟାନ ଓ ହରେନ୍ଦ୍ର ଡିନର ଏକାଠି ଡିନର କରି ଭାରତୀୟ କହି ସମ୍ପର୍କରେ ବହୁତ ଆଲୋଚନା କରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଁ ବେଶ୍ ଆନନ୍ଦିତ ଥିଲି। କାରଣ ବିମାନବନ୍ଦରରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ କେବଳ ହକି ଆଉ ହକିର ଚର୍ଚ୍ଚା ଓ ପରିବେଶ ମୋତେ ଦେଖିବାକୁ ମିଳିଥିଲା। ଏହା ନିଶ୍ଚିତ ଭାବେ ବିଶ୍ୱହକି ପାଇଁ ଏକ ଶୁଭ ସଙ୍କେତ। ଏଥର ଭାରତ ଦୀର୍ଘ ବର୍ଷର ପ୍ରତୀକ୍ଷାକୁ ଅନ୍ତ କରୁ ବୋଲି ମୁଁ ଚାହେଁ। ଭାରତ ଏହି ବିଶ୍ୱକପ୍‌ରେ ଟାଇଟଲ ହାସଲ କରୁ ବୋଲି ମୋର ଏକାନ୍ତ କାମ୍ୟ। କାରଣ ଏହା ହକିର ବୃହତ୍ତର ସ୍ୱାର୍ଥ ପାଇଁ ନିହାତି ଅପରିହାର୍ଯ୍ୟ। ପୁଣି ଥରେ ଭାରତ ହକିରେ ତା'ର ପୂର୍ବ ଗୌରବ ଫେରିପାଉ ବୋଲି ଏଇକମ୍ୟାନ କହିଛନ୍ତି।

### ଫ୍ୟାନ କର୍ଣ୍ଣର


କାନାଡ଼ା ପ୍ରଶଂସକ ।


ଭାରତୀୟ ଦର୍ଶକ ।


ତ୍ରିରଙ୍ଗା ସହ ମ୍ୟାଚ ଦେଖିବାକୁ ଯାଇଥିବା କୁନି ପ୍ରଶଂସକ।


ନୃତ୍ୟରତ ଚିୟର୍ ଗର୍ଲ ।

“ଏକ ଅନ୍ତର୍ଜାତୀୟ ଟିମ୍‌କୁ କିପରି ପରିଚାଳନା କରିବାକୁ ହୁଏ ତାହା ଅଷ୍ଟ୍ରେଲିଆର ଗ୍ରେଗ୍ ଚାପେଲଙ୍କୁ ଜଣାନାହିଁ।
–ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ



“ଭାରତୀୟ ଅଧିନାୟକ ତଥା ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କୁ ଅଡୁଆରେ ପକାଇବା କୌଶଳ ଆମ ପେସ୍ ବୋଲରଙ୍କୁ ଜଣା।
– ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଉତ୍ତରପ୍ରଦେଶକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** କଟକରେ ଚାଲିଥିବା ଜୁନିୟର ବାଳକ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଡଃ ବି.ସି. ରାୟ ଟ୍ରଫିରେ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ପୋଲିସ ଗ୍ରାଉଣ୍ଡରେ ଅପରାହ୍ଣରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲସ୍କୋର କରିବାରେ ବିଫଳ ହୋଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ରବି ମାଝି (୮୭ତମ ମିନିଟ୍)ଙ୍କ ନିର୍ଣ୍ଣାୟକ ଗୋଲବଳରେ ଓଡ଼ିଶା ରୋମାଞ୍ଚକ ବିଜୟ ଲାଭ କରିଥିଲା। ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କର୍ଣ୍ଣାଟକ ୨-୦ ଗୋଲରେ ମଧ୍ୟପ୍ରଦେଶକୁ, ଗୋଆ ୨-୧ ଗୋଲରେ ସାଇକୁ ପରାସ୍ତ କରିଛି। ଜମ୍ମୁ ଓ କଶ୍ମୀର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲଶୂନ୍ୟଭାବେ ଅମୀମାଂସିତ ରହିଥିଲା।

### ପ୍ରଧାନମନ୍ତ୍ରୀଙ୍କୁ ଫିଫା ସଭାପତିଙ୍କ ସ୍ୱତନ୍ତ୍ର ଉପହାର

**ବୁଏନ୍ସ ଏରିଜ,୨।୧୨(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶ୍ୱ ଫୁଟ୍‌ବଲ ପରିଚାଳକ ସଂସ୍ଥା (ଫିଫା) ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଉପହାର ସ୍ୱରୂପ ସ୍ୱତନ୍ତ୍ର ଫୁଟ୍‌ବଲ ଖେଳାଳିଙ୍କ ଜର୍ସି ଦେଇଛନ୍ତି। ଏହି ଜର୍ସିର ପଛପଟେ ମୋଦିଙ୍କ ନାମ ରହିଛି। ଏଠାରେ ଶନିବାର ଆୟୋଜିତ ଜି-୨୦ ସମ୍ମିଳନୀ ଅବସରରେ ମୋଦି ଫିଫା ସଭାପତିଙ୍କୁ ଭେଟିଛନ୍ତି।

### ଗୋଥାମଙ୍କୁ ୬ ଉଇକେଟ ନ୍ୟୁଜିଲାଣ୍ଡ ଏ’ ୩୯୮



**ହ୍ୱାଙ୍ଗାରେଇ, ୨।୧୨ (ପି.ଟି.):** ଭାରତ ଏ’ ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମଙ୍କ ୬ ଉଇକେଟ ସଫଳତା ହାସଲ ଯୋଗୁ ଏଠାରେ ଚାଲିଥିବା ତୃତୀୟ ଅନ୍‌ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ଏ’ ୩୯୮ ରନରେ ଅଲଆଉଟ ହୋଇଯାଇଛି। ୩୦ ବର୍ଷୀୟ ଗୋଥାମ ତାଙ୍କ ୪୬.୪ ଓଭର ବୋଲିଂରେ ୧୦ ମେଡେନ ସହ ୧୩୯ ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ଭାରତ ଏ’ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୪ ଓଭରରେ ୧ ଉଇକେଟ ବିନିମୟରେ ୩୮ ରନ କରିଛି। ସପ୍ତମ ଓଭରରେ ଅଭିମନ୍ୟୁ ଈଶ୍ୱରନ ଆଉଟ ହୋଇଯିବା ପରେ ରବି କୁମାର ସମର୍ଥ ୨୭ ଏବଂ ଅଙ୍କିତ ବାଓନେ ୫ ରନ କରି ଅପରାଜିତ ରହିଛନ୍ତି। ସକାଳେ ପୂର୍ବଦିନର ଅସମାପ୍ତ ସ୍କୋର ୧୨୧/୩ ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଏ’ ପ୍ରଥମ ଇନିଂସରେ ୭୫ ରନ ଅଗ୍ରଣୀ ଲାଭ କରିବାରେ ସମର୍ଥ ହୋଇଛି। ଦଳ ପକ୍ଷରୁ ଟପ୍ ସ୍କୋରର କାମେରନ ଫ୍ଲେଚର ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୦୩ ରନ କରିଥିଲେ। ଫ୍ଲେଚର ତାଙ୍କ ୨୨୧ ବଲ୍‌ର ଇନିଂସରେ ୭ ଚୌକା ଓ ୧ ଛକା ଲଗାଇଥିଲେ। ଦଳ ପକ୍ଷରୁ ଅନ୍ୟ ସଫଳ ବ୍ୟାଟ୍ସମ୍ୟାନ ଭାବେ ଟିମ୍ ସେଫର୍ଟ (୮୬), ଡଗ୍ ବ୍ରେସ୍‌ୱେଲ(୫୫) ଏବଂ କାଇଲ ଜେମିସନ (୫୩) ଅର୍ଦ୍ଧ ଶତକମାନ ହାସଲ କରିଥିଲେ।
**ସଂକ୍ଷିପ୍ତ ସ୍କୋର:** ଭାରତ ଏ: ୩୨୩ ଏବଂ ୩୮/୧ (ଆର. ସମର୍ଥ-୨୭*; ଡି. ବ୍ରେସ୍‌ୱେଲ-୧/୧୭)।
ନ୍ୟୁଜିଲାଣ୍ଡ ଏ: ୩୯୮/ଅଲଆଉଟ (ସି. ଫ୍ଲେଚର-୧୦୩, ଟି. ସେଫର୍ଟ-୮୬; କେ. ଗୋଥାମ-୧୩୯/୬)।

# ନ୍ୟୁଜିଲାଣ୍ଡ ବିପକ୍ଷରେ ଆର୍ଜେଣ୍ଟିନା ଫେଭରାଇଟ

ଭୁବନେଶ୍ୱର, ୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌ରେ ସୋମବାର ପୁଲ୍ ଏ’ର ଅନ୍ୟଏକ ମୁକାବିଲାରେ ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ପୁଲ ଫେଭରାଇଟ ବିବେଚିତ ହେଉଥିବା ବେଳେ ଦୁଇପାଦ ଆଗରେ ଥିବା ପରି ମନେହେଉଛି। ତେବେ ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଏହି ଦୁଇ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ବିଜୟୀ ହେବା ପାଇଁ ଉଭୟ ଦଳକୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ଆର୍ଜେଣ୍ଟିନା ୪–୩ ଗୋଲରେ ସ୍ପେନ ଓ ନ୍ୟୁଜିଲାଣ୍ଡ ୨–୧ ଗୋଲରେ ଫ୍ରାନ୍ସକୁ ହରାଇଥିଲା। ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ବିଶ୍ୱକପ୍‌ରେ ଅନ୍ୟତମ ଫେଭରାଇଟ ଦଳ ଭାବେ ଉଭା ହୋଇଛି। ୨୦୧୪ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ତୃତୀୟସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅଲିମ୍ପିକ୍ସ ସଫଳତା ପରେ ଦଳ ସଫଳତା ପାଇଁ ଆହୁରି ବ୍ୟଗ୍ର ବୋଲି ଆର୍ଜେଣ୍ଟିନା କୋଚ୍ ଜର୍ମାନ ଓରୋଜୋକୋ କହିଛନ୍ତି। ଅଲିମ୍ପିକ୍ସ ଚାମ୍ପିୟନ ଦଳର ପ୍ରାୟ ସବୁ ସଦସ୍ୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ତେବେ କଠିନ ପରିଶ୍ରମ କରି ଖେଳାଳିମାନେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ବିଶ୍ୱକପ୍‌ରେ ମଧ୍ୟ କଠିନ ପରିଶ୍ରମ କାମରେ ଆସିବ ବୋଲି ଖେଳାଳିମାନେ ହୃଦୟଙ୍ଗମ କରିଛନ୍ତି ବୋଲି କୋଚ୍ ଜର୍ମାନ କହିଛନ୍ତି। ଅଲିମ୍ପିକ୍ସ ସଫଳତା ଦୋହରାଇବା କଷ୍ଟକର, କିନ୍ତୁ ଅସମ୍ଭବ ନୁହଁ। କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିବାକୁ ହେଲେ ନ୍ୟୁଜିଲାଣ୍ଡକୁ ହରାଇବାକୁ ପଡିବ ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନା ଦଳରେ ଗୋଞ୍ଜାଲୋ ପେଇଲାଟ, ସାଣ୍ଟିଆଗୋ ଟୋମାସ, ଲୁକାସ ମାର୍ଟିନେଜ, ଲୁକାସ ଭିଲାଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଆର୍ଜେଣ୍ଟିନା ଗତ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୨୦୧୪ ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲା।
ଅପରପକ୍ଷରେ ବିଶ୍ୱର ର୍‍ୟାଙ୍କିଙ୍ଗ୍‌ର ୯ ନମ୍ବର ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ଆଦୌ ନୂଆ ନୁହଁ। ବିଶ୍ୱକପ୍‌ରେ ୯ଥର ଅଂଶଗ୍ରହଣ କରି ଏହି ଦଳ ୪ଥର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଦଳର ଭଲ ପ୍ରଦର୍ଶନ ନେଇ ହେଡ୍ କୋଚ୍ ଡାରେନ୍ ସ୍ମିଥ୍ ବେଶ୍ ଆଶାବାଦୀ ଅଛନ୍ତି। ଦଳ ୨୦୧୬ ଅଲିମ୍ପିକ୍ସରେ ସପ୍ତମ ଓ ୨୦୧୪ ବିଶ୍ୱକପ୍‌ରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ହେଡେନ ଫିଲିପ୍ସ, ବ୍ଲେୟାର ଟାରାଣ୍ଟ ଓ ମାର୍କସ ଚାଇଲ୍ଡଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଦଳରେ ରହିଛନ୍ତି। ଯଦି ଦଳ ସୁଯୋଗର ସଦ୍ ଉପଯୋଗ କରେ ତାହାଲେ ଏହି ବିଶ୍ୱକପ୍‌ରେ ପଦକ ହାସଲ କରିପାରିବ। ସୋମବାର ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ହଟ୍ ଫେଭରାଇଟ୍ ବିବେଚିତ ହେଉଛି।



ଅଭ୍ୟାସରତ ଆର୍ଜେଣ୍ଟିନା ଖେଳାଳି।

### ଆର୍ଜେଣ୍ଟିନା ଦଳ

ଜୁଆନ ଭିଭାଲ୍ଡି (ଗୋଲକିପର), ଗୋଞ୍ଜାଲୋ ପେଇଲାଟ, ଜୁଆନ ଗିଲାର୍ଡି, ପେଡ୍ରୋ ଇବାରା (ଅଧିନାୟକ), ମାଇକୋ କାସେଲା, ମାଟିଆସ ପାରାଡେସ, ଜୋଆକ୍ୟୁନ୍ ମେନିନି, ଲୁକାସ ଭିଲା, ଇଗ୍ନାସିଓ ଓର୍ଟିଜ୍, ଜୁଆନ ଲୋପେଜ, ଟୋମାସ ବେଟ୍ଟାଗ୍ଲିଓ, ଟେମାସ ସାଣ୍ଟିଆଗୋ (ଗୋଲକିପର), ମାଟିଆସ ରେ, ଲୁକାସ୍ ମାର୍ଟିନେଜ, ନିକୋଲାସ ସିସିଲେଓ, ଅଗଷ୍ଟିନ ମାଜ୍ଜିଲି, ଲୁକାସ ରୋସି ଓ ଅଗଷ୍ଟିନ ବୁଗାଲ୍ଲୋ।
କୋଚ– ଜର୍ମାନ ଓରୋଜକୋ।

### ନ୍ୟୁଜିଲାଣ୍ଡ ଦଳ

ବ୍ଲେୟାର ଟାରାଣ୍ଟ (ଅଧିନାୟକ), କୋରି ବେନେଟ, ଡେନ୍ ଲେଟ, ନିକ ରୋସ୍, ରିଚାର୍ଡ ଜୋଏସ (ଗୋଲକିପର), ମାର୍କସ ଚାଇଲ୍ଡ, ଜାରେଡ ପାନଚିଆ, ଜର୍ଜ ଏନେରସନ (ଗୋଲ କିପର), ଏଇଡାନ ସାରିକାୟା, ନିକ୍ ଉଡ୍ସ, କେନ୍ ରସେଲ, ଅରୁଣ ପାଞ୍ଜିଆ, ସିଆ ମ୍ୟାକଆଲିସ୍, ଷ୍ଟିଫେନ ଜେନେସ, ଡୋମିନିକ ନ୍ୟୁମ୍ୟାନ, ହୁଗୋ ଇନ୍‌ଗିଲ୍ସ, ଜର୍ଜ ମୁଇର ଓ ହେଡେନ ଫିଲିପ୍ସ।
କୋଚ୍– ଡାରେନ୍ ସ୍ମିଥ୍

# ଜୋରଦାର ହେବ ସ୍ପେନ୍– ଫ୍ରାନ୍ସ ଟକ୍କର

ଭୁବନେଶ୍ୱର, ୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଚଳିତ ଚତୁର୍ଦ୍ଦଶ ସଂସ୍କରଣରେ ସୋମବାର ପୁଲ ଏ’ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ବିଶ୍ୱକପ୍‌ର ଅନ୍ୟତମ ଦୃଢ ଦାବିଦାର ଦଳ ସ୍ପେନ ଓ ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସ ପରସ୍ପରକୁ ଭେଟିବେ। ଏହି ଦୁଇ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଫଳରେ ଦୁଇ ଦଳ ପାଇଁ ଏହି ମ୍ୟାଚ୍ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ସ୍ପେନ୍ ତା’ର ପ୍ରଥମ ମ୍ୟାଚ୍‌ରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାଠାରୁ ଲଢେଇ କରି ୩–୪ ଗୋଲରେ ପରାସ୍ତ ହୋଇ ବିଶ୍ୱକପ ଅଭିଯାନ ଆରମ୍ଭ କରିଥିଲା। ସେହିପରି ଫ୍ରାନ୍ସ ମଧ୍ୟ ଅନୁରୂପ ଭାବେ ଲଢେଇ କରି ନ୍ୟୁଜିଲାଣ୍ଡଠାରୁ ୧–୨ ଗୋଲରେ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିଲା। ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ସ୍ପେନ୍ ଓ ଫ୍ରାନ୍ସ ପରାସ୍ତ ହୋଇଥିବାରୁ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରିବେ। ଏହି ମ୍ୟାଚ୍‌ରେ ଯେଉଁ ଦଳ ପରାସ୍ତ ହେବ ସେହିଦଳ କ୍ୱାର୍ଟର ଫାଇନାଲ ରେସ୍‌ରୁ ବାଦ ପଡିବା ଏକ ପ୍ରକାର ନିଶ୍ଚିତ ହେବ।
ମିଗୁଏଲ୍ସ ଡିଲ୍ସଙ୍କ ନେତୃତ୍ୱରେ ଓ ଫ୍ରେଡେରିକ୍ ସୋଏଜଙ୍କ ତତ୍ତ୍ୱାବଧାନରେ ସ୍ପେନ ଆରମ୍ଭରୁ ବିଶ୍ୱକପ୍ ପ୍ରସ୍ତୁତି ଜୋରଦାର କରିଥିଲା। ଦଳରେ ଏନରିକ ଗୋଞ୍ଜାଲେଜ, ସେର୍ଗି ଏନେରିକ, ଗୋଲ କିପର ମାରିଓ ଗାରିନଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ସ୍ପେନ୍ ଦଳ ବେଶ୍ ସନ୍ତୁଳିତ ମନେହୁଏ। ସ୍ପେନ୍‌ରେ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ବେଶ୍ ସଫଳତା ସହ ଆୟୋଜିତ ହୋଇଥିଲା। ବିଶ୍ୱକପ୍‌ରେ ସ୍ପେନ୍ ମଧ୍ୟ ଅନ୍ୟତମ ସଫଳ ଦଳ ଭାବେ ବିବେଚିତ ହେଉଛି। ସ୍ପେନ ବିଶ୍ୱକପ୍‌ରେ ୩ଥର ପଦକ ହାସଲ କରିବାରେ ସଫଳ ହୋଇଛି। ସ୍ପେନ ମଧ୍ୟ ୟୁରୋ ହକି ନେସନ୍ସ ଚାମ୍ପିୟନଶିପ୍ ଟାଇଟଲ ଦୁଇଥର ହାସଲ କରିଛି। ସେହିପରି ଚାମ୍ପିୟନ୍ସ ଟ୍ରଫି ଓ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍‌ରେ ଥରେ ଲେଖାଏ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରାୟ ସବୁ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଯଥା ଅଲିମ୍ପିକ୍ସ, ବିଶ୍ୱକପ୍, ୟୁରୋ ଚାମ୍ପିୟନଶିପ୍, ଚାମ୍ପିୟନ୍ସ ଟ୍ରଫି, ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫି, ୱାର୍ଲ୍ଡ ଲିଗ୍‌ରେ ସଫଳ ପ୍ରଦର୍ଶନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ରେ ସ୍ପେନ ଏବେ ଅଷ୍ଟମ ସ୍ଥାନରେ ରହିଛି।
ଅପରପକ୍ଷରେ ଫ୍ରାନ୍ସ ଅପେକ୍ଷାକୃତ ଦୁର୍ବଳ ହୋଇଥିବାରୁ ସ୍ପେନ୍ ଏହି ମୁକାବିଲାରେ ଫେଭରାଇଟ୍ ମନେହେଉଛି। କିନ୍ତୁ ପ୍ରଥମ ମ୍ୟାଚରେ ଫ୍ରାନ୍ସ ନିଜ ଲଢୁଆ ମନୋବୃତ୍ତିର ପରିଚୟ ଦେଇଛି। ଫଳରେ ଫ୍ରାନ୍ସ ସହଜରେ ସ୍ପେନ୍‌କୁ ବାଟ ଛାଡିବ ନାହିଁ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଫ୍ରାନ୍ସ ବିଂଶତମ ସ୍ଥାନରେ ରହିଛି। ସ୍ପେନଠାରୁ ୧୨ଟି ସ୍ଥାନ ତଳେ ଥିଲେ ମଧ୍ୟ ଫ୍ରାନ୍ସ ବିଶ୍ୱକପ୍‌ରେ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ଫ୍ରାନ୍ସ ଅଲିମ୍ପିକ୍ସ, ବିଶ୍ୱକପ୍, ୱାର୍ଲ୍ଡ ଲିଗ୍, ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରିବାରେ ସେତେ ସଂଖ୍ୟାରେ ସୁଯୋଗ ହାସଲ କରିନାହିଁ। କିନ୍ତୁ ସୀମିତ ସୁଯୋଗରେ ଏହି ଦଳ ବେଶ୍ ଆଖିଦୃଶିଆ ସଫଳତା ହାସଲ କରିଛି। ଭିକ୍ଟର ଚାର୍ଲେଟଙ୍କ ନେତୃତ୍ୱରେ ଓ କୋଚ୍ ଜେରୋଏନ ଡେଲମିଙ୍କ ତତ୍ତ୍ୱାବଧାନରେ ଫ୍ରାନ୍ସ ଅତିକମ୍‌ରେ ଏଥର ବିଶ୍ୱକପ୍‌ରେ କ୍ୱାର୍ଟର ଫାଇନାଲ ପାର କରିବା ଲକ୍ଷ୍ୟରେ ରହିଛି। ଦଳରେ ଗୋଲ କିପର ଥିଏରୀ ଆର୍ଥର, ଫ୍ରାଙ୍କୋଇଜ୍ ଗୋୟେଟ୍‌ଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଫ୍ରାନ୍ସ ହକିରେ ବେଶ୍ ଉନ୍ନତି କରିଛି। ବିଶ୍ୱର ଆଗଧାଡିର ଦଳଗୁଡିକ ବିପକ୍ଷରେ ଫ୍ରାନ୍ସ ଜବରଦସ୍ତ ପ୍ରଦର୍ଶନ କରିଛି। ତେଣୁ ସୋମବାର ସ୍ପେନ୍– ଫ୍ରାନ୍ସ ମୁକାବିଲା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

### ଆଜିର ମ୍ୟାଚ୍



**ସ୍ପେନ୍ ବନାମ ଫ୍ରାନ୍ସ**
ପୁଲ୍–ଏ
ସମୟ : ଅପରାହ୍ନ ୫ଟା।

**ନ୍ୟୁଜିଲାଣ୍ଡ ବନାମ ଆର୍ଜେଣ୍ଟିନା**
**ପୁଲ୍-ଏ**
ସମୟ: ରାତି ୭ଟା।

**ପ୍ରସାରଣଃ ଷ୍ଟାର୍ ସ୍ପୋର୍ଟ୍ସ**

### ସ୍ପେନ୍ ଦଳ

କୋର୍ଟେସ କ୍ୟୁକୋ(ଅଧିନାୟକ, ଗୋଲକିପର), ସେର୍ଗି ଏନେରିକ, ସାଞ୍ଚେଜ୍ ରିକାର୍ଡୋ, ମାର୍କ ଶିରାହିମା, ଇଗ୍ନାସିଓ ରୋଡ୍ରି ଗୁଏଜ, ଏନରିକ ଗୋଞ୍ଜାଲେଜ୍, ଆଲଭାର ଇଗ୍ଲେସିଆସ୍, ମାର୍କ ସେଲ୍ସ, ରିକାର୍ଡୋ ସାଣ୍ଟାନା, ଡିଏଗୋ ଆରାନା, ଜାଭି ଲିଓନାର୍ଟ, ଆଲେଜାଣ୍ଡ୍ରେ ଡି ଫ୍ରୁଟୋସ୍, ଭିସେନ୍‌କ ରୁଇଜ୍, ଆଲବର୍ଟ ବେଲଟ୍ରାନ୍, ଜୋସେପ ରୋମିଉ, ମାରିଓ ଗାରିନ୍ (ଗୋଲ କିପର), ପାଉ କ୍ୱେମାଡ଼ା ଓ ମାର୍କ ବୋଲ୍ଟୋ।
କୋଚ୍– ଫ୍ରେଡେରିକ ସୋଏଜ୍।

### ଫ୍ରାନ୍ସ ଦଳ

ଭିକ୍ଟର ଚାର୍ଲେଟ୍ (ଅଧିନାୟକ), ଥିଏରି ଆର୍ଥର (ଗୋଲକିପର), ଭାନ ଷ୍ଟ୍ରାଟେନ ପିଟର, ଟମ୍ ଜେନେଷ୍ଟେଟ, ହୁଗୋ ଜେନେଷ୍ଟେଟ, ବ୍ଲେଇଜ୍ ରୋଗେଆଉ, ଭିକ୍ଟର ଲୋକଉଡ୍, ଚାର୍ଲ୍ସ ମାସନ, ନିକୋଲାସ ଡୁମୋଣ୍ଟ, ଗାସପାର୍ଡ ବାଉମାଗାର୍ଟେନ, ଫ୍ରାଙ୍କୋଇଜ୍ ଗୋୟେଟ, କ୍ରିଷ୍ଟୋଫୋରୋ ପଟର୍ସ ଡେଉଜ୍, ଜିନ୍ ବାପ୍ଟାଇଷ୍ଟ ଫୋର୍ଗୁଉଜ, ଏଟିଏନ ଟିନେଭେଜ୍, ଆରିଷ୍ଟାଇଡ କୋଇସ୍‌ନେ, ମାକ୍ସିମିଲେନ ବ୍ରାନିକି, ଟିମୋଥି କ୍ଲେମେଣ୍ଟ, କୋରେଣ୍ଟିନ୍ ସାଉନିଏର (ଗୋଲକିପର)।
କୋଚ୍– ଜୋରେଏନ ଡେଲମି।

# ମିଜୋରାମ ୧୧ ରନରେ ଅଲ୍‌ଆଉଟ୍

ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସରେ ମେଘାଳୟ ବିପକ୍ଷରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମିଜୋରାମ ଦଳ ମାତ୍ର ୧୧ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ରେଭେନ୍‌ସା କ୍ରିକେଟ ଗ୍ରାଉଣ୍ଡ–୧ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମିଜୋରାମ ୧୩ ଓଭରରେ ୧୧ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ଅତିରିକ୍ତ ଆକାରରେ ଆସିଥିବା ୪ ରନ ଦଳ ପକ୍ଷରୁ ସର୍ବାଧିକ ସ୍କୋର ରହିଥିଲା। ଓପନର୍ ତଥା ଅଧିନାୟିକା ସନ୍ଧ୍ୟା କୁମାରୀ ୩ ରନ କରିଥିବାବେଳେ ୪ ଜଣ ଖେଳାଳି ଏକ ରନ ଲେଖାଏ କରିଥିଲେ। ଛ’ଜଣ ବ୍ୟାଟ୍ସୱିମ୍ୟାନ ଖାତା ଖୋଲି ପାରି ନ ଥିଲେ। ପ୍ରତିପକ୍ଷ ମେଘାଳୟର ବନ୍ଦନା ମହାଜନ ୭ ଓଭର ବୋଲିଂ କରି ୫ ମେଡେନ ସହ ୪ରନ ବିନିମୟରେ ୮ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ମିଜୋରାମ ୩ ଓଭରରେ କୌଣସି ଉଇକେଟ୍ ନ ହରାଇ ମ୍ୟାଚ୍ ଆବଶ୍ୟକୀୟ ରନ ସଂଗ୍ରହ କରିନେଇଥିଲା। ସାଇ ପୁରନ୍ଦାରେ ୧୨ ଓ ଅଧିନାୟିକା ଡି.ଡି. ଦତ୍ତ ୨ ରନ କରି ଅପରାଜିତ ରହିଥିଲେ। ସେହିଭଳି ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୧୩୨ ରନରେ ଜମ୍ମୁ ଓ କଶ୍ମୀରକୁ ପରାସ୍ତ କରିଛି।




# ସିରିଜ୍ ପୋଛିଲା ବାଂଲାଦେଶ

ଢାକା,୨।୧୨

ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ବାଂଲାଦେଶ ଦଳ ଏକ ଇନିଂସ୍ ଓ ୧୮୪ ରନ୍ ବ୍ୟବଧାନରେ ଜିତି ନେଇଛି। ଏହା ବାଂଲାଦେଶ ଦଳର ପ୍ରଥମ ଇନିଂସ୍ ବିଜୟ। ଏଥିସହିତ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ବାଂଲାଦେଶ ଦଳ କ୍ଲିନ୍ ସୁଇପ୍ ହାସଲ କରିଛି। ଘରୋଇ ସ୍ପିନରମାନେ ରବିବାର ମୋଟ ୧୫ ଉଇକେଟ ନେଇ ଦଳକୁ ବିଜୟ ଭେଟି ଦେଇଛନ୍ତି। ଢାକା ଟେଷ୍ଟରେ ମୋଟ ୧୨ ଉଇକେଟ ନେଇଥିବା ଅଫ୍ ସ୍ପିନର ମେହିଦି ହାସନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅଧିନାୟକ ଶାକିବ ଅଲ ହାସନ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଛନ୍ତି। ପ୍ରଥମ ଇନିଂସ୍‌ରେ ବାଂଲା ଦଳ ୫୦୮ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ଦଳ ତା’ର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୭୫/୫ରୁ ବ୍ୟାଟିଂ ଆରମ୍ଭ କରି ୧୧୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହାପରେ ଦ୍ୱିତୀୟ ଇନିଂସ୍‌ରେ କେବଳ ସିମରନ ହେଟ୍‌ମେର (୯୩)ଙ୍କ ବ୍ୟତୀତ ଅନ୍ୟ କୌଣସି ଭ୍ରମଣକାରୀ ବ୍ୟାଟ୍ସମ୍ୟାନ ପ୍ରତିପକ୍ଷ ସ୍ପିନରଙ୍କ ସମ୍ମୁଖୀନ ହୋଇପାରି ନ ଥିଲେ। ଫଳରେ ଦଳ ୨୧୩ ରନ୍‌ରେ ଅଲଆଉଟ୍ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ମେହିଦି ୫ ଓ ତାଇଜୁଲ ଇସ୍‌ଲାମ ୩ଟି ଉଇକେଟ ନେଇଥିଲେ।



ମେହିଦି ହାସନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ (ମଝି)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଡିସେମ୍ବର ୩/୨୦୧୮ Balasore, Monday, December 3/ 2018

# ଫରେନସିକ୍ ପରୀକ୍ଷା ପାଇଁ ଗଲା ପରିଧାନବସ୍ତ୍ର

- ବଙ୍ଗୀୟ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା
- ପୀଡିତା ବୟାନ ବଦଳାଉଥିବାରୁ ଅଡୁଆରେ ପୋଲିସ
- ଆଶ୍ରୟ ଦେଇଥିବା ୩ ଯୁବକଙ୍କୁ ଥାନାରେ ପଚରାଉଚରା

**ଭୋଗରାଇ, ୨।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ୧୩ ବର୍ଷୀୟା ବଙ୍ଗୀୟ ନାବାଳିକାଙ୍କ ବଳାତ୍କାର ଘଟଣା ନେଇ ତଦନ୍ତ ଜାରି ରହିଛି। ଭୋଗରାଇ ଥାନା ପୋଲିସ ଏକ ବଳାତ୍କାର ମାମଲା (ନଂ.୧୯୫/୧୮) ରୁଜୁ କରି ପୀଡିତାଙ୍କୁ ଉଦ୍ଧାର କରି ଆଶ୍ରୟ ଦେଇଥିବା ଭୋଗରାଇ ଅଞ୍ଚଳର ୩ ଯୁବକଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି। ଅନ୍ୟପକ୍ଷେ ପୀଡିତା ବଳାତ୍କାରର ଶିକାର ହୋଇଛନ୍ତି କି ନାହିଁ ତାହା ଜାଣିବାକୁ ସେ ପରିଧାନ କରିଥିବା ବସ୍ତ୍ରକୁ ପୋଲିସ ସିଜ୍ କରି ଫରେନ୍‌ସିକ୍ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇଛି। ବଙ୍ଗୀୟ ନାବାଳିକା ଘଡ଼ି ଘଡ଼ିକେ ଭିନ୍ନ ମତ ରଖୁଥିବାରୁ ପୋଲିସ୍‌ର ମୁଣ୍ଡ ବ୍ୟଥା ହୋଇଛି। ନାବାଳିକାଙ୍କ ବୟାନ ରେକର୍ଡ଼ ପରେ ପୋଲିସ ତାଙ୍କ ମାତାପିତାଙ୍କ ବୟାନକୁ ଗୁରୁତ୍ୱ ନେଇ ତଦନ୍ତ ଚଳାଇଛି। ସେମାନେ ତାଙ୍କ ଝିଅ ମାନସିକ ବିକୃତିର ଶିକାର ହୋଇଥିବାରୁ ବାରମ୍ବାର ଘର ଛାଡି ପଳାଇ ଆସିଥିବା ପ୍ରକାଶ କରିଛନ୍ତି। ପୀଡିତାଙ୍କୁ ଗଣବଳାତ୍କାର କରାଯିବା ଏବଂ ଭୋଗରାଇ ଅଞ୍ଚଳକୁ ଅଣାଯିବା ଘଟଣା ଏଯାଏ ରହସ୍ୟାଚ୍ଛନ୍ନ ହୋଇରହିଛି।

ନାବାଳିକାଙ୍କୁ ସାହାଯ୍ୟ କରିଥିବା ଏବଂ ଶୁକ୍ରବାର ରାତିରେ ରାତ୍ରିଯାପନ ପାଇଁ ଆଶ୍ରୟ ଦେଇଥିବା ୩ ଯୁବକଙ୍କୁ ପଚରାଉଚରା ବେଳେ ସେମାନେ ନାବାଳିକାଙ୍କୁ ଚିହ୍ନି ନ ଥିବା କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ଏକୁଟିଆ ବସି କାନ୍ଦୁଥିବା ଏବଂ ଲୋକଙ୍କୁ ଖାଦ୍ୟ ପାଇଁ ପଇସା ମାଗୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଆଣି ଜଣେ ଯୁବକଙ୍କ ଘରେ ରଖାଇଥିଲେ। ଭୋଗରାଇର ୩ ଯୁବକ ନାବାଳିକାଙ୍କୁ ସାହାଯ୍ୟ କରିବାକୁ ଯାଇ ଜେରାର ସମ୍ମୁଖୀନ ହୋଇଥିବାରୁ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ରବିବାର ଏହି ପୀଡିତା ବଙ୍ଗୀୟ ନାବାଳିକାଙ୍କୁ ତାଙ୍କ ପିତାଙ୍କ ଜିମାରେ ଛଡାଯାଇଛି। ସୋମବାର ପୁଣି ସେମାନଙ୍କୁ ଭୋଗରାଇ ଥାନାକୁ ଅଣାଯାଇ ପଚରାଉଚରା କରାଯିବ ବୋଲି ଆଇଆଇସି ନରେନ୍ଦ୍ର କୁମାର ଦାସ କହିଛନ୍ତି। ମାନସିକ ବିକୃତିର ଶିକାର ହୋଇ ଏହି ନାବାଳିକା ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ତାଙ୍କ ମା'ବାପା କହିବା ପରେ ପୋଲିସ ସମସ୍ତ ଔଷଧ ଚିଠା ଯାଞ୍ଚ କରିଥିବା ସୂଚନା ମିଳିଛି।

# ଭୁଜାଲିରେ ଖବରଦାତାଙ୍କୁ ଆକ୍ରମଣ

**ସୋର/ବାସୁଦେବପୁର, ୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଗୁଡ଼ ଗ୍ରାମ ମଠଛକ ନିକଟରେ ଶନିବାର ରାତିରେ ଜଣେ ଖବରଦାତାଙ୍କୁ ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରଦାତା ଭାବେ କାର୍ଯ୍ୟ କରୁଥିବା ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବାଘୁଆ ଗ୍ରାମର ପ୍ରମୋଦ କୁମାର ରାଉତ (୩୮) ଏକ ବାଇକ୍‌ରେ ତାଙ୍କ ଭଉଣୀ ଘର ସୋର ନିକଟସ୍ଥ ଅନନ୍ତପୁର



ଆହତ ଖବରଦାତା ପ୍ରମୋଦ ରାଉତ।

ଅଭିମୁଖେ ଯାଉଥିଲେ। ରାସ୍ତାରେ କେତେକ ଦୁର୍ବୃତ୍ତ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ମାଡ଼ ମାରୁଥିବା ଦେଖି ପ୍ରମୋଦ ଅଟକି ସେଠାରେ କ'ଣ ହୋଇଛି ପଚାରି ବୁଝିଥିଲେ। ଏଥିରେ ଦୁର୍ବୃତ୍ତମାନେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରି ଭୁଜାଲିରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ସେମାନେ ଖବରଦାତାଙ୍କ ପକେଟ୍‌ରୁ ମୋବାଇଲ ଓ ୮୪୫ ଟଙ୍କା ଛଡ଼ାଇ ନେଇଥିଲେ। ଏଥିନେଇ ଖବରଦାତାଙ୍କ ସମ୍ପର୍କୀୟ ଭାଇ ସତ୍ୟନାରାୟଣ ରାଉତ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୦୨/୧୮) ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛି। ଆକ୍ରମଣକାରୀ ମଦ ବେପାର ସହ ସମ୍ପୃକ୍ତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ଏଭଳି ଆକ୍ରମଣ ଘଟଣାକୁ ଓୟୁଜେ, ବାସୁଦେବପୁର ଶାଖା ତୀବ୍ର ନିନ୍ଦା କରି ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି।

# ନାବାଳିକାଙ୍କୁ ଦୁର୍ବ୍ୟବହାର

**ଖଇରା, ୨।୧୨(ଡି.ଏନ.ଏ.):** ଖଇରା ଥାନା ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଖଇରା ପୋଲିସ ଶନିବାର କାଳିଆ ପାତ୍ର ନାମକ ଯୁବକଙ୍କ ନାମରେ ମାମଲା (ନଂ. ୨୭୦/୧୮) ରୁଜୁ କରିଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ କାଳିଆ ଗତ ୨୧ ତାରିଖରେ ତାଙ୍କ ଝିଅକୁ ଦୁର୍ବ୍ୟବହାର କରିଥିଲେ। ଏ କଥା କାହାରିକୁ ନ କହିବା ପାଇଁ ଧମକ ଚମକ ଦେଇଥିଲେ।

# ଦାଦନ ଖଟିବାକୁ ଯାଇ ଯୁବକ ମୃତ

**ମୋରଡା,୨।୧୨:** ମକରରେ ଘରକୁ ଫେରିବେ ବୋଲି କହିଥିଲେ। ହେଲେ ମକର ପୂର୍ବରୁ ଫେରିଲା ମୃତଦେହ। ଏପରି ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଚିତ୍ରଡା ପଞ୍ଚାୟତ ଚିତ୍ରଡା ଗ୍ରାମରେ ଘଟିଛି। ଗ୍ରାମର ଜୟରାମ ବିନ୍ଧାଣି (୩୬) ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ବେଳେ ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଗାଁରେ ପହଞ୍ଚିଛି। ଏଥିଯୋଗୁ ଏଥିଯୋଗୁ ସମଗ୍ର ଗାଁରେ ଶୋକାକୁଳ ପରିବେଶ ପରିବେଶ ସୃଷ୍ଟି ହୋଇଛି। ଆନ୍ଧ୍ରପ୍ରଦେଶ ପ୍ରକାଶ ଜିଲା ମାଠୁର ଅଞ୍ଚଳରେ ଥିବା ଏକ ଗ୍ରାନାଇଟ ଫ୍ୟାକ୍ଟ୍ରିରେ ଜୟରାମ କାର୍ଯ୍ୟ କରୁଥିଲେ। ତେବେ କିଛିଦିନ ପୂର୍ବରୁ କାର୍ଯ୍ୟରତ ଥିବା ସମୟରେ ଏକ କ୍ରେନ ଧକ୍କାରେ ସେ ଗୁରୁତର ହୋଇପଡିଥିଲେ। ନିକଟସ୍ଥ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶନିବାର ଜୟରାମଙ୍କ ମୃତ୍ୟୁ ହୋଇଥିଲା। ଏକ ଆମ୍ବୁଲାନ୍ସ ଯୋଗେ ରବିବାର ସନ୍ଧ୍ୟାରେ ମୃତଦେହ ଚିତ୍ରଡା ଗାଁରେ ପହଞ୍ଚିଛି। ମୃତ ଜୟରାମଙ୍କର ଘରେ ସ୍ତ୍ରୀ,ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ସାଧାରଣ ରେ ଦାବି ହୋଇଛି।











FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: BALASORE:** Sita TVS, Ph.: 7852935605. BARIPADA: Allied TVS, Ph: 7852935617. BHADRAK: Sanjay TVS, Ph : 7854962653. BARBIL: Anjali TVS, Ph.: 7852944821. KEONJHAR: Kumar Automotives, Ph : 9870326414 **Authorised Dealers :** Jaleswar, Champa Motors, Ph.: 9437216037; Baliapal, Sanjeev Motors, Ph.: 9937194603; Chandaneswar, Sanjiv Automobiles, Ph.: 9937194603; Soro, Tarini Motors, Ph.: 06788-221845; Rairangpur, Pipal India Vehicles Pvt Ltd, Ph.: 7064403120; Basta, S.R. Motors, Ph.: 9040526003; Udhala, Pattanayak Motors, Ph : 9437238807; Joda, N & B Motors, Ph : 9439084443; Harichandanpur, Laranya Motors, Ph : 9437633978; Dhenkikot, Ali Motors, Ph : 7008797779; Betnoti, Sai Motors, Ph : 9776142684; Karanjia, Avoni Metal Traders, Ph : 9437037270; Dhamnagar, Sanju Automobiles, Ph : 9437265354: Chandbali, A S Laxmi Automobiles, Ph: 9238514769; Tihidi, Shree Motors, Ph : 9040123010. McCann/Blr/Tvs/1200/12/18




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବିଷାକ୍ତ ମଦ ନେଲା ଜୀବନ

## ■ ମୃତଦେହ ନିକଟରୁ ମଦ ପାଉଚ ଜବତ

କେନ୍ଦୁଝର, ୨।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଅପମିଶ୍ରିତ ଓ ବିଷାକ୍ତ ମଦ ବିକ୍ରି ଜନିତ ଅପମୃତ୍ୟୁ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ରେକର୍ଡପତ୍ରରେ ଏଭଳି ଅପମୃତ୍ୟୁର କିଛି ସୂଚନା ରହୁ ନାହିଁ। ରବିବାର ସଦର ଥାନା ପଳାଶପଙ୍ଗା ପ୍ରାଣୀଧନ ଚିକିତ୍ସକଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଜଣେ ବାରବୁଲା ଲୋକଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ନିକଟରେ କେତେକ ଦେଶୀ ମଦ ପାଉଚ ପଡି ରହିଥିଲା। ଏହା ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ବୋଲି ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଇବା ସହ ମଦ ପାଉଚ ଜବତ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ଘଟଣାର ତଦନ୍ତ କରୁଥିବା ପଳାଶପଙ୍ଗା ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ପରିଡ଼ା ସୂଚନା ଦେଇଛନ୍ତି।



ମୃତଦେହ ନିକଟରୁ ମିଳିଥିବା ପାଉଚ ମଦ।

ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାଯାଇଛି ଯେ, ମୃତକଙ୍କ ଘର ଆନ୍ଧ୍ରପ୍ରଦେଶର କରିମନଗର ଜିଲା ଥାଟପାଲି ଅଞ୍ଚଳରେ। ଗତ କିଛିଦିନ ହେଲା ସେ ପଳାଶପଙ୍ଗା ଅଞ୍ଚଳକୁ ଆସି ରହୁଥିଲେ। ଆଖପାଖ ଗାଁ ବୁଲି ମାଗି ଯାଚି ଚଳୁଥିଲେ। ରବିବାର ପ୍ରାଣୀଧନ ଚିକିତ୍ସକଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତଦେହ ନିକଟରେ କେତେକ ଦେଶୀ ମଦ ପାଉଚ ପଡି ରହିଥିଲା। ପ୍ରାଥମିକ ତଦନ୍ତ ପରେ ମୃତକଙ୍କ ନାମ ବି. ମାୟା (୪୫) ବୋଲି ପୋଲିସ କହିଛି। ଏ ସମ୍ପର୍କରେ ପଳାଶପଙ୍ଗା ଫାଣ୍ଡି ପୋଲିସକୁ ପଚାରିବାରୁ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳବାସୀ ଉକ୍ତ ଅଞ୍ଚଳର ଦୋକାନ ବଜାରରେ ଦେଶୀ ପାଉଚ ମଦ ଅବାଧରେ ବିକ୍ରି ହେଉଥିବା ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅପମିଶ୍ରିତ ତଥା ବିଷାକ୍ତ ଦେଶୀମଦ ପିଇ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ରୋଗଗ୍ରସ୍ତ ହେଇ ମୃତ୍ୟୁମୁଖରେ ପଡୁଥିବା ସେମାନେ ଦର୍ଶାଇ ଏ ସମ୍ପର୍କରେ ଜିଲାପାଳ ଓ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବିଷାକ୍ତ ମଦ ବିକ୍ରି: ପ୍ରଶାସନ ପାଖରେ ସୂଚନା ନାହିଁ

ରାଇସୁଆଁ,୨।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲାର ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ, ମହାଦେଇଯୋଡ଼ା, ପଦ୍ମପୁର, ପଳାଶପଙ୍ଗା, ପର୍ଜନପୁର, ଗୋବର୍ଦ୍ଧନ, ନରଣପୁର, ନେଲୁଙ୍ଗ ଓ ବାଉରୀପଦାର ଆଖପାଖ ଅଞ୍ଚଳରେ ବେଆଇନ ଦେଶୀମଦ କାରବାର ବୃଦ୍ଧି ହେବାରେ ଲାଗିଛି । ଏସବୁ ଅଞ୍ଚଳର କେତେକ ସ୍ଥାନରେ ଦେଶୀ ମଦଭାଟି ଅବାଧରେ ଚାଲିଛି। ମଦକୁ ଅଧିକ ନିଶାଯୁକ୍ତ କରିବା ସକାଶେ ରାସାୟନିକ ଦ୍ରବ୍ୟ ମିଶା ଯାଉଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ବିଷାକ୍ତ ମଦ ପିଇ ବହୁ ଲୋକ କିଡ୍‌ନୀ ଓ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇ ଶତାଧିକ ଲୋକ ଅକାଳରେ ମୃତ୍ୟୁବରଣ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଅଥଚ ଅବକାରୀ ବିଭାଗ ପାଖରେ ଏ ନେଇ କୌଣସି ସୂଚନା ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ବିଭାଗୀୟ କର୍ମଚାରୀଙ୍କ ସଲାସୁତୁରାରେ ଚୋରାମଦ କାରବାର ଚାଲିଥିବା ଲୋକେ ଅଭିଯୋଗ କରି ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଦାବି କରୁଛନ୍ତି । ବେଆଇନ ମଦ ବିକ୍ରି ସମ୍ପର୍କରେ ସ୍ଥାନୀୟ ଅବକାରୀ ଇନ୍ସପେକ୍ଟର ସିଦ୍ଧେଶ୍ୱର ବେସରାଙ୍କୁ ପଚାରିବାରୁ ବେଆଇନ ମଦ ଭାଟି ଏବଂ ବିକ୍ରି ହେଉଥିବା ସ୍ଥାନରେ ବିଭିନ୍ନ ସମୟରେ ଚଢାଉ କରାଯାଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଝିଅ ମୃତ, ବାପା ଗୁରୁତର

**ଚମ୍ପୁଆ,୨।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ମାଂସ ମାର୍କେଟ ନିକଟରେ ଏକ ସଡକ ଦୁର୍ଘଟଣାରେ ୫ ବର୍ଷର ଝିଅ ଖୁସି ପାନଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ପିତା କେଦାର ପାନ(୩୦) ଗୁରୁତର ଆହତ ହୋଇଛନ୍ତି । ଗୁରୁତର କେଦାରଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଟାଟା ଟି.ଏମ.ଏଚ.କୁ ସ୍ଥାନାନ୍ତର କରାଯାଇଛି । ଝାଡଖଣ୍ଡ ରାଜ୍ୟର ଖଇରପାଳ ବାଲିଆପଶି ଗାଁର କେଦାର ପାନ ରବିବାର ପୂର୍ବାହ୍ନ ୧୧ଟାରେ ଚମ୍ପୁଆ ଦେଇ ଜୁରୁଡି ନିକଟବର୍ତ୍ତି ଖଣ୍ଡବନ୍ଧକୁ ବାଇକ୍‌ରେ ଯାଉଥିଲେ। ଏକ ଗହମ ବୋଝେଇ ଟ୍ରଲର ସହ ଧକ୍କା ହେବାରୁ ଝିଅସହ କେଦାର ଗାଡି ତଳକୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ଝିଅଙ୍କର ମୃତ୍ୟୁ ହୋଇଥିବା ବେଳେ କେଦାରଙ୍କର ଡାହାଣ ଗୋଡ଼ ଭାଙ୍ଗିଯାଇଥିଲା।

### ମୋବାଇଲ ଟାୱାର ବସାଯିବା ନେଇ ବିବାଦ





**କେନ୍ଦୁଝର, ୨।୧୨ (ସ୍ୱ.ପ୍ର.)-** କେନ୍ଦୁଝର ସହର ପୁରୁଣାବଜାର ନିକଟ ଧନୁର୍ଜୟପୁର ହୁଡକୋ କଲୋନୀରେ ଜନଗହଳି ଲାଗି ରହୁଥିବା ସ୍ଥାନରେ ମୋବାଇଲ ଟାୱାର ବସାଯିବା ନେଇ ବିବାଦ ଦେଖାଦେଇଛି । ଏନେଇ କାହାରି ଅଞ୍ଚଳବାସୀ ମତାମତ ନିଆ ଯାଇ ନ ଥିବା ସ୍ଥାନୀୟ ଲୋକେ ପୌରପାଳିକା କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କେବଳ ହୁଡକୋ କଲୋନୀ ନୁହେଁ, ସହରର ଅନ୍ୟ କେତେକ ସ୍ଥାନରେ ଲୋକଙ୍କ ସହମତି ନ ନେଇ ଟାୱାର ଓ ବଡ ବଡ ହୋଡିଂ ବସାଯାଉଛି। ଝଡ ପବନ ହେଲେ ଅନେକ ସମୟରେ ଏସବୁ ଭାଙ୍ଗିପଡି ଦୁର୍ଘଟଣା ଘଟୁଛି । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦକ୍ଷତା ବୃଦ୍ଧି ତାଲିମ

**ଢେଙ୍କିକୋଟ, ୨।୧୨(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀଗୁରୁକୁଳ ମଡେଲ ସ୍କୁଲ ପରିସର ମଧରେ ରବିବାର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବାର୍ଷିକ ଦକ୍ଷତା ତାଲିମ ବିକାଶ ବର୍ଦ୍ଧକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅକ୍ସଫୋର୍ଡ଼ ୟୁନିଭର୍ସିଟି ପ୍ରେସ ଇଣ୍ଡିଆ ଓ ଢେଙ୍କିକୋଟ ସେବା ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରୀଗୁରୁକୁଳ ଇଂଲିଶ ମିଡ଼ିୟମ ସ୍କୁଲର ଅଧକ୍ଷ ତନ୍ମୟ ମିଶ୍ର ଶିକ୍ଷୟିତ୍ରୀ ପ୍ରଭାସ ଗିରି, ନିତାଇ ଦାସ, ଅଶୋକ ଜେନା, ପ୍ରତୀଶ ସାହୁ, ଅଖିଳ ପ୍ରଧାନ, ଦେବାନନ୍ଦ ମହାନ୍ତ, ଶକ୍ତି ରଞ୍ଜନ ମହାନ୍ତ, ସ୍ୱାଗତିକା ଦାସ, ବିଭୁଦତ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

### ଜ୍ୟୋତ୍ସ୍ନା କଲ୍‌ଚରାଲ ଏକାଡେମୀ ଉଦ୍‌ଘାଟିତ



**ବଡବିଲ,୨।୧୨ (ସ୍ୱ.ପ୍ର.)-** କେନ୍ଦୁଝର ଜିଲା ବଡବିଲ ଭଳି ଉପାନ୍ତ ଅଞ୍ଚଳରେ ଓଡିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଓଡିଶୀ ନୃତ୍ୟର ପ୍ରସାର ନିମନ୍ତେ ଜ୍ୟୋତ୍ସ୍ନା କଲ୍‌ଚରାଲ ଏକାଡେମୀ ପାଦ ବଢେଇଛି। ସେଥିନିମନ୍ତେ ରବିବାର ସ୍ଥାନୀୟ ହରିଓମ ଭବନ ନିକଟରେ ଏହି ଏକାଡେମୀ ଉଦ୍‌ଘାଟିତ ହୋଇଛି। ଏହି ଅନୁଷ୍ଠାନରେ ଓଡିଶୀ ନୃତ୍ୟ ସହିତ, ପଲ୍ଲୀ ନୃତ୍ୟ, ଶାସ୍ତ୍ରୀୟ ସଙ୍ଗୀତ, ତବଲା, ଗିଟାର, ଚିତ୍ରାଙ୍କନ ଆଦି ଶିକ୍ଷାଦାନର ବ୍ୟବସ୍ଥା ରହିଛି। ବଡବିଲର ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅର୍ଚ୍ଚନା ରାୟ, ସ୍ୱାଧୀନ ରାୟ, ବିଜୟ ମହାନ୍ତ, ସୁଶୀଲ ପଟ୍ଟନାୟକ, ମୃତ୍ୟୁଞ୍ଜୟ ଦାସ, ରେଖା ମହାନ୍ତି ଓ ମନୋଜ ପତି ପ୍ରମୁଖ ଯୋଗଦେଇଥିଲେ।

# ଅବକ୍ଷୟମୁଖୀ ପ୍ରାକୃତିକ ସମ୍ପଦର ସୁରକ୍ଷା ଚିନ୍ତା

କେନ୍ଦୁଝର, ୨।୧୨(ସ୍ୱ.ପ୍ର.)

ଅବକ୍ଷୟମୁଖୀ ପ୍ରାକୃତିକ ସମ୍ପଦର ସୁରକ୍ଷା ଲାଗି ଏ ଦିଗରେ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ସକାଶେ ବୈତରଣୀ ଗବେଷଣା ପରିଷଦ ନିଷ୍ପତ୍ତି ନେଇଛି। ଏ ଦିଗରେ ଆଗାମୀ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ଲାଗି ମୁକ୍ତାପୁରସ୍ଥିତ 'ବିକଳ୍ପ' କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଆସନ୍ତା ୨୩ତାରିଖରେ ସମୀକ୍ଷା ବୈଠକ ଡାକିବା ସକାଶେ ମଧ ପ୍ରସ୍ତାବ ରହିଛି ।

ଆଦିବାସୀ ସଂସ୍କୃତ ସମେତ ଜଳସମ୍ପଦ, ଅରଣ୍ୟ ଓ ବନ୍ୟପ୍ରାଣୀଙ୍କର ବିଲୟମାନ ସ୍ଥିତି, ବନୌଷଧି ଓ ଏହାର ସଂରକ୍ଷଣ ଦିଗରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ 'ଅଶନପାଟ' ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶନରେ ଆଲୋକପାତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଉପରୋକ୍ତ ପ୍ରସଙ୍ଗ ସମେତ ଅନ୍ୟ ଜନହିତକର ଗବେଷଣାଧର୍ମୀ ମୌଳିକ ନିବନ୍ଧ ଏଥିରେ ପ୍ରକାଶ କରିବାକୁ ବୈତରଣୀ ଗବେଷଣା ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ପଦଯାତ୍ରା କାର୍ଯ୍ୟକ୍ରମ ବଦଳରେ ନିର୍ଦ୍ଦିଷ୍ଟ ସ୍ଥାନ ସମ୍ପର୍କରେ ଅନୁଧାନ କରିବା ସକାଶେ ମୌଳିକ କାର୍ଯ୍ୟ ଖସଡା ପ୍ରସ୍ତୁତି ଉପରେ ଉପସ୍ଥିତ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଗବେଷଣା ପରିଷଦ କାର୍ଯ୍ୟକୁ କେବଳ ଜିଲା ମଧ୍ୟରେ ସୀମିତ ନ ରଖି ରାଜ୍ୟସ୍ତରକୁ ଉନ୍ନୀତ କରାଇବା ଲାଗି ନିଷ୍ପତ୍ତି ନିଆଯାଇଥିବା ପରିଷଦର ସଭାପତି ଡକ୍ଟର ବିମ୍ବାଧର ବେହେରା ଜଣାଇଛନ୍ତି । ଉକ୍ତ ବୈଠକରେ ସମ୍ପାଦକ ପ୍ରଦୀପ ରାଉତ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ସୁମନ୍ତ ନାୟକ ଏବଂ ଅନ୍ୟ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡିଶା ଜନସେବା ସଙ୍ଗଠନର ସଚେତନତା କର୍ମଶାଳା

ଚମ୍ପୁଆ,୨।୧୨(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ କାନ୍ତିଆଶୁଳା ନୋଡାଲ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଓଡିଶା ଜନସେବା ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଉଦ୍ଧବ ଚରଣ ଗିରି, ସମ୍ମାନନୀୟ ଅତିଥି ଭାବେ ରାମକୃଷ୍ଣ ଜିତ, ମୋହନ ଚରଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଓଡିଶା ଜନସେବା ସଙ୍ଗଠନ ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡିଶା ରାଜ୍ୟ ସଂଯୋଜକ ସନ୍ତୋଷ ସାହୁ ମଞ୍ଚାସୀନ ଅତିଥି ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଭାଷା ଓ ଭୂମି ସମସ୍ୟା, ସଡକ ସୁରକ୍ଷା, ଅପରାଧ ନିୟନ୍ତ୍ରଣ, ମହିଳା ଆତ୍ମରକ୍ଷା, ପରିବାର ସୁରକ୍ଷା, ସାଇବର ଅପରାଧ ସମ୍ପର୍କରେ ସଚେତନ କରାଯାଇଥିଲା ।

# ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଚେତନତା




ପୁରୁଷ ବନ୍ଧ୍ୟାକରଣ ସଚେତନତା କାର୍ଯ୍ୟକ୍ରମ ପ୍ରଚାର ଅଭିଯାନବେଳେ ଅତିଥି।

ରାଇସୁଆଁ,୨।୧୨(ଡି.ଏନ.ଏ.)

ଛୋଟ ପରିବାର ସୁଖୀ ପରିବାର। ଲୋକେ ସଚେତନ ହୋଇ ପୁରୁଷ ବନ୍ଧ୍ୟାକରଣ ଭଳି ବ୍ୟବସ୍ଥାକୁ ଆଦରିଲେ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ସମ୍ଭବ। ମହିଳା ବନ୍ଧ୍ୟାକରଣ ତୁଳନାରେ ପୁରୁଷ ବନ୍ଧ୍ୟାକରଣ ସହଜ ଓ ସରଳ। ଲୋକେ ଏଥିପ୍ରତି ଆଗ୍ରହ ପ୍ରକାଶ କଲେ ଜନସଂଖ୍ୟା ନିୟନ୍ତ୍ରଣ ସମ୍ଭବ ବୋଲି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କୁହାଯାଇଛି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବସନ୍ତ ପାତ୍ର, ଡାକ୍ତର ଶୋଭନ ପାଢୀ, ଡାକ୍ତର ଶିବ ଚରଣ ବାଘ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ପାରାମେଡିକାଲ କର୍ମଚାରୀ ସାମିଲ ହୋଇଥିଲେ।

# କାମକୁ ଆସିଲାନି ପାଚେରି ସୌନ୍ଦର୍ଯ୍ୟକରଣ



ବସ୍‌ଷ୍ଟାଣ୍ଡରେ ଚିତ୍ରିତ ପାଚେରି ପୁଣି ଅପରିଚ୍ଛିନ୍ନ ହୋଇପଡୁଛି।

କେନ୍ଦୁଝର, ୨।୧୨ (ସ୍ୱ.ପ୍ର.)

କେନ୍ଦୁଝର ସହର ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ସରକାରୀ ବସ୍‌ଷ୍ଟାଣ୍ଡ ପରିସର ଅପରିଷ୍କାର ଅପରିଚ୍ଛନ୍ନ ରହିବା ଏବଂ ଫୁଟ୍ ପାଥକୁ କେତେକ ବ୍ୟବସାୟୀ ଜବରଦଖଲ କରିବା ଘଟଣା ସହରବାସୀଙ୍କ ଚିନ୍ତା ବଢାଇଛି। ଗତ ୨୪ ତାରିଖରେ ଶିଶୁମାନଙ୍କ ପଥ ଉତ୍ସବ 'ସୃଜନୀ' ଆୟୋଜନ ଅବସରରେ ଏହି ବସଷ୍ଟାଣ୍ଡ ପାଚେରିର ସୌନ୍ଦର୍ଯ୍ୟବୃଦ୍ଧି ଲାଗି ଚିତ୍ରାଙ୍କନ କରାଯାଇଥିଲା। ପଥ ଉତ୍ସବ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପିଲାମାନେ ନାଚଗୀତ କରିବା ସହ ବାଦ୍ୟଯନ୍ତ୍ର ବଜାଇ କଳାପ୍ରତିଭା ପ୍ରଦର୍ଶନ କରିଥିଲେ। ବହୁ ଅର୍ଥ ଖର୍ଚ୍ଚ କରି ବସଷ୍ଟାଣ୍ଡ ପାଚେରିକୁ ରଙ୍ଗ କରି ସଫେଇ କରାଯାଇଥିଲା। ଜିଲାପାଳ, ଏସପି ଓ ଅନ୍ୟ ସରକାରୀ ପଦାଧିକାରୀ ଉପସ୍ଥିତ ଥିଲେ। ସେଠାରେ ପରିସ୍ରାଗାର ସୁବିଧା ନାହିଁ। ପଥ ଉତ୍ସବ ସରିବା ପରେ ସେହି ସ୍ଥାନ ପୁଣି ପରିସ୍ରାଗାର ପାଲଟିଛି। ସେହିପରି ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ୱାନ ୱେ ରାସ୍ତା ସାଙ୍ଗକୁ ଫୁଟ୍ ପାଥ ନିର୍ମାଣ କରାଯାଇଥିବା ବେଳେ କେତେକ ଉଠା ବ୍ୟବସାୟୀ ଫୁଟ୍‌ପାଥକୁ ଜବରଦଖଲ କରି ବ୍ୟବସାୟ କରୁଥିବାରୁ ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ଓ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ହାତୀପଲ ଉଜାଡି ଦେଉଛନ୍ତି ଧାନ ଫସଲ

## ଜଙ୍ଗଲ ତଳି ବାସିନ୍ଦା ଆତଙ୍କିତ

ଝୁମ୍ପୁରା, ୨।୧୨ ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ, ବାମେବାରୀ ଏବଂ ବାଲିବନ୍ଧ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ହାତୀ ଉପଦ୍ରବ ଜାରି ରହିଛି। ସେମାନେ ରାତି ସମୟରେ ଜଙ୍ଗଲତଳି ଇଲାକାକୁ ଆସି ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ବାଡି ବଗିଚା ଉଜାଡି ଦେଉଛନ୍ତ । ସ୍ଥାନୀୟ ଅଞ୍ଚଳର ଚାଷୀ ହତାଶ ହୋଇ ବାମେବାରୀ ଏବଂ ବାଲିବନ୍ଧ ଫରେଷ୍ଟ କାର୍ଯ୍ୟାଳୟରେ ଅଭିଯୋଗ କରୁଥିଲେ ମଧ୍ୟ କିଛି ପ୍ରତିକାର ହେଉ ନାହିଁ ।

୨ଦିନ ହେବ ୧୨ଟି ହାତୀ ବସନ୍ତପୁର ପଞ୍ଚାୟତର କାଇଯୋଡା ଗ୍ରାମରେ ଆତଙ୍କ ଖେଳାଇ ରଖିଛନ୍ତି । ଦିନବେଳେ ସେମାନେ ଗାଁ ପାଖ ଜଙ୍ଗଲରେ ରହି ସନ୍ଧ୍ୟା ସମୟରେ ଗାଁ ଖମାରକୁ ପଶୁଛନ୍ତି। ଗାଁ ଲୋକେ ହାତୀ ଉପଦ୍ରବ ଭୟରେ ରାତି ଉଜାଗର ରହି ଜଗି ବସୁଛନ୍ତି। ଏ ସମ୍ପର୍କରେ ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ କହିଛନ୍ତି, ହାତୀପଲକୁ ଘଉଡାଇବା ପାଇଁ ବନ ବିଭାଗ ଉଦ୍ୟମ ଜାରି ରଖିଛି। ସେମାନେ ଘଟାଇଥିବା କ୍ଷୟକ୍ଷତି ଆକଳନ କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟାଳୟକୁ ରିପୋର୍ଟ ଦିଆଯାଉଛି।

# ଏଡ୍‌ସ ଦିବସ ଲାଗି ବକ୍ତୃତା ପ୍ରତିଯୋଗିତା

କୋଲିମାଟି,୨।୧୨(ଡି.ଏନ.ଏ)

ଘସିପୁରା ବ୍ଲକ ପରମାନନ୍ଦପରସ୍ଥିତ ଜଗନ୍ନାଥ ମହା ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ସୌଭାଗ୍ୟଲକ୍ଷ୍ମୀ କରଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ କାଉନସେଲର ଅଧ୍ୟାପକ ପ୍ରଭାସ ନନ୍ଦନ ରାଉତ ଓ ମନ୍ଦାକିନୀ ପଣ୍ଡା ଏଡ୍‌ସ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି, ନିହାର ରଞ୍ଜନ ଭୂୟାଁ, ନିବେଦିତା ପଣ୍ଡା, ଯଶୋଦା ଟପୋ, ପ୍ରଦ୍ୟୁମ୍ନ କୁମାର ରାଉତ, ଆଦିତ୍ୟ ପରିଡା ଏଡ୍‌ସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଏହାପରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ନିବେଦିତା ମାଝୀ ପ୍ରଥମ, ଜ୍ୟୋତିଶ୍ରୀ ଦେହୁରୀ ଦ୍ୱିତୀୟ ଓ ରୁପସୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରଫୁଲ୍ଲ ଦଳେଇ, ରଘୁନାଥ ମାଝୀ, ଝରଣା ସାହୁ, ଗୋଲାପ ରାଉତ, ବିସ୍ମୟ କୁମାର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୧୫୨ରୁ ୯ ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ରାଇସୁଆଁ,୨।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ନୋଡାଲ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୫୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ୧୧୧ ଏବଂ ଉଚ୍ଚବିଦ୍ୟାଳୟ ପକ୍ଷରୁ ୪୧ ପ୍ରକଳ୍ପ ସ୍ଥାନ ପାଇଥିଲା। ୯ଟି ପ୍ରକଳ୍ପ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା। ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନ ମେଳାକୁ ରାଇସୁଆଁ ସରପଞ୍ଚ ପାୟ ମାର୍ଡି ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ବିଇଓ ଶାନ୍ତନୁ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଏବଂ ଡିଏନ ହାଇସ୍କୁଲର ପୂର୍ବତନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର, ସଦର ବିଇଓ ଜଗବନ୍ଧୁ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

# ସାପ କାମୁଡ଼ାରେ ମହିଳା ଗୁରୁତର

କେନ୍ଦୁଝର, ୨।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ପାଟଣା ବ୍ଲକର ପାଟନାଳୀର ସୀମା ମୁଣ୍ଡାଙ୍କୁ ବିଷାକ୍ତ ସାପ କାମୁଡିଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ରବିବାର ସେ ଅଗଣାରେ କାମକରିବା ସମୟରେ ଏକ ସାପ କାମୁଡି ଦେଇଥିଲା। ତାଙ୍କ ସ୍ୱାମୀ କାମରୁ ଫେରିବା ପରେ ସୀମାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ । ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡିଛି ।

# ଜନ ସମୃଦ୍ଧି ପାର୍ଟି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ

ଘସିପୁରା, ୨।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ କାଠକଟା ଗ୍ରାମରେ ଜନ ସମୃଦ୍ଧି ପାର୍ଟି ପକ୍ଷରୁ ରବିବାର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ସହ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ଙ୍କ ଦ୍ୱାରା ଗଠିତ ଜନ ସମୃଦ୍ଧି ପାର୍ଟିକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜନ ସମୃଦ୍ଧି ପାର୍ଟିର ରାଜ୍ୟ ସଂଯୋଜକ ତଥା ଆନନ୍ଦପୁର ପୌରପରିଷଦ ପୂର୍ବତନ ଉପାଧକ୍ଷ ସୁରେଶ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଆନନ୍ଦପୁର ବ୍ଲକ ସଂଯୋଜକ ସଞ୍ଜୟ କୁମାର ଜେନା, ୩ନଂ ଜୋନର ଜିଲା ପରିଷଦ ପ୍ରଭାକର ସାହୁ, ୨ନଂ ଜୋନର ଆନନ୍ଦପୁର ବ୍ଲକର ପୂର୍ବତନ ଅଧକ୍ଷ ସୁକାନ୍ତ ଜେନା, ବରିଷ୍ଠ ନେତା ଅରୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜନ ସମୃଦ୍ଧି ପାର୍ଟିରେ ୧୭୦୦ ନୂତନ ସଭ୍ୟାସଭ୍ୟ ଯୋଗ ଦେଇଥିବା ଦଳ ପକ୍ଷରୁ କୁହାଯାଇଛି।



ବୈଠକରେ ଜନସମୃଦ୍ଧି ପାର୍ଟିର କର୍ମକର୍ତ୍ତା ଓ କର୍ମୀ।


# ଖଣି ଅଞ୍ଚଳରେ ନା ବିକାଶ ନା ମିଳୁଛି କାମ

କେନ୍ଦୁଝର ୨।୧୨ (ସ୍ୱ.ପ୍ର.)

- ■ ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ
- ■ ବସୁନି ଆରପିଡିଏସି ବୈଠକ, ହେଉନି ସମୀକ୍ଷା
- ■ ପ୍ରଦୂଷିତ ପରିବେଶରେ ଶଢୁଛି ଜୀବନ

ଖଣି ଖାଦାନ ଇଲାକାରେ ପରିବେଶର ସୁରକ୍ଷା, ଉନ୍ନୟନ, ନିଯୁକ୍ତି ସୁଯୋଗ ଭଳି ଆନୁସଙ୍ଗିକ କାର୍ଯ୍ୟ ତଦାରଖ କରିବା ସକାଶେ ଥଇଥାନ ଓ ପୁନର୍ବସତି କମିଟି (ଆରପିଡିଏସି) ଗଢାଯାଇଛି। ଉକ୍ତ କମିଟିର ବୈଠକ ନିୟମିତ ବସୁ ନ ଥିବାରୁ କାର୍ଯ୍ୟ ତଦାରଖ ହୋଇ ପାରୁ ନାହିଁ । ଫଳରେ ରାଷ୍ଟ୍ରାୟତ କମ୍ପାନୀ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ (ସେଲ୍ ) ଭଳି ବିଭିନ୍ନ ଖଣି ସଂସ୍ଥା ପାରପାର୍ଶିକ ବିକାଶକୁ ଅଣଦେଖା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଶେଷଥର ଲାଗି ୨୦୧୬ ଜୁନରେ ସେଲ୍ ଅଧିନସ୍ଥ ବଲାଣୀ ଲୁହାଖଣିର ଆରପିଡିଏସି ବୈଠକ ବସିଥିଲା। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁବିଧା ଯୋଗାଇବା ସକାଶେ 'ବେନିଫିସିଏସନ କାରଖାନା' ବସାଇବାକୁ ଏଥିରେ ଗୁରୁତ୍ୱରୋପ କରାଯାଇଥିଲା । କିନ୍ତୁ କମ୍ପାନୀ ପରେ ଏହାକୁ ଗୁରୁତ୍ୱ ଦେଇ ନାହିଁ। ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିବସିଛି । ଖଣିଖାଦାନ ଅଞ୍ଚଳବାସୀ ଆବଶ୍ୟକ କାମ ଧନ୍ଦା ନ ପାଇ ହତାଶ ହେଉଛନ୍ତି। ଅନେକ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ଅନ୍ୟପକ୍ଷେ ଖଣିଖାଦାନ ଇଲକାରେ ପ୍ରଦୂଷିତ ପରିବେଶରେ ଲୋକେ ଦୁର୍ଦ୍ଦଶାମୟ ଜୀବନ ବିତାଉଛନ୍ତି। ଖଣି ସଂଖ୍ୟା ବଢିବା ଏବଂ ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ଜଙ୍ଗଲ, ନଦୀନାଳ, ଜଳାଶୟ ଆଦି କ୍ଷତିଗ୍ରସ୍ତ ହେଉଛି । ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ସୁବିଧା ଲୋକଙ୍କୁ ମିଳି ପାରୁ ନାହିଁ । ଲୁହାପଥର ଭଳି ଖଣିଜ ସମ୍ପଦ ଜିଲାରୁ ବାହାରକୁ ଚାଲାଣ ହେଉଥିବା ବେଳେ ଏହାର ଉପଯୁକ୍ତ ବିନିଯୋଗ ଲାଗି ନୂତନ କାରଖାନା ବସା ଯାଉ ନ ଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ଖଣି ସଂପ୍ରସାରଣ ପରିବେଶ ଉପରେ ଚାପ ବଢାଉଥିବାରୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସଙ୍କଟରେ ପଡିଛନ୍ତି। ହତୀଙ୍କ ଚଳାପଥ 'କାରୋ -କରମପଦା କରିଡର'କୁ ବନ ବିଭାଗ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସେଲ୍ ଭଳି ରାଷ୍ଟ୍ରାୟତ୍ତ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଇ ନୂତନ କାରଖାନା ପ୍ରତିଷ୍ଠା ଦିଗରେ କୌଣସି ପଦକ୍ଷେପ ନେଉ ନାହିଁ। ଆରପିଡିଏସି ବୈଠକ ବସୁ ନଥିବାରୁ ଏହାର ମଧ ସମୀକ୍ଷା ହୋଇ ପାରୁ ନ ଥିବା ସ୍ଥାନୀୟ ଅଧିବାସୀ ଶିବାଶିଷ ନନ୍ଦ କହିଛନ୍ତି। ଅତିରିକ୍ତ ଜିଲାପାଳ ଡକ୍ଟର ଭକ୍ତ ଚରଣ ପ୍ରଧାନଙ୍କୁ ପଚାରିବାରୁ ଆରପିଡିଏସି ବୈଠକ ନେଇ ନିଷ୍ପତ୍ତି ଓ ନିଷ୍ପତ୍ତିର ସମୀକ୍ଷା ଆରଡିସି ସ୍ତରରେ ହୋଇଥାଏ ଏବଂ ଏ ନେଇ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି।




ବଲାଣୀ ଖଣିର ପ୍ରବେଶ ପଥ।